୭୯th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

The Prajatantra

ସାମ୍ବାଦିକ / ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 | @the_prajatantra | theprajatantra@yahoo.com | www.theprajatantra.org

୭୯ବର୍ଷ ❑ ସଂଖ୍ୟା-୯୬ ● କଟକ ● ମଙ୍ଗଳବାର ● ୧୧ ନଭେମ୍ବର-୨୦୨୫ ● ବିଛା-୦୬ ● ସାଲ୍-୧୪୩୧

CUTTACK ● TUESDAY ● 11 NOVEMBER-2025 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା


# ଲାଲ୍‌କିଲ୍ଲାରେ ଆତଙ୍କୀ ବିସ୍ଫୋରଣ !

## ୮ ମୃତ, ୨୫ରୁ ଉର୍ଦ୍ଧ୍ୱ ଆହତ

## ଦିଲ୍ଲୀ, ମୁମ୍ବାଇ, ୟୁପି ଓ ହରିଆନାରେ ହାଇଆଲର୍ଟ

## ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସହ କଥାହେଲେ ପ୍ରଧାନମନ୍ତ୍ରୀ

## ଘଟଣାସ୍ଥଳ ପରିଦର୍ଶନକଲେ ଶାହ

ନୂଆଦିଲ୍ଲୀ,(ପିପିଏସ୍):

ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେସନ୍‌ର ଗେଟ୍ ନମ୍ବର ୧ ନିକଟ ପାର୍କିଂରେ ସୋମବାର ସନ୍ଧ୍ୟାରେ ଏକ କାର୍‌ରେ ଶକ୍ତିଶାଳୀ ବିସ୍ଫୋରଣ ଘଟିଛି। ଏଥିରେ ଅତିକମ୍‌ରେ ୮ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସନ୍ଧ୍ୟା ୬:୫୫ରେ ହୋଇଥିବା ବିସ୍ଫୋରଣ ପରେ ଉକ୍ତ କାର୍‌ଟି ହୁତୁହୁତୁ ହୋଇ ଜଳିଯାଇଥିଲା ଏବଂ ଆଉ ୮ଟି ଗାଡ଼ି ମଧ୍ୟ କ୍ଷତିଗ୍ରସ୍ତ ହୋଇ ଜଳିଯାଇଥିବା ସୂଚନା ମିଳିଛି। ନିଆଁକୁ ଆୟତ୍ତ କରିବା ପାଇଁ ୨୦ଟି ଅଗ୍ନିଶମ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ଘଟଣା ପରେ ଦିଲ୍ଲୀ ସମେତ ମୁମ୍ବାଇରେ ମଧ୍ୟ ହାଇଆଲର୍ଟ ଜାରି କରାଯାଇଛି। ବର୍ତ୍ତମାନ ଏନ୍‌ଆଇଏ(ଜାତୀୟ ଅନୁସନ୍ଧାନ ଏଜେନ୍ସି) ଏବଂ ଏନ୍‌ଏସ୍‌ଜି (ଜାତୀୟ ସୁରକ୍ଷା ଗାର୍ଡ) ଟିମ୍ ବିସ୍ଫୋରଣସ୍ଥଳରେ ପହଞ୍ଚି ତନାଘନା କରୁଛନ୍ତି। ବିସ୍ଫୋରଣ ଏକ ଆତଙ୍କବାଦୀ ଆକ୍ରମଣ ବୋଲି ଆଶଙ୍କା କରାଯାଉଛି। ପ୍ରାରମ୍ଭିକ ତଦନ୍ତ ପରେ, ଦିଲ୍ଲୀ ପୁଲିସ ନିଶ୍ଚିତ କରିଛି ଯେ ଏହା ଏକ ସାଧାରଣ ଦୁର୍ଘଟଣା ନୁହେଁ ବରଂ ଏକ ଯୋଜନାବଦ୍ଧ ବିସ୍ଫୋରଣ ଥିଲା। ସୂତ୍ର ଅନୁଯାୟୀ, ବିସ୍ଫୋରଣ ସମୟରେ କାର୍ ଭିତରେ ଥିବା ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି। ପୁଲିସ ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତିକରିଛି ଏବଂ ତାଙ୍କୁ ପଚରାଉଚରା କରିବାକୁ ପ୍ରସ୍ତୁତ ହେଉଛି। ଫରେନସିକ ଦଳ ଘଟଣାସ୍ଥଳରୁ ବିସ୍ଫୋରକ ସାମଗ୍ରୀ, ତାର ଏବଂ ବ୍ୟାଟେରୀ ଖଣ୍ଡ ଜବତ କରିଛି, ଯାହା ବିସ୍ଫୋରଣକୁ ମାନୁଆଲ ଭାବରେ କରାଯାଇଥିବା ସନ୍ଦେହକୁ ଦୃଢ଼କରିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ବିସ୍ଫୋରଣ ପରେ ତୁରନ୍ତ କାର୍‌ରେ ନିଆଁ ଲାଗି ଯାଇଥିଲା, ଯାହା ନିକଟରେ ଥିବା ତିନୋଟି ଗାଡ଼ିକୁ ଗ୍ରାସ କରିଥିଲା। ସମଗ୍ର ଅଞ୍ଚଳକୁ ସିଲ୍ କରାଯାଇଛି ଏବଂ ତଦନ୍ତକାରୀ ଦଳଗୁଡ଼ିକ ତଦନ୍ତ ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ଫୋନ୍ ମାଧ୍ୟମରେ କଥା ହୋଇଛନ୍ତି। ବିସ୍ଫୋରଣ ଯୋଗୁ ରାଜଧାନୀରେ ଆତଙ୍କ ସୃଷ୍ଟିହୋଇଛି। ଖବର ମିଳିଛି ଯେ ବିସ୍ଫୋରଣରେ ନିକଟରେ ଥିବା ତିନୋଟି ଗାଡ଼ିରେ ମଧ୍ୟ ନିଆଁ ଲାଗିଯାଇଛି। ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେଶନର ଗେଟ୍ ନମ୍ବର ୧ ନିକଟରେ ବିସ୍ଫୋରଣ ଘଟିଥିବାରୁ ଏହାପଛରେ ବଡ଼ଧରଣର ଷଡ଼ଯନ୍ତ୍ର ଆଶଙ୍କା କରାଯାଉଛି। ଦିଲ୍ଲୀ ପୁଲିସ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରିଛି। ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି କୁହାଯାଉଛି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ ବିସ୍ଫୋରଣ ଏକ ଆଇ୨୦ କାର୍‌ରୁ ହୋଇଥିଲା। ପାଖରେ ଠିଆ ହୋଇଥିବା ଏକ ସ୍କୁଟର ଏବଂ ଏକ ଅଟୋ-ରିକ୍ସା ମଧ୍ୟ ବିସ୍ଫୋରଣରେ ଆଘାତ ପାଇଥିଲା, ଫଳରେ ଅନେକ ଯାନ କ୍ଷତିଗ୍ରସ୍ତ ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ପ୍ରାୟ ୨୦୦ ମିଟର ପର୍ଯ୍ୟନ୍ତ ଦୋହଲି ଯାଇଥିଲା। ନିକଟବର୍ତ୍ତୀ କୋଠା ଏବଂ ଯାନର ଝରକା ଭାଙ୍ଗି ଯାଇଥିଲା। କେତେକ ଲୋକ ଘଟଣାସ୍ଥଳରେ ରକ୍ତ ଦାଗ ଏବଂ ବିଛାଡ଼ି ହୋଇପଡ଼ିଥିବା କାଚ ଦେଖିଥିବା କହିଛନ୍ତି। ଅନ୍ୟପକ୍ଷରେ ବିସ୍ଫୋରଣ ପରେ ଆକ୍ସନ ମୋଡକୁ ଆସିଛନ୍ତି କେନ୍ଦ୍ର ସରକାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିସ୍ଫୋରଣକୁ ନେଇ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ସହ ଆଲୋଚନା କରିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଘଟଣାର ସବୁ ଦିଗ ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହ ମଧ୍ୟ ଘଟଣାରେ ଆଇବି ମୁଖ୍ୟଙ୍କ ସହ କଥା ହେବା ସହ ଏନଆଇଏ ଡିଜିକୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗୃହମନ୍ତ୍ରୀ ସିଆରପିଏଫ ଡିଜିଙ୍କୁ ମଧ୍ୟ ଏନେଇ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାସ୍ଥଳରେ ଏନଏସଜିକୁ ପହଞ୍ଚିବାକୁ କୁହାଯାଇଛି। ତନ୍ନତନ୍ନ କରି ଘଟଣାର ତଦନ୍ତ ଉପରେ ଗୁରୁତ୍ୱ ଦିଆଯାଇଛି। ବୋମା ନା ଅନ୍ୟ କୌଣସି ବିସ୍ଫୋରକରେ ଏହି ବିସ୍ଫୋରଣ ଘଟିଛି ତାହାର ସୂଚନା ମିଳି ପାରିନାହିଁ। ଏନଆଇଏର ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଦେଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଆହତଙ୍କୁ ଡାକ୍ତରଖାନାରେ ଭେଟିଛନ୍ତି। ଛଅ କାର୍, ଦୁଇଟି ରିକ୍ସା ଓ ଗୋଟିଏ ଅଟୋ ରିକ୍ସା ଜଳି ପାଉଁଶ ହୋଇ ଯାଇଛି। ବିସ୍ଫୋରଣ ଶବ୍ଦ ଅନେକ କିଲୋମିଟର ପର୍ଯ୍ୟନ୍ତ ଶୁଣିବାକୁ ମିଳିଥିଲା।

### ଏନ୍‌ଆଇଏ ଓ ଏନ୍‌ଏସ୍‌ଜି ଟିମ୍‌ର ତଦନ୍ତ

### ବିସ୍ଫୋରଣରେ ଆଇ-୨୦ର ଉପଯୋଗ



### ୨୦୦ ମିଟର ପର୍ଯ୍ୟନ୍ତ ଥରିଲା

### ତୃତୀୟ ବଡ଼ ବିସ୍ଫୋରଣ

ନୂଆଦିଲ୍ଲୀ,(ଏଜେନ୍ସି):



୧୯୯୭ ମସିହା ପରଠାରୁ ଲାଲକିଲ୍ଲା ନିକଟରେ ଏହା ହେଉଛି ତୃତୀୟ ବଡ଼ ଧରଣର ବିସ୍ଫୋରଣ। ଗତ ଦୁଇଦଶନ୍ଧି ମଧ୍ୟରେ ଦିଲ୍ଲୀର ଜନଗହଳିପୂର୍ଣ୍ଣ ବଜାରରୁ ଆରମ୍ଭ କରି ନ୍ୟାୟିକ ଅଞ୍ଚଳ ପର୍ଯ୍ୟନ୍ତ ଅନେକ ବିସ୍ଫୋରଣ ହୋଇଛି, ଯେଉଁଥିରେ ଅନେକ ଧନଜୀବନ ମଧ୍ୟ ନଷ୍ଟ ହୋଇଛି। ସେଥିରୁ ଏହି କିଛି ତଥ୍ୟ।

**ଜାନୁଆରୀ ୯, ୧୯୯୭:** ଆଇଟିଓ ନିକଟସ୍ଥ ଦିଲ୍ଲୀ ପୁଲିସ୍ ମୁଖ୍ୟାଳୟ ସାମ୍ନାରେ ବୋମା ବିସ୍ଫୋରଣରେ ୫୦ ଆହତ।

**ଅକ୍ଟୋବର ୨୯, ୨୦୦୫:** ସରୋଜିନୀ ନଗର, ପାହାଡ଼ଗଞ୍ଜ ବଜାର ଏବଂ ଗୋବିନ୍ଦପୁରୀରେ ବସ୍‌ରେ ହୋଇଥିବା ତିନୋଟି ବିସ୍ଫୋରଣରେ ୫୯ରୁ ଅଧିକ ମୃତ ଓ ୧୦୦ରୁ ଅଧିକ ଆହତ।

**ସେପ୍ଟେମ୍ବର ୧୩, ୨୦୦୮:** କନଟ୍ ପ୍ଲେସ୍, କରୋଲ ବାଗ୍ ଏବଂ ଗ୍ରେଟର କୈଳାସରେ ୪୫ ମିନିଟ୍ ମଧ୍ୟରେ ୫ଟି ସିରିଏଲ୍ ବିସ୍ଫୋରଣ। ଏଥିରେ ୨୫ମୃତ ଓ ୧୦୦ରୁ ଅଧିକ ଆହତ ହୋଇଥିଲେ।

**ଡିସେମ୍ବର ୩୦, ୧୯୯୭:** ପଞ୍ଜାବୀ ବାଗ୍ ନିକଟରେ ବସ୍‌ରେ ବୋମା ବିସ୍ଫୋରଣ ଘଟି ୪ ମୃତ ଓ ୩୦ ଆହତ।

**ମେ ୨୨, ୨୦୦୫:** ଦୁଇଟି ସିନେମା ହଲ୍‌ରେ ସିରିଏଲ୍ ବିସ୍ଫୋରଣରେ ୧ ମୃତ ଓ ୬୦ ଆହତ।

**ମେ ୨୫, ୨୦୧୧:** ଦିଲ୍ଲୀ ହାଇକୋର୍ଟ ବାହାରେ କାର୍ ପାର୍କିଂରେ ସାମାନ୍ୟ ବିସ୍ଫୋରଣ (କୌଣସି ମୃତାହତ ନାହିଁ)।


### ଓଡ଼ିଶାରେ ସୁରକ୍ଷା କଡ଼ାକଡ଼ି

ଭୁବନେଶ୍ୱର,(ପିପିଏସ୍):

ଦିଲ୍ଲୀ ବିସ୍ଫୋରଣ ପରେ ବାଲିଯାତ୍ରା ପଡ଼ିଆରେ ସମୀକ୍ଷା କରିଛନ୍ତି ଡିଜିପି। କଟକ ଡିସିପିଙ୍କ ସହ ସୁରକ୍ଷା ବ୍ୟବସ୍ଥାର ସେ ସମୀକ୍ଷା କରିଛନ୍ତି। ତେଣେ ଦିଲ୍ଲୀ ବିସ୍ଫୋରଣ ପରେ ପୁଲିସ ଡିଜିଙ୍କ ସହ କଥା ହୋଇଛନ୍ତି ମୁଖ୍ୟମନ୍ତ୍ରୀ। ବାଲିଯାତ୍ରା ସମେତ ରାଜ୍ୟର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ବାଲିଯାତ୍ରା ଚାଲିଥିବାରୁ ବିଶେଷ ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରମୁଖ ସହର ଓ ସମ୍ବେଦନଶୀଳ ସ୍ଥାନରେ ସୁରକ୍ଷା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ରହିଛି। ଅନ୍ୟପକ୍ଷରେ ଦିଲ୍ଲୀ ଘଟଣାରେ ସାଧାରଣ ଲୋକଙ୍କ ଜୀବନହାନି ନେଇ ଦୁଃଖପ୍ରକାଶ କରିବା ସହ ସହ ଘଟଣାର କଡ଼ା ନିନ୍ଦାକରିଛନ୍ତି ମୁଖ୍ୟମନ୍ତ୍ରୀ। ଏଭଳି ଅମାନବୀୟ ଘଟଣାକୁ ଭାରତ କେବେ ବରଦାସ୍ତ କରିନାହିଁ, କି କରିବନି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜଧାନୀ ଭୁବନେଶ୍ୱରରେ ବି ହାଇଆଲର୍ଟ ଜାରିକରାଯାଇଛି। ସବୁ ପ୍ରବେଶ ଓ ପ୍ରସ୍ଥାନ ପଥରେ କଡ଼ା ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି। ରେଳଷ୍ଟେସନ ଓ ବିମାନ ବନ୍ଦରରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଛି। ସମସ୍ତ ହୋଟେଲ୍‌ରେ ସର୍ଚ୍ଚ କରିବାକୁ ଆଇଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହାଇଆଲର୍ଟରେ ରହିଛି ପୁରୀ। ହାଇଆଲର୍ଟ ନେଇ ପୁରୀ ଏସ୍‌ପି ସୂଚନା ଦେଇଛନ୍ତି। ବେଳାଭୂମି, ସମୁଦ୍ରକୂଳ ଓ ବଡ଼ଦାଣ୍ଡରେ ହାଇଆଲର୍ଟ ଜାରି କରାଯାଇଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ, ରେଲୱେ ଷ୍ଟେସନ, ବସ୍‌ଷ୍ଟାଣ୍ଡ ହାଇଆଲର୍ଟରେ ରଖାଯାଇଛି। ପାଟ୍ରୋଲିଂ ବୃଦ୍ଧି ସହ ସମସ୍ତ ଆଇଆଇସିଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଓଡ଼ିଆ ଯୁବତୀ ଆମେରିକାରେ ନିର୍ଯାତିତା

ଭୁବନେଶ୍ୱର,(ପିପିଏସ୍):



ଓଡ଼ିଆ ଯୁବତୀ ଆମେରିକାରେ ନିର୍ଯାତିତା ହେଉଛନ୍ତି। ତାଙ୍କୁ ଉଦ୍ଧାର ପାଇଁ ସେ ନିବେଦନ କରିଛନ୍ତି। ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ। ସେ କହିଛନ୍ତି ଯୁବତୀ ଜଣକ ଫେସବୁକ୍‌ରେ ଯେଉଁ ବନ୍ଧୁଙ୍କୁ ଭିଡିଓ ପଠାଇଥିଲେ ତାଙ୍କୁ ଯୋଗାଯୋଗ କରୁଛୁ। ଯେହେତୁ ଆଡପସନ୍ ମ୍ୟାଟର, ରାଜ୍ୟ/ କେନ୍ଦ୍ରୀୟ ସଂସ୍ଥାକୁ ଯୋଗାଯୋଗ କରିବୁ। ଘଟଣା ଅନ୍ୟ ଦେଶରେ ହୋଇଛି। ତେଣୁ ବୈଦେଶିକ ଅଧିକାରୀଙ୍କ ସାହାଯ୍ୟ ନେବୁ। ଏ ଯାଏଁ ଝିଅ ସହ ସିଧାସଳଖ କୌଣସି ଯୋଗାଯୋଗ ହୋଇପାରିନାହିଁ। ସୂଚନା ଅନୁଯାୟୀ ଛୋଟବେଳେ ଟ୍ରେନ୍‌ରେ ମା' ଓ ବାପାଙ୍କଠାରୁ ଝିଅ ଅଲଗା ହୋଇଯାଇଥିଲେ। ଭୁବନେଶ୍ୱରର ଏକ ଅନାଥ ଆଶ୍ରମରେ ରହୁଥିବାବେଳେ ଆମେରିକାର ଜଣେ ମହିଳା ତାଙ୍କୁ ପୋଷ୍ୟକନ୍ୟା ଭାବେ ଗ୍ରହଣ କରି ସାଙ୍ଗରେ ନେଇଯାଇଥିଲେ। କିନ୍ତୁ ଏବେ ଏହି ଯୁବତୀଙ୍କ ଆଖିରେ ଲୁହ। ସେ ହେଲେ ପୂଜା ନାୟକ ଓରଫ ସେଜଲ ଜୋହନ (୨୧)। ଆମେରିକାରେ ପୋଷ୍ୟକନ୍ୟା ଭାବେ ସେ ରହୁଛନ୍ତି।

## ଡାକ୍ତରଙ୍କ ଘରୁ ମିଳିଲା ୨୯୦୦ କେଜି ବିସ୍ଫୋରକ

**ନୂଆଦିଲ୍ଲୀ,(ଏଜେନ୍ସି):** ଦୁଇଟି ଘରୁ ୨୪ଘଣ୍ଟା ମଧ୍ୟରେ ୨୯୦୦ କେଜି ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଜଣେ ଡାକ୍ତରଙ୍କ ଭଡ଼ା ଘରୁ ଏପରି ବିସ୍ଫୋରକ ମିଳିବା ପରେ ହଇଚଇ ସୃଷ୍ଟିହୋଇଛି। ଜମ୍ମୁ-କଶ୍ମୀର ଓ ହରିୟାଣା ପୁଲିସ୍ ମିଳିତ ଅପରେସନ ଦ୍ୱାରା ବିସ୍ଫୋରକ ଜବତ କରି ବଡ଼ଧରଣର ସମ୍ଭାବ୍ୟ ଆତଙ୍କବାଦୀ ହମ୍‌ଲାକୁ ପଣ୍ଡ କରି ଦେଇଛନ୍ତି। ଏଥିସହ ଧଳା କଲର ଟେରର ଇକୋସିଷ୍ଟମର ମଧ୍ୟ ପର୍ଦ୍ଦାଫାସ କରିଛନ୍ତି। ୨୯୦୦ କେଜିର ସନ୍ଦିଗ୍ଧ ଆମୋନିୟମ ନାଇଟ୍ରେଟ ସହ ଆସଲ୍ଟ ରାଇଫଲ ଓ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ରକୁ ସୁରକ୍ଷାକର୍ମୀ ଜବତ କରିଛନ୍ତି। ଆତଙ୍କୀ ଲିଙ୍କ୍‌ର ଚେର ଜମ୍ମୁ-କଶ୍ମୀରରୁ ହରିୟାଣାର ଫରିଦାବାଦକୁ ଲମ୍ବିଥିବା ମଧ୍ୟ ସୁରକ୍ଷାକର୍ମୀମାନେ ଜାଣିବାକୁ ପାଇଛନ୍ତି। ହରିୟାଣର ଫରିଦାବାଦରେ ଥିବା ଗୋଟିଏ ମେଡିକାଲ କଲେଜରେ କାର୍ଯ୍ୟ କରୁଥିବା ଦୁଇ ଡାକ୍ତର ପୂରା ଘଟଣା ପଛରେ ଥିବାରୁ ସେମାନଙ୍କୁ ଗିରଫ କରାଯାଇଛି। ଗିରଫ ଡାକ୍ତରଙ୍କ ମଧ୍ୟରେ ଜଣେ ମହିଳା ବି ରହିଛନ୍ତି।

## ଆଜି ନୂଆପଡ଼ା ଭୋଟ୍

### ୩ଦଳ ପାଇଁ ଅଗ୍ନିପରୀକ୍ଷା

ନୂଆପଡ଼ା, ଭୁବନେଶ୍ୱର,(ପିପିଏସ୍):


ମଙ୍ଗଳବାର ନୂଆପଡ଼ା ଉପ ନିର୍ବାଚନ। ଏଥିରେ କେଉଁ ଦଳର କ'ଣ ବାଜିରେ ଲାଗିଛି, କାହାର କେଉଁ ରଣନୀତି କାମ କରୁଛି ତାକୁ ନେଇ ସବୁଠି ଚର୍ଚ୍ଚା। ସବୁଠୁ ବଡ଼ କଥା ହେଲା ଶାସକ ଦଳ ବିଜେପି ଆଉ ଡବଲ ଇଞ୍ଜିନ ସରକାରଙ୍କ ଗ୍ରହଣୀୟତା ଏଇଠି ବାଜିରେ ଲାଗିଛି। ପୁଣି ବିଜେଡି ଗଡ଼ ରଖି ପାରୁଛି ନା ନାହିଁ, ଆଉ କଂଗ୍ରେସ ୨୦୨୪ରେ ସ୍ୱାଧୀନ ଭାବେ ଘାସିରାମଙ୍କ ଭୋଟକୁ ମିଶାଇ କଷିଥିବା ଅଙ୍କ ଠିକ ହେଉଛି ନା ନାହିଁ, ତା ଉପରେ ବି ରହିଛି ନଜର। ନୂଆପଡ଼ାରେ ହେଉଛି ଏସିଡ୍ ଟେଷ୍ଟ। ଶାସକ ଦଳ ବିଜେପି ପାଇଁ ସମ୍ମାନର ପ୍ରଶ୍ନ। ବାଜିରେ ଲାଗିଛି ନବୀନଙ୍କ ଲୋକପ୍ରିୟତା, ବିଜେଡିର ଗଡ଼ ରକ୍ଷା ଚିନ୍ତା। କଂଗ୍ରେସ ଲଢୁଛି ଅସ୍ତିତ୍ୱ ବଞ୍ଚାଇବା ଲାଗି। ଭକ୍ତଙ୍କ ପାଇଁ ବି ପ୍ରଥମ ଏସିଡ୍ ଟେଷ୍ଟ। ଉପନିର୍ବାଚନ ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ବିଜେପି, ବିଜେଡି ଏବଂ କଂଗ୍ରେସ ନିଜ ନିଜ ରଣନୀତି ନେଇ ମୈଦାନକୁ ଓହ୍ଲାଇଥିଲେ। ଭୋଟରଙ୍କୁ ପ୍ରଭାବିତ କରିବାକୁ ଜି ଜାନ ଲଗାଇ ଦେଇଥିଲେ। ହେଭିୱେଟଙ୍କ ପ୍ରଚାରରେ କମ୍ପିଥିଲା ମୈଦାନ। ବିଗତ କିଛି ଦିନର କଠିନ ପରିଶ୍ରମ ପରେ ଏବେ ପରୀକ୍ଷାର ମୁହୂର୍ତ୍ତ। ୨୦୨୪ ସାଧାରଣ ନିର୍ବାଚନ ପରେ ଏବଂ ବିଜେପି ଏକାକୀ କ୍ଷମତାକୁ ଆସିବା ପରେ ରାଜ୍ୟରେ ହେବାକୁ ଯାଉଛି ପ୍ରଥମ ଉପନିର୍ବାଚନ। ଯାହାର ଫଳାଫଳ ରାଜ୍ୟ ରାଜ୍ୟନୀତି ଉପରେ ବଡ଼ ପ୍ରଭାବ ପକାଇପାରେ ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତଥା ଡବଲ ଇଞ୍ଜିନ ସରକାରଙ୍କ ଗ୍ରହଣୀୟତା ନେଇ ସ୍ପଷ୍ଟ ସନ୍ଦେଶ ଦେବ ନୂଆପଡ଼ା ଫଳ। ସେହିପରି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଦୁଇଦୁଇ ଥର ପ୍ରଚାରକୁ ଆସିଥିବା ବେଳେ ନୂଆପଡ଼ା ଆସନକୁ ରକ୍ଷା କରିପାରୁଛି ନା ନାହିଁ ବିଜେଡି ତାହା ବି ଦେଖିବାକୁ ମିଳିବ। ଆଉ ଯଦି ଦଳ ପରାଜିତ ହୁଏ କି ୩ ନମ୍ବରରେ ରୁହେ, ତାହେଲେ ଦଳ ଭିତରେ ପାଣ୍ଡିଆନ୍ ବିରୋଧରେ ଅସନ୍ତୋଷ ବଢ଼ିବା ସହ ନେତା ଦଳ ଛାଡ଼ିବା ଘଟଣା ବଢ଼ିପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ୨୦୨୪ରେ ଦ୍ୱିତୀୟ ସ୍ଥାନରେ ଥାଇ ପ୍ରଥମରୁ ନିଜକୁ ୧ ନମ୍ବର ଦାବି କରୁଥିବା କଂଗ୍ରେସ ରାଜନୀତିରେ ମଧ୍ୟ ଝଡ଼ ଆଣିପାରେ ଫଳାଫଳ। ପିସିସି ସଭାପତି ଭାବେ ନିଜର ପ୍ରଥମ ପରୀକ୍ଷା ଦେଉଛନ୍ତି ଭକ୍ତ। ଆଉ ଯଦି ଦଳ ହାରିଯାଏ ତାହେଲେ ଭକ୍ତଙ୍କ ବିରୋଧରେ ତେଜିପାରେ ବିଦ୍ରୋହ ଆଉ ତାଙ୍କ ଉପରୁ ଭରସା ହଟାଇ ପାରନ୍ତି କେନ୍ଦ୍ର ନେତୃତ୍ୱ। ଓଡିଶା ରାଜନୀତିରେ ସାଧାରଣତଃ ଉପନିର୍ବାଚନ ଫଳାଫଳ ଶାସକ ଦଳ ସପକ୍ଷରେ ଯାଇଥାଏ। ଅତୀତରେ ଏହା ଦେଖିବାକୁ ମିଳିଛି। କେବଳ ୨୦୨୨ରେ ଧାମନଗରରେ ବିରୋଧୀଦଳ ଭାବେ ବିଜେପି ଉପନିର୍ବାଚନ ଜିତିଥିଲା।



### ସମ୍ପାଦକୀୟ

**ସିଓପି-୩୦**

### ବାଟେଘାଟେ



ଜଟଣୀ ସୁରେଶ ଜନନେତା ଥିଲେ
କଂଗ୍ରେସ ଦଳରେ ରହି
ବୃଦ୍ଧବେଳେ ଏକ ଅଯୋଗା ପୁଅକୁ
ଜୁଟେଇ ଦେଇଛି ବିହି
ବିଜେଡିରେ ରହି ବିଜେପି ଦଳକୁ
ଅପ ଶବ୍ଦ ମାନ କହି
ବିଜେଡିର କ୍ରୀତଦାସ ନେତାଙ୍କର
ନେଉଅଛି ମନମୋହି
ଭାବି ଅଛି ଅବା ନବୀନଙ୍କୁ ଧରି
ରାଜ୍ୟସଭା ଯିବ ସେହି
ଜାଣି ନାହାନ୍ତି କି ବିଜେପି ହାତରେ
ସେ କ୍ଷମତା ଅଛି ରହି

\- ରାହୀ

## ୨୭ରୁ ବିଧାନସଭା ଶୀତ ଅଧିବେଶନ

# ସମ୍ବୋଧିତ କରିବେ ରାଷ୍ଟ୍ରପତି

ଭୁବନେଶ୍ୱର,(ପିପିଏସ୍):



ଓଡ଼ିଶା ବିଧାନସଭା ଇତିହାସରେ ନଭେମ୍ବର ୨୭ତାରିଖ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବାକୁ ଯାଉଛି । ପ୍ରଥମଥର ପାଇଁ ଦେଶର ରାଷ୍ଟ୍ରପତି ଓଡ଼ିଶା ବିଧାନସଭାକୁ ସମ୍ବୋଧିତ କରିବେ। ବିଧାନସଭାର ଶୀତ ଅଧିବେଶନ ନଭେମ୍ବର ୨୭ରୁ ଆରମ୍ଭ ହୋଇ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି । ନଭେମ୍ବର ୨୮ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ୍ ମଧ୍ୟ ଗୃହରେ ଉପସ୍ଥାପିତ ହେବ। ବିଧାନସଭା ସଚିବାଳୟ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ସପ୍ତଦଶ ଓଡ଼ିଶା ବିଧାନସଭାର ପଞ୍ଚମ ଅଧିବେଶନ(ଶୀତ ଅଧିବେଶନ) ଆସନ୍ତା ୨୭ତାରିଖରୁ ଆରମ୍ଭ ହେବ। ଏହି ୨୯ଦିନିଆ ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜର ଅଭିଭାଷଣ ରଖିବେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ପାଇଁ ବିଧାନସଭା ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି ଆରମ୍ଭ ହୋଇଛି। ଓଡ଼ିଶା ବିଧାନସଭା ଇତିହାସରେ ପ୍ରଥମଥର ପାଇଁ ଏଭଳି ସୁଯୋଗ ସୃଷ୍ଟିହେବ। ବିଧାନସଭା ଅଧିବେଶନକୁ ରାଷ୍ଟ୍ରପତି ସମ୍ବୋଧିତ କରିବେ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ବିଧାନସଭା ଗସ୍ତକୁ ଦୃଷ୍ଟିରେ ରଖି ସେ ରାଜ୍ୟର ମନ୍ତ୍ରୀ ଥିବାବେଳେ ଯେଉଁ ଚାମ୍ବରରେ ବସୁଥିଲେ ତାକୁ ମଧ୍ୟ ସ୍ୱତନ୍ତ୍ର ଭାବେ ସାଜସଜ୍ଜା କରାଯାଉଥିବା ଜଣାପଡ଼ିଛି। ଏହି ୨୯ଦିନିଆ ଅଧିବେଶନର ଦ୍ୱିତୀୟ ଦିନରେ ଅର୍ଥାତ୍ ନଭେମ୍ବର ୨୮ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପିତ ହେବ। ଡିସେମ୍ବର ୮ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହେବାର କାର୍ଯ୍ୟକ୍ରମ ରହିଛି। ଡିସେମ୍ବର ୪, ୫ ଓ ୬ ତାରିଖରେ ଏହି ପ୍ରଥମ ଅତିରିକ୍ତ ବ୍ୟୟମଞ୍ଜୁରୀ(ଅତିରିକ୍ତ ବଜେଟ୍) ଅନୁଦାନ ଦାବିଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ଓ ଭୋଟ୍ ଗ୍ରହଣ କରାଯିବ। ଡିସେମ୍ବର ୮ ତାରିଖରେ ପ୍ରଥମ ଅତିରିକ୍ତ ବ୍ୟୟମଞ୍ଜୁରୀ ବିବରଣୀ-୨୦୨୫-୨୬ର ବିନିଯୋଗ ବିଲ୍ ପାରିତ ହେବାର କାର୍ଯ୍ୟକ୍ରମ ରହିଛି। ଡିସେମ୍ବର ୮ତାରିଖରେ ଅତିରିକ୍ତ ବଜେଟ୍(ବ୍ୟୟମଞ୍ଜୁରୀ ବିଲ୍) ପାରିତ ହେବାପରେ ଗୃହରେ ସେଭଳି କୌଣସି ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ରହିନଥିଲେ ମଧ୍ୟ ୧୫ଟି ଅଫିସିଆଲ ବିଜିନେସ୍ ରହିଛି। ସମ୍ଭବତଃ ସରକାର ଏହି ଅଧିବେଶନର ସରକାରୀ ଦିବସଗୁଡ଼ିକରେ କୌଣସି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଯଦିଓ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଶୀତ ଅଧିବେଶନ ଚାଲିବ ବୋଲି କାର୍ଯ୍ୟସୂଚୀରେ ପ୍ରକାଶ ପାଇଛି ତଥାପି ବିରୋଧୀ ଓ ଶାସକଦଳ ଶୀତ ଅଧିବେଶନକୁ କେତେଦିନ ପର୍ଯ୍ୟନ୍ତ ଚଳାଇ ରଖିବେ ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବ




# କେତେ ବିଷାକ୍ତ ଏହି ଉଡ଼ନ୍ତା ସାପ ?



ଉଡ଼ନ୍ତା ସାପର ନାମ ଯେମିତି କାମ ମଧ୍ୟ ସେମିତି । ଏହା ଗୋଟିଏ ଡ଼ାଳରୁ ଆଉ ଗୋଟିଏ ଡ଼ାଳକୁ ଡ଼େଇଁ ଶିକାର କରିଥାଏ । ୨୫ ମିଟର ଦୁରରେ ଥିବା ଗଛକୁ ସହଜରେ ଡେଇଁ କରି ପଳାଏ । ତେବେ ଏହି ସାପ ମଣିଷ ପାଇଁ କେତେ ବିଷାକ୍ତ ଓ ଏହା କେଉଁଠାରେ ଦେଖାଯାଏ ଆସନ୍ତୁ ଜାଣିବା ?
ଉଡନ୍ତା ସାପର ବୈଜ୍ଞାନିକ ନାମ ହେଉଛି କ୍ରାଇସୋପେଲିଆ । ଏହି ସାପଗୁଡ଼ିତ ମୁଖ୍ୟତଃ ଦକ୍ଷିଣ-ପୂର୍ବ ଏସିଆର ଘଁଚ ଜଙ୍ଗଲରେ ଦେଖାଯାଆନ୍ତି । ଏହି ସାପର ପକ୍ଷୀ ଭଳି ଡେଣା ନଥାଏ ମାତ୍ର ଏହା ଗୋଟିଏ ଡାଳରୁ ଆଉ ଗୋଟିଏ ଡାଳକୁ ସହଜରେ ଡେଇଁପାରେ । ଏପରିକି ଦୁର ଦୁରରେ ଥିବା ଗଛକୁ ଡେଇଁପାରିଥାଏ ।ଏଥିପାଇଁ ତାକୁ ଉଡ଼ନ୍ତା ସାପ କୁହାଯାଏ । ଏହା ପାଖପାଖି ୨୫ ମିଟର ଦୁର ଯାଏଁ ଗଛରୁ ଗଛକୁ ଡେଇଁ ପାରେ । ଏମାନଙ୍କ ଦାନ୍ତର ଅଳ୍ପ ପରିମାଣର ନ୍ୟୁରୋଟକ୍ସିକ ବିଷ ରହିଥାଏ । ତେବେ ଏହା ଯଦି କୌଣସି ଛୋଟ ଜୀବକୁ କାମୁଡିଦିଏ ତାହା ସଙ୍ଗେ ସଙ୍ଗେ ମରିଯାଏ । ମାତ୍ର ଯଦି ଏହା ମଣିଷକୁ କାମୁଡେ ତେବେ ମଣିଶ ଠାରେ ସହଜରେ ବିଷ ଚଢେ ନାହିଁ । ଏପରିକି ଏହାର ବହୁତ କମ ବିଷ ମଣିଶ ଉପରେ ସେତେ ପ୍ରଭାବ ପକାଇନଥାଏ । ଉଡ଼ନ୍ତା ସାପର ବିଷରେ ଝିଟିପିଟି, ବେଙ୍ଗ ଓ ପକ୍ଷୀର ମୃତ୍ୟୁ ହୋଇଯାଏ । ଏଣୁ ଏହି ଜୀବଗୁଡିକ ଉଡ଼ନ୍ତା ସାପ ଦେଖିବା ମାତ୍ରେ ଲୁଚିଯାଆନ୍ତି ।

# ପରିସ୍ରାରେ ଫେଣ ଆସୁଛି କି ?



ଆମର ପରିସ୍ରା ବେଳେବେଳେ ଗମ୍ଭୀର ରୋଗର ଲକ୍ଷଣ ହୋଇପାରେ । ଯେତେବେଳେ ଶରୀରରେ କିଛି ରୋଗ ହୋଇଯାଏ, ପରିସ୍ରାରେ ଫେଣ ଆସିବା ଭଳି ଲକ୍ଷଣ ଦେଖାଯାଏ । ଯଦି ଏହା ବାରମ୍ବାର ଘଟେ, ଏହାକୁ ଅଣଦେଖା କରନ୍ତୁ ନାହିଁ ।ପରିସ୍ରାରେ ଫେଣ ଆସିବା ଆମ ଶରୀରର ଆଭ୍ୟନ୍ତରୀଣ ପ୍ରକ୍ରିୟାରେ ତ୍ରୁଟିର ଲକ୍ଷଣ ହୋଇପାରେ । ଏହି ସମସ୍ୟା କିଡନୀ, ମୂତ୍ରନଳୀ କିମ୍ବା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାକୁ ସୂଚାଇପାରେ ।

ଏହାକୁ ପ୍ରାୟତଃ ଲୋକମାନେ ଅଣଦେଖା କରିଦିଅନ୍ତି, କିନ୍ତୁ ଠିକ୍ ସମୟରେ ଚିକିତ୍ସା ଦ୍ୱାରା ହେଉଥିବା ରୋଗକୁ ରୋକାଯାଇପାରିବ । ପରିସ୍ରାରେ ଯେକୌଣସି ଅସାଧାରଣ ପରିବର୍ତ୍ତନ ଯେପରିକି ଫେଣ ଆସିବା, ରଙ୍ଗ ପରିବର୍ତ୍ତନ ହୋଇଯିବା, ଜଳିବା କିମ୍ବା ଯନ୍ତ୍ରଣା ସମସ୍ୟାକୁ ଗୁରୁତର ସହ ନିଆଯିବା ଉଚିତ୍ ।

ଯଦି ଆପଣ ଏହି ଲକ୍ଷଣଗୁଡ଼ିକୁ ବାରମ୍ବାର ଅନୁଭବ କରୁଛନ୍ତି, ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ । ଆସନ୍ତୁ ଜାଣିବା କେଉଁ ରୋଗର ଲକ୍ଷଣ ହୋଇପାରେ ?

କିଡନୀ ସମସ୍ୟା: କିଡନୀ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, ଯାହା ରକ୍ତକୁ ଶୁଦ୍ଧ କରିବାରେ ସାହାଯ୍ୟ କରିଥାଏ । ଯଦି କିଡନୀ ସଠିକ୍ ଭାବରେ କାମ କରେନାହିଁ, ତେବେ ଅନେକ ସମସ୍ୟା ଦେଖାଦିଏ, ଯାହାର ମୁଖ୍ୟ ଲକ୍ଷଣ ମଧ୍ୟରୁ ଗୋଟିଏ ହେଉଛି ପରିସ୍ରାରେ ଫେଣ ଆସିବା । କିଡନୀ ସଂକ୍ରମଣ, ପ୍ରଦାହ କିମ୍ବା କ୍ରନିକ୍ କିଡନୀ ରୋଗ ପାଇଁ ପରିସ୍ରା ଅସ୍ୱାଭାବିକ ହୋଇପାରେ ।

ମଧୁମେହ ସମସ୍ୟା: ମଧୁମେହ ରୋଗୀଙ୍କ କ୍ଷେତ୍ରରେ ଉଚ୍ଚ ରକ୍ତରେ ଶର୍କରା କିଡନୀ ଉପରେ ଚାପ ପକାଇଥାଏ । ଏହି ପ୍ରକ୍ରିୟା ପରିସ୍ରାରେ ଫେଣ ସମସ୍ୟା ସୃଷ୍ଟି କରିପାରେ । ବିଶେଷକରି ବର୍ଦ୍ଧିତ ସୁଗାର କିଡନୀକୁ ଦୁର୍ବଳ କରିପାରେ, ଯାହା ପରିସ୍ରାରେ ଫେଣ ସମସ୍ୟା ସୃଷ୍ଟି କରିଥାଏ ।

ଶରୀରରେ ପ୍ରୋଟିନ୍ ସ୍ତର ବୃଦ୍ଧି: ଯେତେବେଳେ ଶରୀରରେ ଅତ୍ୟଧିକ ପ୍ରୋଟିନ୍ ସ୍ତର ବଢ଼ିଯାଏ, ବିଶେଷତଃ ଯଦି କିଡନୀରେ କ୍ଷତି ହୁଏ, ପ୍ରୋଟିନ୍ ପରିସ୍ରା ସହିତ ମିଶି ଫେଣ ସୃଷ୍ଟି କରେ । ଏହାକୁ ପ୍ରୋଟିନୁରିଆ କୁହାଯାଏ । ଯେତେବେଳେ କିଡନୀ ଫିଲ୍ଟରଗୁଡିକ ସଠିକ୍ ଭାବରେ କାମ କରେ ନାହିଁ, ପରିସ୍ରାରେ ଅଧିକ ପ୍ରୋଟିନ୍ ଥାଏ, ଯାହା ପରିସ୍ରାରେ ଫେଣ ସମସ୍ୟା କରିଥାଏ ।

# ଆଜିର ରାଶିଫଳ

**ମେଷ** — ବ୍ୟବସାୟାଦି ସ୍ତରରୁ ପ୍ରଚୁର ଧନ ପ୍ରାପ୍ତିର ସୂଚନା ମିଳୁଛି । ସତ୍ୟ ଧର୍ମ ପରାୟଣ ହୋଇପାରନ୍ତି । ସ୍ୱୟଂସିଦ୍ଧ ହେବେ । ପ୍ରତ୍ୟେକ କ୍ଷେତ୍ରରେ ପତ୍ନୀ ପ୍ରେରଣାଦାୟୀ ହେବେ । ସତ୍ୟଂ ବଦ, ଧର୍ମଂଚର ନୀତିଯୁକ୍ତ ହେବେ ।

**ବୃଷ** — ମହତ୍ ପ୍ରୟାସୀ ହୋଇପାରନ୍ତି । ଆତ୍ମଶକ୍ତିକୁ ଜାଗ୍ରତ କରି ଅଚିନ୍ତ୍ୟ ଶକ୍ତିସମ୍ପନ୍ନ ହୋଇପାରନ୍ତି । କଠିନ ଶ୍ରମକୁ ଆଦରି ନେଇ ମେହନତି ବ୍ୟକ୍ତିର ପରିଚୟ ସୃଷ୍ଟି କରିବେ । ଶ୍ରଦ୍ଧା,ପ୍ରେମ ଓ ଶାନ୍ତିର ପ୍ରତୀକ ହେବେ ।

**ମିଥୁନ** — ଆଧ୍ୟାତ୍ମିକ ଚିନ୍ତନ ଯୁକ୍ତ ଓ ବିନୀତ ସ୍ୱଭାବସମ୍ପନ୍ନ ହେବେ । ଅହଂକାର ଓ ଆସକ୍ତିକୁ ତ୍ୟାଗ କରି ଈଶ୍ୱରୀୟ ବିଭୂତି ପ୍ରାପ୍ତ ହୋଇପାରନ୍ତି । ପରର ଶୁଭ କାମନା ରୂପକ ମାନବୋଚିତ କାର୍ଯ୍ୟ କରିପାରନ୍ତି ।

**କର୍କଟ** — ସେବା ଧର୍ମ ଓ ଦାନଧର୍ମରେ ଦୀକ୍ଷିତ ହେବେ । ସକଳ ସୃଜନୀକୁ ଲୋକଲୋଚନକୁ ଆଣି ପ୍ରଶଂସାର ପାତ୍ର ହେବେ । ଅହେତୁକ ଧନ ବର୍ଷାର ସୂଚନା ମିଳୁଛି । ମହନୀୟ କର୍ମ ସମୂହ ଶ୍ରେଷ୍ଠାସନ ଦେବ ।

**ସିଂହ** — ଦୀନ, ଦରିଦ୍ର, ଅସହାୟ ଓ ଆଶ୍ରାହୀନଙ୍କୁ ଲାଳନ, ପାଳନ ଓ ଆଶ୍ରା ଦେଇ ପୁଣ୍ୟାର୍ଜନର ହାରକୁ ଉନ୍ମୁକ୍ତ ରଖିପାରନ୍ତି । ଆତ୍ମସଂଯମୀ ହୋଇ ଅନ୍ତଃଶକ୍ତିର ଅଭ୍ୟୁଥାନ ଘଟାଇ ପାରନ୍ତି । ଆହାର ତୃପ୍ତିଦାୟକ ହେବ ।

**କନ୍ୟା** — ସାଧନାରେ ସିଦ୍ଧତପା ସାଧୁ ଚରତ ସମ୍ପନ୍ନ ହୋଇପାରନ୍ତି । ନିଜ ମନରେ ସାହସ ଓ ଆତ୍ମପ୍ରତ୍ୟୟ ସୃଷ୍ଟି କରି ଲକ୍ଷ୍ୟସ୍ଥଳରେ ଉପନୀତ ହୋଇପାରନ୍ତି । ସାହସ ଓ ଜ୍ଞାନ ବଳରେ ବଳୀୟାନ ହେବେ ।

**ତୁଳା** — ସ୍ୱାର୍ଥକୁ ସୀମିତ କରି କର୍ମକ୍ଷେତ୍ରରେ ପ୍ରଭାବ ବିସ୍ତାର କରିପାରନ୍ତି । ଐକାନ୍ତିକତା ଓ ଅଭିନିବେଶ ଥିବାରୁ ସଫଳତାର ଆଶା ଫଳବତୀ ହେବ । ରାଜ ଦରବାରରୁ ସମ୍ମାନ ସହିତ ବର୍ଦ୍ଧିତ ଧନ ପ୍ରାପ୍ତ ହେବ ।

**ବିଛା** — ବୁଦ୍ଧିମାନ୍ ଓ ବିବେକୀ ଭାବେ ଅନ୍ୟର ଅବିଗୁଣକୁ ସୁଧାରି ତାଙ୍କୁ ସନ୍ମାର୍ଗୀ କରାଇ ପାରନ୍ତି । କର୍ମ ବହୁଳ ଜୀବନକୁ ନୀତିନିଷ୍ଠ ଭାବେ ପାଳନ କରି ଧନ ଅର୍ଜନ ସହିତ ପରିବାରର ସଂସ୍କାର ଶାଳାକୁ ଉଦ୍ଭାବିତ କରିବେ ।

**ଧନୁ** — 'ଉପନିଷଦ' ସର୍ବ ବ୍ରହ୍ମମୟ ବାଣୀ ଆପଣଙ୍କର ବୋଧଗମ୍ୟ ହୋଇଥିବାରୁ ଆଶା ପରିପୂର୍ଣ୍ଣାନନ୍ଦର ରୂପ ନେବ । ନମ୍ରତା ଭାବ ଯୋଗୁଁ ଅସ୍ତିତ୍ୱ ଗରିମାମୟ ହେବ । ସମାଜ କଲ୍ୟାଣର ଚେଷ୍ଟା ଫଳବତୀ ହେବ ।

**ମକର** — ଭାବ ପ୍ରବଣତା ଓ ନିକୃଷ୍ଟ ସଙ୍ଗ ପରିତ୍ୟାଗ କରିବାକୁ ପଡ଼ିବ । ନୀତିହୀନ ମନ୍ତବ୍ୟ ଦେଲେ ଚର୍ଚ୍ଚାରେ ଅନାଦର ହୋଇପାରନ୍ତା । ଧର୍ମ କାର୍ଯ୍ୟରେ ଧନ ବ୍ୟୟ କରି ପ୍ରଶଂସାର ପାତ୍ର ହେବେ । ସୁସ୍ଥ ରହିବେ ।

**କୁମ୍ଭ** — ସେବା ଭାବନାରେ ଉନ୍ମୁଖ ହୋଇପାରନ୍ତି । ସମ୍ବେଦନା ସହିତ ଯୋଡ଼ି ହୋଇ ସେବାର ସ୍ୱାର୍ଥ କଥା ଉପଲବ୍ଧି କରିପାରନ୍ତି । ଧୈର୍ଯ୍ୟକୁ ଆପଣଙ୍କ ଗୁଣର ଭୂଷଣ କରିବାକୁ ପଡ଼ିବ । ସୁସ୍ଥ ଓ ନିରାମୟ ଜୀବନ ବିତାଇବେ ।

**ମୀନ** — ବିଦ୍ୟା ବିବାଦେନ; ମାତ୍ର ବିନୟ ଭାବ ନ ରହିଲେ ବିଦ୍ୟା ମୂଲ୍ୟ ହୀନ ହୋଇପାରେ । ମରଣଧର୍ମୀ କ୍ଷଣ ଭଙ୍ଗୁର ଶରୀର ପାଇଁ ଶାଶ୍ୱତ ଓ ସତ୍ୟକୁ ପାଥେୟ କରିପାରନ୍ତି । ସ୍ୱଳ୍ପ ଆୟ ଯୋଗୁଁ ବ୍ୟୟକୁ ସୀମିତ କରିପାରନ୍ତି ।


# ଧାର୍ମିକ ଏବଂ ଶୁଭ ସମୟରେ ନଡ଼ିଆ କାହିଁକି ଭାଙ୍ଗିଥାଏ ?

**ପଢ଼ା ଘରର ପରିବେଶ ଭଲ ରହିଲେ ପିଲାଙ୍କ ମନରେ ସକାରାତ୍ମକ ପ୍ରଭାବ ପଡ଼େ । ତେଣୁ ଘରକୁ କିପରି ସଜାଡ଼ି ରଖିବେ ଜାଣିରଖନ୍ତୁ...**

ପାଠ ପଢ଼ିବା ପାଇଁ ବାସ୍ତୁ ଅନୁସାରେ ଉତ୍ତର-ପୂର୍ବ ଦିଗ ହିଁ ସବୁଠୁ ଭଲ । ତେବେ ଦକ୍ଷିଣ କିମ୍ବା ଦକ୍ଷିଣ-ପୂର୍ବ ଦିଗରେ ଷ୍ଟଡିରୁମ୍ ଆଦୌ କରନ୍ତୁ ନାହିଁ । ଶିଡ଼ି ତଳେ ଥିବା ଖାଲି ସ୍ଥାନରେ ମଧ୍ୟ ପଢ଼ିବା ଘର କେବେ ବି କରନ୍ତୁ ନାହିଁ । ପିଲାଙ୍କ ପଢ଼ିବା ଘରେ ବଡ଼ ଦର୍ପଣ, ଟିଭି, ମାଗାଜିନ୍, ଗେମ୍ସ କିମ୍ବା କିଛି ଅଦରକାରୀ ଜିନିଷ ରଖନ୍ତୁ ନାହିଁ । ଏସବୁ ଜିନିଷ ପିଲାଙ୍କୁ ଅନ୍ୟମନସ୍କ କରିବା ସହ ନକାରାତ୍ମକ ଊର୍ଜା ସୃଷ୍ଟି କରିଥାଏ ।
ପିଲାଙ୍କ ପଢ଼ା ଟେବୁଲ ଉପରେ ଗଣେଶ ଓ ଦେବୀ ସରସ୍ୱତୀଙ୍କର ଛୋଟ ମୂର୍ତ୍ତି ରଖନ୍ତୁ । ଏହା ବ୍ୟତୀତ ଟେବୁଲ ଉପରେ ଅନାବଶ୍ୟକ ସାମଗ୍ରୀ କିଛି ରଖନ୍ତୁ ନାହିଁ । ପଢ଼ାଘରକୁ ଏଭଳି ତିଆରି କରନ୍ତୁ ଯେପରି ସୂର୍ଯ୍ୟକିରଣ ଝରକା କିମ୍ବା କବାଟ ମଧ୍ୟ ଦେଇ ଘର ଭିତରକୁ ଆସୁଥିବ । ଉତ୍ତର-ପୂର୍ବ ଦିଗରେ ପଢ଼ାଘର ଥିଲେ ସୂର୍ଯ୍ୟକିରଣ ଆସିଥାଏ । ରଙ୍ଗର ମଧ୍ୟ ମନ ଉପରେ ଢେର୍ ପ୍ରଭାବ ରହିଥାଏ । ତେଣୁ ପଢ଼ାଘରେ ଧଳା, ବାଦାମୀ କିମ୍ବା ସ୍କାଏ କଲର ଦିଅନ୍ତୁ । ଷ୍ଟଡି ଟେବୁଲ ଓ ଆଲମୀରା ମଧ୍ୟ ଏହି ରଙ୍ଗର କରନ୍ତୁ । ଅଧିକ ଗାଢ଼ ରଙ୍ଗର ବ୍ୟବହାର ଆଦୌ କରନ୍ତୁ ନାହିଁ ।



# 'ଦବଙ୍ଗ୍' ଗର୍ଲ ସୋନାକ୍ଷୀ ସିହ୍ନା



'ଦବଙ୍ଗ୍' ଗର୍ଲ ସୋନାକ୍ଷୀ ସିହ୍ନାଙ୍କର ରାଗକୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା । ଅବଶ୍ୟ ଅନେକ ସୋନାକ୍ଷୀଙ୍କ ପ୍ରତିକ୍ରିୟାକୁ ପସନ୍ଦ କରୁଛନ୍ତି । କିନ୍ତୁ, ରାଗରେ ସେ ଏକ ଗଣମାଧ୍ୟମକୁ ଅପରାଧୀ ସଦୃଶ କାର୍ଯ୍ୟ କରୁଛ ବୋଲି କଟାକ୍ଷ କରିବା ବିବାଦର ସୂତ୍ରପାତ କରିପାରେ । କିଛିଦିନ ତଳେ ବଲିଉଡ୍ ଦମ୍ପତି କ୍ୟାଟ୍ରିନା କୈଫ୍ ଓ ଅଭିନେତା ବିକି କୌଶଲ୍ ଇନ୍‌ଷ୍ଟାଗ୍ରାମ୍ରେ ପୋଷ୍ଟ୍ କରି ଜଣାଇଥିଲେ କି, ଆମେ ନିଜର ପ୍ରଥମ ସନ୍ତାନକୁ ସ୍ୱାଗତ କରିବାକୁ ଯାଉଛୁ । କିନ୍ତୁ, ବ୍ୟକ୍ତିଗତ ଗୋପନୀୟତାକୁ ବଜାୟରଖି ଆଉ କୌଣସି ସୂଚନା ଦେବାକୁ ଚାହି ନଥିଲେ । ତେବେ ଗତ ସପ୍ତାହରେ ଏକ ୱେବ୍ ପୋର୍ଟାଲ୍ ସନ୍ତାନସମ୍ଭବା କ୍ୟାଟ୍ରିନାଙ୍କର ଏକ ଫଟୋ ପ୍ରକାଶ କଲା ଏବଂ ପ୍ରସବ ସମୟ ପାଖେଇ ଆସୁଥିବା ହେତୁ ସେ ଘରର ବାଲକୋନିକୁ ଆସିଥିବା ବେଳେ ଫଟୋଟି ଉଠାଯାଇଥିବା ଦାବି କରିଥିଲା । ଯେହେତୁ ଫଟୋଟି କ୍ୟାଟ୍ରିନାଙ୍କ ବିନା ଅନୁମତିରେ ଉଠାଯାଇଥିଲା, ତେଣୁ ତାଙ୍କ ପ୍ରଶଂସକମାନଙ୍କ ଭିତରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା । ଏହି ପରିପ୍ରେକ୍ଷୀରେ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଏହା ବ୍ୟକ୍ତିଗତ ଗୋପନୀୟତାର ଖୋଲା ଉଲ୍ଲଂଘନ ଦର୍ଶାଇ ଉକ୍ତ ପୋର୍ଟାଲ୍‌କୁ ନିନ୍ଦା କରିଥିଲେ । ଉକ୍ତ ପୋଷ୍ଟ୍ର କମେଣ୍ଟ୍ ବିଭାଗକୁ ଯାଇ ସୋନାକ୍ଷୀ ଲେଖିଥିଲେ ଯେ ତୁମମାନଙ୍କର ଅସୁବିଧା କେଉଁଠି ? ଜଣେ ମହିଳାଙ୍କ ବିନା ଅନୁମତିରେ ଫଟୋ ଉଠାଇ ସେୟାର୍ କରିବା କେତେ ଦୂର ଠିକ୍ ? ଏହା ଲଜ୍ଜାଜନକ ଏବଂ କୌଣସି ଅପରାଧଠାରୁ କମ୍ ନୁହେଁ । ତାଙ୍କର ଏହି କଡ଼ା ମନ୍ତବ୍ୟ ପରେ ଉକ୍ତ ଫଟୋକୁ ଡିଲିଟ୍ କରାଯାଇଥିଲା ।

# ରାଗି ସୁପ୍

**ଆବଶ୍ୟକ ସାମଗ୍ରୀ :** ମାଣ୍ଡିଆ ଚୂନା ବା ରାଗି ସୁଜି ୧ କପ୍, ଦୁଇ କପ୍ କଟା ପରିବା (ଗାଜର, ବିନ୍ସ, ମଟର ମଞ୍ଜି, ବ୍ରୋକୋଲି, ମିଠା ମକାଦାନା, ନାଲି, ହଳଦିଆ ବା ସବୁଜ କ୍ୟାପ୍ସିକମ୍ ବା ବେଲପ୍ପେପର ଆଦି ମନପସନ୍ଦ ପରିବା ନେଇପାରିବେ), ଚୁନା ଚୁନା କଟା ପିଆଜ ଦୁଇ ଚାମଚ, ରସୁଣକଟା ଦୁଇ ଚାମଚ, ଅଦା ଗୋଟେ ଚାମଚ, ଲୁଣ, ଲେମ୍ବୁରସ, ଗୋଲମରିଚ ଗୁଣ୍ଡ, ବଟର୍ ବା ପସନ୍ଦର ଖାଇବା ତେଲ ।



**ପ୍ରସ୍ତୁତି ପ୍ରଣାଳୀ-** ଚୁଲିରେ ପ୍ୟାନ୍ ବା କଡ଼େଇ ବସାଇ ବଟର୍ ବା ତେଲ ଗୋଟେ ଚାମଚ ଦେଇ କଟା ରସୁଣ ସବୁକୁ ଭଲକି ଭାଜି କାଢ଼ି ଆଣନ୍ତୁ । ତା'ପରେ ଅବଶିଷ୍ଟ ବଟର୍ ବା ତେଲରେ କଟା ପିଆଜ, ଅଦା, କଞ୍ଚାଲଙ୍କା ପକେଇ ଦୁଇମିନିଟ୍ ଭାଜି ଦିଅନ୍ତୁ । ପିଆଜର ରଙ୍ଗ ଗୋଲାପି ହୋଇ ଆସିଲେ କ୍ୟାପ୍ସିକମ୍କୁ ଛାଡ଼ି ବାକି ପରିବା ପକେଇ ଟିକେ ଭାଜି ଦିଅନ୍ତୁ । ତା' ପରେ ସେଥିରେ ମାଣ୍ଡିଆ ଚୂନା ଧିରେ ଧିରେ ମିଶାନ୍ତୁ । ଧ୍ୟାନ ଦେବେ ଯେମିତି ଚୂନା ଗୋଟା ଗୋଟା ନ ରହିଯାଏ । ଦୁଇ/ତିନି ମିନିଟ୍ ଭାଜିଲା ପରେ ଧିରେ ଧିରେ ଉଷୁମ ପାଣି ଚାରି କପ୍ ମିଶାନ୍ତୁ । ସୁପ୍କୁ ପାଣିଆ କରିବାକୁ ଚାହୁଁଥିଲେ ସେଥିରେ ଅଧିକା ପାଣି ଦେଇପାରିବେ । ଏଥର ଲୁଣ ଦିଅନ୍ତୁ ଓ ଘାଣ୍ଟନ୍ତୁ । ତଳି ଲାଗିବାକୁ ଦେବେନାହିଁ । ସୁପ୍ ବହଳିଆ ହୋଇଆସିଲେ ସେଥିରେ କ୍ୟାପ୍ସିକମ୍, ଗୋଲମରିଚ ଗୁଣ୍ଡ ଓ ଧନିଆପତ୍ର ମିଶାନ୍ତୁ । ଗ୍ୟାସ୍ ବନ୍ଦ କରି ସୁପ୍ରେ ଗୋଟେ ଚାମଚ ଲେମ୍ବୁରସ ମିଶାନ୍ତୁ । ପରିବେଷଣ କଲାବେଳକୁ ଯଦି ଚାହିବେ ଆଉଟିକେ ବଟର୍, ଭଜା ରସୁଣ ଓ ଧନିଆପତ୍ର ପକାଇ ସଜାଇଦିଅନ୍ତୁ । ଶୀତଦିନେ ମିଳୁଥିବା ଅନ୍ୟ ପରିବାପତ୍ର, ଛତୁ, ପନିର ଇତ୍ୟାଦି ଆପଣ ଚାହିଲେ ଏଥିରେ ମିଶାଇ ପାରିବେ । କମ୍ ସମୟ ଓ ଅଳ୍ପ ଖର୍ଚ୍ଚରେ ପ୍ରସ୍ତୁତ ଏହି ସୁସ୍ୱାଦୁ ଓ ସ୍ୱାସ୍ଥ୍ୟକର ସୁପ୍ଟିକୁ ଥରେ ବନାଇ ପରିବାର ସହିତ ଉପଭୋଗ କରନ୍ତୁ ।

# ବିପଦରେ ସାଇଗା ପ୍ରଜାତିର ହରିଣଙ୍କ ଅସ୍ତିତ୍ୱ

ବିଶ୍ୱରେ ଅନେକ ପ୍ରକାରର ହରିଣ ପ୍ରଜାତି ଦେଖିବାକୁ ମିଳିଥାଏ । ସାଧାରଣତଃ ହରିଣଗୁଡ଼ିକୁ ସେମାନଙ୍କର ଶିଙ୍ଗ ଏବଂ ସୌନ୍ଦର୍ଯ୍ୟତା ପାଇଁ ବେଶ୍ ପ୍ରଶଂସା କରାଯାଇଥାଏ । କିନ୍ତୁ ଏପରି କିଛି ହରିଣ ପ୍ରଜାତି ରହିଛି, ଯେଉଁମାନଙ୍କ ବିଭିନ୍ନ ବୈଶିଷ୍ଟ୍ୟ ଖୁବ୍ ଅଦ୍ଭୁତ ଏବଂ ଅଜବ । ଶୀତଳ ଅଞ୍ଚଳରେ ପ୍ରତିକୂଳ ପରିସ୍ଥିତିରେ ବଞ୍ଚିବାର କ୍ଷମତା ପାଇଁ ସାଇଗା ପ୍ରଜାତିର ହରିଣ ବେଶ୍ ଜଣାଶୁଣା । ତେବେ ଅତ୍ୟଧିକ ଶିକାର ହେତୁ ସମ୍ପ୍ରତି ଏହି ପ୍ରଜାତିର ହରିଣଙ୍କ ଅସ୍ତିତ୍ୱ ବିପଦରେ ପଡ଼ିଛି ।
ସାଇଗା ହରିଣଙ୍କୁ ଏକଦା ୟୁରୋପର ୟୁରୋସିଆ ପାହାଡ଼ିଆ ଅଞ୍ଚଳ, କାର୍ପୋଥିୟନ୍ ପର୍ବତମାଳା, ଚାଇନାର ଜୁଙ୍ଗରିଆ ଆଦି ଅଞ୍ଚଳରେ ଦେଖିବାକୁ ମିଳୁଥିଲା । କିନ୍ତୁ ବର୍ତ୍ତମାନ ଏହି ପ୍ରଜାତିର ହରିଣ କେବଳ ରୁଷିଆ ଏବଂ କାଜାଖସ୍ଥାନର ଅଳ୍ପ କିଛି ଅଞ୍ଚଳରେ ଦେଖାଯାଆନ୍ତି । ଅନ୍ୟାନ୍ୟ ଅଞ୍ଚଳରେ ଅତ୍ୟଧିକ ଶିକାର ହେତୁ ଏହି ପ୍ରଜାତିର ହରିଣ ବିଲୁପ୍ତ ହୋଇସାରିଲେଣି । ସାଇଗା ହରିଣର ଅନେକ ଅଜବ ବୈଶିଷ୍ଟ୍ୟ ରହିଛି । ସେମାନଙ୍କର ନାକ ଫୁଲିଯାଇଥିବା ସହ ମୁହଁ ଠିକ୍ ଓଟ ପରି ରହିଥାଏ । ସେହିପରି ଏହି ପ୍ରଜାତିର ହରିଣ ନିଜ ନାକରେ ଆଶ୍ଚର୍ଯ୍ୟଜନକ ଭାବେ ଗନ୍ଧ ବାରିପାରନ୍ତି, ଯାହା ସେମାନଙ୍କୁ ପାଗର ପରିବର୍ତ୍ତନ ସୂଚାଇବା ସହ କଠିନ ପରିବେଶରେ ବଞ୍ଚିବାକୁ ସକ୍ଷମ କରାଇଥାଏ । ସେମାନଙ୍କର ଫୁଲିଥିବା ନାକ ଦେଇ ଭିତରକୁ ଯାଉଥିବା ବାୟୁରୁ ଧୂଳି ଆପେ ବାହାରି ଯାଇଥାଏ । ସେହିପରି ଗ୍ରୀଷ୍ମଋତୁରେ ସେମାନଙ୍କ ନାକ ଦେଇ ଯାଉଥିବା ଗରମ ପବନ ଥଣ୍ଡା ହୋଇଯାଇଥାଏ ଏବଂ ଶୀତଦିନେ ନାକ ଦେଇ ଶରୀର ଭିତରକୁ ପ୍ରବେଶ କରୁଥିବା ଶୀତଳ ପବନ ଗରମ ହୋଇଯାଇଥାଏ । ସ୍ଥାନାନ୍ତରିତ ପ୍ରାଣୀ ଭାବେ ସାଇଗା ହରିଣ ବେଶ୍ ପ୍ରସିଦ୍ଧ । ସେମାନେ ଶୀତଦିନେ ଥଣ୍ଡାରୁ ଏବଂ ଗ୍ରୀଷ୍ମଦିନେ ଗରମରୁ ରକ୍ଷା ପାଇବା ପାଇଁ କୌଣସି ଏକ ସ୍ଥାନରୁ ପ୍ରାୟ ହଜାର କିଲୋମିଟର ପର୍ଯ୍ୟନ୍ତ ଦୂରତା ଅତିକ୍ରମ କରିପାରନ୍ତି । ସାଇଗା ହରିଣର ଉପର ଚର୍ମ ଚିନାବାଦାମ ରଙ୍ଗର ହୋଇଥାଏ, ଯାହାକୁ କୋଟ କୁହାଯାଏ । ବିଭିନ୍ନ ଜଳବାୟୁରେ ବସବାସ କରୁଥିବାରୁ ଅନେକ ସମୟରେ ଏହି କୋଟର ଆକାର ମଧ୍ୟ ବଦଳିଥାଏ । ଗ୍ରୀଷ୍ମଋତୁରେ ଏହି କୋଟଟି ପତଳା ଏବଂ ହାଲୁକା ହୋଇଯାଉଥିବାବେଳେ ଶୀତଦିନେ ଏହା ମୋଟା ଏବଂ ଘନ ହୋଇଯାଇଥାଏ । ଶୀତଦିନେ ଏହି କୋଟ ଗ୍ରୀଷ୍ମଋତୁର କୋଟ ଅପେକ୍ଷା ପ୍ରାୟ ୨ ଗୁଣ ଲମ୍ବା ଏବଂ ୭୦% ମୋଟା ହୋଇଯାଏ । ସେପଟେ ସାଇଗା ହରିଣ ସାଧାରଣତଃ ଘାସ, ଛୋଟ ଛୋଟ ଉଦ୍ଭିଦ ଏବଂ ବୁଦା ପତ୍ର ଖାଇଥାନ୍ତି । ଅନେକଥର ସେମାନେ ଭଲ ଘାସ ଖାଇବା ପାଇଁ ଜେବ୍ରାମାନଙ୍କୁ ଅନୁସରଣ କରୁଥିବାର ଦେଖିବାକୁ ମିଳେ । ବିଷାକ୍ତ ଉଦ୍ଭିଦ ଖାଇବାର କ୍ଷମତା ମଧ୍ୟ ସାଇଗା ହରିଣଙ୍କର ରହିଛି । ଏହା ସେମାନଙ୍କ ସ୍ୱାସ୍ଥ୍ୟକୁ କୌଣସି ହାନି ପହଞ୍ଚାଇ ପାରି ନ ଥାଏ । ତେବେ ସାଇଗା ହରିଣକୁ ବହୁଳ ମାତ୍ରାରେ ଶିକାର କରାଯାଇ ସେମାନଙ୍କ ଶିଙ୍ଗକୁ ଚୋରା ଚାଲାଣ କରାଯାଇଥାଏ । ସେହିପରି ଏହି ପ୍ରଜାତିର ହରିଣଙ୍କ ଚର୍ମ ଏବଂ ମାଂସ ବଜାରରେ ଅଧିକ ମୂଲ୍ୟରେ ବିକ୍ରି ହୋଇଥାଏ । ଅନେକ ଶିକାରୀ ପ୍ରାଣୀ ମଧ୍ୟ ସାଇଗା ହରିଣଗୁଡ଼ିକୁ ନିଜ ଭୋକ ମେଣ୍ଟାଇବା ପାଇଁ ଶିକାର କରିଥାନ୍ତି । ଫଳରେ ଏହି ପ୍ରଜାତିର ହରିଣଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି ।





# ରାଜ୍ୟ ପ୍ରଜାତନ୍ତ୍ର





# ବାଲିଯାତ୍ରାର ଷଷ୍ଠ ସନ୍ଧ୍ୟା: ସରୁଛି ଦିନ, ବୁଝୁନି ମନ













## ମାଣ୍ଡିଆ ଏକ ସମ୍ପୂର୍ଣ୍ଣ ଅନ୍ନ: କେନ୍ଦ୍ର କୃଷିମନ୍ତ୍ରୀ

**ଭୁବନେଶ୍ୱର, (ହି.ସ.):** ଭୁବନେଶ୍ୱରରେ ପହଂଚିଛନ୍ତି କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନ । ଭୁବନେଶ୍ୱରରେ ପହଂଚିବା ପରେ ପ୍ରତିକ୍ରିୟା କହିଛନ୍ତି ଯେ, ମାଣ୍ଡିଆ ଗୋଟେ ସମ୍ପୂର୍ଣ୍ଣ ଅନ୍ନ। ଏହା ପୋଷଣତତ୍ୱରେ ଭରପୁର ଏହା ନା କେବଳ ଶରୀରକୁ ପୋଷଣ ଦିଏ ପାଟି ପାଇଁ ସୁଆଦିଆ ଓ ମାଟିର ଉର୍ବରତା ପାଇଁ ଉପଯୋଗୀ। କମ ପାଣି ଓ ଖରାପ ମାଟିରେ ମଧ୍ୟ ଏହା ଉତ୍ପାଦନ ହୁଏ । ଆଗମୀ ପିଢି ପାଇଁ ମଧ୍ୟ ମାଟିକୁ ସୁରକ୍ଷିତ ରଖିବ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ମିଲେଟସର ପ୍ରଚାରପ୍ରାସର ପାଇଁ ଯଥେଷ୍ଟ ପ୍ରଚେଷ୍ଟା କରାଯାଉଛି। ଆଜି ମାଣ୍ଡିଆ ଦିବସ ଅବସରେ ରାଜ୍ୟ ସରକାରଙ୍କୁ ଶୁଭେଚ୍ଛା ଜଣାଉଛି ଏହି ଦିବସ ପାଳନ କରିବ ପାଇଁ। ଆମକୁ ମାଣ୍ଡିଆ ଉତ୍ପାଦନ ବୃଦ୍ଧି କରିବା ସହ ବଜାର ଓ ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ କାର୍ଯ୍ୟ କରିବାର ଅଛି। ଶ୍ରୀଅନ୍ନର ଏକ୍ସପୋର୍ଟ ମଧ୍ୟ ହେଉଛି ଏହାକୁ ଆହୁରି ବୃଦ୍ଧି କରିବୁ। ପ୍ରୋସେସିଂ, ପ୍ୟାକେଜିଂ ବ୍ରାଣ୍ଡିଂ, ଓ ମାର୍କେଟିଂ ରେ ଅଧିକ ଧ୍ୟାନ ଦେବୁ



ଯେପରିକି କୃଷକଙ୍କ ଆୟ ବୃଦ୍ଧି ପାଇବ । ଶ୍ରୀଅନ୍ନ କାର୍ଯ୍ୟକ୍ରମ ପରେ ମୁଁ ଚାଷୀଙ୍କ ସହ ବିଲ ଜମିରେ ବସିକି ଆଲୋଚନା କରିବି । ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନାକୁ ନେଇ କଟକ ଆଇସିଆର ସଂସ୍ଥାନରେ ରାଜ୍ୟ ସରକାର , ଚାଷୀ ଓ ବୈଜ୍ଞାନିକଙ୍କ ସହ ଆଲୋଚନା କରିବି। ଆଜି ଦିନ ଚାଷୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଦିନ । ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କୁ ମିଲେଟସର ପ୍ରଚାର ପ୍ରସାର ପାଇଁ ଧନ୍ୟବାଦ ଦେଇଛନ୍ତି କେନ୍ଦ୍ର କୃଷି ମନ୍ତ୍ରୀ।

## ବିକଶିତ ଭାରତ ନିର୍ମାଣରେ ବନ୍ଦେ ମାତରମ୍ ହେବ ପଥପ୍ରଦର୍ଶକ: ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର,(ହି.ସ.):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାମଜସ୍ କଲେଜରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଏହି ଅବସରରେ ସେ ଛାତ୍ରଛାତ୍ରୀମାନଙ୍କ ଗହଣରେ ସାମୂହିକ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରିବା ସହ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବା ପାଇଁ ସଂକଳ୍ପ ନେବାକୁ ଶପଥ ପାଠ କରାଇଥିଲେ ।

ଶ୍ରୀ ପ୍ରଧାନ ଏହି ଅବସରରେ ମହାନ ରାଷ୍ଟ୍ରଭକ୍ତ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଜାତୀୟ ସଙ୍ଗୀତର ଐତିହାସିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଲମ୍ବା ସଂଘର୍ଷ ଏବଂ ଅଗଣିତ ରାଷ୍ଟ୍ର ସେବକଙ୍କ ବଳିଦାନ ପରେ ୧୯୪୭ରେ ଆମକୁ ସ୍ୱାଧୀନତା ମିଳିଥିଲା। ବନ୍ଦେ ମାତରମ୍ ସେହି ଜାତୀୟ ଚେତନାର ଉଦଘୋଷ ଥିଲା, ଯାହା ସମଗ୍ର ଦେଶକୁ ଏକ ସୂତ୍ରରେ ବାନ୍ଧିଥିଲା । ଏହି ପରିପ୍ରେକ୍ଷୀରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ କ୍ଲାସ୍ ?ରୁମ୍ ?ରେ ବନ୍ଦେ



ମାତରମ୍ ?ର ସାମୂହିକ ଗାନ ଏକ ସଶକ୍ତ ପରମ୍ପରା ଭାବରେ ସ୍ଥାପିତ ହେବା ଆବଶ୍ୟକ। ଏହା ଦ୍ୱାରା ଏହା ଏକ ଜନଆନ୍ଦୋଳନରେ ପରିଣତ ହୋଇପାରିବ। ସ୍ୱାଧୀନତା ସମୟରେ ଆଜାଦୀ ପାଇଁ ଏହାକୁ ଗାନ କରାଯାଉଥିଲା, କିନ୍ତୁ ଆଜି ଏକବିଂଶ ଶତାବ୍ଦୀରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିକଶିତ ଏବଂ ସମୃଦ୍ଧ ଭାରତର ନିର୍ମାଣ ପାଇଁ ବନ୍ଦେ ମାତରମ୍ ଆମର ପଥପ୍ରଦର୍ଶକ ହେବ।'ବନ୍ଦେ ମାତରମ୍‌ର ଦିବ୍ୟ ଶକ୍ତି ଏବଂ ସ୍ୱଦେଶୀ ସଂକଳ୍ପର ଭାବନା ଅନୁରୂପ ଦେଶର ପ୍ରଗତିରେ ପ୍ରତ୍ୟେକ ଯୁବକଙ୍କର ଅଂଶଗ୍ରହଣ ଅନିବାର୍ଯ୍ୟ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଆତ୍ମନିର୍ଭର ଭାରତର ଏହି ସଂକଳ୍ପକୁ ଆମେ ସମସ୍ତେ ମିଶି ପୂରଣ କରିବା ପାଇଁ ସେ ଆହ୍ୱାନ କରିଥିଲେ ।

ଏହି ଅବସରରେ ଶ୍ରୀ ପ୍ରଧାନ ବିଦ୍ୟାର୍ଥୀ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପରିବାର ସହିତ ମିଶି ସାମୂହିକ ଭାବରେ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବା ପାଇଁ ସଂକଳ୍ପ ଶପଥ ନେଇଥିଲେ। ବିଦ୍ୟାର୍ଥୀମାନଙ୍କର ଉତ୍ସାହ, ଜାତୀୟ ଗର୍ବ ଏବଂ ସ୍ୱଦେଶୀ ମୂଲ୍ୟବୋଧ ପ୍ରତି ସମର୍ପଣକୁ ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ । ଏହି ସାର୍ଥକ ଆୟୋଜନ ପାଇଁ ରାମଜସ୍ କଲେଜ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ଧନ୍ୟବାଦ ଜଣାଇବା ସହ ସମସ୍ତଙ୍କୁ ବନ୍ଦେ ମାତରମ୍ ?ର ଗୌରବପୂର୍ଣ୍ଣ ୧୫୦ ବର୍ଷ ପୂର୍ତ୍ତି ଅବସରରେ ଅନେକ ଶୁଭେଚ୍ଛା ଜଣାଇଥିଲେ।

ପ୍ରକାଶ ଥାଉ କି, ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶ୍ରୀ ପ୍ରଧାନ ଦିଲ୍ଲୀ ମେଟ୍ରୋରେ ଯାତ୍ରା କରି ରାମଜସ୍ କଲେଜରେ ପହଂଚିଥିଲେ।

## ଧାମନଗର ନିର୍ବାଚନମଣ୍ଡଳୀ ସଂରକ୍ଷିତ ରହିବ ନା ହେବ ପରିବର୍ତ୍ତନ ?

**ଧାମନଗର (ପିପିଏସ):** ଧାମନଗର ବିଧାନସଭା ଆସନ ସୃଷ୍ଟି ହେବା ପରଠାରୁ ଏଯାବତ ଏଠାରେ ୧୭ ଥର ନିର୍ବାଚନ ହୋଇସାରିଛି ଏବଂ ଏଠାରୁ ବିଭିନ୍ନ ସମୟରେ ୧୧ ଜଣ ଜନପ୍ରିୟ ନେତା ନିର୍ବାଚିତ ହେବା ସହ ଏହି ଆସନରୁ ପ୍ରତିନିଧିତ୍ୱ କରୁଥିବା ନେତାମାନଙ୍କ ମଧ୍ୟରୁ ଅନ୍ୟୂନ ୪ ଜଣ ରାଜ୍ୟ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି। ଏହି ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ୱାଧୀନତା ପ୍ରାପ୍ତି ପରେ ୧୯୫୧-୫୨ର ନିର୍ବାଚନ ପୂର୍ବରୁ ଗଠିତ ହୋଇଥିଲା। ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ୧୯୩୭ରେ ହୋଇଥିବା ପ୍ରଥମ ବିଧାନସଭା ନିର୍ବାଚନ ବେଳକୁ ଭଦ୍ରକର ୨ଟି ଆସନ ଥିଲା ପୂର୍ବଭଦ୍ରକ ଓ ପଶ୍ଚିମ ଭଦ୍ରକ। ପଶ୍ଚିମ ଭଦ୍ରକ ଆସନରୁ ସାଧାରଣ ବର୍ଗ ଓ ତଫସିଲଭୁକ୍ତ ଜାତିର ୨ ଜଣ ନିର୍ବାଚିତ ହେଉଥିଲେ।ସେତେବେଳେ ପୂର୍ବ ଭଦ୍ରକ ଆସନରୁ କଂଗ୍ରେସ ପ୍ରାର୍ଥୀ ଚକ୍ରଧର ବେହେରା ଓ ପଶ୍ଚିମ ଭଦ୍ରକ ଆସନରୁ ସାଧାରଣ ବର୍ଗର ପ୍ରାର୍ଥୀ ଭାବେ ଜଗନ୍ନାଥ ଦାସ ଓ ସଂରକ୍ଷିତ ବର୍ଗରୁ ନିଧି ଦାସ ନିର୍ବାଚିତ ହୋଇଥିଲେ। ସେତେବେଳେ ବିଧାନସଭାର ଆସନ ସଂଖ୍ୟା ୬୦ ରୁ ୪ ଟି ଆସନ ପାଇଁ ସଭ୍ୟ ମନୋନୀତ ହୋଇଥିବା ବେଳେ ୫୬ ଟି ରେ ନିର୍ବାଚନ କରାଯାଇଥିଲା। ଏହି ନିର୍ବାଚନରେ ୪୦ ଟି ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୧୯୪୬ର ନିର୍ବାଚନରେ ପୂର୍ବ ଭଦ୍ରକ ଆସନରୁ ହରେକୃଷ୍ଣ ମହତାବ ବିଜୟୀ ହୋଇ ଓଡ଼ିଶାର ପ୍ରଧାନମନ୍ତ୍ରୀ ହୋଇଥିଲେ। ଧାମନଗର ପୂର୍ବ ଭଦ୍ରକ ଆସନର ଅନ୍ତର୍ଭୁକ୍ତ ଥିଲା। ପଶ୍ଚିମ ଭଦ୍ରକ ଯୁଗ୍ମ ଆସନରୁ ଭାଗବତ ସାହୁ ଓ ବୃନ୍ଦାବନ ଚନ୍ଦ୍ର ଦାସ ନିର୍ବାଚିତ ହୋଇଥିଲେ ୧୯୫୧-୫୨ରେ ହୋଇଥିବା ନିର୍ବାଚନରେ ଧାମନଗର ବିଧାନସଭା କ୍ଷେତ୍ରରୁ କଂଗ୍ରେସ ପ୍ରାର୍ଥୀ ଭାବେ ନୀଳମଣି ରାଉତରାୟ ବିଜୟୀ ହୋଇ ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ୧୯୫୭ ଓ ୧୯୬୧ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମୂରଲୀଧର ଜେନା ଧାମନଗରରୁ ବିଜୟୀ ହୋଇଥିଲେ ଏବଂ ତାଙ୍କ ମୃତ୍ୟୁ ପରେ ୧୯୬୭ର ନିର୍ବାଚନରେ ତାଙ୍କ ପତ୍ନୀ ସତ୍ୟଭାମା ଦେଈ ମଧ୍ୟ ଏହି ଆସନରୁ ବିଜୟ ଲାଭ କରିଥିଲେ। ୧୯୭୧, ୧୯୭୪, ୧୯୭୭ ଓ ୧୯୯୦ର ବିଧାନସଭା ନିର୍ବାଚନରେ ଏହି ଆସନରୁ ବିଜୟୀ ହୋଇଥିଲେ ହୃଦାନନ୍ଦ ମଲ୍ଲିକ।

୧୯୯୦ ନିର୍ବାଚନର ଫଳାଫଳ ଘୋଷଣା ରାତିରେ ତାଙ୍କର ମୃତ୍ୟୁ ଘଟିଲା। ଯଦି ସେ ଜୀବିତ ଥାଆନ୍ତେ ତେବେ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ ପାହ୍ୟା ପାଇବା ଏକ ପ୍ରକାର ନିଶ୍ଚିତ ଥିଲା। ତାଙ୍କ ମୃତ୍ୟୁପରେ ହୋଇଥିବା ଉପନିର୍ବାଚନରେ ତାଙ୍କ ପୁତ୍ର ମାନସ ରଞ୍ଜନ ମଲ୍ଲିକ ଜନତା ଦଳ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ ଏବଂ ପରେ ୨୦୦୦ ମସିହାରେ ବିଜେଡି-ବିଜେପି ମେଣ୍ଟ ପ୍ରାର୍ଥୀ ମନମୋହନ ସାମଲଙ୍କୁ




ହରାଇ ମାନସ ସ୍ୱାଧୀନ ପ୍ରାର୍ଥୀ ଭାବେ ଏହି ଆସନରୁ ଜିଣିଥିଲେ। ଧାମନଗର ଆସନରୁ କଂଗ୍ରେସ ନେତା ଜଗନ୍ନାଥ ରାଉତ ୧୯୮୦, ୧୯୮୫ ଓ ୧୯୯୫ରେ ଜିଣିଥିଲେ ଏବଂ ତାଙ୍କ ଶେଷ ପାଳିରେ ମଧ୍ୟ ମନ୍ତ୍ରୀ ହୋଇଥିଲେ। ୨୦୦୪ରେ ଏହି ଆସନରୁ ବିଜେପି ପ୍ରାର୍ଥୀ ଭାବେ ବିଜୟ ଲାଭ କରି ମନମୋହନ ସାମଲ ବିଜେଡି-ବିଜେପି ମେଣ୍ଟ ସରକାରରେ କ୍ୟାବିନେଟ ମନ୍ତ୍ରୀ ଥିଲେ। ୨୦୦୯ ବେଳକୁ ଏହି ଆସନଟି ତଫସିଲଭୁକ୍ତ ଜାତି ପାଇଁ ସଂରକ୍ଷିତ ରହିଲା।ସେ ବର୍ଷ ଏଠାରୁ ବିଜେଡି ପ୍ରାର୍ଥୀ ଭାବେ ରାଜେନ୍ଦ୍ର କୁମାର ଦାସ ଜିଣିଥିବା ବେଳେ ୨୦୧୪ରେ ଏହି ଆସନରୁ ମୁକ୍ତିକାନ୍ତ ମଣ୍ଡଳ ବିଜେଡି ପ୍ରାର୍ଥୀ ଭାବେ ବିଜୟ ହାସଲ କରିଥିଲେ। ୨୦୦୯ ଓ ୨୦୧୪ରେ ଏହି ଆସନରୁ ପରାଜିତ ହୋଇଥିବା ବିଜେପି ପ୍ରାର୍ଥୀ ବିଷ୍ଣୁ ଚରଣ ସେଠୀ ୨୦୧୯ ନିର୍ବାଚନରେ ଜିଣିଥିଲେ। ବିଷ୍ଣୁ ସେଠୀଙ୍କ ଅକାଳ ବିୟୋଗ ପରେ ଉପନିର୍ବାଚନରେ ତାଙ୍କ ପୁତ୍ର ସୂର୍ଯ୍ୟବଂଶୀ ସୁରଜ ବିଜୟୀ ହୋଇଥିଲେ। ପରେ ୨୦୨୪ ସଧାରଣ ନିର୍ବାଚନରେ ପୁନଃଶ୍ଚ ଭାଜପା ପ୍ରାର୍ଥୀ ଭାବେ ଜିତି ବର୍ତ୍ତମାନ ରାଜ୍ୟ ସରକାରରେ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ଅଛନ୍ତି।ତେବେ ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ରାଜ୍ୟରେ ବିଧାନ ସଭା କ୍ଷେତ୍ର ସଂଖ୍ୟା ବୃଦ୍ଧି ହେଉଥିବା ବେଳେ ଭଦ୍ରକ ଜିଲ୍ଲାରେ ଆଉ ଏକ ନିର୍ବାଚନ ମଣ୍ଡଳୀ ସୃଷ୍ଟି ହେବା ସମ୍ଭାବନା ଦେଖା ଦେଇଛି। ତିହିଡ଼ି ବ୍ଲକକୁ ତିନି ଭାଗ କରି ବସୁଦେବପୁର, ଚାନ୍ଦବାଲି ଓ ଧାମନଗର ନିର୍ବାଚନ ମଣ୍ଡଳୀରେ ମିଶା ଯାଇଥିବା ବେଳେ ଏଥର ତିହିଡ଼ିକୁ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରଶାସନିକ ସ୍ତରରେ ପ୍ରୟାସ ଜାରି ଅଛି। ଏଥିପାଇଁ ଦୀର୍ଘ ମାସ ହେ୍ବ ବୁଥ ପରିବର୍ଦ୍ଧିତ ସହ ପଞ୍ଚାୟତ ସଂଖ୍ୟା ବୃଦ୍ଧି କାର୍ଯ୍ୟ ଚାଲୁଥିବା ଜଣା ଯାଇଛି। ତେବେ ଚଳିତ ଡିସେମ୍ବର ମାସ ଶେଷ ସୁଦ୍ଧା ଏସବୁ ପୁନର୍ଗଠନ ନିମନ୍ତେ ସ୍ଥାନୀୟ ତହସିଲଦାର, ବିଡିଓ, ଜିଲ୍ଲାପାଳ ସେମାନଙ୍କ ରିପୋର୍ଟ ଦାଖଲ କରିବେ। ଏଥର ଏହି ନିର୍ବାଚନ ମଣ୍ଡଳୀରୁ ସଂରକ୍ଷଣ ଉଠାଇବାକୁ ଏବଂ ସୀମା ପୁନର୍ଗଠନ କରିବା ନିମନ୍ତେ ପଦକ୍ଷେପ ନେବାକୁ ସର୍ବସାଧାରଣରେ ଦାବି ହେଉଛି।

## ଓ୍ୱାର୍ଡକୁ ସ୍ଥାନାନ୍ତର ହେଲେ ସଂଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାର

**ଭୁବନେଶ୍ୱର (ହି.ସ):** ଓଲିଉଡର ଜଣାଶୁଣା ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମଜୁମଦାରଙ୍କୁ ସୋମବାର ଦିନ ଓ୍ୱାର୍ଡକୁ ସ୍ଥାନାନ୍ତରିତ କରାଯାଇଛି। ଭୁବନେଶ୍ୱର ଏମ୍ସ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ତାଙ୍କର ଭାଇଟାଲସ୍ ସ୍ଥିର ରହିଛି। ତାଙ୍କୁ ଭେଂଟିଲେଟରରୁ ବାହାର କରାଯାଇ



ମେଡିସିନ୍ ଓ୍ୱାର୍ଡକୁ ସ୍ଥାନାନ୍ତରିତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଅଭିଜିତ ଅଗଷ୍ଟ ୩୧ ତାରିଖରେ କଟକ ସିଡିଏ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତି ହୋଇଥିଲେ। ଅନେକ ଦିନରୁ ଲିଭର ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହୋଇ ଆସୁଥିଲେ । ମାତ୍ର ଗତ ଗଣେଶ ପୂଜା ଦିନ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ତଥା ଆତ୍ମୀୟମାନେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତି କରିଥିଲେ। ସେବେଠାରୁ ସେ କୋମାରେ ରହିଛନ୍ତି। ଏହାପରେ ଗତ ସେପ୍ଟେମ୍ବର ୪ ତାରିଖରେ ଅଭିଜିତ ମଜୁମଦାରଙ୍କୁ ଭୁବନେଶ୍ୱର ଏମ୍ସକୁ ଅଣାଯାଇଥିଲା। ସେଠାରେ ତାଙ୍କର ନିରନ୍ତର ଚିକିତ୍ସା ଚାଲିଛି।

### ଆଇ.ସି.ଏଚ୍.ଆର. ପ୍ରାୟୋଜିତ 'ଦକ୍ଷିଣାଞ୍ଚଳ ଜନଜାତି ଜୀବନ' ଶୀର୍ଷକ ଜାତୀୟ ପାଠଚକ୍ର

# ଜନଜାତି ଜୀବନଚର୍ଯ୍ୟା ପ୍ରକାରାନ୍ତରେ ଓଡ଼ିଆ ପରମ୍ପରାର ମୂଳଭିତ୍ତି




ବ୍ରହ୍ମପୁର, (ପିପିଏସ୍) : ଓଡ଼ିଶାର ଦକ୍ଷିଣାଞ୍ଚଳ ଜନଜାତି ସମୂହ ମୌଳିକ ଭାବେ ଓଡ଼ିଶାର ମୂଳ ଅଧିବାସୀ। ସେମାନଙ୍କ ଜୀବନଚର୍ଯ୍ୟା ପ୍ରକାରାନ୍ତରେ ଓଡ଼ିଶାର ମୌଳିକ ପରମ୍ପରା ଏବଂ ଜନଜାତି ଜୀବନଚାର୍ଯ୍ୟା ଓଡ଼ିଆ ସଂସ୍କୃତିର ମୂଳ ଉତ୍ସ ବୋଲି ଦ୍ୱି-ଦିବସୀୟ ଜାତୀୟ ପାଠଚକ୍ରର ଉଦ୍-ଯାପନୀ ଉତ୍ସବରେ ମତପ୍ରକାଶ ପାଇଛି। ବିଶେଷକରି ସ୍ୱାଧୀନତା ପ୍ରାପ୍ତି ପରେ ପରେ ସମଗ୍ର ଭାରତବର୍ଷ, ଆମ ରାଜ୍ୟ ଓଡ଼ିଶା ଏବଂ ଓଡ଼ିଶାର ଦକ୍ଷିଣାଞ୍ଚଳରେ ବିସ୍ଥାପନ, ଦ୍ରୁତ ଶିଳ୍ପାୟନ ଓ ବିଭିନ୍ନ ପ୍ରଜାତିର ଜନଜାତି ଲୋକମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ୍ କରିବାର ଅନାବଶ୍ୟକ ପ୍ରତିଯୋଗିତା ମଧ୍ୟରେ ଭିନ୍ନ ଭିନ୍ନ ଜନଜାତିର ଅସ୍ତିତ୍ୱ ଆଜି ଅବକ୍ଷୟମୁଖୀ ହୋଇପଡ଼ିଛି। ବିଭିନ୍ନ ବିଦ୍ୟାରେ ଜନଜାତି ଲୋକମାନଙ୍କ ଜ୍ଞାନ ପରମ୍ପରା, ରୋଗ ନିବାରଣ ଉଦ୍ଦେଶ୍ୟରେ ପାରମ୍ପରିକ ଜଡ଼ିବୁଟିର ବ୍ୟବହାର, ଭୂତପ୍ରେତ ବିଶ୍ୱାସ, ଦିଶାରୀ ପ୍ରଥା, ଡୁମା ବା କିତୁଂଙ୍କ ଉପରେ ଅଖଣ୍ଡ ବିଶ୍ୱାସ, ପାରମ୍ପରିକ ଧର୍ମବିଶ୍ୱାସ, ପ୍ରକୃତିବନ୍ଧୁ ମନଃସ୍ଥିତିର ସ୍ୱାଭାବିକତା ଆଦି ସଂପର୍କରେଆଜି ଅନୁଷ୍ଠିତ ଦୁଇଟି ବୈଷୟିକ ଅଧିବେଶନରେ ସବିଶେଷ ଆଲୋଚନା କରାଯାଇଥିଲା।

ଦକ୍ଷିଣାଞ୍ଚଳର ସାତଟି ଜିଲ୍ଲାରେ ବସବାସ କରୁଥିବା ଶବର, କନ୍ଧ, ଗଦବା, ପରଜା, କୋନ୍ଧ, ଡିଡାୟୀ, ବଣ୍ଡା, ହଲୱା, ଭୂୟାଁ, ଭୂମିଜ, ଭୋତାଡ଼ା, ଧରୁଆ, ଜୁଆଙ୍ଗ, କିସାନ୍, କୋଣ୍ଡାଦୋରା, ବାଗତା, ଡଙ୍ଗରିଆ କନ୍ଧ, ଲାଞ୍ଜିଆ ସଉରା, ବାଥୁଡ଼ି, ଲୋଧା, ଜାଟାପୁ, ଗୋଣ୍ଡ, ବାଇଗା, କୁଟିଆ କନ୍ଧ, ମୁଣ୍ଡାରୀ, ମାଟିଆ, ସାଉଁଟି, କୋରା, କୋଲି, ଲୋହାର, ସାନ୍ତାଳ ଓ କୁଲିସ ଆଦି ଜନଜାତିର ସାଂସ୍କୃତିକ ବିଭବର ସୁରକ୍ଷା ପ୍ରତି ଯତ୍ନବାନ୍ ହେବାକୁ ଆମନ୍ତ୍ରିତ ଅତିଥି, ବିଷୟ ବିଶାରଦ ଓ ପ୍ରବନ୍ଧପାଠକମାନେ ମତପ୍ରକାଶ କରିଥିଲେ। ଭାରତୀୟ ଐତିହାସିକ ଗବେଷଣା ପରିଷଦ (ଆଇ.ସି.ଏଚ୍.ଆ.ର), ନୂଆଦିଲ୍ଲୀର ଆର୍ଥିକ ଅନୁଦାନରେ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ସ୍ନାତକୋତ୍ତର ଇତିହାସ ବିଭାଗ ପକ୍ଷରୁ ଆୟୋଜିତ 'ଦକ୍ଷିଣାଞ୍ଚଳରେ ଜନଜାତି ଜୀବନ' ଶୀର୍ଷକ ଦ୍ୱି-ଦିବସୀୟ ଜାତୀୟ ପାଠଚକ୍ର ଆଜି ଅପରାହ୍ଣରେ ଉଦ୍-ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଡକ୍ଟର୍ ପ୍ରମିଳା ଖାଡ଼ଙ୍ଗାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପାଠଚକ୍ରର ଉଦ୍-ଯାପିତ ଉତ୍ସବରେ ଶଶିଭୂଷଣ ରଥ ସରକାରୀ ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ଡ. ଚିତ୍ତରଞ୍ଜନ ଶତପଥୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଓଡ଼ିଶା ଦକ୍ଷିଣାଞ୍ଚଳ ଜନଜାତି ଜୀବନ ବୈଚିତ୍ର୍ୟରେ ଭରା ବୋଲି କହିଥିଲେ। ଉଦ୍-ଯାପନୀ ଉତ୍ସବରେ ଭୁବନେଶ୍ୱର ସ୍ଥିତ ମଧୁସୂଦନ ଆଞ୍ଚଳିକ ଆର୍ଥିକ ପରିଚାଳନା ଏକାଡେମୀର ଯୁଗ୍ମ ନିର୍ଦ୍ଦେଶକ ଡ. ବିଭୁଦତ୍ତ ଆଚାରୀ ସମ୍ମାନିତ ଅତିଥି ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଇତିହାସ ବିଭାଗ ସହକାରୀ ପ୍ରଫେସର୍ ଡ. ଶଙ୍କର୍ଷଣ ମଲ୍ଲିକ ମୁଖ୍ୟବକ୍ତା ରୂପେ ଯୋଗଦେଇ ଅବିଭକ୍ତ ଗଞ୍ଜାମ, ଅବିଭକ୍ତ ଫୁଲବାଣୀ ଓ ଅବିଭକ୍ତ କୋରାପୁଟ ଜିଲ୍ଲାର ଅନୁସୂଚିତ ଜନଜାତି ସଂସ୍କୃତି ଓ ପରିବର୍ତ୍ତିତ ପ୍ରେକ୍ଷାପଟ ସଂପର୍କରେ ବିସ୍ତାରିତ ଆଲୋଚନା କରିଥିଲେ। ଶେଷରେ ସ୍ନାତକୋତ୍ତର ଇତିହାସ ବିଭାଗ ମୁଖ୍ୟ ଡ. ଦେବରାଜ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ପୂର୍ବାହ୍ଣରେ ଅନୁଷ୍ଠିତ ତୃତୀୟ ବୈଷୟିକ ଅଧିବେଶନରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଇତିହାସ ମୁଖ୍ୟ ନରେନ୍ଦ୍ର କୁମାର ନରେନ୍ଦ୍ର ଅଧକ୍ଷତା କରିଥିଲେ। ଏହି ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ଅତିଥି ସହଯୋଗୀ ପ୍ରଫେସର୍ ଡ. ରାଜେନ୍ଦ୍ର କୁମାର ବିଷୋୟୀ ଓ ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ସହକାରୀ ପ୍ରଫେସର୍ ଡ. ଜୟପ୍ରଦା ମହାପାତ୍ର ବିଷୟ ବିଶାରଦ ରୂପେ ବକ୍ତବ୍ୟ ପ୍ରଦାନ କରିଥିଲେ। ନୂଆପଡ଼ା ଜିଲ୍ଲା ଖରିଆର୍ ମହାବିଦ୍ୟାଳୟ ନୃତତ୍ତ୍ୱ ବିଭାଗ ଅଧାପକ ଡ. ଶିବ କୁମାର, ରସାୟନ ବିଜ୍ଞାନ ଅଧାପକ ଡ. ଅକ୍ଷୟ କୁମାର ସାହୁ, ଅଧାପିକା ମୋନାଲିସା ନାୟକ, ଗବେଷକ ପବିତ୍ର କୁମାର ସାହୁ, ପୂଜା ବିଷୋୟୀ, ଶିବାନୀ ଡାକୁଆ, ଦୀପା ପରିଡ଼ା, ଏନ୍. ସ୍ୱପ୍ନାରାଣୀ ଦୋରା, ବାସୁଦେବ ବାଗ ପ୍ରମୁଖ ପ୍ରବନ୍ଧପାଠ କରିଥିଲେ। ଅଧାପିକା ରୋଜାଲିନ୍ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

ଚତୁର୍ଥ ବୈଷୟିକ ଅଧିବେଶନରେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ପ୍ରଫେସର୍ ଡ. ଭଗବାନ ସାହୁ ସଭାପତିତ୍ୱ କରିଥିଲେ। ଟି.ଏସ୍.ଡି. ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ଡ. ଶ୍ୟାମାପ୍ରସାଦ ମିଶ୍ର ଓ ନରେନ୍ଦ୍ରପୁର ସ୍ଥିତ କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟ ପ୍ରାକ୍ତନ ଇତିହାସ ବିଭାଗ ମୁଖ୍ୟ ଡ. ଶିବପ୍ରସାଦ ଦାଶ ବିଷୟ ବିଶାରଦ ରୂପେ ଯୋଗଦେଇ ଜନଜାତି ଜୀବନର ବିଭିନ୍ନ ବିନ୍ଦୁ ଉପରେ ଆଲୋକପାତ କରିଥିଲେ। ଅଧାପକ ଜଗନ୍ନାଥ ଦାସ, ଅଧାପିକା ଅଙ୍କିତା ନାୟକ, ଡ. ଚିତ୍ତରଞ୍ଜନ ମହାନ୍ତି, ଡ. ଆନନ୍ଦ ସେଠୀ, ଦୀନବନ୍ଧୁ ମହାଙ୍କୁଡ, ଯାସ୍ମୁନା ମାଝୀ, ୟୁ ସାରଥି ଓ ସନ୍ତୋଷ ଡାକୁଆ ପ୍ରମୁଖ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଇତିହାସ ବିଭାଗ ମୁଖ୍ୟ ଡ. ଦେବରାଜ ସ୍ୱାଇଁ ଓ ଓଡ଼ିଆ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ସମସ୍ତ ଅଧିବେଶନର ସଂଚାଳନା କରିଥିଲେ। ଦ୍ୱି-ଦିବସୀୟ ଏହି ପାଠଚକ୍ରର ସଫଳ କାର୍ଯ୍ୟାନ୍ୱୟନରେ ଡ. କୁଳମଣିଓଝା ଡ. ଆନନ୍ଦ ସେଠୀ, ସହକାରୀ ପ୍ରଫେସର୍ ଗଙ୍ଗାଧର ବେହେରା, ଡ. ମଧୁସ୍ମିତା ବେହେରା, ଡ. ଶିବାନୀ ମିଶ୍ର, ଡ. ଚିତ୍ତରଞ୍ଜନ ମହାନ୍ତି, ଅଧାପିକା ରୋଜାଲିନ୍ ଷଡ଼ଙ୍ଗୀ, ଅଧାପକ ଟି. ଗଣେଶ, ଅଧାପିକା ଶ୍ରେୟା ସଂଜୀବନୀ ଓ ଅଧାପକ ନୀଳାଞ୍ଚଳ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଇତିହାସ ବିଭାଗ ମୁଖ୍ୟ ଡ. ଦେବରାଜ ସ୍ୱାଇଁ ଆନୁଷ୍ଠାନିକ ଭାବେ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

### ଯୋଗା ଏଟିଭର୍ସଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ

# ଦେବଦୂତ ସମ୍ମାନରେ ସମ୍ମାନିତ ହେଲେ ପ୍ରଶାନ୍ତ



ବହୁପୁର (ପିପିଏସ୍): ଆମ୍ବପୁଆ ପୁଲିସ୍ ପଡିଆଠାରେ ପ୍ରତିଦିନ ବ୍ରହ୍ମ ମୂହୁର୍ତ୍ତରେ ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ଗଠିତ ହୋଇଥିବା ଯୋଗ ଏଟିଭର୍ସର ଦ୍ୱିତୀୟ ବାର୍ଷିକ ଉତ୍ସବ ଆମ୍ବପୁଆ ଅମରେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବରାମ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଆର୍ବନ ବେଙ୍କ ସଭାପତି ଆର. ମୁରଲୀ ମୋହନ ଯୋଗଦେଇ ଯୋଗ ଏଟିଭର୍ସ ଏଭଳି କାର୍ଯ୍ୟ ଓ ନିଜକୁ ରୋଗମୁକ୍ତ କରିବାରେ ଯେଉଁ ପ୍ରୟାଶ ଆରମ୍ଭ କରିଛନ୍ତି ତାକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ରୂପେ ନିଗମ ଡେପୁଟି ମେୟର ଇ. ବିବେକ ରେଡି ଯୋଗ ଦେଇ ନିଜ ଅଂଚଳରେ ବିଭିର୍ନ ବର୍ଗର ଲୋକଙ୍କୁ ନେଇ ଗଠିତ ଏଭଳି ଟିମକୁ ନେଇ ନିଜେ ଗର୍ବିତ ହେବା ସହ ସୁସ୍ଥ ରହିବା ପାଇଁ ସମାଜରେ ଏଭଳି ଟିମ ର ଆବଶ୍ୟକତା ବୋଲି କହିଥିଲେ। ଦୀର୍ଘ ୨ବର୍ଷ ଧରି ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରତିଷ୍ଠାତା ସଭ୍ୟ ବିଷ୍ଣୁପ୍ରସାଦ ପଣ୍ଡା ଏହି ଏଟିଭର୍ସକୁ ପ୍ରତିଷ୍ଠା କରିବା ଓ କରାଇବାରେ ସେ ସକ୍ରୀୟ ଗ୍ରହଣ କରି ସମସ୍ତଙ୍କୁ ଏକାଠି କରିବାରେ ଯେଉଁ କାର୍ଯ୍ୟ କରୁଛନ୍ତ ତାକୁ ନେଇ ନିଜର ଅନୁଭୂତି ବଖାଣିଥଲେ। ବରିଷ୍ଠ ସଦସ୍ୟ ତଥା ମାର୍ଗଦର୍ଶକ ରମ୍ଭା ଜଗନ୍ନାଥ ମହାବିଦ୍ୟାଳୟର ଅଧକ୍ଷ ଅଭିମନ୍ୟୁ ସାହୁ, ବହୁପୁର ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗୀୟ ମୁଖ୍ୟ ଇ.ଈଶ୍ୱର ରାଓ, ସହିଦ ଭଗତ ସିଂ' ମହାବିଦ୍ୟାଳୟ ଖଣ୍ଡଦେଉଳି ଇତିହାସ ବିଭାଗୀୟ ମୁଖ୍ୟ ଅଭିମନ୍ୟୁ ସାହୁ, ସିଷ୍ଟର ଗ୍ରୁପର ବରିଷ୍ଠ ସଦସ୍ୟା ନନ୍ଦିନୀ ରଥ କବିତା ମାଧ୍ୟମରେ ଯୋଗା ଏଟିଭର୍ସଙ୍କ ଦୈନନ୍ଦିନ କାର୍ଯ୍ୟକ୍ରମ ଉପରେ କହିଥିଲେ। ବରିଷ୍ଠ ସଦସ୍ୟ ସଞ୍ଜୟ ଗୌଡ଼ଙ୍କ ସମେତ ବହୁ ସଦସ୍ୟ ନିଜ ନିଜର ଅନୁଭୂତି ବଖାଣିବା ସହ ନିଜକୁ ରୋଗମୁକ୍ତ କରିବାରେ ଯୋଗର କ'ଣ ଆବଶ୍ୟକତା ରହିଛି ତାହା ଉପରେ ମତବ୍ୟକ୍ତ କରିଥଲେ।

ଏହି ଅବସରରେ ସଦସ୍ୟ ପ୍ରଶାନ୍ତ କୁମାର ସାହୁ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ସଞ୍ଜୟ କୁମାର ଗୌଡଙ୍କୁ ଦେବଦୂତ ସାଜି ଏମକେସିଜି ଆଣିବା ଓ ତାଙ୍କୁ ଚିକିତ୍ସା କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ପରିବାର ପକ୍ଷରୁ ତାଙ୍କୁ ଦେବଦୂତ ସମ୍ମାନରେ ସମ୍ମାନୀତ କରି ମାନପତ୍ର, ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମାନପତ୍ରକୁ ସଦସ୍ୟ ସତ୍ୟ ନାରାୟଣ ରଥ ପାଠ କରିଥିଲେ। ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ତାଙ୍କୁ ଚିକିତ୍ସା କରାଇବାରେ ଯୋଗ ଏଟିଭର୍ସ ଓ ସିଷ୍ଟର ଗ୍ରୁପର ଭୂମିକାକୁ ନେଇ ସଞ୍ଜୟ ନିଜର ଅନୁଭୂତିକୁ ବଖାଣିଥିଲେ। ସଦସ୍ୟ ସୁଧାକର ନାୟକ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ବରିଷ୍ଠ ସଦସ୍ୟ ଅମୀୟରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏଟିଭର୍ସର ସମ୍ପାଦକ ଶିବରାମ ଚୌଧୁରୀ ସଭା ପରିଚାଳନା କରିଥିବା ବେଳେ କୋଷାଧକ୍ଷ ବିଜୟ କୁମାର ସାହୁ ଏଟିଭର୍ସ ପରିବାରର ସମସ୍ତ ସଦସ୍ୟଙ୍କୁ ନେଇ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କୁନି କୁନି ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଟିଭର୍ସ ଗ୍ରୁପର ସିଷ୍ଟର୍ସ ଓ ଟୁନି କୁନି ପିଲାଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ କିଷମର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଟିଭର୍ସଙ୍କ ସମସ୍ତ ସଦସ୍ୟଙ୍କୁ ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ମେମେଣ୍ଟୋ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଏଟିଭର୍ସର ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

# ୯ବର୍ଷ ପରେ ଜାରି ରହିଛି ସାମୁଦ୍ରିକ ମତ୍ସ୍ୟଜୀବୀ ଗଣନା: ତାଲିକାରୁ କଟିବେ ନକଲି



ଅସ୍ତରଙ୍ଗ, (ପିପିଏସ୍): ପଞ୍ଚମ ରାଷ୍ଟ୍ରୀୟ ସାମୁଦ୍ରିକ ମତ୍ସ୍ୟଜୀବୀ ଜନଗଣନା ନଭେମ୍ବର ୩ତାରିଖ ରୁ ଆରମ୍ଭ ହୋଇଛି। କରୋନା ଯୋଗୁଁ ୨୦୨୧ରେ ଏହି ସର୍ଭେ ହୋଇ ପାରି ନଥିଲା। ଦୀର୍ଘ ୯ବର୍ଷ ପରେ ପୁରୀ ଜିଲ୍ଲା ସମେତ ଅନ୍ୟ ଜିଲ୍ଲାର ସମୁଦ୍ର ତଟରେ ବାସ କରୁଥିବା ସାମୁଦ୍ରିକ ମତ୍ସ୍ୟଜୀବିଙ୍କ ସର୍ଭେକ୍ଷଣ କରାଯାଉଛି। ବଡ଼ କଥା ହେଉଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଅନେକ ମତ୍ସ୍ୟଜୀବି ଆନ୍ଧ୍ର ଓ ପ୍ରଥାରେ ଦୁଇଟି ଜାଗାରେ ରହିଥିବା ନାଁ ଏଥର ଗୋଟିଏ ଜାଗାରୁ କଟାଯିବ। ଏଭଳି ତ୍ରୁଟି ମୁକ୍ତ କରିବା ପାଇଁ ବ୍ୟାସ (ଭିଓଏନଏସ) ଭାରତ ମୋବାଇଲି ଆପ ପ୍ରସ୍ତୁତ କରାଯାଇଛି। ଆଧାର କାର୍ଡ ଆଦି ତର୍ଜମା କରି ଅନେକ ନାଁ ଜନଗଣନାରୁ କଟିବ ବୋଲି ସ୍ପଷ୍ଟ କରିଛନ୍ତି ସିଏମଏଫଆରଆଇର କୋଚିନ ବୈଜ୍ଞାନିକ ଡ଼. ଅଶ୍ୱିଥ। ଏଭଳି ନକଲି ମତ୍ସ୍ୟଜୀବିଙ୍କୁ କାଟିବା ସହ ସେମାନଙ୍କର ଶିକ୍ଷା, ବୃତ୍ତି ଓ ଉପଲବ୍ଧ ଭିତ୍ତିଭୂମି ବାବଦରେ ଅନୁଧାନ କରାଯିବ ବୋଲି ଜଣା ପଡିଛି। ୨୦୨୧ରେ ଏହି ସର୍ଭେ ଅଟକି ରହିଥିଲା। ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳବର୍ତ୍ତୀ ଗ୍ରାମରେ ମତ୍ସ୍ୟଜୀବି ବାସ କରୁଛନ୍ତି। ୩ ତାରିଖ ରୁ ଆରମ୍ଭ ହୋଇଥିବା ଏହି ଗଣନା ଏହା ଡିସେମ୍ବର ୧୮ ତାରିଖ ପର୍ଯ୍ୟନ୍ତ ସର୍ଭେକ୍ଷଣ ଚାଲିବ।ଏହି ଜନଗଣନାକୁ ସଫଳ କରିବା ନିମନ୍ତେ ଆଇସିଏଆର (ଭାରତୀୟ କୃଷି ଗବେଷଣା ପରିଷଦ) ଓ ସିଏମଏଫଆରଆଇ (ସେଣ୍ଟ୍ରାଲ ମେରାଇନ ଫିସରିଜ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ) ପକ୍ଷରୁ ୩ଦିନିଆ ତାଲିମ ନେବା ପରେ ଜନଗଣନା ରେ ସାମିଲ ହୋଇଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୭ଜଣରୁ ଉର୍ଦ୍ଧ୍ୱ ଏହି ଗଣନା କାର୍ଯ୍ୟରେ ସାମିଲ ଅଛନ୍ତି ବୋଲି ବ୍ରଜବନ୍ଧୁ ବେହେରା ସୂଚନା ଦେଇଛନ୍ତି। ୨୦୧୬ରେ ଏହି ମତ୍ସ୍ୟଜୀବି ଗଣନା ହୋଇଥିଲା। ୫ ବର୍ଷରେ ଥରେ ଏହି ଗଣନା ହେବା କଥା। କରୋନା ମହାମାରୀ ଯୋଗୁଁ ଏହା ୨୦୨୧ରେ ହୋଇ ପାରିନଥିଲା। ଏହି ସର୍ଭେକ୍ଷଣରେ ସାମୁଦ୍ରିକ ମତ୍ସ୍ୟଜୀବିଙ୍କ ପରିବାରର ଆର୍ଥିକ ସ୍ଥିତି, ସଦସ୍ୟ ସଂଖ୍ୟା, ଉପକରଣ ଡ଼ଙ୍ଗା ଓ ଅନ୍ୟାନ୍ୟ ଯାନବାହନ ଆଦିର ତଥ୍ୟ ସଂଗ୍ରହ କରାଯିବ। ପୂର୍ବରୁ ସର୍ଭେ ପରେ ଅସ୍ତରଙ୍ଗ ଅଂଚଳରେ କିଛି ମତ୍ସ୍ୟଜୀବୀ ଆନ୍ଧ୍ରରୁ ଥିବା ଅଭିଯୋଗ ହୋଇଥିଲା। ଏଥର ସର୍ଭେରେ ଉଭୟ ପଟେ ରହିଥିବା ମତ୍ସ୍ୟଜୀବିଙ୍କ ନାଁ ଗୋଟିଏ ରାଜ୍ୟରୁ କଟିବ। ଫଳରେ ମତ୍ସ୍ୟଜୀବୀଙ୍କର ଏକ ସ୍ୱଚ୍ଛ ତାଲିକା ପ୍ରକାଶ ପାଇବ। ସେମାନଙ୍କୁ ସରକାରୀ ଯୋଜନାରେ ସାମିଲ କରିବା ବା ବିଭିନ୍ନ ସମୟରେ କ୍ଷତିପୂରଣ ଦେବାରେ ଆଉ ସମସ୍ୟା ହେବ ନାହିଁ ବୋଲି କୁହାଯାଉଛି।

# ୧୩ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ, ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ



ଚାରିଛକ, (ପିପିଏସ): ନିମାପଡ଼ାର ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ନିଜ ନିର୍ବାଚନ ମଣ୍ଡଳୀ ଗସ୍ତ କରି ନିମାପଡ଼ାରେ ପର୍ଯ୍ୟଟନ ବିଭାଗ ଦ୍ୱାରା ୭୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଶିଳାନ୍ୟାସ କରିବା ସହ ଅମରେଶ୍ୱର ମନ୍ଦିର ନିକଟରେ ନିମାପଡ଼ା ଓ ଗୋପ ବ୍ଲକର ୧୨ଟି ମନ୍ଦିର ଓ ପାଠରେ ପର୍ଯ୍ୟଟନ ବିଭାଗ ଦ୍ୱାରା ୧୨କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିସହ ଉପମୁଖ୍ୟମନ୍ତ୍ରୀ ନିମାପଡ଼ା ଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ଆୟୋଜିତ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୧୨୪ ଜଣ ହିତାଧିକାରୀଙ୍କୁ ବିଭିନ୍ନ କୃଷି ଭିତ୍ତିକ ପ୍ରକଳ୍ପର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ନିମାପଡ଼ା ଠାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ସମ୍ବନ୍ଧୀୟ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହେବା ସହ ଉପମୁଖ୍ୟମନ୍ତ୍ରୀ ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ପ୍ରାଣୀସମ୍ପଦ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିଥିଲେ।

# ତୁଳସୀପୁରଠାରୁ ମାଧବ ଗଲା ତୁଳସୀ ଭାର



ଚାରିଛକ, (ପିପିଏସ): ବୁଧବାର ହେଉଛି ମାର୍ଗଶିର ମାସ ଅଷ୍ଟମୀ ତିଥି। ଯାହା ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ପୋଢ଼ୁଆ ଅଷ୍ଟମୀ ପର୍ବଭାବେ ପାଳିତ ହୋଇଥାଏ। ପରିବାର ର ଜ୍ୟେଷ୍ଠ ସନ୍ତାନମାନଙ୍କ ପାଇଁ ମାମୁଁ ଘରୁ ଆସିଥାଏ ପୋଢ଼ୁଆ ଭାର। ନବ ବସ୍ତ୍ର ସହିତ ଫଳ ମୂଳ, ପିଠା ପଣା ଆସିଥାଏ ମାମୁଁ ଘରୁ। ସେହି ପରମ୍ପରା ପ୍ରାଚୀ ଉପତ୍ୟକାର ମାଧବ ମନ୍ଦିରରେ ପ୍ରଚଳିତ ହୋଇ ଆସିଛି। ପ୍ରାଚୀ ଉପତ୍ୟକାର ମାଧବ ମନ୍ଦିର ହେଉଛି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମାମୁଁ ଘର। ପ୍ରତିବର୍ଷ ପୋଢ଼ୁଆ ଅଷ୍ଟମୀ ପୂର୍ବ ଦିନ ମାଧବ ମନ୍ଦିରରୁ ତୁଳସୀ, ଫଳ ମୂଳ, ଚନ୍ଦନ କାଠ, ପାଟ ବସ୍ତ୍ର, ଗୀତ ଗୋବିନ୍ଦ ଖଣ୍ଡୁଆ ପ୍ରଭୃତିର ଭାର ମାଧବ ମନ୍ଦିର ସେବକ, ଜଗନ୍ନାଥ ପ୍ରେମୀ, ମାଧବ ପ୍ରେମୀମାନେ ଏକ ଶୋଭାଯାତ୍ରାରେ ପୁରୀ ଶ୍ରୀକ୍ଷେତ୍ରକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ପ୍ରଦାନ କରିଥାନ୍ତି। ଏହି ଭାରରେ ଯେଉଁ ତୁଳସୀ ଯାଇଥାଏ ତାକୁ ନିମାପଡ଼ା ବ୍ଲକ ତୁଳସୀପୁର ଗ୍ରାମର ଜଗନ୍ନାଥ ପ୍ରେମୀମାନେ ମାଧବ ମନ୍ଦିରକୁ ଯୋଗାଇ ଦେଇଥାନ୍ତି। ଆଜି ତୁଳସୀପୁରର ବାବା ବୃନ୍ଦାବନ ମଠଠାରୁ ଶ୍ରଦ୍ଧାଳୁମାନେ ତୁଳସୀ, ଫଳମୂଳ ସବୁ ଭାର ରେ ନେଇ ଏକ ଶୋଭାଯାତ୍ରାରେ ମାଧବ ମନ୍ଦିରକୁ ନେଇଥିଲେ। ଜୟ ଜଗନ୍ନାଥ ଓ ଜୟ ମାଧବାନନ୍ଦ ଧ୍ୱନୀରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇ ପଡ଼ିଥିଲା। ତୁଳସୀପୁର ଗ୍ରାମରୁ ଶ୍ରୀଜଗନ୍ନାଥଙ୍କ ପାଇଁ ତୁଳସୀ ଭାର ଯିବା ପରମ୍ପରା ପୁନଃ ପ୍ରଚଳନ ହୋଇ ଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ମାଧବ ମନ୍ଦିରରୁ ଶ୍ରୀଜଗନ୍ନାଥଙ୍କ ପାଇଁ ଯାଉଥିବା ପୋଢ଼ୁଆ ଭାର ପାଇଁ ପ୍ରତିବର୍ଷ ତୁଳସୀପୁର ଅଞ୍ଚଳ ରୁ ତୁଳସୀ ଯୋଗାଇ ଦିଆଯିବ ବୋଲି ଶ୍ରଦ୍ଧାଳୁ ଭକ୍ତମାନେ ପ୍ରକାଶ କରିଛନ୍ତି। ସନ୍ତୋଷ ଦାଶ, ରଘୁ ବେହେରା, ସୁରେନ୍ଦ୍ର ଭୋଇ, ପ୍ରଶାନ୍ତ ଦେବ ଗୋସ୍ୱାମୀଙ୍କ ନେତୃତ୍ୱରେ ଏହି ତୁଳସୀ ଭାର ତୁଳସୀପୁରର ବୃନ୍ଦାବନ ବାବାଙ୍କ ମଠଠାରୁ ମାଧବର ମାଧବ ମନ୍ଦିରକୁ ପଠାଯାଇଥିଲା।

### ସାଂସଦଙ୍କ ଓକିଲ ସଂଘ କାର୍ଯ୍ୟାଳୟ ପରିଦର୍ଶନ

# ବିଭିନ୍ନ ସମସ୍ୟା ନେଇ କଲେ ଆଲୋଚନା




କେନ୍ଦ୍ରାପଡା, (ପିପିଏସ୍): କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟକୁ ପରିଦର୍ଶନ କରିବାକୁ ଆସିଥିଲେ । ସେଠାରେ ସାଂସଦଙ୍କୁ ଓକିଲ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହାପରେ କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘର ସଭାପତି ଗୋବର୍ଦ୍ଧନ ରାଉତଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଓକିଲ ସଂଘର ବିଭିନ୍ନ ସମସ୍ୟା ଆଲୋକପାତ କରିଥିଲେ । ପାଞ୍ଚଜହାର ଫୁଟର ଏକ କନ୍‌ଫରେନସ୍ ହଲ୍ ଓ 'ଇ' ଲାଇବ୍ରେରୀ, ପୁରୁଣା କୋଟରେ କାର୍ଯ୍ୟରତ ମୋହରି ଓକିଲ ଓ ମହକିଲଙ୍କ ପାଇଁ ପାନୀୟ ଜଳ, ପରିସ୍ରାଗାରା, ଶୌଚାଳୟ, ଏକ ଜେନେରେଟର ପାଇଁ ଓକିଲ ସଂଘ ପକ୍ଷରୁ ଦାବି କରାଯାଇଥିଲା । ସେଥିରେ ସାଂସଦ ସହମତି ପ୍ରକାଶ କରି ଖୁବ୍‌ଶୀଘ୍ର କରିବେ ବୋଲି ପ୍ରତିଶୃତି ଦେଇଥିଲେ । ସର୍ବ ଶେଷରେ କେନ୍ଦ୍ରାପଡା ଜନସାଧାରଣଙ୍କୁ ଦୃଷ୍ଟିରେ ରଖି ଜିଲ୍ଲା ଓକିଲ ସଂଘ କେନ୍ଦ୍ରାପଡା ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଅନୁରୋଧ କରିଥିଲେ । ଉକ୍ତ ସଭାରେ ଓକିଲ ସଂଘର ସଂପାଦକ ନୃସିଂହ ଚରଣ ରାଉତ, ସହସମ୍ପାଦକ ବିନୋଦ କୁମାର ବେହେରା, ଉପସଭାପତି ହାଡିବନ୍ଧୁ ସିଂହ, କୋଷାଧ୍ୟକ୍ଷ ବିଭୂତିଭୂଷଣ କର, ହରି ପ୍ରସାଦ କର, ରେଣୁବାଳା ସାମଲ, ମମତାମୟୀ ସାମଲ, ବରିଷ୍ଠ ଆଇନଜୀବୀ ଧ୍ରୁବଚରଣ ଜେନା, ଭୀମସେନ ଭୂୟାଁ, ସରୋଜରାଜ ସିଂହ, ଆଶୁତୋଷ ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ଆଇନଜୀବୀ ଦୁର୍ଯ୍ୟୋଧନ ସାହୁ, ନେହେରୁ କୁମାର ସାହୁ, ଭାବଗ୍ରାହୀ ପତି, ଗୌରପ୍ରସାଦ ପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ଶାନ୍ତିସ୍ୱରୂପ ଭୂୟାଁ ସମେତ ଆଇନଜୀବୀ ମତ ରଖିଥିଲେ । ସାଂସଦଙ୍କ ସହିତ ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ସଭାପତି କିଶୋର କୁମାର ପଣ୍ଡା, ସେକ୍ ସଲିମ, ପ୍ରତାପ ଚନ୍ଦ୍ର ଦାସ, ସଂଜୟ ରଥ ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦ୍ରାପଡା ଜିଲ୍ଲା ଉନ୍ନତି ସାଂସଦ ଶ୍ରୀ ପଣ୍ଡାଙ୍କ ଦ୍ୱାରା ହୋଇଥିବାରୁ ସାଂସଦଙ୍କୁ ଓକିଲ ସଂଘ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

# ନେପାଳରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଚିତ୍ର କର୍ମଶାଳାରେ କେନ୍ଦ୍ରାପଡ଼ା ଚିତ୍ରଶିଳ୍ପୀ ସମ୍ବର୍ଦ୍ଧିତ



କେନ୍ଦ୍ରାପଡ଼ା, (ପିପିଏସ): ଅନ୍ତର୍ଜାତୀୟ ଚିତ୍ରକର୍ମଶାଳା ପଡୋଶୀ ଦେଶ ନେପାଳରେ ଆୟୋଜିତ ଡ୍ରିମସ୍କେପ ନେପାଳ-୨୦୨୫ କାଠମାଣ୍ଡୁ ସ୍ଥିତ ନେପାଳ ଆର୍ଟ କାଉନସିଲ ନେପାଳ ଆର୍ଟ ଗ୍ୟାଲେରୀ ଠାରେ ଚଳିତ ମାସ ୦୪ତାରିଖ ରୁ ୦୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଆକାର ଟ୍ରେକୋର ସଂସ୍ଥା ଦ୍ୱାରା ଭାରତ, ନେପାଳ, ବାଙ୍ଗଲାଦେଶ ଓ ମରିସସରୁ ମନୋନୀତ ୧୦୦ ଜଣ ଚିତ୍ରଶିଳ୍ପୀଙ୍କ ମଧ୍ୟରେ କେନ୍ଦ୍ରାପଡ଼ାରୁ ଚିତ୍ରକଳା ଏକାଡେମୀ ଅଫ ଆର୍ଟ ଆଣ୍ଡ କଲଚର ପ୍ରତିଷ୍ଠାତା ତଥା ମହାପାଲ ହାଇସ୍କୁଲ କଳା ଶିକ୍ଷକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଭାରତୀୟ କଳା ସଂସ୍କୃତି ଓ ପ୍ରକୃତି ସୁରକ୍ଷା ବସ୍ତୁକୁ ନେଇ ଅଙ୍କିତ ଚିତ୍ର ଉଦ୍ଦେଶ୍ୟରେ ମାନେ ବହୁତ ପ୍ରଶଂସା କରିବା ସହିତ ନେପାଳରେ ଚିତ୍ର କର୍ମଶାଳାରେ ଉପସ୍ଥିତ ଥିବା ଅତିଥିମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ, ପ୍ରମାଣପତ୍ର ଓ ମାନପତ୍ର ପ୍ରତିଫଳକ ଦେଇ ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ସମ୍ମାନରେ ସମ୍ମାନିତ କରିଥିଲେ। ସୂଚନା ଯୋଗ୍ୟ ସୌମ୍ୟରଞ୍ଜନ ଏହା ପୂର୍ବରୁ ଭାରତ, ଜାପାନ, ଇଂଲଣ୍ଡ, ୟୁଏଇ, ନେପାଳରେ ଚିତ୍ର ପ୍ରଦର୍ଶନ କରି ଦେଶ ଓ ବିଦେଶରେ (୫୦୦) ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଥର ବିଭିନ୍ନ ମଞ୍ଚରେ ସମ୍ମାନିତ ହୋଇ ନିଜ ପାଇଁ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା ସହ କେନ୍ଦ୍ରାପଡା ପାଇଁ କଳା କ୍ଷେତ୍ରରେ ଗୌରବ ଆଣିଛନ୍ତି। ରାଜ୍ୟ ତଥା ଦେଶର କୋଣ ଅନୁକୋଣରେ ଥିବା ବୁଦ୍ଧିଜୀବୀ ମାନେ ସୌମ୍ୟ ରଂଜନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବର୍ତ୍ତମାନ ମିରପାଟଣା, କେନ୍ଦ୍ରାପଡ଼ା ଠାରେ ସୋମ୍ୟରଞ୍ଜନ କ୍ରୀଷ୍ଣା ଏକାଡ଼େମୀ ଅଫ ଆର୍ଟ ଆଣ୍ଡ କଲ୍ଚର ନାମରେ ଅନୁଷ୍ଠାନ ଗଢି, ଚିତ୍ରକଳା, କ୍ରାଫ୍ଟ, ସଙ୍ଗୀତ ଓ ନୃତ୍ୟ ଶିକ୍ଷା ଦେଇ ଆସୁଛନ୍ତି।

### ଅଲଫା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଏ.ଗ୍ରୁପର ପ୍ରଥମ କ୍ୱାର୍ଟର ଫାଇନାଲ ଲିଡସ୍ ଚାମ୍ପିଅନ୍

ବ୍ରହ୍ମପୁର (ପିପିଏସ୍): ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟ ପଡିଆ ଠାରେ ଅଲଫା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୩ୟ ତମ ଆଲଫା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏ. ଗ୍ରୁପର ପ୍ରଥମ କ୍ୱାର୍ଟର ଫାଇନାଲ ଜୁନିୟର କ୍ରିକେଟ କ୍ଲବ (ଜେସିସି) ବନାମ ଲିଡସ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୨୦ ଓଭର ବିଶିଷ୍ଟ ମ୍ୟାଚରେ ଜେସିସି ଦଳ ୧୭.୫ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୨୭ ରନ କରିଥିଲେ। ଦଳ ପକ୍ଷରୁ ପ୍ରଦୀପ ସାହୁ ୪୧ ବଲ ଖେଳି ୪୭ ରନ ଓ ପବିତ୍ର ମହାନ୍ତି ୧୬ ବଲ ଖେଳି ୨୩ ରନ କରିଥିଲେ। ଲିଡସ ଏକାଡେମୀ ପକ୍ଷରୁ ବୋଲିଙ୍ଗରେ କେ ଈଶ୍ୱର ପ୍ରସାଦ ୩.୫ ଓଭର ପକାଇ ୧୪ ରନ ଦେଇ ୩ ଗୋଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଲିଡସ ଏକାଡେମୀ ୧୮.୧ ଓଭର ଖେଳି ୮ ଗୋଟି ୱିକେଟ ବିନିମୟରେ ୧୩୧ ରନକରି ବିଜୟୀ ଲାଭ କଲେ। ଦଳ ପକ୍ଷରୁ କେ. ଈଶ୍ୱର ପ୍ରସାଦ ୧୬ ବଲ ଖେଳି ୨୭ ରନ ଓ ସତ୍ୟ ପ୍ରସନ ବେହେରା ୨୬ ବଲ ଖେଳି ୨୮ ରନ କରିଥିଲେ। ଜେସିସି ପକ୍ଷରୁ ବୋଲିଙ୍ଗରେ ମନୋଜ ଦାସ ୪ ଓଭର ପକାଇ ୨୨ ରନ ଦେଇ ୨ ଗୋଟି ୱିକେଟ ଓ ବାପିନି ସ୍ୱାଇଁ ୨.୧ ଓଭର ପକାଇ ୨୦ ରନ ଦେଇ ୨ ଗୋଟି ୱିକେଟ ଅକ୍ତିହାର କରିଥିଲେ। ଏହି ମ୍ୟାଚକୁ ଲିଡସ ଏକାଡେମୀ ୨ ଗୋଟି ୱିକେଟରେ ମ୍ୟାଚ ଜିତି ନେଇଥିଲେ। ଆଜିର ମ୍ୟାଚରେ ଲିଡସ ଏକାଡେମୀର କେ.ଈଶ୍ୱର ପ୍ରସାଦଙ୍କୁ ମେନ ଅଫ ଦା ମ୍ୟାଚ ଭାବେ ବିବେଚିତ ହୋଇଛନ୍ତି। ଆଜିର ମ୍ୟାଚରେ ଏମ୍ପାୟାର ଭାବେ ସୁଶାନ୍ତ ପଣ୍ଡା ଓ ନୃସିଂହ ଚରଣ ପଟ୍ଟନାୟକ ପରିଚଳନା କରିଥିବାବେଳେ ସ୍କୋରର ଭାବେ ଜଗନ୍ନାଥ ଚୌଧୁରୀ ଏବଂ ଖେଳର ସିଧା ପ୍ରସାରଣ କରିବାରେ ରୁପମ ମହାରଣା ସହଯୋଗ କରିଥିଲେ।

# ନାବାଳିକାକୁ ଅପହରଣ କରି ଯୁବକ ଗିରଫ

ଓଡ଼ଗାଁ, (ପିପିଏସ): ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ବାହାଡ଼ାଝୋଲା ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରିବା ଘଟଣାରେ ପୁଲିସ ଯୁବକକୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ହରିପୁର ପଞ୍ଚାୟତ ଭାଟସାହି ଜୟପୁର ଗ୍ରାମର ତ୍ରିନାଥ ବେହେରା (୨୫) ଜଣେ ନାବାଳିକାକୁ ଜୁଲାଇ ମାସ ୨୬ ତାରିଖରୁ ଆପହରଣ କରି ନେଇଥିବା ପରିବାର ଲୋକେ ଓଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ରାତିରେ ଭୁବନେଶ୍ୱର ପଟିଆ ଅଞ୍ଚଳରେ ଚଢଉକରି ପୁଲିସ ତ୍ରିନାଥକୁ ଗିରଫ କରିବା ସହିତ ନାବାଳିକାକୁ ଉଦ୍ଧାର କରିଥିଲା। ନାବାଳିକାକୁ ଅପହରଣ କରିବା ଅଭିଯୋଗରେ ପୁଲିସ ତ୍ରିନାଥକୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ଲାୟନ୍ସ କ୍ଲବ୍ ବ୍ରହ୍ମପୁର ଗୋଲ୍ଡ, ଶାନ୍ତି ପୋଷ୍ଟର ପ୍ରତିଯୋଗିତା

ବ୍ରହ୍ମପୁର, (ପିପିଏସ୍): ବିଶ୍ୱର ସର୍ବବୃହତ ସେବା ସଂଗଠନ ଲାୟନ୍ସ ଇଣ୍ଟରନ୍ୟାସନାଲ୍ ର ଅଂଶ ଭାବରେ ଲାୟନ୍ସ କ୍ଲବ୍ ଅଫ୍ ବ୍ରହ୍ମପୁର ଗୋଲ୍ଡ, ସୁରଙ୍ଗିର ପିଏମ୍ ଶ୍ରୀ ସ୍କୁଲ- ଜବାହାର ନବୋଦୟ ବିଦ୍ୟାଳୟରେ 'ଏକ ଭାବରେ ଏକାଠି' ଥିମ୍ ଉପରେ ଶାନ୍ତି ପୋଷ୍ଟର ପ୍ରତିଯୋଗିତା ଆୟୋଜନ କରିଥିଲା।

ଏହି କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ଶ୍ରୀ ଜୟରାମ ନାୟକ, ଉପାଧକ୍ଷ ଶ୍ରୀ ସଞ୍ଜୟ କୁମାର ଜେନା ଏବଂ ଟିଜିଟି (କଳା) ଶ୍ରୀ ବିଜୟ କୁମାର ନାୟକଙ୍କ ମାର୍ଗଦର୍ଶନରେ ଏବଂ ଆଇନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ତ୍ରିଲୋଚନ ଲେଙ୍କାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ୧୧ ରୁ ୧୩ ବର୍ଷ ବୟସର ମୋଟ ୯୧ ଜଣ ଛାତ୍ରଛାତ୍ରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ।

ବିଜେତାମାନେ ଥିଲେ: ସାଇରନ ସାହୁ (ଶ୍ରେଣୀ ୮) – ପ୍ରଥମ, ହରିଓମ ଗୌଡା (ଶ୍ରେଣୀ ୮) – ଦ୍ୱିତୀୟ, ଆର୍ଯ୍ୟାନ୍ମାନ ବେହେରା (ଶ୍ରେଣୀ ୭) – ତୃତୀୟ। ସେହିପରି, ନାରାୟଣପୁରର ମା ସରସ୍ୱତୀ ବିଦ୍ୟା ମନ୍ଦିରରେ ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ସୁନିତା କୁମାରୀ ସେଠୀଙ୍କ ନେତୃତ୍ୱରେ ଏବଂ ଶ୍ରୀ ତପନ କୁମାର ପଣ୍ଡା ଏବଂ ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ବେହେରାଙ୍କ ଦ୍ୱାରା ବିଚାରକ ଭାବରେ ଶାନ୍ତି ପୋଷ୍ଟର ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ପ୍ରଧାନ ଆଚାର୍ଯ୍ୟ ଶ୍ରୀ ବିଜୟ କୁମାର ବେହେରା ଏବଂ ସଚିବ ଶ୍ରୀମତୀ ବି. ସୁମିତ୍ରା ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ଏବଂ ଲାୟନ୍ସ କ୍ଲବ ବ୍ରହ୍ମପୁର ଗୋଲ୍ଡର ଲାୟନ ଡିଲେସୁ ରେଡ୍ଡୀଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା।

ସ୍କୁଲର ବିଜେତାମାନେ ଥିଲେ: ହରପ୍ରିୟା ପୋଲାଇ (ଶ୍ରେଣୀ ୮) – ପ୍ରଥମ, ଅନିତା ସାହୁ (ଶ୍ରେଣୀ ୮) – ଦ୍ୱିତୀୟ, ସ୍ନେହା ଦାସ (ଶ୍ରେଣୀ ୮) ଏବଂ ନିହାରିକା ସାହୁ (ଶ୍ରେଣୀ ୬) – ତୃତୀୟ (ଯୁଗ୍ମ)।

ମୁଖ୍ୟ ଶିକ୍ଷକ ଶ୍ରୀ ବିଷ୍ଣୁ ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ଏବଂ ଶ୍ରୀ ଶିବ ପ୍ରସାଦ ସାହୁଙ୍କ ସଂଯୋଜନାରେ ଟଙ୍ଗନାପାଲିର ନୀଳକଣ୍ଠେଶ୍ୱର ନୋଡାଲ ବିଦ୍ୟା ପିଠରେ ଆଉ ଏକ ରାଉଣ୍ଡ ଅନୁଷ୍ଠିତ ହୋଇଥିଲା। ୨୩ ଜଣ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ଆରୋହୀ ସେଠି (ଶ୍ରେଣୀ ଷଷ୍ଠ), ପଙ୍କଜ ସେଠି (ଶ୍ରେଣୀ ଷଷ୍ଠ) ଏବଂ ସୁଜାତା ଶତପଥୀ (ଶ୍ରେଣୀ ଷଷ୍ଠ) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ପାଇଥିଲେ। ଲାୟନ୍ସ କ୍ଲବ ବ୍ରହ୍ମପୁର ଗୋଲ୍ଡର ସଭାପତି ଏବଂ ଆନ୍ତର୍ଜାତୀୟ ଶାନ୍ତି ପୋଷ୍ଟର ପ୍ରତିଯୋଗିତାର ଅଧକ୍ଷ ଲାୟନ ଲୋକନାଥ ପାତ୍ର କହିଛନ୍ତି ଯେ ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତା – ପ୍ରତିବର୍ଷ ପ୍ରାୟ ୨୦୦ ଦେଶରେ ଅନୁଷ୍ଠିତ ହୁଏ ଏବଂ ବିଶ୍ୱର ଛଅ ଲକ୍ଷରୁ ଅଧିକ ପିଲା ଅଂଶଗ୍ରହଣ କରନ୍ତି – ଛାତ୍ରଛାତ୍ରୀମାନଙ୍କୁ କଳା ମାଧ୍ୟମରେ ଶାନ୍ତି, ସଦ୍ଭାବ ଏବଂ ଏକତାର ଧାରଣା ପ୍ରକାଶ କରିବାକୁ ଉତ୍ସାହିତ କରେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏପରି ପଦକ୍ଷେପ ବିଶ୍ୱର ଯୁବପିଢ଼ିଙ୍କ ମଧ୍ୟରେ ବୁଝାମଣା ଏବଂ ଏକତାକୁ ପ୍ରୋତ୍ସାହିତ କରେ।

### ମହିଳାଙ୍କର ଆର୍ଥିକ ସ୍ଥିତିରେ ସୁଧାର ପାଇଁ ଓ ମାଇକ୍ରୋଫାଇନାନ୍ସ ସଂସ୍ଥାର ଶୋଷଣ ବିରୋଧରେ

# ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



ଭଦ୍ରକ, (ପିପିଏସ୍): ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ମହିଳାମାନଙ୍କର ଆର୍ଥିକ ସ୍ଥିତିର ସୁଧାର ଓ ମାଇକ୍ରୋ ଫାଇନାନ୍ସ ସଂସ୍ଥା କୁ ନିୟନ୍ତ୍ରଣ କରିବା ପାଇଁ ସମଗ୍ର ରାଜ୍ୟରେ ଦସ୍ତଖତ ଅଭିଯାନ ଚାଲି ଥିଲା। ମୁଖ୍ୟ କଥା ହେଲା ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ନୂତନ ନୀତି ଗୁଡ଼ିକ ମହିଳା ମାନଙ୍କୁ ସିଧା ସଳଖ ଲୁଟ କରିବା ପାଇଁ ଅର୍ଥ ଲଗାଣ କାରୀ ସଂସ୍ଥା କୁ ପ୍ରୋତ୍ସହିତ କରୁଛି। ପ୍ରଚଳିତ ସୁଧ ହାର କୁ ପ୍ରବଳ ମାତ୍ରାରେ ବୃଦ୍ଧି କରା ଯାଇଛି,ଯାହା ଦ୍ୱାରା କି ଜାତୀୟ ବ୍ୟାଙ୍କ ଗୁଡ଼ିକ କ୍ଷୁଦ୍ର ଋଣ ଦେବା କଥା, ସେମାନେ ଋଣ ଦେଉ ନାହାଁନ୍ତି। ସେହି ଜାତୀୟ ବ୍ୟାଙ୍କ ମାନେ ବେ ସରକାରୀ ସଂସ୍ଥା ଯଥା ମାଇକ୍ରୋ ଫାଇନାନ୍ସ ସଂସ୍ଥା ମାନଙ୍କୁ ଅଗ୍ରାଧିକାର ତାଲିକାରେ ସାମିଲ କରି ଶହ ଶହ କୋଟି ଟଙ୍କା ଋଣ ଦେଇଛନ୍ତି। ଏହି ସଂସ୍ଥାମାନେ ନିଜ ଇଚ୍ଛାରେ ସୁଧ ହାର ଠିକ୍ କରିବା ସହିତ ଗରିବ ଲୋକ ଙ୍କ ଠାରୁ ଚଡ଼ା ସୁଧ ଆଦାୟ କରୁଛନ୍ତି। ଏଥିରେ ବିଶେଷ ଭାବରେ ମହିଳା ମାନେ ପ୍ରଭାବିତ ହେଉଛନ୍ତି। ଏପରିକି ୧ରୁ ଅଧିକ ଋଣ କରି ମହିଳା ମାନେ ଋଣ ଯନ୍ତାରେ ପଡିଯାଇଛନ୍ତି। ଗରିବ, କୃଷକ ଓ ମହିଳାମାନଙ୍କୁ ମୋହ ଗ୍ରସ୍ତ କରାଇ ବ୍ୟକ୍ତିଗତ ଓ ସାମୂହିକ ଋଣ ଦେଇ ସେମାନଙ୍କ ଠାରୁ ପ୍ରସେସିଂ ଫି,ବିମା ଫି, ଇତ୍ୟାଦି ବାର୍ଷିକ ଅଧିକ ଚଢ଼ା ସୁଧ ହାରରେ ଲୁଟ କରାଯାଉଛି।

ସେଥିପାଇଁ ଆମ ରାଜ୍ୟରେ ଏହା ବିରୁଦ୍ଧରେ ଦସ୍ତଖତ ଅଭିଯାନ ଚାଲି ଥିଲା,ଆମ ଭଦ୍ରକ ଜିଲ୍ଲାରେ ୨୦୦୦ରୁ ଉର୍ଦ୍ଧ୍ୱ ଦସ୍ତଖତ କରାଯାଇ, ୮ଦଫା ଦାବି ସହିତ ଏହି ଦସ୍ତଖତ କରାଯାଇ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ୮ଦଫା ଦାବି ସମୂହ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ସରଳ ପଦ୍ଧତିରେ ସମସ୍ତ ସରକାରୀ ବ୍ୟାଙ୍କ ଦ୍ୱାରା ବିନା ସୁଧରେ ଋଣ ଯୋଗାଇ ଦିଆଯିବା, ସ୍ୱୟଂସହାୟକ ଗୋଷ୍ଠୀ ର ମହିଳାମାନଙ୍କ ଋଣ ପାଇଁ ଅଗ୍ରାଧିକାର ଦେବା ସହିତ ପ୍ରତି ବ୍ୟାଙ୍କରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା, ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ସିଭିଲକୁ ବାଧ ତା ମୂଳକ କରାନଯିବା, କୋଭିଡ ସମୟରେ ନିଆ ଯାଇଥିବା କିସ୍ତି ଓ ଜୋରିମାନାକୁ ଫେରସ୍ତ କରାଯିବା, ମାଇକ୍ରୋ ଫାଇନାନ୍ସ ସମେତ ବେସରକାରୀ ସଂସ୍ଥା ଦ୍ୱାରା ପ୍ରଦାନ କରା ଯାଇଥିବା ଋଣ ୧୨ ପ୍ରତିଶତରେ ସୀମିତ କରାଯିବା, ମାଇକ୍ରୋ ଫାଇନାନ୍ସ ସଂସ୍ଥାମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଆଇନ ପ୍ରଣୟ ନ କରାଯିବା, ମାଇକ୍ରୋ ଫାଇନାନ୍ସ ସଂସ୍ଥା ଦ୍ୱାରା ମହିଳାମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା ଓ ଅଭିଯୋଗଗୁଡ଼ିକର ସମାଧାନ ନିମନ୍ତେ ପ୍ରତି ବ୍ଲକରେ ସ୍ୱତନ୍ତ୍ର ଅଭିଯୋଗ ନିବାରଣ ପ୍ରକୋଷ୍ଟ ଗଠନ କରାଯିବା, ରାଜ୍ୟ ସରକାରଙ୍କ ମହିଳା ଶିଶୁ ବିକାଶ ବିଭାଗ ତରଫରୁ ମାଇକ୍ରୋ ଫାଇନାନ୍ସର ଶୋଷଣ ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ ସହିତ ସେମାନଙ୍କୁ ମାଗଣା ସେବା ଯୋଗାଇ ଦିଆଯିବାର ଦାବି ରହିଛି। ଆଗାମୀ ଡିସେମ୍ବର ୧୯ ତାରିଖରେ ଭୁବନେଶ୍ୱରରେ ରିଜର୍ଭ ବ୍ୟାଙ୍କ ଆଗରେ ବିକ୍ଷୋଭ କରାଯିବ,ଭଦ୍ରକ ଜିଲ୍ଲାରୁ ବହୁ ସଂଖ୍ୟାରେ ମହିଳା ଯୋଗଦେବା ପାଇଁ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ରାଜ୍ୟ ସମ୍ପାଦିକା ସୁରଜୀତା ନାୟକ, ଜିଲ୍ଲା ସଭାପତି ମମତା ଜେନା, ଜିଲ୍ଲା ସମ୍ପାଦିକା ପ୍ରଭାତୀ ଜେନା, ସୀତା ରାଣୀ ଦାଶ, ରୋଜାଲିନ ସାମ୍ୟବାଦୀ, ସଂଯୁକ୍ତ ଯାଦବ, ଶାନ୍ତିଲତା ବାରିକ, ପ୍ରତିମା ସ୍ୱାଇଁ, ଶାନ୍ତିଲତା ନାୟକ, ଜାନକୀ ସେଠୀ, ପୂର୍ଣ୍ଣିମା ଜେନା, ବର୍ଷା ରାଣୀ ନାୟକ, ସୁମତୀ ସ୍ୱାଇଁ, ବର୍ଷା ରାଣୀ ରାଉଳ ପ୍ରମୁଖ ଆହ୍ୱାନ ଦେଇଛନ୍ତି।

# ବ୍ରିଜ୍ ନିକଟରେ ଟଙ୍କା ଲୁଟ୍ ଘଟଣା, ୩ ଗିରଫ

ଜୟପୁର, (ହି.ସ.): କୋରାପୁଟ ଜିଲ୍ଲା କୁନ୍ଦୁରା ପୁଲିସକୁ ମିଳିଛି ବଡ଼ ସଫଳତା । ଖଟଲାପଦର ବ୍ରିଜ ନିକଟରେ ଟଙ୍କା ଲୁଟ୍ ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତଙ୍କୁ ଜୟପୁର କୋର୍ଟ ଚଲାଣ କରାଯାଇଛି ବୋଲି କୁନ୍ଦୁରା ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗିରଫ ୩ ଅଭିଯୁକ୍ତ ଜୟପୁର ସଦର ଥାନା ଅନ୍ତର୍ଗତ ବାଲିଆ ଗାଁ ର ଅଜୟ ହରିଜନ (୩୧) ଓ ନୀଳାଗୁଡାର ରାମକଣ୍ଠ ହରିଜନ (୨୨) ଏବଂ ଜୟପୁର ଟାଉନ ଥାନା ଅନ୍ତର୍ଗତ କ୍ରିଷ୍ଟିଆନ ସାହିର ସୁମିତ ସାହିଲ ନାୟକ (୨୩)। ଅଭିଯୁକ୍ତଙ୍କ ଠାରୁ ଲୁହା ଖଣ୍ଡା, ଟାଙ୍ଗିଆ, ମାରଣାସ୍ତ୍ର, ନଗଦ ୨୦ ହଜାର ଟଙ୍କା , ୬ଟି ବାଇକ,୪ଟି ମବାଇଲ ଜବତ ହଇଛି କ୍ଷ ସୂଚନା ଥାଉକି, ଗତ ୨୯-୧୦-୨୫ ତାରିଖ ଦିନ କୁନ୍ଦୁରା ଥାନା ଅନ୍ତର୍ଗତ ଖଟଲାପଦର ବ୍ରିଜ ଉପରେ ଟଙ୍କା ଲୁଟର ଶିକାର ହୋଇଥିଲେ କିଛି କୋଟପାଡ଼ ଅଂଚଳର ବ୍ୟବସାୟୀ କ୍ଷ ବ୍ୟବସାୟୀ ଦେବାଶିଷ ପଟ୍ଟନାୟକ ଏବଂ ତାଙ୍କ ସାଥିଙ୍କ ଠାରୁ ୬ ଲକ୍ଷ ଟଙ୍କା ଲୁଟି ନେଇଥିଲେ ୬ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ । ବାଇକରେ ଆସି ରାସ୍ତା ମଝିରେ କାର୍ କୁ ଅଟକାଇ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଦେଖାଇ କାର୍ ରେ ଥିବା ଟଙ୍କା ଲୁଟି ନେଇ ଥିବା କୁନ୍ଦୁରା ଥାନାରେ ଅଭିଯୋଗ ହୋଇଥିଲା କ୍ଷ ପୋଲିସ ତଦନ୍ତ ଆରମ୍ଭ କରିଥିଲା କିନ୍ତୁ ଟେର ପାଉନଥିଲା। ଠିକ ସେହି ସମୟରେ ପ୍ରତ୍ୟେକ୍ଷଦର୍ସି ଲୁଟର ଲାଇଭ ଭିଡିଓ ନିଜ ମୋବାଇଲରେ ସୁଟ କରିଥିଲେ । ସେ ଭିଡିଓ କିଛି ଦିନ ପୂର୍ବେ କୁନ୍ଦୁରା ଅଂଚଳରେ ସାମାଜିକ ଗଣ ମାଧ୍ୟମରେ ଭାଇରଲ ମଧ୍ୟ ହୋଇଥିଲା କ୍ଷ ସେପଟେ କୁନ୍ଦୁରା ଥାନା ଅଧିକାରୀଙ୍କ ସମତ କର୍ମଚାରୀ ଆର ପି ପ୍ରଧାନ ଏବଂ ଚାରି ଜଣ ଏପିଆର କାନଷ୍ଟେବଲ କୁ ନେଇ ୬ ଜଣିଆ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତକୁ ଜୋର କରିଥିଲେ କ୍ଷ ଆଉ ଆଜି ଅଭିଯୁକ୍ତ ମଧ୍ୟରୁ ୩ ଦୁର୍ବୃତ୍ତଙ୍କୁ ଗିରଫ କରି ଥାନା କେସ ନମ୍ବର ୧୩୪/୨୫ ଅନୁଯାଇ ଜୟପୁର କୋର୍ଟ ଚଲାଣ କରାଯାଇଛି ।

# ବିଜ୍ଞାନ ମେଳା

କେନ୍ଦୁଝର: ଘସିପୁରା ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବଳରାମପୁରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅନୀଲ କୁମାର ନାୟକ ଏହାକୁ ଉଦଘାଟନ ଜେନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପୀ ଦାସ ଏବଂ ଚିନ୍ତାମଣି ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷୟତ୍ରୀ ଚିନ୍ମୟୀ ସେଠୀ ଓ ଶିକ୍ଷକ ବାବୁଲାଲ ନାୟକଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ ମେଳାର ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନିବେଦିତା ଦାସ, ସୁପ୍ରିୟା ଚକ୍ର, ପ୍ରମିଳା ସେଠୀ, ସୁଷମା ଜେ ମାନସୀ ସାହୁ, ସୁବ୍ରତ ସାହୁ, ନାଗଭୂଷଣ ରାଉତ, ସୁଭଦ୍ରା ନାୟକ, ଆଶିଷ ସାହୁ, ରଶ୍ମି ବେହେରା ଓ ରସୋନ ସାହୁ ସହଯୋଗ କରିଥିଲେ।

# ପାଟଣେଶ୍ୱରୀ ମନ୍ଦିରର ୧୫୦ବର୍ଷ ପୂର୍ତ୍ତି ମହୋତ୍ସବ

# ଉନ୍ନତିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଦାବି



ବଲାଙ୍ଗିର, (ପିପିଏସ୍) : ପାଟଣା ରାଜ୍ୟର ଇଷ୍ଟଦେବୀ ମା' ପାଟଣେଶ୍ୱରୀ ମନ୍ଦିର ପୀଠକୁ ୧୮୭୨ ମସିହାରୁ ୨୦୨୫କୁ ୧୫୦ ବର୍ଷ ପୂର୍ତ୍ତି ହୋଇଛି । ଏହି ଅବସରରେ ବଲାଙ୍ଗିର ଜିଲ୍ଲାର ଦେବାଳୟ ଐତିହ୍ୟ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ଆଗାମୀ ଜାନୁୟାରୀ ପହିଲା ସପ୍ତାହରେ ପାଟଣେଶ୍ୱରୀ ମହୋତ୍ସବ ଆୟୋଜନ ପାଇଁ ଉପ-ଜିଲ୍ଲାପାଳ ତଥା ଦେବୋତ୍ତର ବିଭାଗକୁ ସୂଚନା ପ୍ରଦାନ କରିଛି । ଗତ ୨୦୨୩ ମସିହାରେ ଉନ୍ନତିକରଣ ପାଇଁ ୧କୋଟି ୧୨ଲକ୍ଷ ଟଙ୍କାରେ ସୌନ୍ଦର୍ଯ୍ୟକରଣ ପାଇଁ ମା' ପାଟଣେଶ୍ୱରୀ ମନ୍ଦିର କାର୍ଯ୍ୟ ଆରମ୍ଭ ହୋଇଥିଲା । ହେଲେ ୩ବର୍ଷରୁ ଉର୍ଦ୍ଧ୍ୱ ହୋଇଗଲାଣି ଏଯାଏଁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଏହି ଅବସରରେ ବଲାଙ୍ଗିର ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କୁ ଦେବାଳୟ ସୁରକ୍ଷା କମିଟି ୪ ଗୋଟି ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଛି । ଜାନୁୟାରୀ ମାସରେ ମହୋତ୍ସବ ଆୟୋଜନ ହେବା ହେତୁ ମନ୍ଦିର ଉନ୍ନତିକରଣ ତ୍ୱରାନ୍ୱିତ କରିବା ପାଇଁ ଏବଂ ମା' ପାଟଣେଶ୍ୱରୀ ମନ୍ଦିରର ଗମ୍ଭିରାଘର, ପରଭା ରୂପା କିମ୍ବା ପିତଳ ଛାଉଣି ଲଗାଇବା ପାଇଁ ଦାବିରେ ଉଲ୍ଲେଖ ରହିଛି। ୧୫୦ ବର୍ଷ ପୂର୍ତ୍ତି ଅବସରରେ ପାଟଣା ରାଜ୍ୟର ଇଷ୍ଟଦେବୀ ମା' ପାଟଣେଶ୍ୱରୀ ମନ୍ଦିରକୁ ପର୍ଯ୍ୟଟନ ମାନ୍ୟତା ସହ ପାଟଣେଶ୍ୱରୀ ମହୋତ୍ସବ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଇବା ପାଇଁ ଦାବି କରାଯାଇଛି। କମିଟିର ସଭାପତି ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର ଆଗାମୀ ଦିନରେ ମହୋତ୍ସବ ପାଇଁ ବିଭିନ୍ନ ଯୋଜନା ଓ ବଲାଙ୍ଗିର ର ବୁଦ୍ଧିଜିବିଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ହେବ। ରାଜ୍ୟର ମହାମହିମ ରାଜ୍ୟପାଳ ଏବଂ ରାଜ୍ୟର ବିଭିନ୍ନ ନେତା ମନ୍ତ୍ରୀଗଣ ଉତ୍ସବରେ ନିମନ୍ତ୍ରିତ କରାଯିବ ବୋଲି ଏହି ଅବସରରେ କମିଟି ନିଷ୍ପତ୍ତି ଅନୁଯାୟୀ ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି।

# ଖାଇବାତେଲ ଟିଣ ଚୋରି ଘଟଣା, ୨ ଗିରଫ

# ୧୫୦ଟିଣ ତେଲ,ନଗଦ ଟଙ୍କା ଓ ଗାଡ଼ି ଜବତ



ବଲାଙ୍ଗିର,(ପିପିଏସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ଚଟୁଆନକା ଗାଁ ପ୍ରହରି ମଣ୍ଡପ ଠାରେ ବ୍ୟବସାୟୀ ମୁକେଶ ଜୈନ ଏକ ଗୋଦାମ କରି ତେଲ ଗଚ୍ଛିତ ରଖିଥିଲେ। ଗତ ୬ ତାରିଖ କିଛି ଚୋର ଏକ ଗାଡ଼ି ଦ୍ୱାରା ଗୋଦାମରୁ ଖାଇବା ତେଲଟିଣ ଚୋରି କରି ଫେରାର ହୋଇଯାଇଥିଲେ। ଏନେଇ ଶ୍ରୀ ଜୈନ କଣ୍ଟାବାଞ୍ଜି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୁଲିସ ତଦନ୍ତ ଜାରି ରଖିଛି। ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣଙ୍କ ନେତୃତ୍ୱରେ ଇନ୍ସପେକ୍ଟର ପୂର୍ଣ୍ଣିମା ଓରାମ, ଏସ୍ଆଇ ଇଶ୍ୱର ଚନ୍ଦ୍ର ମାଝୀ, ଜିତେନ୍ଦ୍ର ଖୁରା, ଏବଂ ସୁରେନ୍ଦ୍ର, ଚରଣ ଛତରକୁ ନେଇ ଏକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ତେବେ ଗୋପନିୟ ସୂତ୍ରରୁ ଖବରପାଇ ଦେଓଗାଁ ବ୍ଲକ ବନ୍ଧପଡା ପାର୍ଶ୍ୱ ନିକଟରେ ଥିବା ଦୁଗେରପିଟା ଗାଁରେ ସକାଳୁ ପୁଲିସ ଟିମ୍ ଚଢ଼ଉ କରିଥିଲେ। ଏହି ଚଢ଼ଉବେଳେ ସେଠାରୁ ୧୫୦ ଟିଣତେଲ ଜବତ କରିବା ସହ ଚୋରି ଘଟଣାରେ ସଂପୃକ୍ତ ମାଷ୍ଟରମାଇଣ୍ଡ ଚଟୁଆନକା ଗାଁର ଅବତାର ପୁଟେଲ (୨୩) ଓ ବେଲପଡ଼ା ଥାନା ଅନ୍ତର୍ଗତ ଲଥାକେନ୍ଦ ଗାଁର ସନ୍ତୋଷ ପୁଞ୍ଜି (୩୫)କୁ ଗିରଫ କରାଯାଇଛି । ସୂଚନା ମୁତାବକ, କିଛି ଦିନ ପୂର୍ବରୁ କଣ୍ଟାବାଞ୍ଜି ଅଞ୍ଚଳରୁ ପ୍ରାୟ ୧୫୦ ତେଲ ଟିଣ ଡବା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଗତ ରାତିରେ କଣ୍ଟାବାଞ୍ଜି ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଦେଓଗାଁ ବ୍ଲକ ଦୁଗେରପିଟା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଚଢ଼ଉ କରିଥିଲେ, ଯେଉଁଠାରେ ଚୋରି ତେଲ ଟିଣଗୁଡ଼ିକୁ ଲୁଚାଇ ରଖାଯାଇଥିଲା। ପୋଲିସ୍ ଚୋରି ହୋଇଥିବା ସମସ୍ତ ୧୫୦ ଟି ତେଲ ଟିଣଡବା ସହ ସେହି ଗାଡ଼ିକୁ ମଧ୍ୟ ଜବତ କରିଛି। ସେଠାରୁ ୧୫୦ ଟିଣ ତେଲ, ନଗଦ ୧ ଲକ୍ଷ ୫୦ ହଜାର ଟଙ୍କା ଏବଂ ଏକ ପିକ୍ଅପ୍ ଗାଡ଼ି (ଓଡି ୦୮ଡି - ୪୬୪୭)କୁ ଜବତ କରିଛି। ଏଥିରେ ସଂପୃକ୍ତ ଥିବା ଅନ୍ୟ ଦୁଇ ଜଣ ଚୋରକୁ ମଧ୍ୟ ପୁଲିସ ଟିମ୍ ଖୋଜାଖୋଜି କରୁଥିବା ଜଣାପଡ଼ିଛି। ଏହିଭଳି ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ପୁଲିସ ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ କହିଛନ୍ତି। ଦୁଗେରପିଟାରୁ ଚୋରିତେଲ ଶେଷ ଧରାପଡ଼ିବା ପରେ ଏବେ ଏହା ଅସଲି ତେଲ ନା ନକଲି ତେଲ ତାକୁ ନେଇ ସାଧାରଣରେ ଜୋରଦାର ଚର୍ଚ୍ଚା ଚାଲିଛି। କଣ୍ଟାବାଞ୍ଜି ଅଞ୍ଚଳର ଜଣେ ବ୍ୟବସାୟୀ ଲୋକାଲ ବ୍ରାଣ୍ଡର ନକଲି ତେଲ ତିଆରି କରି ବିନା କାଗଜପତ୍ରରେ ଜିଲ୍ଲାର ବିଭିନ୍ନ ସ୍ଥାନକୁ ପରିବହନ କରୁଥିବା ନେଇ ଆଲୋଚନା ହେଉଛି। ପୋଲିସ୍ ଏହିଦିଗରେ ଅଧିକ ଖୋଳତାଡ଼ କଲେ ନକଲିତେଲ ବ୍ୟବସାୟର ରହସ୍ୟ ପଦାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇ ଦାବି କରାଯାଉଛି।

**ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଖୋଜୁଛି ପୁଲିସ୍**

# ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ ରାମଲାଲାଙ୍କୁ ସ୍ୱାଗତ

ବଲାଙ୍ଗିର: ସୁଡପଡା ଠାରେ ଭବ୍ୟ ରାମ ଲାଲା ହନୁମାନ ମନ୍ଦିର ପ୍ରତିଷ୍ଠା ପୂର୍ବରୁ ସ୍ଥାନୀୟ ପ୍ରଭଞ୍ଜନ ବ୍ଲକ ଛକ ରୁ ଆସୁଥିବା ରାମ ଲାଲାଙ୍କ ମୂର୍ତ୍ତିକୁ ଭବ୍ୟ ସ୍ୱାଗତ କରି ଆଧାତ୍ମିକ ଶୋଭାଯାତ୍ରା ରେ ଘଣ୍ଟ ଶଙ୍ଖ କୀର୍ତ୍ତନ ସହିତ ସ୍ୱବ ପଦା କୁ ମନ୍ଦିରକୁ ଅଣାଯାଇଛି। ଆଗାମୀ ୧୨ ତାରିଖ ଠାରୁ ଆରମ୍ଭହୋଇ ୧୭ ନଭେମ୍ବର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମରେ ମନ୍ଦିର ପ୍ରତିଷ୍ଠା କରି ଶ୍ରୀ ରାମ ଲାଲା ଙ୍କୁ ପ୍ରତିଷ୍ଠା କରି ଜୀବନ୍ୟାସ ବିଧାନ। ଅଯୋଧ୍ୟା ରାମ ଲାଲା ଙ୍କ ଅବିକଳ ମୂର୍ତ୍ତି ଏଠାରେ ପ୍ରତିଷ୍ଠା ହେବାକୁ ଯାଉଛି। ସୁଡପଡ଼ା ମନ୍ଦିର ପ୍ରତିଷ୍ଠା କମିଟି ପକ୍ଷ୍ୟରୁ ଭକ୍ତ ମାନଙ୍କୁ ସ୍ୱାଗତ କରି ସମସ୍ତ କାର୍ଯ୍ୟକ୍ରମ ରେ ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇଛି।

# ମଣ୍ଡି ଖୋଲିବାରେ ବିଳମ୍ବ

# କୃଷକ ସଂଗଠନ ପକ୍ଷରୁ ତୀବ୍ର ଅସନ୍ତୋଷ

ସମ୍ବଲପୁର, (ହି.ସ.): ନଭେମ୍ବର ଦ୍ୱିତୀୟ ସପ୍ତାହରେ ଖରିଫ ଧାନ କ୍ରୟକୁ ନେଇ ରାଜ୍ୟ ସରକାର ଓ ପ୍ରଶାସନର ନୀରବତା ଚାଷୀ ସମୁଦାୟଙ୍କୁ ବ୍ୟସ୍ତ ବିବ୍ରତ କରିଛି ବୋଲି ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ତରଫରୁ କୁହାଯାଇଛି। ଚଳିତ ଖରିଫରେ ମୌସୁମୀ ଅନ୍ୟ ବର୍ଷ ତୁଳନା ରେ ଆଗରୁ ଆସିଥିବାରୁ ଚାଷ ବି ଆଗରୁ ହେଉଥିଲା। ସେଇ କାରଣରୁ ଉଭୟ ଜଳସେଚିତ ଓ ଅଣଜଳସେଚିତ ଅଂଚଳରେ ଅଗ୍ରୁଦିନିଆ ଓ ମଧ୍ୟମକାଳୀନ ଧାନ ଅମଳ ଜୋରସୋର ରେ ଚାଲିଛି। ଛୋଟ ଧାନ ପ୍ରାୟ ଅମଳ ସରିବା ଉପରେ। ଚାଷୀ ପାଖରେ ଉଣ୍ଡାରଣ ର ସୁବିଧା ନାହିଁ। ଲଘୁଚାପ ଜନିତ ବର୍ଷାର ଆଶଙ୍କା ଥିବାରୁ ଖରିଫ ଧାନ କିଣାର ପ୍ରକ୍ରିୟା ନେଇ ଜିଲ୍ଲା ଧାନ କ୍ରୟ ସମିତି ର ବୈଠକ ନହେବା ଚିନ୍ତା ର ବିଷୟ ବୋଲି ସଂଗଠନର ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି। ଧାନ କିଣା କୁ ବିଳମ୍ବିତ କରି ଚାଷୀଙ୍କୁ ମଣ୍ଡି ବାହାରେ ଧାନ ବିକିବାକୁ ବାଧ୍ୟ କରାଯାଉଛି ଯାହା ଏକ ବଡ ଫାଙ୍କିବାଜି ଚାଷୀଙ୍କ ଜନପୁଟ ଅର୍ଥ ରୁ ବଂଚିତ କରିବା ସହ ଅଭାବୀ ବିକ୍ରି କରିବା ସ୍ଥିତି ରେ ପକାଉଛି। ଚାଷୀ ଆଶଙ୍କା କରୁଛନ୍ତି ଯେ ମଣ୍ଡି ଖୋଲିବା ବେଳକୁ ନଭେମ୍ବର ଶେଷ ସପ୍ତାହ ହେଇଯିବ ଓ ବହୁ ଚାଷୀ ଜନପୁଟ ଅର୍ଥ ବିନା ବିକିବାକୁ ବାଧ୍ୟ ହେବା ସହ ଘୋର ଅଭାବୀ ବିକ୍ରିର ସମ୍ମୁଖୀନ ହେବେ ବୋଲି ବେ। ଅତିଶୀଘ୍ର ଜିଲ୍ଲା ସ୍ତରୀୟ କ୍ରୟ ସମିତି ବୈଠକ ଡକାଯାଇ ମଣ୍ଡି ଖୋଲାଯାଉ, ଗତବର୍ଷ ଭଳି କଟଣୀ ଛଟଣୀ ପୁନରାବୃତ୍ତି ନହେବା, ଜଣେ ବି ଚାଷୀ ଜନପୁଟ ରାଶି ରୁ ବଂଚିତ ନକରିବା, ବର୍ଷା ଜନିତ କ୍ଷୟକ୍ଷତି ର ସଠିକ ଆକଳନ ସହ ଶୀଘ୍ର କ୍ଷତିପୂରଣ ଦେବାର ବ୍ୟବସ୍ଥା କରିବା ପାଇଁ ସଂଗଠନ ଦାବି କରିଛି।

# ନୂତନ ବ୍ଲକ୍ ଗଠନ ନିମନ୍ତେ ଆଲୋଚନା



ଦେବଗଡ(ପିପିଏସ୍) : ରିଆମାଳ ବ୍ଲକର ୧୨ଟି ପଞ୍ଚାୟତକୁ ନେଇ ନୂତନ ଭାବେ ଗୋଟିଏ ବ୍ଲକ ଗଠନ ନିମନ୍ତେ ବ୍ଲକର ଭାଇ ଭଉଣୀ ଦରହ ନିକଟସ୍ଥ ତାରିଣୀ ମନ୍ଦିର ଠାରେ ସନ୍ତୋଷ କୁମାର ସାହୁ, କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ବିରେନ କୁମାର ପ୍ରଧାନ ଏବଂ ଗୌତମ ପ୍ରଧାନଙ୍କ ଆହ୍ୱାନ କ୍ରମେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଉପସ୍ଥିତ ଥିବା ବିଭିନ୍ନ ପଂଚାୟତର ସରପଞ୍ଚ, ସମିତିସଭ୍ୟ ନୂତନ ବ୍ଲକ ଗଠନ ନିମନ୍ତେ ସେମାନଙ୍କର ସୁଚିନ୍ତିତ ମତ ରଖିଥିଲେ । ଉକ୍ତ ଆଲୋଚନା ସଭାରେ ଉପସ୍ଥିତ ଥିବା ବୁଦ୍ଧିଜୀବୀ, ଶିକ୍ଷାବିତ ନୂତନ ବ୍ଲକ ଗଠନ ସମ୍ପର୍କରେ ସେମାନଙ୍କ ର ବହୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ନୂତନ ବ୍ଲକ ଗଠନ ହେଲେ ଜନସାଧାରଣ ବ୍ଲକ ପ୍ରଶାସନକୁ ଅତି ନିକଟରେ ପାଇପାରିବେ। ଯଦ୍ୱାରା ସମସ୍ତ ବର୍ଗର ଲୋକ ସେମାନଙ୍କର ଆପତ୍ତି ଅଭିଯୋଗକୁ ବ୍ଲକ ଅଫିସକୁ ଯାଇ କହିପାରିବେ ଏବଂ ପ୍ରଶାସନ ମଧ୍ୟ ଖୁବ ଶୀଘ୍ର ସମାଧାନ ପାଇଁ ସକ୍ଷମ ହେବ । ନୂତନ ବ୍ଲକ ଗଠନ ହେଲେ ପର୍ଯ୍ୟାୟ କ୍ରମେ ଅନ୍ୟାନ୍ୟ ବିଭାଗର ବ୍ଲକସ୍ତରୀୟ କାର୍ଯ୍ୟାଳୟ ଗୁଡିକ ମଧ୍ୟ ଖୋଲାଯାଇପାରିବ । କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ବୁଢ଼ାପାଳ ସରପଞ୍ଚ, ଦିଲୀପ ଆଚାର୍ଯ୍ୟ, ଧରଣୀ ନାଏକ, ପ୍ରମୋଦ ପ୍ରଧାନ, ଗୁରୁ ପ୍ରଧାନ, ପ୍ରଦୀପ ଭୁତିଆ, ବିଳାସ ପ୍ରଧାନ ।

# ଉତ୍କଳ ସାମ୍ବାଦିକ ସଙ୍ଘର ସାଧାରଣ ବୈଠକ

ମାଲକାନଗିରି, (ହି.ସ.): ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ କୋରୁକୋଣ୍ଡା ଶାଖା ପକ୍ଷରୁ ଆଜି ନୀଳାଦ୍ରିନଗର ସ୍ଥିତ ସୋରଲୁକୋଣ୍ଡା ବ୍ୟାରେଜ ଠାରେ ଆଜି ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକଟି କୋରୁକୋଣ୍ଡା ଉତ୍କଳ ସାମ୍ବାଦିକ ସଙ୍ଘ ସଭାପତି ପ୍ରଦୀପ ମହାରଣା ଙ୍କ ନେତୃତ୍ୱରେ ହୋଇଥିବା ବେଳେ ଜିଲ୍ଲାର ପ୍ରତ୍ୟେକ ବ୍ଲକ ରୁ ସଙ୍ଘ ର ସଭାପତି ସଂପାଦକ ଙ୍କ ସମେତ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଉତ୍କଳ ସାମ୍ବାଦିକ ସଙ୍ଘ ଜିଲ୍ଲାର କିପରି ବିଭିନ୍ନ ଜନ ମଙ୍ଗଳକାରୀ କାର୍ଯ୍ୟ କରିବ ସେନେଇ ଆଲୋଚନା ହୋଇଥିଲା। ଏଥି ସମେତ ସଂଘକୁ ସୁଦୃଢ଼ କରାଯିବା ସହ ଆଗାମୀ ଜାତୀୟ ପ୍ରେସ ଦିବସ ଏବଂ ରାଜ୍ୟ କାର୍ଯ୍ୟ କାରିଣୀ ବୈଠକ କିପରି ସୁଚାରୁ ରୂପେ ହେବ ସେନେଇ ଆଲୋଚନା ହୋଇଥିଲା। ସାମ୍ବାଦିକମାନେ ନିଜ ନିଜର ମୌଳିକ ସମସ୍ୟା ଜିଲ୍ଲା ସଭାପତି ଅଶୋକ ମିଶ୍ର ଙ୍କୁ ଜଣାଇଥିଲେ। ଆଜିର ଏହି ବୈଠକରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ ସଭାପତି ଶ୍ରୀ ମିଶ୍ର ଙ୍କ ସମେତ ଜିଲ୍ଲା କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମଲ୍ଲ, ଉପଦେଷ୍ଟା ରତ୍ନାକର ଦାଶ, ସହ ସମ୍ପାଦକ ଶିବଦତ୍ତ ସାହୁ, କୋରୁକୋଣ୍ଡା ଶାଖା କୋଷାଧ୍ୟକ୍ଷ ଅବିନାଶ ବେହେରା, ବିଦ୍ୟୁତ ବୈରାଗୀ, ଭଗବାନ ସାହୁ, ଜଗନ୍ନାଥ ଦଳେଇ, ଗୌରୀ ଶଙ୍କର ପଣ୍ଡା, ମନୋଜ ସାହା, ବିକ୍ରମ କେଶରୀ ସ୍ୱାଇଁ, କାଲିମେଳା ସଙ୍ଘ ସମ୍ପାଦକ ସୌରଭ ମଣ୍ଡଳ ଙ୍କ ସମେତ ୩୫ ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଉପସ୍ଥିତ ଥିଲେ।

# ଦେଶୀମଦ ଜବତ, ଜଣେ ଗିରଫ

ଜୟପୁର: ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଚଢାଉ କରି ଜଣେ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଲିମା ଗ୍ରାମର ଜଗଦିଶ ବିଷୋୟୀ । ସୁଚନା ଅନୁଯାୟୀ ଏକ ବାଇକରେ ଦେଶି ମଦ ଚାଲାଣ ହେଉଥିବା ସୁଚନା ପାଇ ଜୟପୁର ଅବକାରି ଥାନା ଗାଗନାପୁର ଠାରେ ଚଢାଉ କରିଛି । ଚଢାଉ କରି ଅଭିଯୁକ୍ତ କୁ ଗିରଫ କରି ବାଇକ ସହ ୨୨ ଲିଟର ଦେଶି ମଦ ଜବତ କରିଛି । ଗିରଫ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୁଚନା ଦେଇଛନ୍ତି ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

କେନ୍ଦୁଝର: କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳ ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ସଦରମହକୁମା ସ୍ଥିତ ଟାଉନ ଥାନା ସନ୍ନିକଟ ବିଜୁ ପଟ୍ଟନାୟକ ଛକ ଠାରୁ ବିଶାଳ ଶୋଭାଯାତ୍ରା ଆରମ୍ଭ କରି ନଗରପରିକ୍ରମା ହୋଇଥିଲା । ଶୋଭାଯାତ୍ରା ଆରମ୍ଭ କରିବା ପୂର୍ବରୁ ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ଦଳୀୟ ବରିଷ୍ଠ ନେତୃବର୍ଗ, କର୍ମୀଙ୍କ ସମେତ ଶତାଧିକ ସମର୍ଥକ ଏହି ବିଶାଳ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। ଏଥିରେ ପୂର୍ବତନ ସଭାପତି ମାଧବ ସର୍ଦାର, ନଗର ସଭାପତି ପୂର୍ଣ୍ଣ ଚନ୍ଦ୍ର ସାହୁ, ସଦର ବ୍ଲକ ସଭାପତି ଚକ୍ରଧର ପରିଡା, ମୁନିସିପାଲିଟି ଉପାଧ୍ୟକ୍ଷ ବୋରଦା ପ୍ରସନ ଦାସ, ଜିଲ୍ଲା ପରିଷଦର ସଦସ୍ୟ ରଥ ମୁଣ୍ଡା, କମଳିନୀ ମହାକୁଡ଼, ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ମୀନା ମାଝୀ, ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକ, କାଉନସିଲର ଶରତ ସାହୁ, ଭଗବାନ ନାଏକ, ଅଭିଷେକ ମିଶ୍ର, କେକୀକାକଲି କୁମୁରା, ଦୟାନିଧି ପାତ୍ର, ବରିଷ୍ଠ ନେତା କୈଳାସ ନାଏକ, ସତ୍ୟବ୍ରତ ନାଏକ, ମନସୁର ଆଲାମ, ପ୍ରଭଞ୍ଜନ ପଟ୍ଟନାୟକ, ଯୁବନେତା ଜଗଦୀଶ ଆପଟ, ବାବି ପଟ୍ଟନାୟକ, ସଫିକ୍, ଦେବୁ ପଟ୍ଟନାୟକ, ଗଦାଧର ପଟ୍ଟନାୟକ, ଧନୁର୍ଜୟ ମହାନ୍ତି, ସତ୍ୟ ନାଏକ, ବାସୁଦେବ ଜେନା, ପରମେଶ୍ୱର ବାରିକ, କୁଳମଣି ସିଂ, ନାରାୟଣ ନାଏକ, ବସନ୍ତ କୁମାର ସାହୁ, ରୁନୁ ମହାଲିକ, ଝୁନୁ ଦାସ, କୁମୁଦିନୀ ନାଏକ, ରଶ୍ମି ମଲିକ, ଅଜୟ ଘଡେଇ, ଅରୁଣ ମନ୍ତ୍ରୀ, ପ୍ରତାପ ମହାକୁଡ଼, ଟିକିନା ବ୍ରହ୍ମ, ନାରୀ ନେତ୍ରୀ ପୁନମ କୁମାରୀ, ମଞ୍ଜୁଲତା ନାୟକ, ଗୀତାଞ୍ଜଳି ମହାନ୍ତି, ଗୀତାଞ୍ଜଳି ପରିଡା, ଟିକି ମଲ୍ଲିକଙ୍କ ସମେତ ଶତାକ ସମର୍ଥକମାନେ ବିଶାଳ ସଭା ଯାତ୍ରାରେ ସାମିଲ୍ ହୋଇ ଜନସମ୍ପର୍କ ପଦଯାତ୍ରା ସାଫଲ୍ୟ ମଣ୍ଡିତ କରିଥିଲେ। ପଦଯାତ୍ରା ସମାପନ ପରେ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ ବରିଷ୍ଠ ନେତୃବର୍ଗମାନଙ୍କୁ ବିଜେଡି ଦଳର ଆଭିମୁଖ୍ୟକୁ ଜନସାଧାରଣଙ୍କ ସମ୍ମୁଖରେ ପ୍ରକାଶ କରିବା ନିମନ୍ତେ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିବା ପାଇଁ କହିଥିଲେ। ସର୍ବଶେଷରେ ଜନସମ୍ପର୍କ ପଦଯାତ୍ରା ସମାପନ କରି ନିସ୍ୱାର୍ଥପର ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ଆଇନ ସେବା ଦିବସ

ଜୟପୁର: ଜୟପୁର ସିଟି ହାଇସ୍କୁଲରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ କୋରାପୁଟ ଦ୍ୱାରା ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମଟି ବରିଷ୍ଠ ଆଇନଜୀବୀ ଓ ତେଲୁଗୁ ସଂସ୍କୃତି ସମିତିର ସଭାପତି ବୀରେଶ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏବଂ ମଂଚରେ ଥିବା ସମ୍ମାନିତ ଅତିଥିମାନେ ହେଲେ ବିଷ୍ଣୁ ପ୍ରସାଦ ଦେବତା ସିଭିଲ୍ କୋର୍ଟର ରେଜିଷ୍ଟ୍ରାର ଏବଂ ସଚିବ ଇନଚାର୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ, ସିନିୟର ଡିଭିଜନ ସିଭିଲ୍ ଜଜ୍ ସ୍ୱପ୍ନ ପ୍ରକାଶ ଦାସ, ସନ୍ତୋଷ କୁମାର ବାରିକ, ଏସଡିଜେଏମ ଜୟପୁର, ମିସ୍ ଦିଖ୍ୟା ରାଉତରାୟ ଜେଏମଏଫସି, ମିସ୍ ପ୍ରଜ୍ଞା ସୁମନ ମହାପାତ୍ର, ଜେଏମଏଫସି, ଡକ୍ଟର ବି ଗାୟତ୍ରୀ ଦେବୀ, ପବ୍ଲିକ୍ ପ୍ରସିକ୍ୟୁଟର ପକ୍ସୋ କୋର୍ଟ ପ୍ରମୋଦ କୁ ଦାଶ, ମୁଖ୍ୟ ଆଇନଗତ ସହାୟତା ପ୍ରତିରକ୍ଷା ପରିଷଦ, ବୀରେଶ ପଟ୍ଟନାୟକ, ସିନିୟର ଆଡଭୋକେଟ୍ ଏବଂ ସଭାପତି ତେଲୁଗୁ ସଂସ୍କୃତି ସମିତି, ବି ସୁଜାତା ପ୍ରଧାନଶିକ୍ଷୟିତ୍ରୀ, ସିଟି ହାଇସ୍କୁଲ ଏବଂ ସୁଧାକର ପଟ୍ଟନାୟକ ପ୍ରମୁଖ ସିଟି ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଏବଂ ପରିଚାଳନା କମିଟି ସଦସ୍ୟ ଏ ଶ୍ରୀନିବାସ ରାଓ ଏବଂ ପି ଶ୍ରୀନିବାସ ରାଜୁ। ନିଜ ଭାଷଣରେ ରେଜିଷ୍ଟ୍ରାର ଏବଂ ଭାରପ୍ରାପ୍ତ ସଚିବ ଗରିବ ଏବଂ ସଂରକ୍ଷିତ ବର୍ଗର ଲୋକଙ୍କ ପାଇଁ ମାଗଣା ଆଇନଗତ ସହାୟତା ପାଇଁ ଉପଲବ୍ଧ ନାଲ୍ସାର ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଆଇନ ସେବା ଦିବସର ଗୁରୁତ୍ୱ ମଧ୍ୟ କହିଥିଲେ। ଶେଷରେ ଶିକ୍ଷକ ପ୍ରତାପ ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# କେନ୍ଦୁଝରୀ ସାହିତ୍ୟ ଆସର

କେନ୍ଦୁଝର: ରାଜ୍ୟର ଅଗ୍ରଣୀ ସାରସ୍ୱତ ପ୍ରତିଷ୍ଠାନ ମିଳନୀ ସାହିତ୍ୟ ସଂସଦ ପକ୍ଷରୁ କେନ୍ଦୁଝରୀ ସାହିତ୍ୟ ଆସର ଅନୁଷ୍ଠାନ ସଭାପତି କବି ଦେବାଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱ ରେ ମିଳନୀ ଭବନ ରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥି ମାନେ କେନ୍ଦୁଝର ରାଷ୍ଟ୍ରଦେବତା ବଳଦେବଜୀଉ ଓ ରାଷ୍ଟ୍ରମାତା ମାଆ ତାରିଣୀଙ୍କ ପ୍ରତିକୃତି ନିକଟରେ ଧୂପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ । ସମ୍ପାଦକ ଡକ୍ଟର୍ ଚିତ ରଞ୍ଜନ ମିଶ୍ର କେନ୍ଦୁଝରର ସାରସ୍ୱତ ଅସ୍ମିତା ସଂପର୍କରେ ଆଲୋକପାତ କରିଥିଲେ । ପ୍ରାବନ୍ଧିକ ହରିହର ମହାନ୍ତି ମୁଖ୍ୟବକ୍ତା ଭାବରେ ଯୋଗଦେଇ କେନ୍ଦୁଝରର ଆଦିକବି ଭୁସୁକୁପାଦଙ୍କ ସୃଜନ ଜୀବନ ସମ୍ପର୍କରେ ଫୁଙ୍ଖାନୁଫୁଙ୍ଖ ଆଲୋଚନା କରି ତାଙ୍କର ସାରସ୍ୱତ ଉତ୍କର୍ଷ ପ୍ରତିପାଦନ କରିଥିଲେ। କବି ଦେବାଶିଷ ଚକ୍ରବର୍ତ୍ତୀ ସଭାପତୀୟ ଅଭିଭାଷଣ ରେ କେନ୍ଦୁଝରୀ ବାଙ୍ମୟ ର ଉତ୍କର୍ଷ ପ୍ରତିପାଦନ କରିବା ସହିତ ସୃଜନଶିଳ୍ପୀଙ୍କୁ ମାଟିମନସ୍କ ହେବା ପାଇଁ ଆହ୍ୱାନ ଦେଇଥିଲେ। କବୟିତ୍ରୀ ଲିପିକା ଦାସ ପଟ୍ଟନାୟକଙ୍କ ସଂଯୋଜନାରେ ଚିନ୍ତାମଣି ମହାଳିକ, ଉମାକାନ୍ତ ବେହେରା, ବିଚଂଚି ନାରାୟଣ ସାମନ୍ତରାୟ, ଗୀତାରାଣୀ ଦାଶ, ଇନ୍ଦୁମତି ପାତ୍ର, ବୀଣାପାଣି ଜେନା, ବିଜୟଲକ୍ଷ୍ମୀ ମହାନ୍ତି, ରତ୍ନ ମଞ୍ଜରୀ ରାଉତ, ଡକ୍ଟର୍ ସୁମନ୍ତ ନାଏକ, ମାୟାଧର ନାୟକ, ଜିତେନ୍ଦ୍ର ପରିଡ଼ା, ମନରଞ୍ଜନ ମହାନ୍ତି, ବସନ୍ତ କୁମାର ରାଉତ, ରାମଚନ୍ଦ୍ର ସାହୁ ପ୍ରମୁଖ ବହୁ କବି କବିତା ଆବୃତ୍ତି କରିଥିଲେ। ବରିଷ୍ଠ ସଦସ୍ୟ ବିଚଂଚି ନାରାୟଣ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ହେଲେ ସଂଗ୍ରାମ

କେନ୍ଦୁଝର: କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ବା ଡିଷ୍ଟ୍ରିକ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ଭାବେ ବରିଷ୍ଠ କ୍ରୀଡ଼ାବିତ, ରାଜ୍ୟ କ୍ରିକେଟ ଆସୋସିଏସନର ସର୍ବପୁରାତନ ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ସଂଗ୍ରାମ ପଟ୍ଟନାୟକ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଦୀର୍ଘ ୮ଥର ସେ ଏହି କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହେବା ସହ ଏବେ ମଧ୍ୟ ଯୁଗ୍ମ ସମ୍ପାଦକ ଭାବେ କାର୍ଯ୍ୟରତ ଥିଲେ। ସାଧାରଣ ସମ୍ପାଦକ ଥିବା ଡ଼ଃ. ଜନାର୍ଦ୍ଦନ ଦାଶଙ୍କ ପରଲୋକ ପରେ ରବିବାର ଦିନ ଜିଲ୍ଲା କ୍ରୀଡା ସଂସ୍ଥାର କାର୍ଯ୍ୟନିର୍ବାହୀ ପରିଷଦ ବା କାଉନସିଲର ଏକ ଜରୁରୀ ବୈଠକ ଉପସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ସର୍ବବରିଷ୍ଠ ଯୁଗ୍ମ ସମ୍ପାଦକ ଭାବେ ସେ କାର୍ଯ୍ୟ ସମ୍ପାଦନ କରୁଥିବାରୁ ତାଙ୍କୁ ସାଧାରଣ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ଜିଲ୍ଲା କ୍ରୀଡା ସଂସ୍ଥାର ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହି କାର୍ଯ୍ୟ କରିବେ। ତେବେ ନିର୍ବାଚିତ କାଉନସିଲର ସମୟ ଅବଧି ଶେଷ ହୋଇଥିବାରୁ ଖୁବ ଶୀଘ୍ର ନିର୍ବାଚନ କରିବା ପାଇଁ ଏକ ପ୍ରତିନିଧିଦଳ ସୋମବାର ଜିଲ୍ଲାପାଳ ତଥା ସଂସ୍ଥାର ସଭାପତିଙ୍କୁ ଭେଟିବେ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ସଂଗ୍ରାମ ପଟ୍ଟନାୟକ ରାଜ୍ୟର ଜଣେ ପରିଚିତ କ୍ରିକେଟ ଅମ୍ପାୟାର ସହିତ ବିଭିନ୍ନ ଆନ୍ତର୍ଜାତୀୟ ଓ ଜାତୀୟସ୍ତରୀୟ ମ୍ୟାଚରେ ମ୍ୟାଚ ରେଫରୀ ଭାବେ ଏବଂ ସଂଖ୍ୟାଧିକ ରଣଜି ଟ୍ରଫିରେ ଓଡିଶା ଦଳର ମ୍ୟାନେଜର ଭାବରେ ଦାୟିତ୍ୱ ସୁଚାରୁ ଭାବେ ସମ୍ପାଦନ କରିବା ସହିତ ତାଙ୍କ ନେତୃତ୍ୱରେ କେନ୍ଦୁଝର ଫ୍ରେଣ୍ଡସ କ୍ଲବ ପକ୍ଷରୁ ମୀନକେତନ ମେମୋରିଆଲ କ୍ରିକେଟ ଟୁର୍ନାମେଂଟ ଅନୁଷ୍ଠିତ ହେଉଥିଲା। ବରିଷ୍ଠ ସାମ୍ବାଦିକ ଭାବେ ଏବେ ବି କାର୍ଯ୍ୟରତ ଶ୍ରୀ ପଟ୍ଟନାୟକଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ବଣିଆପାଟରେ ସପ୍ତଶକ୍ତି କାର୍ଯ୍ୟକ୍ରମ

କେନ୍ଦୁଝର, (ହି.ସ.) : ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ ବିଦ୍ୟା ଭାରତୀର କାର୍ଯ୍ୟକ୍ରମ ଯୋଜନା ଅନୁସାରେ ସ୍ଥାନୀୟ କଲେଜ ରୋଡ଼ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର, ବଣିଆପାଟ ଠାରେ ସପ୍ତଶକ୍ତି କାର୍ଯ୍ୟକ୍ରମ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ମାତୃମଣ୍ଡଳୀ ସଙ୍ଗେ ସଙ୍ଗେ ସ୍ଥାନୀୟ ଅଂଚଳର ମା'ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧରେ ପରିଚାଳନା ସମିତିର ସଦସ୍ୟା ମନ୍ଦାକିନୀ ବେହେରା ଓ ସ୍ଥାନୀୟ ସନ୍ତୋଷୀ ମା' ଆଂଚଳିକ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପିକା ପ୍ରଭାସିନୀ ଓଝା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସପ୍ତଶକ୍ତି ସଙ୍ଗମର ଭୂମିକା ସମ୍ବନ୍ଧରେ ମାତୃମଣ୍ଡଳୀକୁ ମାର୍ଗଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ସଂଯୁକ୍ତା ପ୍ରଧାନ ଓ ବିଦ୍ୟୁତ ପ୍ରଭା ସାହୁ ଯଥାକ୍ରମେ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସେହିପରି ଆଚାର୍ଯ୍ୟା ଇତିଶ୍ରୀ ଦାଶ ଶପଥ ପାଠ କରାଇଥିବା ବେଳେ, କଳ୍ପନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।କାର୍ଯ୍ୟକ୍ରମ ଆରମ୍ଭ ଓ ଶେଷରେ ଶିଶୁ ମାନଙ୍କ ଦ୍ୱାରା ଯଥାକ୍ରମେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସମସ୍ତ -ଆଚାର୍ଯ୍ୟ ଓ ସେବିକା ମାନେ ପରିଚାଳନା କରିଥିଲେ।

# ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ସ୍ୱତନ୍ତ୍ର ଅଧିବେଶନ




ବଲାଙ୍ଗିର(ପିପିଏସ୍) : ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ସ୍ୱତନ୍ତ୍ର ତଥା ଶେଷ ସମ୍ମିଳନୀ ଉତ୍ସାହ ଓ ଉଦ୍ଦିପନାର ସହିତ ରେନବୋ ପ୍ୟାଲେସ ବଲାଙ୍ଗିର ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ୧୭ଟି ଜିଲ୍ଲାରେ କାମ କରୁଥିବା ଗ୍ରାମୀଣ ବ୍ୟାଙ୍କ ର ଶତାଧିକ କର୍ମଚାରୀ ଯୋଗଦାନ କରିଥିଲେ। ସଭା ପ୍ରାରମ୍ଭରେ ମୁଖ୍ୟ ଅତିଥି, ଆବାହକ କୋଶଲ ରାଜ୍ୟ ସମନ୍ୱୟ ସମିତି ପ୍ରମୋଦ କୁମାର ମିଶ୍ର, ଏଆଇଆରଆରବିଇଏର ପତାକା ଉତ୍ତୋଳନ ସହିତ ସହିଦ ସ୍ମୃତି ସ୍ତମ୍ଭରେ ପୁଷ୍ପଗୁଚ୍ଛ ଅର୍ପଣ କରି ସଂଗ୍ରାମୀ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ସାଥୀ ଅଭିଜିତ ଗଡତ୍ୟା ସମସ୍ତ ଅତିଥିମାନଙ୍କୁ ମଂଚାସିନ କରାଇ ସେମାନଙ୍କର ପରିଚୟ ପ୍ରଦାନ ଓ ଉପଢୌକନ ପ୍ରଦାନ କରିଥିଲେ। ସଂଘର ସଭାପତି ପୁଲିନ ମିଶ୍ର ଅଧ୍ୟକ୍ଷତା କରି ସଭାର ଆଭିମୁଖ୍ୟକୁ ସ୍ପଷ୍ଟ କରିଥିଲେ । ସେ ସାଧାରଣ ସଂପାଦକଙ୍କ ବିବରଣୀ ଉପରେ ବିଶେଷ ଭାବରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମିଶ୍ର ବର୍ତ୍ତମାନ ପରିସ୍ଥିତିରେ ସଂଘର ଭୂମିକା ଓ ସରକାରଙ୍କର ଆର୍ଥିକ ପରିଚାଳନା ନୀତିର ସମାଲୋଚନା କରିଥିଲେ ଓ କର୍ମଚାରୀମାନଙ୍କର ବର୍ତ୍ତମାନ ପରିସ୍ଥିତିରେ ତାଙ୍କର ଉତ୍ତରଦାୟିତ୍ୱ ଉପରେ ନିଜର ବିବରଣୀ ରଖିଥିଲେ । ମୁଖ୍ୟବକ୍ତା ଶିବ୍କରଣ ଦ୍ୱିବେଦି ସର୍ବଭାରତୀୟ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ପ୍ରଥମ ସାଧାରଣ ସଂପାଦକ, ଭାରତ ଭଳି ଗ୍ରାମ୍ୟ ବହୁଳ ଦେଶରେ ଗ୍ରାମ୍ୟ ବ୍ୟାଙ୍କର ଭୂମିକା ଓ ବର୍ତ୍ତମାନର ସରକାରଙ୍କ ଆଭିମୁଖ୍ୟ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟାନ୍ୟ ବକ୍ତା ମଧ୍ୟରେ ଛତିଶଗଡ ଗ୍ରାମୀଣ ବ୍ୟାଙ୍କ ଅଫିସର ସଂଘ ର କାର୍ଯ୍ୟକର୍ତ୍ତା ରୋନକ ତ୍ରିପାଠି, ବ୍ୟାଙ୍କ ଏମ୍ପ୍ଲୟିଜ୍ ଫେଡେରେସନର କର୍ମକର୍ତ୍ତା ପ୍ରଦୀପ ଷଡଙ୍ଗୀ ଓ ପ୍ରକାଶ ରାୟ, ଓଡିଶା ଗ୍ରାମ୍ୟ ବ୍ୟାଙ୍କ କର୍ମଚାରୀ ସଂଘ ସଭାପତି ପ୍ରତିମ ପୁହାନ, ଓଡିଶା ଗ୍ରାମୀଣ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଦ୍ୱାରିକାନାଥ ପଟେଲ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ମହିଳା ସବ୍କମିଟି ର ଆବାହକ ଲତିକା ସେଠ, ଅସ୍ଥାୟୀ କର୍ମଚାରୀ ସଂଘ ସଂପାଦକ ପ୍ରଦୀପ ରାଉତ, ଟ୍ରେଡ ୟୁନିୟନ ନେତା ବିଭୁଦତ୍ତ ମିଶ୍ର, ଆଇଏନ୍ଟିୟୁସି ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ମଂଚାସିନ ରହି ନିଜର ବକ୍ତବ୍ୟ ରଖିଥିଲେ। ସଭା କାର୍ଯ୍ୟରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କର ସାଥୀ ଆଲୋକ ପଧାନ, ସନୁଜିତ ମିଶ୍ର, କରୁଣାକର ପ୍ରଧାନ, ପିଙ୍କୁ ଯୋଷୀ, ବିଭୁଦତ୍ତ ପଣ୍ଡା, କୌଦଣ୍ଡଦର ବାଗ, ରୋହିତ ପଟ୍ଟନାୟକ, ବିଧୁଶେଖର ନନ୍ଦ, ଲିଙ୍ଗରାଜ ନାଏକ, ଶୁଭେନ୍ଦୁ କୁମାର ସାହୁ, ରୋଶନ ମିଶ୍ର ଓ ଅନ୍ୟାନ୍ୟ ନେତୃମଣ୍ଡଳି ସଭା ପରିଚାଳନା ଦାୟିତ୍ୱ ନେଇଥିଲେ । ଶେଷରେ ସାଥୀ ପ୍ରତାପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

*ଭୋଟ ପାଇଯାଇ ମନ୍ତ୍ରୀ ହୋଇଗଲେ ଲୋକଶାସନ ହୁଏନାହିଁ । ଶାସନର ପ୍ରତି କ୍ଷେତ୍ରରେ କଅଣ ହେଉଛି ଓ କେଉଁଠି କଅଣ ହେବା ଉଚିତ ସେ ବିଷୟରେ ମତ ଦେବା, ଏ ସବୁ ଲୋକଶାସନ ପାଇଁ ଅତି ଦରକାରୀ ।*

(ଗାଁ ମଜଲିସ, ୧ମ ଖଣ୍ଡ, ପୃଷ୍ଠା-୧୯୭)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୧୧।୧୧।୨୦୨୫ ■ ମଙ୍ଗଳବାର

# ସିଓପି-୩୦

ନଭେମ୍ବର ୧୦ ତାରିଖରେ ୟୁନେସ୍କୋ ଉଦ୍ୟମରେ ଚିରସ୍ଥାୟୀ, ସୁସ୍ଥ ଭବିଷ୍ୟତ ନିର୍ମାଣରେ ବିଜ୍ଞାନର ମହତ୍ତ୍ୱକୁ ହୃଦୟଙ୍ଗମ କରି 'ଶାନ୍ତି ଓ ବିକାଶ ଲାଗି ବିଶ୍ୱ ବିଜ୍ଞାନ ଦିବସ' ପାଳିତ ହେବାବେଳେ ବ୍ରାଜିଲର ବେଲେମଠାରେ ୧୯୭ ଦେଶର ପ୍ରତିନିଧି ଚର୍ଚ୍ଚା କରିବାକୁ ଏକଜୁଟ ହୋଇଛନ୍ତି ଜଳବାୟୁ ପରିବର୍ତ୍ତନର ଆହ୍ୱାନକୁ କିପରି ସାମନା କରାଯିବ । ଏହା ମୂଳତଃ ସେସବୁ ଦେଶମାନଙ୍କର ବାର୍ଷିକ ବୈଠକ, ଯେଉଁମାନେ ପାଣିପାଗ ପରିବର୍ତ୍ତନ ନେଇ ୧୯୯୨ରେ ଜାତିସଂଘ ଫ୍ରେମୱର୍କ କନଭେନସନରେ ସହମତ ହୋଇଥିଲେ । ଏବେ ଏହାର ୩୦ତମ ସମ୍ମିଳନୀ (ସିଓପି-୩୦) ଅନୁଷ୍ଠିତ ହେଉଛି ଓ ପ୍ରତିନିଧିମାନେ ଗତ ଗୁରୁବାର ଦିନଠାରୁ ସେଠାରେ ଏକତ୍ରିତ ହେଲେଣି । ତେବେ ଏହା ଏହି ୧୦ ତାରିଖରେ ଆରମ୍ଭ ହୋଇଛି, ଯାହା ୨୧ ନଭେମ୍ବର ଯାଏ ଚାଲିବ । ଏ ବୈଠକ କେତେ ଗୁରୁତ୍ୱପୂର୍ଣ୍ଣ, ତାହାର ଆକଳନ ଜଣାପଡ଼େ ଯେବେ ବିଶ୍ୱ ପାଣିପାଗ ବିଜ୍ଞାନ ବିଭାଗ ନିଜର ରିପୋର୍ଟରେ ୨୦୨୫ ବର୍ଷକୁ ଏଯାଏ ଇତିହାସର ଦ୍ୱିତୀୟ କି ତୃତୀୟ ସବୁଠାରୁ ଉତ୍ତପ୍ତ ବର୍ଷ ବୋଲି ଘୋଷଣା କରିଛି । ଏହା ପୂର୍ବରୁ ୨୦୨୩ ଓ ୨୦୨୪ରେ ମଧ୍ୟ ବିଶ୍ୱର ଉତ୍ତାପ ରେକର୍ଡ ଭାଙ୍ଗି ସାରିଥିଲା ଓ ୨୦୨୪ର ମଧ୍ୟ ଗ୍ରୀଷ୍ମର ପ୍ରକୋପ ରେକର୍ଡ ଭାଙ୍ଗିଥିଲା ଓ ଚରମ ପାଣିପାଗର ନୂଆ ମାପଦଣ୍ଡ ସୃଷ୍ଟି କରିସାରିଥିଲା । ଉପରୋକ୍ତ ଘଟଣାରୁ ସ୍ପଷ୍ଟ ଯେ ପରିବର୍ତ୍ତିତ ପାଣିପାଗ ଏବେ ମାନବର ଅସ୍ତିତ୍ୱକୁ ଚାଲେଞ୍ଜ କଲା ଭଳି ସ୍ଥିତିକୁ ଆସିଗଲାଣି ।

ଏ ଅବସ୍ଥାରେ, ଜାତିସଂଘର ସେକ୍ରେଟାରୀ ଜେନେରାଲ ଏଣ୍ଟୋନିଓ ଗୁଟେରସଙ୍କ ବିରକ୍ତଭାବ ବୁଝାପଡୁଛି । ସମ୍ମିଳନୀର ଉଦ୍‌ଘାଟନ ଅଧିବେଶନରେ ସେ କଠୋର ଭାଷାରେ କହିଛନ୍ତି ବିଶ୍ୱର ଉତ୍ତାପ ୪୧.୫ ଡିଗ୍ରୀ ସେଲସିୟସ ଭିତରେ ରଖିବା ଲାଗି ଆମର ଉଦ୍ୟମ ସଫଳ ହୋଇନାହିଁ, ଯାହା ଆମର ନୈତିକ ବିଫଳତା ଓ ଦାୟିତ୍ୱହୀନତାର ପରିଚୟ । ଚାଲେଞ୍ଜ କେବଳ ବଢ଼ିଚାଲିଥିବା ତାପମାନ ନୁହେଁ । ସମଗ୍ର ବିଶ୍ୱରେ ଉର୍ଜା ବା ଶକ୍ତିର ଚାହିଦା ଅନବରତ ବଢ଼ିଚାଲିଛି ଓ ବଡ଼ବଡ଼ ଅର୍ଥବ୍ୟବସ୍ଥା ସବୁ ନିଜ ନିଜର ପାଣିପାଗ ନୀତିମାନଙ୍କୁ ବଦଳାଇବାରେ ଲାଗିଛନ୍ତି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚଳିତବର୍ଷ ଆରମ୍ଭରେ କ୍ଷମତା ଅକ୍ତିଆର କଲାପରେ ପ୍ୟାରିସ ବୁଝାମଣାରୁ ନିଜକୁ ପୃଥକ କରିନେବାର ଘୋଷଣା କରିଛନ୍ତି, ଯାହାଫଳରେ ବିଶ୍ୱର ତାପମାନ ବୃଦ୍ଧିକୁ ଧିମେଇବା ଉଦ୍ଦେଶ୍ୟରେ ୨୦୧୫ରେ ବହୁ ପରିଶ୍ରମ ପରେ ସ୍ୱୀକାର କରିନିଆଯାଇଥିଲା । ରାଷ୍ଟ୍ରପତି ଟ୍ରମ୍ପ ଜୀବାଶ୍ମ ଇନ୍ଧନକୁ ପ୍ରୋତ୍ସାହିତ କରୁଛନ୍ତି ଓ ସ୍ୱଚ୍ଛ ଉର୍ଜା ପ୍ରତି ଆମେରିକାର ପ୍ରତିବଦ୍ଧତାରୁ ମୁହଁ ଫେରାଇ ନେଇଛନ୍ତି । ଅବଶ୍ୟ, ସନ୍ତୋଷର କଥା ହେଉଛି ସବୁଠାରୁ ବଡ଼ କାର୍ବନ ଉତ୍ସର୍ଜନ କରୁଥିବା ଦେଶ ଚୀନ ଅକ୍ଷୟ ଉର୍ଜାରେ ନିବେଶ ବୃଦ୍ଧି କରିଚାଲିଛି ଓ ଭାରତ ମଧ୍ୟ ସବୁଜ ଉର୍ଜାକୁ ନେଇ ନିଜ ଗତି ବୃଦ୍ଧି କରାଇଛି । ଅକ୍ଟୋବର ଶେଷ ବେଳକୁ ଆମର ମୋଟ ସ୍ଥାପିତ ଉର୍ଜା କ୍ଷମତା ୫୦୦ ଗିଗାୱାଟରୁ ଅଧିକ ହୋଇଯାଇଛି, ଯାହାର ଅଧାରୁ ଅଧିକ ଅର୍ଥାତ୍ ୨୫୬ ଗିଗାୱାଟ ଉର୍ଜା ଅଣ-ଜୀବାଶ୍ମ ଇନ୍ଧନ ସ୍ରୋତରୁ ମିଳିବା ଆରମ୍ଭ କରିଛି ।

ଏହା ସ୍ୱଚ୍ଛ, ସୁରକ୍ଷିତ ଓ ଆତ୍ମନିର୍ଭର ଉର୍ଜା ଯାହାକି ଭବିଷ୍ୟତ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରକାଶିତ କରୁଛି । ସିଓପି-୨୯ରେ ଏପ୍ରକାର ଆର୍ଥିକ ପ୍ୟାକେଜ ଉପରେ ଜୋର ଦିଆଯାଇଥିଲା, ଯହିଁରେ ଉତ୍ସର୍ଜନ ହ୍ରାସ କରିବାରେ ବିକାଶଶୀଳ ଦେଶମାନଙ୍କର ହେବାକୁ ଥିବା କ୍ଷତକୁ ଭରଣା କରାଯାଇପାରିବ । ତେବେ, ସବୁ ଉଦ୍ୟମ ସତ୍ତ୍ୱେ ସମ୍ପନ୍ନ ଦେଶମାନେ ବର୍ଷକୁ ୩୦ ହଜାର କୋଟି ଡଲାର ସହାୟତା ରାଶି ପ୍ରଦାନ କରିବାକୁ ରାଜି ହୋଇଥିଲେ, ଯାହାକୁ ଭାରତ ସମେତ ଅନେକ ଦେଶ ଖାରଜ କରିଦେଇଥିଲେ । କାରଣ, ୨୦୩୫ ଯାଏ ପ୍ରତିବର୍ଷ ୧.୩ ଟ୍ରିଲିୟନ ଡଲାର ଆବଶ୍ୟକ ଥିଲା । ଏଥର ମଧ୍ୟ ସେ ପ୍ରସଙ୍ଗ ଚର୍ଚ୍ଚାରେ ରହିବ । ତା' ସହିତ ପ୍ରତ୍ୟେକ ଦେଶ ନିଜ ନିଜର ଉତ୍ସର୍ଜନ ହ୍ରାସ କରିବା ଓ ଲକ୍ଷ୍ୟ ଅନୁକୂଳ ପଦକ୍ଷେପ ଗ୍ରହଣ କରିବା ଲାଗି ମାର୍ଗ ପ୍ରସ୍ତୁତ କରିବାକୁ ହେବ । ଅବଶ୍ୟ, ଏ କାର୍ଯ୍ୟ ସହଜ ନୁହେଁ । କାରଣ ଏ ପ୍ରସଙ୍ଗରେ ବିକଶିତ ଓ ବିକାଶଶୀଳ ଦେଶମାନଙ୍କ ମଧ୍ୟରେ ଗଭୀର ମତଭେଦ ରହିଛି, କିନ୍ତୁ ସବୁ ନେତାଙ୍କ ମଧ୍ୟରେ ସହମତି ପ୍ରତିଷ୍ଠା କରିବାକୁ ହେବ । ବିଶେଷକରି ଯେବେ ଉତ୍ସର୍ଜନ ଗତବର୍ଷ ଆଉ ଏକ ରେକର୍ଡ ଉଚ୍ଚରେ ନେଇ ପହଞ୍ଚାଇ ଦେଇଛି ।□□

# ରାମକୃଷ୍ଣ କଥାମୃତ

ରାମକୃଷ୍ଣ ପରମହଂସଙ୍କ ପ୍ରମୁଖ ଶିଷ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ରନାଥ ଗୁପ୍ତ ଅନ୍ୟତମ । ସେ 'ମ' ତଥା ମାଷ୍ଟର ମହାଶୟ ଭାବେ ପ୍ରସିଦ୍ଧ ଥିଲେ । ମହେନ୍ଦ୍ରନାଥଙ୍କ ସବୁଠାରୁ ଉଲ୍ଲେଖନୀୟ ଅବଦାନ ହେଉଛି ଶ୍ରୀ ଶ୍ରୀ ରାମକୃଷ୍ଣ କଥାମୃତର ରଚନା । ସେ ବାଙ୍ଗଲା ଭାଷାରେ ଶ୍ରୀ ଶ୍ରୀ ରାମକୃଷ୍ଣ କଥାମୃତ ରଚନା କରିଥିଲେ, ଯାହା ପରେ ବିଭିନ୍ନ ଭାଷାରେ ଅନୂଦିତ ହୋଇ ପାଠକ ପ୍ରିୟତା ହାସଲ କରିଥିଲା । ୧୪ ଜୁଲାଇ ୧୮୫୪ରେ କାଲକାତାର ଏକ ବୈଦ୍ୟ ବ୍ରାହ୍ମଣ ପରିବାରରେ ମହେନ୍ଦ୍ରନାଥ ଜନ୍ମ ହୋଇଥିଲେ । ୧୮୭୪ରେ କାଲକାତାର ପ୍ରେସିଡେନ୍‌ସି କଲେଜରୁ ସ୍ନାତକ ଉତ୍ତୀର୍ଣ୍ଣ ହେବା ପରେ ମହେନ୍ଦ୍ରନାଥ ବିଭିନ୍ନ ସରକାରୀ ଓ ଘରୋଇ ସଂସ୍ଥାରେ କାର୍ଯ୍ୟ କରିଥିଲେ । କେତେକ ମହାବିଦ୍ୟାଳୟରେ ଆଧାପନା ମଧ୍ୟ କରିଥିଲେ । ଶେଷରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଉଚ୍ଚ ବିଦ୍ୟାଳୟର ମୁଖ୍ୟ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ । ବ୍ରହ୍ମ ସମାଜ ସହ ତାଙ୍କର ସଂପୃକ୍ତି ଥିଲା ଏବଂ କେଶବ ଚନ୍ଦ୍ର ସେନଙ୍କ ସଂପର୍କୀୟା ନିକୁଞ୍ଜ ଦେବୀଙ୍କୁ ବିବାହ କରିଥିଲେ । ୧୮୮୨ରେ ପାରିବାରିକ ଅଶାନ୍ତି ଓ ଝଗଡ଼ାଝାଟି ଯୋଗୁଁ ଭାଙ୍ଗିପଡ଼ି ମହେନ୍ଦ୍ରନାଥ ଆତ୍ମହତ୍ୟା କରିବାକୁ ଚିନ୍ତା କରୁଥିବା ବେଳେ ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ରାମକୃଷ୍ଣ ପରମହଂସଙ୍କ ସହ ସାକ୍ଷାତ ହୋଇଥିଲା ଏବଂ ତାଙ୍କର ଜୀବନର ଗତି ପଥ ବଦଳିଥିଲା । ସେ ରାମକୃଷ୍ଣଙ୍କ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଥିଲେ । ତେର ବର୍ଷ ବୟସରୁ ମହେନ୍ଦ୍ରାନଥଙ୍କ ଡାଏରି ଲିଖନ ଅଭ୍ୟାସ ଥିଲା । ରାମକୃଷ୍ଣଙ୍କ ନିକଟରେ ବସି ନୀତି କଥାମାନ ଶୁଣି ସେ ମନେରଖୁଥିଲେ ଏବଂ ପରେ ଡାଏରିରେ ଲେଖୁଥିଲେ । ରାମକୃଷ୍ଣ କେଉଁ ଦିନ, କେଉଁ ସମୟରେ କ'ଣ କହିଥିଲେ, ତାହା ତାଙ୍କ ଡାଏରିମାନଙ୍କୁ ମିଳେ । ସ୍ୱାମୀ ବିବେକାନନ୍ଦ, ମହେନ୍ଦ୍ରନାଥଙ୍କ ମୂଳ ଡାଏରିଗୁଡ଼ିକ ପଢ଼ି ପ୍ରକାଶ କରିବା ପାଇଁ ତାଙ୍କୁ ଉତ୍ସାହିତ କରିଥିଲେ । ୧୯୦୨-୧୦ ମଧ୍ୟରେ ଡାଏରିଗୁଡ଼ିକ ଶ୍ରୀ ଶ୍ରୀ ରାମକୃଷ୍ଣ କଥାମୃତ ଭାବେ ପ୍ରକାଶିତ ହୋଇଥିଲା । ଶେଷ ଖଣ୍ଡ ୧୯୩୨ରେ ମହେନ୍ଦ୍ରନାଥଙ୍କ ମୃତ୍ୟୁ ପରେ ପରେ ପ୍ରକାଶ ପାଇଥିଲା । ମହେନ୍ଦ୍ରନାଥଙ୍କ କାଲକାତାସ୍ଥିତ ବାସଭବନର ନାମ କଥାମୃତ ଭବନ । ସେଠାରେ ବହୁ ବାର ରାମକୃଷ୍ଣ ଓ ଶାରଦା ଦେବୀଙ୍କ ପାଦ ପଡ଼ିଥିଲା । ୧୯୩୨ ଜୁନ୍ ଆଜିର ଦିନରେ ମହେନ୍ଦ୍ରନାଥଙ୍କ ଦେହାନ୍ତ ହୋଇଥିଲା ।

ରଜତ କୁମାର ବୋଷ
ଯାଜପୁର

# ସମ୍ମତିଭିତ୍ତିକ ସଂପର୍କ ଓ ବୟସ ବିବାଦ

**ବିଜନ କୁମାର ମହାପାତ୍ର**

ସମ୍ମତି ଭିତ୍ତିକ ଯୌନ ସଂପର୍କର ବୟସ କେତେ ହେବା ଉଚିତ, ତାହା ଆମଦେଶରେ ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇ ରହିଛି । ବର୍ତ୍ତମାନ ଭାରତରେ ସମ୍ମତି ଭିତ୍ତିକ ଯୌନ ସଂପର୍କର ବୈଧାନିକ ବୟସ ହେଉଛି ୧୮ ବର୍ଷ । ଏହାକୁ ହ୍ରାସ କରିବା ପାଇଁ ନିୟମିତ ବ୍ୟବଧାନରେ ସ୍ୱର ଉଠିଛି । ଏ ପ୍ରସଙ୍ଗ ଉପରେ ସୁପ୍ରିମକୋର୍ଟ ମଧ୍ୟ ବିଚାର କରୁଛନ୍ତି । କିଛି ଦିନ ତଳେ ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂହ ଭାରତରେ କିଶୋର କିଶୋରୀଙ୍କ ମଧ୍ୟରେ ସମ୍ମତି ଭିତ୍ତିକ ଯୌନ ସଂପର୍କର ବୈଧାନିକ ବୟସସୀମା ୧୮ ବର୍ଷରୁ ୧୬ ବର୍ଷକୁ ହ୍ରାସ କରିବା ପାଇଁ ସୁପ୍ରିମକୋର୍ଟରେ ଯୁକ୍ତି ଉପସ୍ଥାପନ କରିଛନ୍ତି । ୧୬ରୁ ୧୮ ବର୍ଷ ବୟସର କିଶୋର କିଶୋରୀଙ୍କ ମଧ୍ୟରେ ସମ୍ମତି ଭିତ୍ତିକ ଯୌନ ସଂପର୍କ ଅପରାଧ ଶ୍ରେଣୀରେ ରଖିବା ଉଚିତ ନୁହେଁ । ଜୀବନର ୧୬ଟି ବସନ୍ତ ଅତିକ୍ରମ କରିବା ପରେ କିଶୋର-କିଶୋରୀମାନଙ୍କ ମଧ୍ୟରେ ଯୌନ ସଚେତନତା ଆସିସାରିଥାଏ । ଏଣୁ ସେମାନଙ୍କ ମଧ୍ୟରେ ସମ୍ମତିଭିତ୍ତିକ ଶାରୀରିକ ସଂପର୍କକୁ ଦଣ୍ଡନୀୟ ଅପରାଧ ଶ୍ରେଣୀଭୁକ୍ତ କରିବା ଅଧିକାରର ଉଲ୍ଲଂଘନ ବୋଲି ସୁପ୍ରିମକୋର୍ଟଙ୍କ ଆମିକସ କ୍ୟୁରୀ ବା ନ୍ୟାୟମିତ୍ର ଭାବେ ମତ ରଖିଛନ୍ତି ଇନ୍ଦିରା ଜୟସିଂହ । ପ୍ରଚଳିତ ଆଇନରେ ସଂଶୋଧନ କରାଯାଇ ବୈଧାନିକ ବୟସ ୧୮ରୁ ୧୬ କରିବା ପାଇଁ ସୁପାରିଶ କରିଛନ୍ତି ଇନ୍ଦିରା ଜୟସିଂହ । ଅନେକ ଶିଶୁ ସୁରକ୍ଷା ଅଧିକାର କର୍ମୀ ଓ ବୁଦ୍ଧିଜୀବୀ ମଧ୍ୟ ବହୁଆଗରୁ ସମାନ ମତ ପୋଷଣ କରିଆସିଛନ୍ତି । ତେବେ, କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ଏ କ୍ଷେତ୍ରରେ କଠୋର । ବୟସ ସୀମା ହ୍ରାସ ଦାବି ଗ୍ରହଣ କରିବାକୁ କେନ୍ଦ୍ର ସରକାର ଅମଙ୍ଗ । ଯଦି ସମ୍ମତି ଭିତ୍ତିକ ଯୌନ ସଂପର୍କର ବୈଧାନିକ ବୟସ ୧୮ ବର୍ଷରୁ କମ୍ କରିଦିଆଯାଏ, ତାହା ହେଲେ ଯୌନ ଶୋଷଣ ବୃଦ୍ଧି ପାଇବ । ବିଶେଷକରି ଶିଶୁ ଯୌନ ନିର୍ଯାତନା ବୃଦ୍ଧି ପାଇବା ଆଶଙ୍କା ରହିଛି ବୋଲି କେନ୍ଦ୍ର ସରକାରଙ୍କ ଯୁକ୍ତି । ବୟସସୀମା ହ୍ରାସ ହେଲେ ପିଲାମାନଙ୍କ ଯୌନ ଶୋଷଣ ରୋକିବାକୁ ପ୍ରଚଳିତ ଆଇନର ଢାଂଚା ଦୁର୍ବଳ ହୋଇପଡିବ ବୋଲି କେନ୍ଦ୍ର ସରକାର ଆଶଙ୍କା କରୁଛନ୍ତି । ସମ୍ମତି ଆଳରେ ଦୁଷ୍କର୍ମକୁ ପ୍ରଶ୍ରୟ ମିଳିବ ବୋଲି କେନ୍ଦ୍ର ସରକାର ଦର୍ଶାଇଛନ୍ତି । ୨୦୧୨ ମସିହାର 'ଯୌନ ଅପରାଧରୁ ଶିଶୁଙ୍କ ସୁରକ୍ଷା' ବା ପକ୍ସୋ (ପ୍ରୋଟେକସନ ଅଫ୍ ଚିଲଡ୍ରେନ ଫ୍ରମ୍ ସେକ୍ସୁଆଲ୍ ଅଫେନ୍ସ) ଆକ୍ଟ ନାବାଳକ ଓ ନାବାଳିକାଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ବୋଲି ସୁପ୍ରିମକୋର୍ଟରେ ଦାଖଲ ସତ୍ୟପାଠରେ ଦର୍ଶାଇଛନ୍ତି କେନ୍ଦ୍ର ସରକାର । ତେବେ କିଶୋରାବସ୍ଥାରେ ପ୍ରେମ ସଂପର୍କ ଓ ଆପୋଷ ସମ୍ମତି ଭିତ୍ତିକ ଶାରୀରିକ ସମ୍ବନ୍ଧ ସଂପର୍କିତ କିଛି ନିର୍ଦ୍ଦିଷ୍ଟ ମାମଲାରେ କୋର୍ଟ 'ନ୍ୟାୟିକ ବିବେକ' (ଜୁଡିସିଆଲ କନସାଇନ୍ସ) ପ୍ରୟୋଗ କରିପାରିବେ ବୋଲି ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି । ବୈଧାନିକ ବୟସସୀମା ହ୍ରାସ କରାଗଲେ ଆଇନର ବହୁଳ ଦୁରୁପଯୋଗ ହେବା ସହ ଅଭିଯୁକ୍ତଙ୍କୁ ଖସିଯିବା ପାଇଁ ଗଳାବାଟ ମିଳିଯିବ ବୋଲି ସୁପ୍ରିମକୋର୍ଟକୁ ଜଣାଇଛନ୍ତି କେନ୍ଦ୍ର ସରକାର ।

ଅନେକ ବିଶେଷଜ୍ଞଙ୍କ ମତ ଯେ, କିଶୋରକିଶୋରୀମାନଙ୍କ ପାଇଁ ୨୦୧୨ର ପକ୍ସୋ ଆକ୍ଟ ଆବଶ୍ୟକଠାରୁ ଅଧିକ କଠୋର । ଏହି ଆକ୍ଟ ଅନୁସାରେ ସମ୍ମତି ଥାଉ କି ନଥାଉ, ୧୮ ବର୍ଷରୁ କମ୍ ବୟସରେ ଶାରୀରିକ ସଂପର୍କକୁ ଦଣ୍ଡନୀୟ ଅପରାଧ ଶ୍ରେଣୀରେ ରଖାଯାଇଛି ।

ବିଶ୍ୱର କିଛି ଦେଶରେ ସମ୍ମତି ଭିତ୍ତିକ ଯୌନ ସଂପର୍କର ବୈଧାନିକ ବୟସ ୧୬ ବର୍ଷ ରହିଛି । ବ୍ରିଟେନ, କାନାଡା ଭଳି ଦେଶରେ ବୟସସୀମା ୧୬ ରହିଥିବା ବେଳେ ଆମେରିକାର ଭିନ୍ନ ଭିନ୍ନ ରାଜ୍ୟରେ ବୟସସୀମା ଅଲଗା ଅଲଗା ରହିଛି । ଆଉ କିଛି ଦେଶରେ ତ ବୟସସୀମା ୧୩ ଓ ୧୪ ବର୍ଷ ରହିଛି । କିନ୍ତୁ ଯୌନ ସଂପର୍କ ପାଇଁ ଦୁଇ ପକ୍ଷ ମଧ୍ୟରେ ବୟସର ଅଧିକ ବ୍ୟବଧାନ ରହିଲେ ଏହା ବଳାତ୍କାର ଭାବେ ବିବେଚିତ ହେବ । କିଛି ମୁସଲିମ ଦେଶରେ ବିବାହ ପୂର୍ବରୁ ଶାରୀରିକ ସଂପର୍କ ରଖିବା ନିଷେଧ କରାଯାଇଛି ।

୧୮୬୦ ମସିହାରେ ଭାରତରେ ଯେତେବେଳେ ଫୌଜଦାରୀ ଆଇନ ଲାଗୁ ହୋଇଥିଲା, ସେତେବେଳେ ସମ୍ମତି ଭିତ୍ତିକ ଯୌନ ସଂପର୍କ ପାଇଁ ବୟସସୀମା ଥିଲା ୧୦ । ୧୯୪୦ରେ ସଂଶୋଧିତ ଆଇନ ବଳରେ ଏହି ସୀମା ୧୬ ବର୍ଷ କରାଯାଇଥିଲା । ଦୀର୍ଘ ୭୨ ବର୍ଷ ପରେ ବଡ ଧରଣର ପରିବର୍ତ୍ତନ କରାଯାଇ ୨୦୧୨ରେ ପକ୍ସୋ ଆକ୍ଟ ଅନୁସାରେ ସମ୍ମତିଭିତ୍ତିକ ଶାରୀରିକ ସଂପର୍କର ବୟସସୀମା ୧୬ରୁ ୧୮ ବର୍ଷ ବୃଦ୍ଧି କରାଯାଇଥିଲା, ଯାହାକୁ ନେଇ ଆଜି ବି ତର୍କ ବିତର୍କ ଜାରି ରହିଛି । ଅନେକ ଶିଶୁ ସୁରକ୍ଷା ଅଧିକାର କର୍ମୀଙ୍କ ସହ କେତେକ ରାଜ୍ୟର କୋର୍ଟ ସମ୍ମତି ଭିତ୍ତିକ ଯୌନ ସଂପର୍କର ବୈଧ ବୟସସୀମା ୧୮ରୁ ୧୬ ବର୍ଷକୁ ହ୍ରାସ କରିବା ସପକ୍ଷରେ ମତ ଦେଇଆସୁଛନ୍ତି । ପ୍ରଚଳିତ ଆଇନ ଅନୁସାରେ କିଶୋରକିଶୋରୀଙ୍କ ମଧ୍ୟରେ ସମ୍ମତି ଭିତ୍ତିକ ଶାରୀରିକ ସଂପର୍କ ଅପରାଧ ହୋଇଥିବାରୁ ରକ୍ଷଣଶୀଳ ମାତାପିତାମାନେ ପରିବାରର ସମ୍ମାନ ବଂଚାଇବା ଆଳରେ ଏହି ଆଇନର ଦୁରୁପଯୋଗ କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଛି । ଝିଅର ସମ୍ମତି ଥିଲେ ମଧ୍ୟ ପୁଅକୁ ପକ୍ସୋ ଆକ୍ଟ ଅନୁସାରେ ବଳାତ୍କାରୀ ଭାବେ ଦୋଷୀ ସାବ୍ୟସ୍ତ କରାଯିବାକୁ ଉଦ୍ୟମ ସଂପର୍କିତ ଅନେକ ମାମଲା ସାମନାକୁ ଆସିଛି । ଆଉ ସବୁ ମାମଲାରେ କୋର୍ଟ ରାୟ ଶୁଣାଇବା ବେଳେ କୋହଳ ହେଉନାହାନ୍ତି କି 'ନ୍ୟାୟିକ ବିବେକ'ର ପ୍ରୟୋଗ ହେଉନାହିଁ । ୨୦୨୨ରେ କର୍ଣ୍ଣାଟକ ହାଇକୋର୍ଟ କେତୋଟି ଉଦାହରଣ ସହ ପୋକ୍ସ ଆକ୍ଟର ସଂଶୋଧନ କରି ସହମତିଭିତ୍ତିକ ଯୌନ ସଂପର୍କର ବୈଧାନିକ ବୟସ ଉପରେ ପୁନଃବିଚାର ପାଇଁ ବିଧି ଆୟୋଗକୁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ବିଧି ଆୟୋଗ ବୟସସୀମା କୋହଳ କରିବା ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ । ହେଲେ ଅଦାଲତ ଚାହିଁଲେ ନିଜର ବିବେକ ଅନୁସାରେ ରାୟ ଦେଇପାରିବେ ବୋଲି ସୁପାରିଶ କରିଥିଲେ । କିନ୍ତୁ ବିଧି ଆୟୋଗଙ୍କ ଏହି ସୁପାରିଶ ଆଇନଗତ ଭାବେ ବାଧ୍ୟତାମୂଳକ କରାଯାଇନାହିଁ । ତେଣୁ କୋର୍ଟରେ ପକ୍ସୋ ସଂପର୍କିତ ସବୁ ମାମଲାରେ ରାୟରେ ସମାନତା ରହୁନି । କିଛି ମାମଲାରେ କୋର୍ଟ 'ନ୍ୟାୟିକ ବିବେକ' ବା ଜୁଡିସିଆଲ କନସାଇନ୍ସର ପ୍ରୟୋଗ କରି ରାୟ ଶୁଣାଇଥିବାର ନଜିର ରହିଥିଲେ ମଧ୍ୟ ଏହା ଆଇନଗତ ଭାବେ ବାଧ୍ୟତାମୂଳକ କରାଯାଇନଥିବାରୁ ଜଟିଳ ସମସ୍ୟା ସୃଷ୍ଟି ହେଉଛି । ଭୁଲ୍ ନଥାଇ ବି ଅନେକ ନିର୍ଦ୍ଦୋଷଙ୍କୁ ଦଣ୍ଡ ମିଳୁଛି । ଏ କ୍ଷେତ୍ରରେ ତାମିଲନାଡୁର ଏକ ମାମଲାର ଉଦାହରଣ ଦିଆଯାଇପାରେ । ଜଣେ ୧୭ ବର୍ଷିୟା କିଶୋରୀ ୨୩ ବର୍ଷିୟ ଯୁବକଙ୍କ ପ୍ରେମ ସଂପର୍କରେ ଥିଲେ । କିନ୍ତୁ କିଶୋରୀଙ୍କ ବାପାମାଆ ତାଙ୍କର ବିବାହ ଅନ୍ୟତ୍ର ଠିକ୍ କରିବା ପରେ ସେ ପ୍ରେମିକଙ୍କ ସହ ଘରୁ ପଳାଇଯାଇଥିଲେ । ଏହି ମାମଲାରେ ତଳ କୋର୍ଟ ଅଭିଯୁକ୍ତ ଯୁବକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । କିନ୍ତୁ ମାଡ୍ରାସ ହାଇକୋର୍ଟ ନ୍ୟାୟିକ ବିବେକକୁ ସଂପୂର୍ଣ୍ଣ ଉପେକ୍ଷା କରି ତଳକୋର୍ଟର ରାୟକୁ ଖାରଜ କରିବା ସହ ଅଭିଯୁକ୍ତ ଯୁବକଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଥିଲେ । ମାଡ୍ରାସ ହାଇକୋର୍ଟଙ୍କ ରାୟକୁ ଅନେକ ସହଜରେ ଗ୍ରହଣ କରିପାରନଥିଲେ । ଗଣମାଧ୍ୟମରେ କୋର୍ଟଙ୍କ ରାୟ ବେଶ୍ ଚର୍ଚ୍ଚାର ବିଷୟ ହୋଇଥିଲା ।

ସମ୍ମତିଭିତ୍ତିକ ଯୌନ ସଂପର୍କର ବର୍ତ୍ତମାନ ବୟସସୀମା ଏକ ପ୍ରଗତିଶୀଳ ସମାଜର ପରିପନ୍ଥୀ ବୋଲି ବୋଲି ଅନେକ ମତ ଦେଉଥିବା ବେଳେ ପରମ୍ପରାବାଦୀମାନେ କିନ୍ତୁ ଏ ପ୍ରସଙ୍ଗରେ କୌଣସି ତରବରିଆ ନିଷ୍ପତ୍ତି ସପକ୍ଷରେ ନାହାନ୍ତି । ଏଭଳି ଏକ ସ୍ପର୍ଶକାତର ପ୍ରସଙ୍ଗରେ ତର୍କବିତର୍କ ଜାରି ରହିଥିବା ବେଳେ ସୁପ୍ରିମକୋର୍ଟଙ୍କ ରାୟ ଉପରେ ରହିଛି ସମସ୍ତଙ୍କର ନଜର ।

ଲାଞ୍ଜିପଲ୍ଲୀ, ବ୍ରହ୍ମପୁର -୮
ମୋ-୮୮୪୭୮୪୨୪୨୪

# ଗୁରୁଙ୍କ ଦୋଷ

**ଶ୍ୟାମା ପ୍ରସାଦ ମିଶ୍ର**

ଅଳ୍ପ ଦିନ ତଳର ଘଟଣା। ଭୋଜି ରନ୍ଧା ଚାଲିଛି, ଡାଲି କ୍ଷୀରି ବସିଛି । ମୁଖ୍ୟ ପାଚକ ତା' ସାହାଯ୍ୟକାରୀ/ହେଲ୍ପର୍ କୁ କହିଲା - ଡାଲି ହଣ୍ଡା ଉପରେ ଆଉ ଏକ ହଣ୍ଡା ପାଣି ରଖିବା ପାଇଁ, କାରଣ ଡାଲି ସିଝିବା ଭିତରେ ସେ ପାଣି ଗରମ ହେଇ ଯାଇପାରିବ। ହେଲ୍ପର୍ ଟି ପାଣି ହଣ୍ଡା ଆଣି ଡାଲି ହଣ୍ଡାର ଢାଙ୍କୁଣି ଉପରେ ଥୋଇଦେଲା । ଏହା ଦେଖି ପାଚକଟି ତାଚ୍ଛଲ୍ୟ କରି କହିଲା - ଆରେ, କୋ ଗୁରୁ ତତେ ପାଠ ପଢ଼ାଉଥିଲା ରେ , ଜଣାପଡୁଛି ତୁ କୁଣ୍ଡା ଦେଇ ପାଠ ପଢୁଥିଲୁ ।

ଏଠାରେ ପାଣି ଗରମ କରିବାର କାଇଦା ଶିଖାଇବା ମଧ୍ୟ ସତେ ଯେମିତି ଚାଟଶାଳୀ/ବିଦ୍ୟାଳୟ ଗୁରୁଙ୍କ ଥିବା ଭଳି ମନେ ହେଲା । ଏପରି କେବଳ ରାନ୍ଧୁଣିଆ କହେନାହିଁ, ଆମ ଦୈନନ୍ଦିନ ଜୀବନରେ ଆମେ ପ୍ରତ୍ୟେକେ ପ୍ରତ୍ୟେକର କାର୍ଯ୍ୟରେ ଅସନ୍ତୁଷ୍ଟ ହେଲେ, ତା' ପ୍ରତି ପ୍ରୟୋଗ କରିବାକୁ ଆମେ କାର୍ପଣ୍ୟ ପ୍ରକାଶ କରିନଥାଉ ।

ମହାଭାରତର କାହାଣୀ ମଧ୍ୟ ଆମ ମାନସିକତା ଓ ଅଜ୍ଞତାରେ ଜର୍ଜରିତ। ଗୁରୁ 'ଦ୍ରୋଣାଚାର୍ଯ୍ୟ 'ଙ୍କ ଏକଲବ୍ୟ ପ୍ରତି ଈର୍ଷାନ୍ୱିତ ହୋଇ ତା'ର ବୃଦ୍ଧାଙ୍ଗୁଳିକୁ ଗୁରୁ ଦକ୍ଷିଣା ମାଗିନେଇ ଥିବା ଆମ ଭାରତୀୟ ସମାଜରେ ଖୁବ୍ ପ୍ରଚଳିତ।

ଆମେ ଭାବିଛୁ - ଦ୍ରୋଣାଚାର୍ଯ୍ୟ, ଅର୍ଜୁନଙ୍କୁ ଅଜେୟ ଧନୁର୍ଦ୍ଧର ପ୍ରମାଣିତ କରିବା ପାଇଁ ଏପରି କରିଥିଲେ। କିନ୍ତୁ ବାସ୍ତବିକ ତାହା ନୁହେଁ। ପ୍ରକୃତ ଘଟଣାଠାରୁ ଆମେ ଯୋଜନ ଯୋଜନ ଦୂରରେ।

ପ୍ରକୃତ ଘଟଣା ହେଲା - ଦ୍ରୋଣାଚାର୍ଯ୍ୟ ଦେଖିଲେ, ଏକଲବ୍ୟର ଅଦ୍ୱିତୀୟ ଧନୁର୍ଦ୍ଧରପଣ , ସେ ଏକାକୀ ପଞ୍ଚୁପାଣ୍ଡବଙ୍କୁ କରିଛି ଆବଦ୍ଧ । ପୁଣି ଦେଖିଲେ, ନିକଟରେ ଏକ ଶ୍ୱାନ ଯାହାର ମୁଖ-ବନ୍ଧ । ଏତେ କଳାତ୍ମକ ଭାବେ ତାକୁ ସିଲାଇ କରିଦିଆଯାଇଥିଲା, ଯାହା ପ୍ରମାଣିତ କରୁଥିଲା ଏକଲବ୍ୟର ଶରସନ୍ଧାନର ନିପୁଣତା। ଶ୍ୱାନଟିର ଦୋଷ ଥିଲା ସେ ଖୁବ୍ ଭୁକୁଥିଲା। ଦ୍ରୋଣାଚାର୍ଯ୍ୟ ଥିଲେ ଦୂରଦ୍ରଷ୍ଟା। ସେ ଅନୁଭବ କଲେ ଯେ ଏକଲବ୍ୟ ନିଜେ ଏକ ଅପରାଜେୟ ଶକ୍ତି, କିନ୍ତୁ ଶକ୍ତିର ବିବେକହୀନ ପ୍ରୟୋଗ ଆଣିଦିଏ - ଅତୁଳନୀୟ ବିଭୀଷିକା ( ଯାହା ଆଜି ବହୁଧା ପ୍ରମାଣିତ, ବିଜ୍ଞାନର ଅବିବେକୀ ପ୍ରୟୋଗ ଫଳରେ ଆମର ପୃଥିବୀ ଜରାଜୀର୍ଣ୍ଣ , ଆମେ ଆଜି ହାହାକାର) । ଅତଏବ ସେଦିନ ଏକ ଅବଶ୍ୟମ୍ଭାବୀ ବିଭୀଷିକାକୁ ରୋକିବା ନିମନ୍ତେ ସେହି ଅଜେୟ ଶକ୍ତିକୁ ଆବଦ୍ଧ କରିବା ନିମିତ୍ତ ବୃଦ୍ଧାଙ୍ଗୁଳିକୁ ମାଗିନେଲେ। ନ ହେଲେ କିଏ କହିପାରିଥାନ୍ତା - ଏକଲବ୍ୟ ହୁଏତ ଗୋଟିଏ ତୀରରେ ପୃଥିବୀର ଘଟାଇଥାନ୍ତେ କିଛି ଅପୂରଣୀୟ କ୍ଷତି । ଏଠାରେ ଦ୍ରୋଣାଚାର୍ଯ୍ୟ ସମଗ୍ର ପୃଥିବୀକୁ ଏକ ଅନାଗତ ବିଭୀଷିକାରୁ ମୁକ୍ତ କରି ପ୍ରଚଣ୍ଡ ବିଜ୍ଞତାର ପରିଚୟ ଦେଇଛନ୍ତି । ନ ହେଲେ ଏକଲବ୍ୟ ରୂପକ ମହାଶକ୍ତି କାହାର ଯେ କି କ୍ଷତି କରିଥାନ୍ତା, କିଏ ବା କରିପାରନ୍ତା ତାହାର କଳ୍ପନା। ଆମେ ପୁରା ଘଟଣା ନ ବୁଝି କରି ଚାଲିଛେ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କୁ ବଦନାମ୍ , ତାଙ୍କୁ ଗୁରୁ ନାମରେ କଳଙ୍କ ବୋଲି କରୁ ବିବେଚନା , ଯାହା ସଂପୂର୍ଣ୍ଣ ଭୁଲ୍।

ଗୁରୁଙ୍କ ଉପରେ ଦୋଷ ଲଦି ଦେବାରେ ଆମର ଖୁସି ଓ ପରିଣତ ହୋଇଯାଇଛି ଏକ ଚିରାଚରିତ ଅଭ୍ୟାସରେ । କିଛି ଦିନ ତଳେ କାନ୍ଥ ପଡ଼ିଯିବା ଯୋଗୁଁ ଅଘଟଣ ଘଟିଲା, ଯେଉଁଥିରେ ଦୋଷୀ ହେଲେ କେବଳ ଗୁରୁ , ଆଉ ସମସ୍ତେ ଯେପରି କ୍ଷୀରରେ ଗାଧୁଆ । କିନ୍ତୁ ଏଠି ସମସ୍ତେ ' ସୂତ୍ରେ ସୂତ୍ରେ କୋଳାକୋଳି' । ବିଚାର କରନ୍ତୁ - ପାଣି ବସାଇବା ଭୁଲ୍ କଥା, ସେଠାରେ ତା'ର ସେହି ବିଦ୍ୟାର ଗୁରୁ ଅର୍ଥାତ୍ ମୁଖ୍ୟ ପାଚକର ହିଁ ଭୁଲ୍ । କିନ୍ତୁ ସେ କହୁଥିଲା, ପାଠପଢ଼ା ଗୁରୁଙ୍କ ଭୁଲ୍ କଥା। ଗୁରୁ ଏପରି ଏକ ମଣିଷ, ଯିଏ ନିଜ ଶିଷ୍ୟ, ଛାତ୍ର ଛାତ୍ରୀ , ଅନୁଗାମୀଙ୍କୁ ଅବାଟରେ ଯିବାକୁ ବାରଣ କରି ସତତ ଚେଷ୍ଟା କରେ କେବଳ ତା'ର ପ୍ରଗତି ନିମିତ୍ତ । ଏହା କେବଳ କରିଥାନ୍ତି ନିଜର ଚାଟଶାଳୀ/ ବିଦ୍ୟାଳୟ ଗୁରୁ, କାରଣ ଅନ୍ୟ କ୍ଷେତ୍ରରେ ନିଜର ଶିଷ୍ୟ ଦିନେ ଗୁରୁଟିର ପ୍ରତିଦ୍ୱନ୍ଦୀ ହୋଇପାରେ । ଯେପରି ଆଜିର ସାହାଯ୍ୟକାରୀଟି ଆସନ୍ତା କାଲି ଭଲ ସୂପକାର (ରାନ୍ଧୁଣିଆ) ଟିଏ ହୋଇ ଉଭା ହେଲେ ମୁଖ୍ୟ ପାଚକର ବେଉସା ହୁଏ ପ୍ରଭାବିତ । କେବଳ ବିଦ୍ୟାଳୟର ଗୁରୁ ଚାହେଁ - ଶିଷ୍ୟଠାରୁ ପରାଜୟ । ସର୍ବତ୍ର ଜୟମନ୍ୱିଷ୍ୟେତ୍ ପୁତ୍ରାତ୍ ଶିଷ୍ୟାତ୍ ପରାଜୟମ୍ ( କିରାତାର୍ଜୁନୀୟମ୍ ମହାକାବ୍ୟମ୍- ଭାରବୀ) । ଏଣୁ ଆସନ୍ତୁ, ଗୁରୁ ଦ୍ରୋଣଙ୍କୁ ସମାଲୋଚନା କରିବାରୁ କ୍ଷାନ୍ତ ରହିବା ଓ ଆମେ ସମସ୍ତେ ନିଜ ଅଜ୍ଞତାର ଦୋଷ ଗୁରୁଙ୍କ ମୁଣ୍ଡରେ ନ ଲଦି ଦେଇ ନିଜେ ପଢିବା, ଜାଣିବା ତଥା ନିଜ ଦୋଷକୁ ସ୍ୱୀକାର କରିବାର ସରଳ କଳାଟି ଆପଣାଇବା ।

ଭଂଜନଗର
ମୋ : ୯୦୯୦୫୦୭୯୫୫

## ସଂପାଦକଙ୍କୁ ପତ୍ର

### ବୃଦ୍ଧି ପାଉଛି ଆତ୍ମହତ୍ୟା ମାନସିକତା

ମହାଶୟ,

ଦେଶରେ ଦିନକୁ ଦିନ ଆତ୍ମହତ୍ୟା ମାମଲା ବୃଦ୍ଧି ପାଇବାରେ ଲାଗିଛି । ଜାତୀୟ ମାନସିକ ସ୍ୱାସ୍ଥ୍ୟ ସର୍ଭେ ଅନୁସାରେ ପ୍ରାୟ ୧୫ କୋଟି ଭାରତୀୟଙ୍କ ମାନସିକ ଚିକିତ୍ସା ଆବଶ୍ୟକ। କିନ୍ତୁ ୩କୋଟିରୁ କମ ଲୋକ ଏହି ଚିକିତ୍ସା ନେଉଛନ୍ତି। ମାନସିକ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ସାଙ୍ଗକୁ ଆତ୍ମହତ୍ୟାର ସମସ୍ତ କାରଣ ବିଚାରକୁ ନିଆଯିବା ଦରକାର ଏବଂ ତାର ସମାଧାନ ଲାଗି ପଦକ୍ଷେପ ନିଆଯିବା ଆବଶ୍ୟକ। ତାହା ସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇ ବିଶେଷ ଭାବରେ ପରିବାର ଦ୍ୱାରା ବିଷାଦଗ୍ରସ୍ତ ଲୋକଙ୍କୁ ସୁଧାରିବାକୁ ବି ଉଦ୍ୟମ ହେବା ଲୋଡ଼ା। ଏସବୁ ଆତ୍ମହତ୍ୟା ପଛରେ ଥିବା କାରଣ ସବୁ ସାମାଜିକ। ବିଫଳ ବିବାହ, ବିବାହରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଓ ପରକୀୟା ପ୍ରୀତି ଏଭଳି ପରିସ୍ଥିତି ପଛରେ ଥିବା କାରଣ ଗୁଡ଼ିକ ଭିତରୁ ଅନ୍ୟତମ। ଏହାର ଅର୍ଥ ବିବାହ ଭଳି ଏକ ଅନୁଷ୍ଠାନ, ଯାହା ଜଣକୁ ଅନ୍ୟ ସହିତ ଯୋଡ଼ିବା ଲାଗି, ଏକ ପରିବାରକୁ ଅନ୍ୟ ଏକ ପରିବାର ସହିତ ସଂଯୁକ୍ତ କରିବା ଲାଗି ତଥା ବିବାହୋତ୍ତର ନୂତନ ପରିବାରଟିଏର ସୃଷ୍ଟି ଲାଗି ଅଭିପ୍ରେତ, ଏବେ ତାହା ଅଧିକରୁ ଅଧିକ ଜୀବନ ନେବାକୁ ବସିଲାଣି। ଏହାର କାରଣ ଅର୍ଥସର୍ବସ୍ୱ ଜୀବନରେ ସ୍ନେହ, ସଦିଚ୍ଛା, ସମ୍ବେଦନଶୀଳତା ଓ ତ୍ୟାଗ ଭଳି ଭାବର ମୂଲ୍ୟ ଦ୍ରୁତ ଗତିରେ କମିବାରେ ଲାଗିଛି। ବିଡ଼ମ୍ବନା ହେଲା, ଉପରୋକ୍ତ ଅବକ୍ଷମୁଖୀ ଭାବ ସଂପଦ ହିଁ ଜଣକୁ ଆତ୍ମିକ ଶକ୍ତି ପ୍ରଦାନ କରେ, ଯାହାଫଳରେ ସେ ସଙ୍କଟମୟ ଘଡ଼ିରେ ଚରମ ପଦକ୍ଷେପ ନିଏ ନାହିଁ। ସେମିତି ଦୁରାରୋଗ୍ୟ ବ୍ୟାଧି ଆଗରେ ହାର ମାନି ଆତ୍ମହତ୍ୟା କରିବାର ଘଟଣା। ଅର୍ଥ ବା ଧନସଂପତ୍ତି ଦ୍ୱାରା ସବୁକିଛି ସମ୍ଭବ ବୋଲି ବିବେଚନା କରୁଥିବା ଆମ ଭଳି ସମସ୍ତେ ଏ ପରିସଂଖ୍ୟାନର ସତର୍କ ବାଣୀକୁ ପୁରୁଣାକାଳିଆ ଚିନ୍ତା ବୋଲି କହି ପରିହାସ କରିବାରେ ଆମ ଲାଗି ଲାଭ କମ୍, କ୍ଷତି ଅଧିକ।

ମାନସ ରଂଜନ ପରିଡ଼ା, କଟକ

# ବସ୍ତୁବାଦୀ ଓ ବାସ୍ତବବାଦୀ

**ଶ୍ରୀବତ୍ସ ନାୟକ**

ହେ ବସ୍ତୁବାଦୀ ! କାହିଁକି ଛନ୍ଦି ହୁଅ ସେ ଅନ୍ତହୀନ ଉତ୍କଣ୍ଠାରେ, କାହିଁକି ଏତେ ଧ୍ୟାନରତ ତତ୍କାଳ ସନ୍ତୁଷ୍ଟିରେ ? ବସ୍ତୁ ସହିତ ଜଡିତ ଥାଏ ଅବଶ୍ୟମ୍ଭାବୀ ବିଚ୍ଛେଦ,କାହିଁକି ମନ ଲାଗେ ନାହିଁ କିଛି ସ୍ଥାୟୀ ଶାନ୍ତିରେ ? କାହିଁ ଫସି ଯାଅ ସେ କର୍ତ୍ତା ପଣର ଗର୍ବରେ,କାହିଁକି ହୁଅ କର୍ମ ବିମୁଖ ଫଳପ୍ରାପ୍ତି ରୂପରେ, ହାତରେ ନାହିଁ ଯାହା ଖୋଜୁଛ ହାତ ପତେଇ ତାହା,କାହିଁ ଧ୍ୟାନ ରହୁ ନାହିଁ କର୍ମ ପ୍ରକ୍ରିୟାରେ ? ବାସ୍ତବ ଖୁସି ବସ୍ତୁବାଦରେ ନଥାଏ ବରଂ ବାସ୍ତବବାଦରେ ଥାଏ । ବସ୍ତୁବାଦକୁ ପରିତ୍ୟାଗ କରି ବାସ୍ତବବାଦକୁ ଆପଣାଇ ନିଅ ଦେଖିବ ବାସ୍ତବ ଖୁସି ଓ ଶାନ୍ତି ଫେରି ଆସିବ ।

ନିପଟ ମଫସଲ ଗାଁରେ ଲୋକନାଥ ନାମରେ ଗୋଟିଏ ଗରିବ ଲୋକ ରହୁଥିଲେ । ସେ ଜମି ଚାଷ କରି ନିଜ ପରିବାରକୁ ଚଳାଉଥିଲେ । ତାଙ୍କ ପାଖରେ ଧନ ନଥିଲା କି ଦାମିକା ଜିନିଷ ନଥିଲା କିନ୍ତୁ ମନରେ ସନ୍ତୁଷ୍ଟି ଥିଲା । ସେ ସବୁବେଳେ କୁହୁଥିଲେ

"ଯେଉଁ ମଣିଷ ମନରେ ଶାନ୍ତି ଥାଏ,ସେଇ ହେଲା ଅସଲ ଧନୀ ।" ସେଇ ଗାଁରେ ହୀରାଲାଲ ନାମରେ ଗୋଟିଏ ବଡ଼ ବ୍ୟବସାୟୀ ଥିଲେ। ତାଙ୍କ ପାଖରେ ଅସିମିତ ଧନ, ବଡ଼ ବଡ଼ ଘର, ଗାଡ଼ି, ଏବଂ ସୁନା-ରୂପା ଥିଲା। କିନ୍ତୁ ସେ ମନରେ ଶାନ୍ତି ପାଉନଥିଲେ ।

ଦିନେ ହୀରାଲାଲ,ଲୋକନାଥଙ୍କୁ ଦେଖି କହିଲେ "ତୁମେ ଗରିବ ହେଲେ ମଧ୍ୟ ହସୁଛ, ଖେଳୁଛ, ବୁଲୁଛ ଓ ଶାନ୍ତିରେ ରହୁଛ । ମୁଁ ଧନୀ ହେଲେ ମଧ୍ୟ ମନରେ ଶାନ୍ତି ପାଉନି, କାହିଁକି ?" ଲୋକନାଥ ହସି କହିଲେ —"ମନ ଶାନ୍ତି ବଜାରରେ ମିଳେନି ମହାଶୟ, ସେ ହୃଦୟରେ ମିଳେ ।" ହୀରାଲାଲ ଏହାକୁ ହସି ଉଡାଇଦେଲେ । ସେ ଭାବିଲେ — "ଧନ ଦିଏ ମଣିଷକୁ ସୁଖ,ଲୋକନାଥ ବୁଝୁନାହିଁ।" କିଛି ଦିନ ପରେ ହୀରାଲାଲ ଏକ ଦାମିକା ହୀରା ଖଚିତ ହାତଘଡି କିଣିଲେ । ସେ ଭାବିଲେ — "ଏହାକୁ ପିନ୍ଧିଲେ ମୁଁ ସବୁଠାରୁ ସ୍ୱତନ୍ତ୍ର ହେବି । ସେ ଘଡିଟିକୁ ପିନ୍ଧି ଗାଁରେ ଘୁରିଲେ । ଲୋକମାନେ ଏତେ ଦାମିକା ଘଡି ଦେଖି ଆଶ୍ଚର୍ଯ୍ୟ ହେଲେ । ହୀରାଲାଲ ରାତିରେ ଘରକୁ ଫେରି ଶୋଇବାକୁ ଗଲାବେଳେ ଶୋଇପାରିଲେ ନାହିଁ ।

ତାଙ୍କ ମନରେ ଚିନ୍ତା — "ଘଡି ଚୋରି ହେଲେ ?" "କିଏ ନେଲା କି ?" "ସୁରକ୍ଷା କେମିତି ରଖିବି ?" ଏହିଭଳି ଭାବି ଭାବି ସେ ସାରା ରାତି ଉଜାଗରରେ ରହିଲେ । ଅନିଦ୍ରା କାରଣରୁ ସକାଳେ ତାଙ୍କର ଆଖି ଫୁଲିଗଲା, ମୁହଁ ଶୁଷ୍କ ହୋଇଗଲା ଓ ଦୁର୍ବଳ ଅନୁଭବ କଲେ। ପରେ ସେ ଦେଖିଲେ ଲୋକନାଥ ହାତରେ ଏକ ସାଧାରଣ ଘଡି ପିନ୍ଧି ନଦୀ ପାଖରେ ଶିଶୁମାନଙ୍କ ସହିତ ହସୁଛନ୍ତି, ଗୀତ ଗାଉଛନ୍ତି ଓ ଖୁବଆନନ୍ଦରେ ମଉଜ ମଜଲିସ କରୁଛନ୍ତି । ଏହା ଦେଖି ହୀରାଲାଲ ପୁଣି ପଚାରିଲେ, "ଲୋକନାଥ, ମୁଁ ଧନୀ ହେଲେ ମଧ୍ୟ ସାରା ଦିନ ଚିନ୍ତିତ ରହୁଛି, କିନ୍ତୁ ତୁମେ କେମିତି ଏମିତି ଖୁସିରେ ଅଛ ?" ଲୋକନାଥ ହସି ଏକ କଥା କହିଲେ, "ମୋ ଘଡି ସମୟ ଦେଉଛି, ତୁମ ଘଡି ଚିନ୍ତା ଦେଉଛି। ବସ୍ତୁ ଯେତେ ମୂଲ୍ୟବାନ ହୁଏ, ମନ ସେତେ ଦାସ ହୋଇଯାଏ।" ହୀରାଲାଲ ଶାନ୍ତ ହୋଇଗଲେ । ସେ ସେହି ଦିନ ନିଜ ହୀରା ଖଚିତ ଘଡିକୁ ଖୋଲି ନଦୀରେ ପକାଇଦେଲେ ଏବଂ ଅନୁଭବ କଲେ ଯେ ସୁଖ ବସ୍ତୁରେ ନୁହେଁ, ବରଂ ମନରେ ଥାଏ । ହଁ ଆଜ୍ଞା ବସ୍ତୁବାଦ ଦୁନିଆ ଆମକୁ ସୁଖର ଆଶ୍ୱାସନ ଦେଇଥାଏ, କିନ୍ତୁ ପ୍ରକୃତ ଆତ୍ମିକ ଶାନ୍ତି ଓ ସୁଖ ବାସ୍ତବବାଦ ଦୁନିଆରେ ଥାଏ । ବସ୍ତୁବାଦ ଦୁନିଆରେ ସମସ୍ତେ ଆଜି ନିମଗ୍ନ । ଅଧିକ ଶକ୍ତି ସାମର୍ଥ୍ୟ ଥାଉ କି ନଥାଉ, ଅଧିକ ଉପାର୍ଜନ ଥାଉ କି ନଥାଉ, ଅଧିକ କ୍ରୟ କରିବା,ଅଧିକ ଉପଭୋଗ କରିବା ଲାଳସାରେ ସମସ୍ତେ ଧାଉଁଛନ୍ତି । ବସ୍ତୁବାଦର କୁହେଳିକା ଭିତରେ କିଛି ଝାମ୍ପି ନେବାକୁ ନିଜ ନିଜ ସ୍ତରରେ ସମସ୍ତେ ବ୍ୟଗ୍ର ଓ ଉଦ୍ୟମରତ । ସମସ୍ତେ ପ୍ରତିଯୋଗୀତା ପ୍ରବଣ ହୋଇ ପଡ଼ିଛନ୍ତି । ଏହାଦ୍ୱାରା ସମାଜରେ ହୀନମନ୍ୟତା ଓ ବିକୃତ ମାନସିକତା ପ୍ରଚଣ୍ଡ ଭାବେ ବ୍ୟାପୁଛି । ସାମାଜିକ ମୁଲ୍ୟବୋଧର ଓ ମାନବୀୟ ଚେତନାର କ୍ଷୀପ୍ର ଗୁଣାତ୍ମକ ଅବକ୍ଷୟ ଘଟୁଛି । ବସ୍ତୁବାଦରେ ପୀଡିତ ହୋଇ ଅନେକ ଲୋକ ମିଥ୍ୟା, ଛଳନା, ସନ୍ଦେହ, ପ୍ରତାରଣା, ପ୍ରବଞ୍ଚନା, ହିଂସା,ଆଳସ୍ୟ ଓ ଅହଙ୍କାରର ଶୀକାର ହୋଇ ଚାଲିଛନ୍ତି । ଏହା ହିଁ ସାମାଜିକ ବ୍ୟାଧି । ଏହାକୁ ପରିତ୍ୟାଗ କଲେ ମଣିଷ ନିଜେ ସୁଖ ଓ ଶାନ୍ତିରେ କାଳାତିପାତ କରିବାସହ ଏକ ସୁସ୍ଥ ଓ ଉନ୍ନତ ରାଷ୍ଟ୍ର ନିର୍ମାଣ କରିପାରିବ ଏଥିରେ ସନ୍ଦେହ ନାହିଁ । ସବୁ ଥାଇ ବି ମଣିଷ ଆଜି ଅଶାନ୍ତିର ବାତାବରଣ ଦେଇ ଯଦି ଗତି କରୁଥାଏ ତେବେ ତାହାର କାରଣ ହେଉଛି ବସ୍ତୁବାଦ ଦୁନିଆ । ଏହି

ବସ୍ତୁବାଦ ଦୁନିଆ ହେଉଛି ଏମିତି ଏକ ସମାଜ ଯେଉଁଠି ମନୁଷ୍ୟ ମାନବୀୟ ମୂଲ୍ୟ, ନୀତି, ଆତ୍ମିକତା, ଓ ମମତାକୁ ଛାଡ଼ି ଦେଇ କେବଳ ଭୌତିକ ସୁଖ ସମ୍ପଦକୁ ଅଧିଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥାଏ । ଏହି ଧାରଣାରେ ଆତ୍ମିକତା, ନୀତି, ଓ ମାନବତାର ସ୍ଥାନ ଅତ୍ୟନ୍ତ କମ । ମଣିଷ ଏଠାରେ "ଥିବା" ନୁହେଁ, "ରଖିବା" ଉପରେ ଗୁରୁତ୍ୱ ଦିଏ । ଅନଲାଇନ ଶପିଂ, ସୋସିଆଲ ମିଡିଆ,ବିଜ୍ଞାପନ,ସବୁଠି ମଣିଷର ଇଚ୍ଛାକୁ ଉତ୍ତେଜିତ କରି ବସ୍ତୁବାଦ ଦୁନିଆ ମଣିଷକୁ ବସ୍ତୁ ତିଆରିରେ ଲଗାଇଦେଉଛି । ଅତିରିକ୍ତ ଉପଭୋଗ ଓ ଶିଳ୍ପୀକରଣ ଫଳରେ ପୃଥିବୀ ଗରମ ହେଉଛି, ପରିବେଶ ନଷ୍ଟ ହେଉଛି ଏବଂ ପ୍ରକୃତି ଅସନ୍ତୁଳିତ ହେଉଛି। ବିଶେଷକରି ଅନାବଶ୍ୟକ ଭାବେ ମୋବାଇଲ, କମ୍ପ୍ୟୁଟର୍ ଓ ଇଣ୍ଟରନେଟ୍ର ବହୁଳ ବ୍ୟବହାର କରି ନିଜର ମୂଲ୍ୟବାନ୍ ସମୟକୁ ଅପଚୟ କରୁଛି ମଣିଷ । ରକ୍ତ,ମାଂସ,ଓ ହାଡ଼ ନିର୍ମିତ ମଣିଷ ଅଧୁନା ଯନ୍ତ୍ର ମାନବରେ ରୂପାନ୍ତରିତ ହୋଇଗଲାଣି ଫଳ ସ୍ୱରୂପ ପାରିବାରିକ ସମ୍ପର୍କ କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ପ୍ରତିଦିନ ନୂଆ ଉତ୍ପାଦ, ଫ୍ୟାଶନ, ଫୋନ, କାରର ଚାହିଦା — ମଣିଷଙ୍କୁ ଅଧିକ ଲୋଭୀ ଓ ଅସନ୍ତୁଷ୍ଟ କରୁଛି। ଅତ୍ୟଧିକ ଲୋଭର ବଶବର୍ତ୍ତୀ ହୋଇ ସମାଜରେ ଅନେକ ଅମାନବୀୟ କାର୍ଯ୍ୟ କରିବାକୁ ମଧ୍ୟ ପଛାଉନାହିଁ । ବସ୍ତୁବାଦୀ ମଣିଷ ସମାଜରେ ଦୁର୍ନୀତି, ଅସତ୍ୟ, ଅନ୍ୟାୟକୁ ପ୍ରଶ୍ରୟ ଦେଉଛି । ନିଜର ବ୍ୟକ୍ତିଗତ ଲାଭ ପାଇଁ ଯେକୋଣସି ପଥ ଅନୁସରଣ କରୁଛି ଫଳରେ ସମାଜରେ ଏକ ଅସ୍ୱାସ୍ଥ୍ୟକର ପ୍ରତିଯୋଗିତା ଜନ୍ମ ନେଉଛି — ଯେଉଁଠି ପ୍ରତ୍ୟେକେ ଅନ୍ୟଙ୍କୁ ଅତିକ୍ରମ କରିବାକୁ ଚେଷ୍ଟା କରୁଛନ୍ତି । ନୀତି ଓ ମୂଲ୍ୟବୋଧ ଦୁର୍ବଳ ହୋଇଯାଉଛି । ଯେତେ ଧନ ବଢୁଛି, ସେତେ ଅଧିକ ଲୋଭ ଜନ୍ମୁଛି। ଆତ୍ମିକ ଶାନ୍ତି ହରାଇବସୁଛି । ଧନ ଓ ସଫଳତାର ଦୌଡ଼ରେ ଚାପ, ଚିନ୍ତା,ଓ ଅସନ୍ତୁଷ୍ଟିରେ ଜୀବନ ବିତାଉଛି । ଏକ ସମୟ ଥିଲା ଯେଉଁଠି ମଣିଷର ମଣିଷ ପାଇଁ ଭାବ ଥିଲା । ଆଜି ସେହି ସ୍ନେହ ଓ ଦୟା ହ୍ରାସ ପାଇଛି । ସମାଜ ସହାନୁଭୂତିହୀନ ହୋଇଯାଇଛି। ବସ୍ତୁବାଦୀ ଜୀବନରେ ମଣିଷ ପାଖରେ ସବୁ ଥିଲେ ମଧ୍ୟ ସେ ସନ୍ତୁଷ୍ଟ ନୁହେଁ। ମନରେ ଅନୁଭବ ହୁଏ — "କିଛି ଅଭାବ ଅଛି"। ଏହା ହେଉଛି ଆତ୍ମିକ ଶୂନ୍ୟତା। ଧନ ଦେଇ ସେଇ ଶୂନ୍ୟତା ପୂରଣ ହେଉନାହିଁ। ଆଜିର ସମାଜରେ ମଣିଷ ମଣିଷକୁ ତାହାର ଚରିତ୍ର ଓ ଗୁଣ ନୁହେଁ, ତାହାର ଗାଡ଼ି, ଘର, ବ୍ରାଣ୍ଡ ଓ ପୋଶାକ ଦେଖି ମୂଲ୍ୟାୟନ କରୁଛି। ଏହାର ଫଳରେ ମଣିଷ ଭିତରୁ ଆତ୍ମିକ ସାନ୍ତ୍ୱନା ଲୋପ ପାଇଯାଉଛି । ସମାଜରେ ଶିକ୍ଷିତଙ୍କ ସଂଖ୍ୟାର ଅଭାବ ନାହିଁ କିନ୍ତୁ ଜ୍ଞାନୀଙ୍କ ସଂଖ୍ୟା ନଗଣ୍ୟ ହେବାରୁ ମନକୁ ଶାନ୍ତ କରିବାରେ ବିଫଳ ହେଉଛି ମଣିଷ । ନିଜ ମନକୁ ଶାନ୍ତ କରିବା ପାଇଁ ନିଜ ପାଖରେ ନା ସମୟ ଅଛି ନା ଜ୍ଞାନ ଅଛି ।

ବାସ୍ତବିକ୍ ଆତ୍ମିକତା ଓ ମୂଲ୍ୟବୋଧ ସହିତ ସମନ୍ୱୟ ରଖିପାରିଲେ ବସ୍ତୁବାଦ ହେବା ସ୍ୱାଗତ ଯୋଗ୍ୟ । ମଣିଷ ଜୀବନରେ ସୁବିଧା ଓ ସଫଳତା ଆବଶ୍ୟକ, କିନ୍ତୁ ତତ୍ ସହିତ ମମତା, ଦୟା, ଓ ନୀତିକୁ ଅବହେଳା କଲେ ଜୀବନ ଅର୍ଥହୀନ ଓ ଅସନ୍ତୁଳିତ ହୋଇଯାଏ । ସନ୍ତୁଳିତ ଜୀବନ ପାଇଁ ଆତ୍ମିକ ଶିକ୍ଷା ଓ ମନକୁ ଶାନ୍ତ କରିବା ପାଇଁ ବାସ୍ତବବାଦୀ ହେବା ନିହାତି ଜରୁରୀ । ଅଧିକ ଆଶା ଓ ଲୋଭ ଛାଡ଼ି ଯାହା ରହିଛି ତାହାରେ ସନ୍ତୁଷ୍ଟ ରହିବା । ପ୍ରକୃତି ସହିତ ସମ୍ପର୍କ ରଖିବା । ପ୍ରକୃତି ହେଉଛି ସତ୍ୟ ଶିକ୍ଷକ। ତାହା ସହିତ ମିଶିଲେ ଆତ୍ମିକ ସାନ୍ତ୍ୱନା ମିଳେ। ବସ୍ତୁବାଦ ଦୁନିଆ ଆମକୁ ଅନେକ ସୁବିଧା ଦେଇଛି, କିନ୍ତୁ ଶାନ୍ତି ଓ ମାନବତା ଦେଇନି ତେଣୁ ସେହି ଶାନ୍ତି ନିମନ୍ତେ ବସ୍ତୁବାଦ ଓ ବାସ୍ତବବାଦ ମଧ୍ୟରେ ସୁ-ସମନ୍ୱୟ ରହିବା ଜରୁରୀ । ବସ୍ତୁବାଦକୁ ନିୟନ୍ତ୍ରଣ କରିବା ପାଇଁ ,ଆତ୍ମିକ ଜୀବନକୁ ଗୁରୁତ୍ୱ ଦେବା,ମୂଲ୍ୟବୋଧ ଓ ନୀତି ଶିକ୍ଷାକୁ ବଢ଼ାଇବା,ସହଜ ଜୀବନ ଓ ସଂତୁଷ୍ଟି ନୀତି ଅନୁସରଣ କରିବା ଆବଶ୍ୟକ। ବାସ୍ତବତା ଯେତେ କୁତ୍ସିତ,କଦାକାର ଓ ଯନ୍ତ୍ରଣା ଦାୟକ ହେଲେ ମଧ୍ୟ ଆମକୁ ତାହାକୁ ଗ୍ରହଣ କରିବାକୁ ପଡିବ ।

କଟକ
ମୋ:୯୪୩୮୦୭୦୮୪୯

# ସୁନାଝିଅ ଶୀତଲ

ଭଗବାନ ତାଙ୍କୁ ହାତ ଦେଇ ନାହାନ୍ତି। ମାତ୍ର ବିନା ହାତରେ ଜନ୍ମ ହୋଇବି ସେ ଏପରି କିଛି କରି ଦେଖାଇଛନ୍ତିତି, ଯାହା ଜଣେ ସକ୍ଷମ ବ୍ୟକ୍ତି ବି କରିପାରିବ ନାହିଁ। ଆମେ କହୁଛୁ, ବିଶ୍ୱ ଚାମ୍ପିଅନ୍ ପାରା-ତୀରନ୍ଦାଜ ଶୀତଲ ଦେବୀଙ୍କ ବିଷୟରେ। ତାଙ୍କ ଚମତ୍କାର କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି ଶୀତଲ। ଜାତୀୟ ପରୀକ୍ଷଣରେ ତାଙ୍କର ପ୍ରଭାବଶାଳୀ ପ୍ରଦର୍ଶନ ପରେ,

## ପାରା-ତୀରନ୍ଦାଜ

ଶୀତଲଙ୍କୁ ଜେଦ୍ଦାରେ ଏସିଆ କପ୍ ପର୍ଯ୍ୟାୟ ୩ ପାଇଁ ଭାରତୀୟ ସକ୍ଷମ ଜୁନିଅର ଦଳ ପାଇଁ ମନୋନୀତ କରାଯାଇଛି। ଏହା ପ୍ରଥମ ଥର ପାଇଁ ଜଣେ ପାରା-ଆଥଲେଟଙ୍କୁ ଏକ ସକ୍ଷମ-ଶରୀର ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ କରାଯାଇଛି। ଏହା ଶୀତଲଙ୍କ ପାଇଁ ଏକ ସ୍ୱତନ୍ତ୍ର ମୁହୂର୍ତ୍ତ ଥିଲା, କାରଣ ସେ ପ୍ରଥମ ଥର ଧନୁ ଧରିବା ପରଠାରୁ ଜାତୀୟ ଦଳରେ ସ୍ଥାନ ପାଇବା ପାଇଁ ଚେଷ୍ଟା କରୁଛନ୍ତି। ଏହି ଘୋଷଣା ପରେ ସୋସିଆଲ ମିଡିଆରେ କଥା ହୋଇ ଶୀତଲ ଲେଖିଛନ୍ତି ଯେ, ମୁଁ ପ୍ରତ୍ୟେକ ପରାଜୟରୁ ଶିକ୍ଷା ପାଇଛି। ସେ ଲେଖିଛନ୍ତି, 'ଯେତେବେଳେ ମୁଁ ପ୍ରତିଯୋଗିତା ଆରମ୍ଭ କରିଥିଲି, ମୋର ଏକ ଛୋଟ ସ୍ୱପ୍ନ ଥିଲା: ଦିନେ ନା ଦିନେ ସକ୍ଷମ-ଶରୀର ଖେଳାଳିଙ୍କ ସହ ପ୍ରତିଯୋଗିତା କରିବା। ମୁଁ ପ୍ରଥମେ ସଫଳ ହୋଇନଥିଲି, କିନ୍ତୁ ମୁଁ କେବେ ହାର ମାନି ନଥିଲି; ମୁଁ ପ୍ରତ୍ୟେକ ପରାଜୟରୁ ଶିଖିଥିଲି। ଆଜି, ସେହି ସ୍ୱପ୍ନ ଆଉ ଏକ ପାଦ ନିକଟତର।' ୧୮ ବର୍ଷୀୟା ଶୀତଲ ଜମ୍ମୁ ଓ କାଶ୍ମୀରର



ବାସିନ୍ଦା। ସେ କଟରାସ୍ଥିତ ଶ୍ରୀ ମାତା ବୈଷ୍ଣୋ ଦେବୀ ମନ୍ଦିର ବୋର୍ଡ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ପ୍ରଶିକ୍ଷଣ ନିଅନ୍ତି ଏବଂ ଏପରି ଏକ ଶୈଳୀ ବିକଶିତ କରିଛନ୍ତି, ଯାହା ପ୍ରାୟତଃ ସାରା ବିଶ୍ୱରେ ତୀରନ୍ଦାଜଙ୍କୁ ଆକର୍ଷିତ କରେ। ୨୦୨୪ ମସିହାରେ, ସେ ପ୍ୟାରିସ୍ ପାରାଲିମ୍ପିକ୍ସରେ ମିଶ୍ରିତ ଦଳ କମ୍ପାଉଣ୍ଡ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ। ଏହି ବର୍ଷ ଆରମ୍ଭରେ, ଶୀତଲ ଏକ ଅନନ୍ୟ ସଫଳତା ହାସଲ କରିଥିଲେ। ସେ ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ ଜିତିଥିବା ପ୍ରଥମ ମହିଳା ବିନା ହାତଥିବା ତୀରନ୍ଦାଜ ହୋଇଥିଲେ। ହରିୟାଣାର ସୋନିପତରେ ଅନୁଷ୍ଠିତ ଜାତୀୟ ଚୟନରେ, ସେ ୬୦ରୁ ଅଧିକ ସକ୍ଷମ ତୀରନ୍ଦାଜଙ୍କ ସହ ପ୍ରତିଯୋଗିତା କରିଥିଲେ। ସେ ପ୍ରତିଯୋଗିତାରେ ସାମଗ୍ରିକ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେ ଯୋଗ୍ୟତା ପର୍ଯ୍ୟାୟରେ ୭୦୩ ପଏଂଟ୍ ସ୍କୋର କରିଥିଲେ, ପ୍ରଥମ ପର୍ଯ୍ୟାୟରେ ୩୫୨ ପଏଂଟ୍ ଏବଂ ଦ୍ୱିତୀୟରେ ୩୫୧ ପଏଂଟ୍ ହାସଲ କରିଥିଲେ। ଏହି ସ୍କୋର ଯୋଗ୍ୟତା ପର୍ଯ୍ୟାୟରେ ଆଗରେ ଥିବା ତେଜସ ସାଲଭେଙ୍କ ସର୍ବାଧିକ ସ୍କୋର ସହିତ ସମକକ୍ଷ ହୋଇଥିଲା। ଚୂଡ଼ାନ୍ତ ଫଳାଫଳରେ ତେଜସ ୧୫.୭୫ ପଏଂଟ୍ ସହିତ ଇଭେଣ୍ଟରେ ଶୀର୍ଷରେ ରହିଥିବା ବେଳେ ବୈଦେହୀ ଯାଦବ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଶୀତଲ ୧୧.୭୫ ପଏଂଟ୍ ସହିତ ତୃତୀୟ ସ୍ଥାନରେ ରହି ଜ୍ଞାନେଶ୍ୱରୀ ଗାଡ଼ଧେ (୧୧.୫୦)ଙ୍କଠାରୁ ଠିକ୍ ଆଗରେ ରହିଛନ୍ତି। ଶୀତଲ ପ୍ରାୟତଃ ପ୍ୟାରିସ୍ ପାରାଅଲିମ୍ପିକ୍ ଚାମ୍ପିଅନ୍ ତୁର୍କୀର ଓଜନୁର କ୍ୟୁର ଗିର୍ଡିଙ୍କଠାରୁ ପ୍ରେରଣା ପାଆନ୍ତି, ଯିଏ ମଧ୍ୟ ସକ୍ଷମ-ଶରିରଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରନ୍ତି।

# ରିଚାଙ୍କୁ ଡିଏସ୍‌ପି ପଦ

ଭାରତୀୟ ମହିଳା କ୍ରିକେଟ ଟିମ୍ ଆଇସିସି ବିଶ୍ୱକପ ଜିତିବା ପରେ ଟିମର ଖେଳାଳିଙ୍କୁ ଲଗାତାର ସମ୍ମାନିତ କରାଯାଉଛି । ଆଇସିସି ଏବଂ ବିସିସିଆଇ ତରଫରୁ ଜବରଦସ୍ତ ପୁରସ୍କାର ଦିଆଯାଉଛି । ପୁରସ୍କାର ଦିଆଯିବା ପରେ ରାଜ୍ୟ ସରକାର ମଧ୍ୟ ନିଜ ମାଟିର ସୁନା ଝିଅଙ୍କୁ ସମ୍ମାନିତ କରୁଛନ୍ତି । ଏପରି ସ୍ଥଳେ ଦୀପ୍ତି ଶର୍ମାଙ୍କୁ ଡିଏସପି ଦାୟିତ୍ୱ ଦିଆଯାଇଥିବା ବେଳେ ପଶ୍ଚିମବଙ୍ଗ ସରକାର ତରଫରୁ ରିଚା ଘୋଷଙ୍କୁ ମଧ୍ୟ ଡିଏସପି ଭାବେ ଦାୟିତ୍ୱ ଦିଆଯାଇଛି । ବିଶ୍ୱକପ ୨୦୨୫ରେ ଟିମ୍ ଇଣ୍ଡିଆ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ୱିକେଟ କିପର ବ୍ୟାଟର ରିଚା ଘୋଷ ନିଜ ସହର ସିଲିଗୁଡ଼ିରେ ପହଂଚିବା ପରେ ଜୋରଦାର ସ୍ୱାଗତ କରାଯାଇଥିଲା । ଏହାପରେ ପଶ୍ଚିମବଙ୍ଗ ସରକାର ଏବଂ ବଙ୍ଗଳା କ୍ରିକେଟ ଆସୋସିଏସନ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରି ସମ୍ମାନିତ କରି ପୁରସ୍କାର ଦେଇଥିଲା । କୋଲକତାର ଇଡେନ ଗାର୍ଡେନରେ ଆୟୋଜିତ ଏକ ଇଭେଂଟ୍‌ରେ ମୁଖ୍ୟମନ୍ତ୍ରୀ




ମମତା ବାନାର୍ଜୀ ୨୨ ବର୍ଷୀୟ ରିଚାଙ୍କୁ ଡିଏସପି ରାଙ୍କରେ ନିଯୁକ୍ତ କରିଥିଲେ । ଏହାସହିତ ରାଜ୍ୟର ଦ୍ୱିତୀୟ ସବୁଠାରୁ ବଡ଼ ସମ୍ମାନ ବଙ୍ଗ ଭୂଷଣରେ ମଧ୍ୟ ପୁରସ୍କୃତ କରିଥିଲେ । ଏହାସହିତ ମମତା ବାନାର୍ଜୀ ସୁନାର ଏକ ଚେନ୍ ରିଚାଙ୍କୁ ଦେଇଥିଲେ । ସିଏବି ଅଧ୍ୟକ୍ଷ ସୌରଭ ଗାଙ୍ଗୁଲିଙ୍କ ଆସୋସିଏସନ ରିଚାଙ୍କୁ ୩୪ ଲକ୍ଷ ଟଙ୍କା ପୁରସ୍କାର ଭାବେ ପ୍ରଦାନ କରିଛନ୍ତି । ଏହାସହିତ ରିଚାଙ୍କୁ ସୁନାର ଏକ ବ୍ୟାଟ ଏବଂ ବଲ ମଧ୍ୟ ପ୍ରଦାନ କରାଯାଇଛି । ରିଚା ବିଶ୍ୱକପରେ ୮ଟି ଇନିଂସରେ ୧୩୩ ଷ୍ଟ୍ରାଇକ ରେଟ ସହିତ ୨୩୫ ରନ୍ କରିଥିଲା ।

# ଦୀପ୍ତିଙ୍କ ଦବଙ୍ଗ ଅନ୍ଦାଜ୍

ପିଲାଦିନେ ମୋର, ଆପଣଙ୍କର ଆମ ସମସ୍ତଙ୍କର କିଛି ନା କିଛି ସ୍ୱପ୍ନ ଥାଏ । ଗୁରୁଜୀ ଯେତେବେଳେ ଆମକୁ ପଚାରନ୍ତି କିମ୍ବା କେହି ଗୁରୁଜନ ଯଦି କେବେ ଆମକୁ ପଚାରନ୍ତି ଆଚ୍ଛା ! ତମ ସ୍ୱପ୍ନ କଣ ? ବଡ଼ ହେଲେ ତମେ କଣ ହେବ.. ? କିଏ କହେ ଡାକ୍ତର, ଇଞ୍ଜିନିୟର, ପୁଲିସ ପୁଣି କିଏ କହେ ଶିକ୍ଷକ... ଏମିତି କେତେ କଣ । ହେଲେ ଆପଣ ଜାଣନ୍ତି କି ବିଶ୍ୱ ବିଜୟିନୀ ଟିମର ଅଲରାଉଣ୍ଡର ଦୀପ୍ତି ଶର୍ମାଙ୍କ ପିଲା ଦିନର ସ୍ୱପ୍ନ କଣ ଥିଲା ବୋଲି ? ମୈଦାନରେ ବୋଲିଂରେ ବିପକ୍ଷଙ୍କୁ ବେହୋସ୍ କରୁଥିବା ସ୍ପିନ କୁଇନ ଦୀପ୍ତି ଶର୍ମା ପିଲାବେଳୁ ବଡ଼ ହେଲେ କଣ ହେବୁ ପ୍ରଶ୍ନର ଉତର କଣ ଦେଉଥିଲେ ବୋଲି ? ଦୀପ୍ତିଙ୍କ ପିଲା ଦିନର ସ୍ୱପ୍ନ ଥିଲା ପୋଲିସ ଅଫିସର ବନିବେ ବୋଲି ।

ଆଉ ତାଙ୍କ ସ୍ୱପ୍ନ ଚଳିତ ବର୍ଷ ହିଁ ପୂରା ହୋଇଛି । କ୍ରୀଡା କୋଟାରେ ଦୀପ୍ତିଙ୍କୁ ଉତରପ୍ରଦେଶ ସରକାର ତାଙ୍କୁ ଯୁପି ପୁଲିସରେ ନିଯୁକ୍ତି ଦେଇଥିଲେ । ଜାନୁୟାରୀ ୨୦୨୫ରେ ଦୀପ୍ତି ଉତରପ୍ରଦେଶ ପୁଲିସରେ ଡିଏସପି ଭାବେ ନିଯୁକ୍ତି ପାଇଥିବା ବେଳେ ପୁଲିସ ବେଶରେ ନିଜ ଫଟୋ ସେୟାର କରି ପିଲା ଦିନର ସ୍ୱପ୍ନ ପୂରଣ ହୋଇଥିବା କହିଥିଲେ । ତେବେ ବୋଲିଂ ବ୍ୟାଟିଂ ଜରିଆରେ ମୈଦାନରେ ଦାଦାଗିରି ଦେଖାଉଥିବା ଦୀପ୍ତି ଖାଲି କ୍ରିକେଟରେ ନୁହେଁ ବରଂ କ୍ରିମିନାଲଙ୍କ କ୍ଷେତ୍ରରେ ଏମିତି ଦବଙ୍ଗଗିରି ଦେଖାନ୍ତି । ନିଜ କର୍ତବ୍ୟ ପ୍ରତି ସଚେତନ ଥିବା ଦୀପ୍ତି ଦାୟିତ୍ୱରେ ହେଳା ନକରିବାକୁ ସଙ୍କଳ୍ପ ନେଇଥିବା ତାଙ୍କ ପୋଷ୍ଟରେ ଲେଖିଥିଲେ । ତେବେ ଭାରତୀୟ ମହିଳା କ୍ରିକେଟ୍ ଦଳ ବିଶ୍ୱ ବିଜେତା ହେବା ପରେ ଯେତେବେଳେ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ ସେତେବେଳେ ମୋଦୀ ଦୀପ୍ତିଙ୍କୁ 'ଡିଏସପି' ବୋଲି ସମ୍ବୋଧନ କରିଥିଲେ । ମୋଦୀଙ୍କ କଥା ଶୁଣି ଦୀପ୍ତି ଭାରି ଖୁସି ହେବା ସହ ନିଜ ଅନୁଭୂତି ବଖାଣିଥିଲେ । ମୋଦୀ ପଚାରିଥିଲେ- ମୈଦାନରେ ଦାଦାଗିରି କେମିତି କଣ ଚାଲେ ? ସଙ୍ଗେସଙ୍ଗେ ଉତରରେ ହସିହସି ଦୀପ୍ତି କହିଥିଲେ ମୋର ନୁହେଁ ମୋ ଥ୍ରୋର ଦାଦାଗିରି ଟିକେ ଚାଲେ । ମୋଦୀ ଦୀପ୍ତିଙ୍କ ହାତରେ ଥିବା ହନୁମାନଙ୍କ ଟାଟୁ କଥା ବି ପଚାରିଥିଲେ ଆଉ ଦୀପ୍ତିଙ୍କର ପନିର ପସନ୍ଦ ବୋଲି ବି ସେ ଜାଣିଥିଲେ ବୋଲି ଦୀପ୍ତି ପ୍ରତିକ୍ରିୟାରେ କହିଛନ୍ତି ।



# ସାମିଙ୍କ ପତ୍ନୀଙ୍କୁ ସୁପ୍ରିମ୍‌କୋର୍ଟଙ୍କ ପ୍ରଶ୍ନ

ଭାରତୀୟ କ୍ରିକେଟ୍ ଦଳର ଜଣାଶୁଣା ପେସ୍ ବୋଲର ମହମ୍ମଦ ସାମିଙ୍କ ପାରିବାରିକ ଅଡୁଆ ଛିଡୁ ନାହିଁ । ତାଙ୍କ ପତ୍ନୀ ହସିନ୍ ଜାହାଁ ତାଙ୍କ ପିଛା ଛାଡୁ ନାହାନ୍ତି । ଦୁହିଙ୍କ ବାହାଘର ୨୦୧୪ରେ ହୋଇଥିଲା ଏବଂ ୨୦୧୮ରେ ପତ୍ନୀ ହସିନ ସ୍ୱାମୀଙ୍କ ବିରୋଧରେ ପାରିବାରିକ ହିଂସା ଅଭିଯୋଗ ଆଣି ତାଙ୍କ ଠାରୁ ଅଲଗା ହୋଇ ଯାଇଥିଲେ। ଆଉ ନିଜର ଓ ନିଜ ଝିଅ ପାଇଁ ସାମିଙ୍କ ଠାରୁ ଭରଣ ପୋଷଣ ଦାବି କରିଥିଲେ । ଏହି ମାମଲା କୋଲକାତା ହାଇକୋର୍ଟରେ ପହଂଚିଥିଲା । କୋର୍ଟ ଏ ବାବଦରେ ଫଇସଲା କରି ସେମାନଙ୍କ ପାଇଁ ମାସିକ ୪ ଲକ୍ଷ ଟଙ୍କା ଭରଣ ପୋଷଣ ବାବଦରେ ସ୍ଥିର କରିଥିଲେ । ଝିଅ ପାଇ ଅଢ଼େଇ ଲକ୍ଷ ଏବଂ ହସିନଙ୍କ ପାଇଁ ଦେଢ଼ ଲକ୍ଷ ଟଙ୍କା ସାମି ଦେବେ ବୋଲି କୋର୍ଟ ରାୟ ଦେଇଥିଲେ । ତେବେ ହସିନ୍ ଏହା ବିରୋଧରେ ସୁପ୍ରିମ୍ କୋର୍ଟରେ ଆବେଦନ କରି ଭରଣ ପୋଷଣ ବାବଦ ଅର୍ଥ ମାସକୁ ୧୦ ଲକ୍ଷ ଟଙ୍କା କରିବାକୁ ନିବେଦନ କରିଛନ୍ତି । ମାମଲାର ଏବେ ଶୁଣାଣି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ସୁପ୍ରିମ୍ କୋର୍ଟ ହସିନଙ୍କୁ ପ୍ରଶ୍ନ କରିଛନ୍ତି ଯେ ୪ ଲକ୍ଷ ଟଙ୍କା କଣ ତୁମକୁ କମ୍ ପଡୁଛି ? ଅନ୍ୟପକ୍ଷରେ ସାମିଙ୍କ ରୋଜଗାର ଏବଂ ତାଙ୍କ ଜୀବନଶୈଳୀକୁ ନଜରରେ ରଖି ଭରଣ ପୋଷଣ ବାବଦ ଅର୍ଥକୁ ୪ ଲକ୍ଷରୁ ୧୦ ଲକ୍ଷକୁ ବଢ଼ାଇବା ପାଇଁ ହସିନ୍ ଦାବି କରିଛନ୍ତି । ତେଣୁ ସୁପ୍ରିମ୍ କୋର୍ଟ ଏ ବାବଦରେ ମହମ୍ମଦ ସାମି ଓ ପଶ୍ଚିମବଙ୍ଗ ସରକାରଙ୍କୁ କୈଫିୟତ ମାଗି ନୋଟିସ୍ ଜାରି କରିଛନ୍ତି । ୪ ସପ୍ତାହ ଭିତରେ ନୋଟିସର ଉତର ଦେବାକୁ କୁହାଯାଇଛି ।

# ପାରା ବ୍ୟାଡ୍‌ମିଣ୍ଟନ୍‌ରେ ପ୍ରମୋଦଙ୍କୁ ୩ ସ୍ୱର୍ଣ୍ଣ



ଅନ୍ତର୍ଜାତୀୟ ବ୍ୟାଡ୍‌ମିଂଟନ୍ ସର୍କିଟ୍‌କୁ ପାଖାପାଖି ୧୮ମାସ ପରେ ଫେରିଥିବା ଓଡ଼ିଆ ତାରକା ପ୍ରମୋଦ ଭଗତଙ୍କ ପଦକ ଅମଳ ଜାରି ରହିଛି। ଅଷ୍ଟ୍ରେଲିଆ ପରେ ଜାପାନରେ ଖେଳାଯାଇଥିବା ହୁଲିକ ଦେହାତସୁ ଜାପାନ ପାରା ବ୍ୟାଡ୍‌ମିଂଟନ୍ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ଏକକାଳୀନ ତିନିଟି ସ୍ୱର୍ଣ୍ଣ ପଦକ ଜିତି ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି ସେ। ନଭେମ୍ବର ୫ରୁ ୯ ତାରିଖ ପର୍ଯ୍ୟନ୍ତ ଖେଳାଯାଇଥିବା ଏହି ପ୍ରତିଯୋଗିତାରେ ପ୍ରମୋଦ ପୁଣି ଥରେ ନିଜ ଆଧିପତ୍ୟ ଜାରି ରଖି ଏସଏଲ-୩ର ଏକକ, ଏସ୍‌ଏଲ୍‌୩-ଏସ୍‌ୟୁ୫ର ମିଶ୍ରିତ ଏବଂ ଏସ୍‌ଏଲ୍‌୩-ଏସ୍‌ଏଲ୍‌୪ର ଯୁଗଳରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏକକ ଫାଇନାଲ୍‌ରେ ନିଜ ଅସାଧାରଣ ରାକେଟ୍ ଚାଳନା, ଉନ୍ନତ ବୈଷୟିକ ଦକ୍ଷତା ତଥା ଅପୂର୍ବ ଆତ୍ମବିଶ୍ୱାସର ପରିଚୟ ଦେଇ ସେ ଜାପାନର ଦାଇସୁକେ ଫୁଜିହାରାଙ୍କୁ ୧୭-୨୧, ୨୧-୧୯, ୨୧-୧୦ରେ ହରାଇ ଦେଇଥିଲେ। ସେହିଭଳି ମିଶ୍ରିତ ଯୁଗଳରେ ମନୀଷା ରାମଦାସଙ୍କୁ ସାଥୀକରି ମିଶ୍ରିତ ଯୁଗଳ ଫାଇନାଲ୍‌ରେ ନିଜ ଦେଶର ନୀତୀଶ କୁମାର ଓ ତୁଳସୀମାଥୀ ମୁରୁଗାନଙ୍କୁ ୨୧-୧୯, ୨୧-୧୯ରେ ଏବଂ ସୁକାନ୍ତ କଦମଙ୍କୁ ସାଥୀ କରି ପୁରୁଷ ଯୁଗଳ ଫାଇନାଲ୍‌ରେ ଜଗଦୀଶ ଡେଲି ଓ ନବୀନ ଶିବକୁମାରଙ୍କୁ ୨୧-୧୭, ୧୮-୨୧, ୨୧-୧୬ରେ ହରାଇ ଦେଇଥିଲେ। ଏହି ସଫଳତା ଲାଗି ପାରା ସ୍ପୋର୍ଟସ ଆସୋସିଏସନ୍ ଅଫ୍ ଓଡ଼ିଶା ତରଫରୁ ପଦ୍ମଶ୍ରୀ ପ୍ରମୋଦ ଭଗତଙ୍କୁ ଅଶେଷ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ବଦଳିଗଲେ କି ବିରାଟ ?

କିଛି ମାସର ବିରତି ପରେ ଅଷ୍ଟ୍ରେଲିଆ ଗସ୍ତ ସମୟରେ ପୁଣି ଅନ୍ତର୍ଜାତୀୟ କ୍ରିକେଟକୁ ଫେରିଛନ୍ତି ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ବିରାଟ କୋହଲି । ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ କୋହଲି ୭୪ ରନ୍ କରିଥିଲେ । ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମ ଦୁଇଟି ମ୍ୟାଚ୍ ଖାତା ଖୋଲିପାରିନଥିବା ବିରାଟ ତୃତୀୟ ଦିନିକିଆରେ ପୁରୁଣା ଫର୍ମକୁ ଫେରିଥିଲେ । ସିଡନୀରେ ଖେଳାଯାଇଥିବା ଶେଷ ଦିନିକିଆ ମ୍ୟାଚ୍‌ରେ ସେ ୭୪ ରନ୍‌ର ଦମଦାର ଇନିଂସ ଖେଳିଥିଲେ । ଅଷ୍ଟ୍ରେଲିଆ ଗସ୍ତ ପରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜରେ କୋହଲି ଖେଳିବେ ବୋଲି ଆଶା କରାଯାଉଛି । ତେବେ ଏହାରି ମଧ୍ୟରେ ବିରାଟ କୋହଲିଙ୍କୁ ନେଇ ବଡ଼ ବୟାନ ଦେଇଛନ୍ତି ପୂର୍ବତନ କ୍ରିକେଟର ମହମ୍ମଦ କୈଫ । ମହମ୍ମଦ କୈଫ୍ ବିରାଟ କୋହଲିଙ୍କ ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ବିବାହ ପରେ ବିରାଟ





କୋହଲିଙ୍କର ଚିନ୍ତାଧାରା ଏବଂ ସ୍ୱଭାବ ବହୁତ ପରିବର୍ତନ ହୋଇଛି । କୈଫଙ୍କ ଅନୁସାରେ, ଅନୁଷ୍କା ଶର୍ମାଙ୍କୁ ବିବାହ କରିବା ପରେ କୋହଲି ଅଧିକ ଶାନ୍ତ, ପରିପକ୍ୱ ଏବଂ ସନ୍ତୁଳିତ ହୋଇଛନ୍ତି । କୈଫ୍ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଜଣେ ପ୍ରଶଂସକଙ୍କ ପ୍ରଶ୍ନର ଉତର ଦେଇ କୋହଲିଙ୍କ ବିଷୟରେ ଏହି ମନ୍ତବ୍ୟ ଦେଇଛନ୍ତି । ମହମ୍ମଦ କୈଫ୍ କହିଛନ୍ତି, 'ବିରାଟ କୋହଲି ଏବେ ଟିକେ ଶାନ୍ତ ହୋଇଯାଇଛନ୍ତି । ସେ ଏବେ ଜଣେ ପିତା ହୋଇସାରିଛନ୍ତି । ବିବାହ ପୂର୍ବରୁ ଏବଂ ପରେ ବହୁତ ପାର୍ଥକ୍ୟ ଅଛି । ମୁଁ ତାଙ୍କୁ ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ଏକ 'ଟି ୨୦ ମ୍ୟାଚ୍ ସମୟରେ ଭେଟିଥିଲି । ସେ ସେହି ମ୍ୟାଚରେ ଅର୍ଦ୍ଧଶତକ ହାସଲ କରି ଆରସିବିକୁ ଜିତାଇଥିଲେ । ମ୍ୟାଚ୍ ପରେ ଆମେ ତାଙ୍କ ସହ ଆଲୋଚନା କରିଥିଲୁ । ସେ ବହୁତ ଶାନ୍ତ ଥିଲେ । ସେ ସମୟରେ ସେ ମୋତେ କହିଥିଲେ ଯେ ଯଦି ମୁଁ ଆରମ୍ଭରୁ କଗିସୋ ରାବାଡାଙ୍କୁ ଆକ୍ରମଣ କରିନଥାନ୍ତି, ତେବେ ସେ ମୋତେ ଖେଳିବାକୁ ଦେଇ ନଥାନ୍ତେ । କୋହଲି ୨୦୦୮ ମସିହାରୁ ଇଣ୍ଡିଆନ ପ୍ରିମିୟର ଲିଗରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପାଇଁ ଖେଳୁଛନ୍ତି । ବିରାଟ କୋହଲି ସବୁଠାରୁ ସଫଳ ବ୍ୟାଟ୍ସମ୍ୟାନ । କୋହଲି ତିନୋଟି ଫର୍ମାଟରେ ଭାରତୀୟ ଦଳ ପାଇଁ ୫୩୩ ମ୍ୟାଚ୍ ଖେଳି ୫୨.୨୧ ହାରରେ ୨୭ ହଜାର ୬୭୩ ରନ୍ କରିଛନ୍ତି । ସେ ଅନ୍ତର୍ଜାତୀୟ କ୍ରିକେଟରେ ୮୨ ଶତକ ଏବଂ ୧୪୪ ଅର୍ଦ୍ଧଶତକ ହାସଲ କରିଛନ୍ତି । ସେହିପରି କିଙ୍ଗ୍ କୋହଲି ଏପର୍ଯ୍ୟନ୍ତ ୨୬୭ ଟି ୨୦ ମ୍ୟାଚରେ ୩୯.୫୪ ହାରରେ ୮୬୬୧ ରନ୍ କରିଛନ୍ତି । ଯେଉଁଥିରେ ୮ ଶତକ ଏବଂ ୬୩ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ ।

# ‘ବନ୍ଦେ ମାତରମ୍ ଦେଶବାସୀଙ୍କ ଏକତାର ସୂତ୍ରଧର’

## ରାଷ୍ଟ୍ରଗାନର ଦେଢ଼ଶହ ବର୍ଷ ପୂର୍ତ୍ତି

ସମ୍ବଲପୁର, (ହି.ସ.) : ଭାରତୀ ସମାଜ ପକ୍ଷରୁ ରବିବାର ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ପରିସରରେ ରାଷ୍ଟ୍ରଗାନ ବନ୍ଦେ ମାତରମର ଦେଢଶହ ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତୀ ସମାଜର ବରିଷ୍ଠ ସଦସ୍ୟ ଗଦାଧର ନିଆଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଗ୍ରାମପମଚାୟତ ଅଧିକାରୀ ଟିକେଲାଲ କୁମ୍ଭାର ଅତିଥି ଭାବରେ ଯୋଗ ଦେଇଥିଲେ । ଭାରତୀ ସମାଜ ର ସଂଚାଳକ ଭବାନୀଶ ଭୋଇ ଆଲୋଚକ ଭାବେ ଯୋଗଦେଇ ବନ୍ଦେ ମାତରଂ ଗୀତ ସହ ଜାତୀୟତା ଭାବନା ଯୋଡି ହୋଇ ରହିଥିବା କହିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଲୋକଙ୍କୁ ଏକତା ସୂତ୍ରରେ ବାନ୍ଧି ବନ୍ଦେ ମାତରମ ଗୀତର ମହତ୍ୱ ଉପର ଆଲୋଚନା କରାଯାଇଥିଲା । ବନ୍ଦେ ମାତରମ ଦେଶ ବାସୀଙ୍କୁ ଦେଢଶହ ବର୍ଷ ହେବ ଏକତାର ସୂତ୍ରରେ ବାନ୍ଧି ରଖଥିବା ଅତିଥି ମାନେ ମତ ଦେଇଥିଲେ । ବର୍ତମାନ ସମୟରେ ମଧ ଦେଶରେ ଜାତି, ପ୍ରାନ୍ତ, ଭାଷା ନାମରେ ବିଭେଦ ସୃଷ୍ଟୀ କରାଯାଉଥିବା ନେଇ ସଜାଗ ରହିବାକୁ ଆହ୍ୱାନ କରାଯାଇଥିଲା । ପୁଣିଥରେ ଭାରତୀ ଜାତୀୟତାକୁ ଅଧିକ ମଜବୁତ କରିବାର ଆବଶ୍ୟକତା ରହିଥିବା ଆଲୋଚନା କରାଯାଇଥିଲା । ଭାରତୀୟ ସଂସ୍କୃତି ପାଂଚହଜାରରୁ ଅଧିକ ବର୍ଷ ପୁରୁଣା ହୋଇଥିବା ସତ୍ୱେ ଯୁବପିଢି ନିଜ ସଂସ୍କୃତି ଏବଂ ପରମ୍ପରାକୁ ଠିକ ଭାବେ ବୁଝିବା ସହ ଏହାର ସୁରକ୍ଷା ଏବଂ ପ୍ରଚାର ପ୍ରସାର ପାଇଁ କାଯର୍ଯ୍ୟ କରିବାକୁ ଆହ୍ୱାନ କରାଯାଇଥିଲା । ଚଳିତ ବର୍ଷ ଭାରତୀ ସମାଜ ସ୍ଥାପନର ୨୫ ବର୍ଷ ପୂର୍ତି ଅବସରରେ ବର୍ଷ ତମାମ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ଉପରେ ଆଲୋଚନା କରାଯାଇଥିଲା । ବିଶେଷ କରି ଦେଶର ବିଭିନ୍ନ ଜାତି ସମାଜ ମଧ ସମନ୍ୱୟ ରକ୍ଷା କରି ଜାତିବାଦ ବିରୋଧରେ ସଚେତନତା ସୃଷ୍ଟୀ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଭାରତୀ ସମାଜର ଶିବ ଶଙ୍କର ନାଥ, ପ୍ରେମ ସାହାଣୀ, ଚିନ୍ମୟ ଗଡତିଆ, ସୁବ୍ରତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ଅଳଙ୍କାର ସହ ଠାକୁରଙ୍କୁ ଉଠାଇନେଲେ



ବାଲିଗୁଡା :ମନ୍ଦିରରୁ ଚୋରି ପରେ ମା’ଙ୍କ ପ୍ରତିମା ସ୍ୱରୂପ ଲିଙ୍ଗକୁ ବି ଉଠାଇନେଲେ ଦୁର୍ବୃତ୍ତ । ତାଲା କାଟି ମନ୍ଦିର ରୁ ବିଳମ୍ବିତ ରାତ୍ରି ରେ ଚୋରି କରିଛନ୍ତି ଦୁର୍ବୃତ୍ତ। କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ମହାସିଙ୍ଗ ର ଅଧିଷ୍ଠାତ୍ରୀ ଦେବୀ ମା’ ଧୂଙ୍ଗିଆଦେଇ ଓ ମା ସୂର୍ଯ୍ୟକାଳୀଙ୍କ ମନ୍ଦିରରୁ ଚୋରି ଅଭିଯୋଗ ହୋଇଛି । ମା’ ଧୂଙ୍ଗିଆଦେଇଙ୍କ କବାଟରେ ତାଲା କାଟି ସୁନାର ଦୁଇଟି ଆଖି, ରୁପାର ଚାରୋଟି ଆଖି,ମୁକୁଟ ଓ ଚଉଦ ଗୋଟି ପିତ୍ତଳର ନାଗ ଚୋରି ହୋଇଥିବା ଅଭିଯୋଗ । ସବୁଠାରୁ ଆଶ୍ଚର୍ଯ୍ୟ ଜନକ ଘଟଣା କି ଅଧିଷ୍ଠାତ୍ରୀ ଦେବୀ ମା ଧୂଙ୍ଗିଆ ଦେଇ ପୂଜା ପାଉଥିବା ଲିଙ୍ଗ ସହ ମା ସୂର୍ଯ୍ୟକାଳୀଙ୍କ ପ୍ରତିମାକୁ ବି ତାଡି ଉଠାଇ ନେଇଛନ୍ତି ଦୁର୍ବୃତ୍ତ। ବିଳମ୍ବିତ ରାତିରେ ମନ୍ଦିର କବାଟ ର ତାଲା କାଟି ଲୁଟ ହୋଇଥିବା ବେଳେ ସକାଳୁ ପାଖାପାଖି ପାଞ୍ଚଟା ସମୟରେ ପୂଜକ ଆସି ତାଲା କଟାଯାଇଥିବା ଦେଖିବାକୁ ପାଇଥିଲେ । ପରେ ମା’ଙ୍କ ଅଳଙ୍କାର ସଦୃଶ ମୁକୁଟ, ଆଖି ସାଙ୍ଗକୁ ଲିଙ୍ଗ ଓ ପ୍ରତିମାକୁ ଦୁର୍ବୃତ୍ତ ଉଠାଇ ନେଇଥିବା ଗ୍ରାମବାସୀଙ୍କୁ ଜଣାଇଥିଲେ । ତେବେ ଐତିହାସିକ ଗଡ଼ ଭାବେ ପରିଚିତ ମହାସିଙ୍ଗ ଗଡ଼ ର ଅଧିଷ୍ଠାତ୍ରୀ ଦେବୀଙ୍କ ଲିଙ୍ଗ ଓ ସୂର୍ଯ୍ୟକାଳୀଙ୍କ ପ୍ରତିମା ବି ଚୋରି ପରେ ସମସ୍ତ ଭକ୍ତ ଙ୍କୁ ଶକ୍ତ ଆଘାତ ଲାଗିଛି । ଏପରି କାଣ୍ଡ କରିଥିବା ଦୁର୍ବୃତ୍ତଙ୍କୁ କୋଠର ଦଣ୍ଡ ଦେବାକୁ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ତେବେ ଚୋରି ନେଇ କ. ନୂଆଗାଁ ଥାନା ରେ ଅଭିଯୋଗ କରାଯିବ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି ।

# ଦୁର୍ଘଟଣାରେ ଗଲା ଦୁଇ କଲେଜ ଛାତ୍ରୀଙ୍କ ଜୀବନ

କେନ୍ଦୁଝର, (ହି.ସ.)- ଘଷିପୁରା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ବାରିଗାଁରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଦୁଇ ଛାତ୍ରୀଙ୍କର ଅକାଳ ମୃତ୍ୟୁ ଘଟିଛି । ଶାଳପଡା ସ୍ଥିତ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ ଦୀପାଞ୍ଜଳି ସାହୁ (୨୦) ଏବଂ ଅର୍ଣ୍ଣପୂର୍ଣ୍ଣା ପାତ୍ର (୨୦) ଏହି ଘଟଣାରେ ପ୍ରାଣ ହରାଇଛନ୍ତି । ସୂଚନା ଅନୁଯାୟୀ, କ୍ଲାସ ସାରି ଘରକୁ ଫେରୁଥିବା ବେଳେ କଲେଜରୁ ଅଳ୍ପ ଦୂରରେ ଏକ ଅଜଣା ଗାଡି ସେମାନଙ୍କୁ ରାସ୍ତାରେ ଧକ୍କା ଦେଇ ଘଟଣାସ୍ଥଳରୁ ପଳାୟନ କରିଥିଲା । ସ୍ଥାନୀୟ ଲୋକେ ଦୁହିଁଙ୍କୁ ଆନନ୍ଦପୁର ଚିକିତ୍ସାଳୟରେ ଭର୍ତି କରିଥିଲେ ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏହି ଘଟଣା ପରେ ଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକମାନେ ଆତଙ୍କିତ ହୋଇ ଦ୍ରୁତ ଗତିରେ ଗାଡି ଚାଳନା ବିରୁଦ୍ଧରେ ଏବଂ ଦୋଷୀ ଚାଳକଙ୍କୁ ଧରାଯିବା ଘଟଣାଟିର ତଦନ୍ତ ପାଇଁ ଦାବି କରିଛନ୍ତି । ପୋଲିସ ଘଟଣାର ତଦନ୍ତ କରି ଅପରାଧୀ ଚାଳକକୁ ଖୋଜିବାରେ ବ୍ୟସ୍ତ ଅଛି ।

# ତରୁଣ ପ୍ରଜ୍ଞା ଭାରତୀର ଚତୁର୍ଥ ପର୍ଯ୍ୟାୟ ପ୍ରତିଯୋଗିତା

ଜୟପୁର : ଅନୁଷ୍ଠାନ ତରଫରୁ ଚତୁର୍ଥ ପର୍ଯ୍ୟାୟ ପ୍ରତିଯୋଗିତା ଯଥା ଓଡିଶୀ, ଲୋକନୃତ୍ୟ ଓ ଝୋଟି ପ୍ରତିଯୋଗିତା ଜୟପୁର ତାରିଣୀ ଛକ ନିକଟ ବିଜ୍ଞାନ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଏଥିରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ ତତ୍ ସହ ମୁରୁଜ ଝୋଟି ପ୍ରତିଯୋଗିତାରେ ସାଧାରଣ ବର୍ଗର ମହିଳାମାନେ ବହୁସଂଖ୍ୟାରେ ଅଂଶ ଗ୍ରହଣ କରି ବିଜେତା ହୋଇଥିଲେ । ଅନୁଷ୍ଠାନର ଉପସଭାପତି ରାମ ଶଙ୍କର ଷଡଙ୍ଗୀଙ୍କ ଉପସ୍ଥିତିରେ ସମ୍ପାଦକ ଅଜୟ କୁମାର ମଲିକ, କୋଷାଧ୍ୟକ୍ଷ ରବୀନ୍ଦ୍ର ମହାରଣାଙ୍କ ସହ ଜାନକୀ ପାଣିଗ୍ରାହୀ, ସବିତା ତ୍ରିପାଠୀ, ସବିତା ଶତପଥୀ, ଲିପିକା ଦଳାଇ, ଜି.ମହେଶ, ତପସ୍ୱିନୀ କୁମାରୀ ସାହୁ, ଜଗନ୍ନାଥ ପାଣିଗ୍ରାହୀ, ବିପିନ ପାତ୍ର, କ୍ଷେତ୍ର ମୋହନ ନାୟକ ପ୍ରମୁଖ ସଦସ୍ୟ ଓ ସଦସ୍ୟା ସମସ୍ତ ପ୍ରତିଯୋଗିତା ପରିଚାଳନା କରିଥିଲେ । ବିଶିଷ୍ଟ ସମାଜ ସେବୀ କୃଷ୍ଣ କେଶବ ଷଡଙ୍ଗୀ, ମୁନା ମିଶ୍ର, ନୃତ୍ୟ ଗୁରୁ ୱାଇ ଗୌରୀ ଶଙ୍କର, ଆଇନଜୀବୀ ବନମାଳି ହଡପ ପ୍ରଭୃତି ଦର୍ଶକଙ୍କ ଉପସ୍ଥିତିରେ ଶଙ୍କରୀ ଦଳପତି, ଗୀତା ଜୟନ୍ତୀ ପାତ୍ର, ଇତିଶ୍ରୀ ସୁବୁଦ୍ଧି, ଅନିତା ବେହେରା, ନୃସିଂହ ପ୍ରସାଦ ଷଡଙ୍ଗୀ ଓ ଶିବ ଶଙ୍କର ନାୟକ ବିଚାରକ ଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ । ଆସନ୍ତା ରବିବାର ୧୬ ତାରିଖ ସକାଳ ୮.୩୦ ଘଂଟା ସମୟରୁ ନାରାୟଣୀ ଇଂରାଜୀ ବିଦ୍ୟାଳୟ ପରିସରରେ ଦେଶାତ୍ମବୋଧକ ସଙ୍ଗୀତ, ବନବାସୀ ସଙ୍ଗୀତ ଓ ସ୍ଲୋଗାନ ଲିଖନ ପ୍ରତିଯୋଗିତା ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ଉପସଭାପତି ଶ୍ରୀ ଷଡଙ୍ଗୀ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଥିଲେ ।

# ପର୍ଶୁରାମ ବାହିନୀର ପ୍ରଥମ ବୈଠକ

ଦେବଗଡ଼(ପିପିଏସ୍) : ଦେବଗଡ଼ର ପ୍ରଧାନପାଟସ୍ଥିତ ବସନ୍ତ ନିବାସ ଡାକବଙ୍ଗଳା ପରିସରରେ ରବିବାର ପର୍ଶୁରାମ ବାହିନୀର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । ସୁରିତ କୁମାର ମହାପାତ୍ରଙ୍କ ଆବାହକତ୍ୱ ଏବଂ ସତ୍ୟ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତଏହି ବୈଠକରେ ବ୍ରାହ୍ମଣମାନଙ୍କ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ସ୍ଥିତି, ସାମୁହିକ ବିକାଶ, ବିଭିନ୍ନ ସମସ୍ୟା ଏବଂ ଏସବୁର ସମାଧାନ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା । ଏଥିସହ ବ୍ରାହ୍ମଣ ବାଳକମାନଙ୍କର ସାମୁହିକ ବ୍ରତପୋନୟନ, ଅବିବାହିତ ବୟସ୍କା ଯୁବତୀମାନଙ୍କର ବିବାହ ଆୟୋଜନ ଆଦି ନେଇଆଲୋଚନା କରାଯିବା ସହ ସାମର୍ଥ୍ୟ ଅନୁଯାୟୀ ସହାୟତା ପ୍ରଦାନ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ପର୍ଶୁରାମ ବାହିନୀର ଆବେଦନକୁ ବିଚାର କରି ସ୍ଥାନୀୟ ପୁରୁଣା ପୋଷ୍ଟ ଅଫିସ ଛକଠାରେ ଭଗବାନ ପର୍ଶୁରାମଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସ୍ଥାନ ନିରୂପଣ କରାଯାଇଥିବାରୁ ପୌର ପରିଷଦ ଭାରପ୍ରାପ୍ତ ନଗରପାଳ, ନିର୍ବାହୀ ଅଧିକାରୀ ଓ ସମସ୍ତ କାଉନସିଲରଙ୍କୁ ବାହିନୀ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା । ଏହାଛଡ଼ା ଆବଶ୍ୟକ ପ୍ରକ୍ରିୟା ଏବଂ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ନିମନ୍ତେ ଅନୁରୋଧ କରାଯାଇଥିଲା । ସେହିପରି ଆଗାମୀ ବୈଠକରେ ପର୍ଶୁରାମ ବାହିନୀର କର୍ମକର୍ତ୍ତା ମନୋନୟନ ପାଇଁ ସ୍ଥିର କରାଯାଇଥିଲା । ଏହି ବୈଠକରେ ତରଣୀକାନ୍ତଦାଶ, ମୋତିଲାଲ ଶର୍ମା, ଅଶୋକ କୁମାର ଗୁରୁ, ସିଦ୍ଧାର୍ଥ ଗୁରୁ, ପ୍ରକାଶ କୁମାର ଆଚାର୍ଯ୍ୟ ଓ ସୁଧୀର କୁମାର ବ୍ରହ୍ମା ପ୍ରମୁଖ ମଞ୍ଚାସୀନ ରହି ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁମୁଦ ବନ୍ଧୁ ଶତପଥୀ, ଦିଲୀପ କୁମାର ପାଢ଼ୀ, ସନ୍ତୋଷ କୁମାର ଗୁରୁ ଓ ସୁବାସ ଦାଶ ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ରୋମିଓ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲାପାଳ ପାଇବେ ପ୍ରଶାସନିକ ସେବାରତ୍ନ ସମ୍ମାନ

ବଲାଙ୍ଗୀର : ରାଜ ବୈଦ୍ୟ ଚିନ୍ତାମଣି ବେହେରା ସ୍ମୃତି ପରିଷଦ ବଲାଙ୍ଗୀରର ରାଜ୍ୟ ସ୍ତରୀୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆଗାମୀ ଡିସେମ୍ବର ୨୫ ତାରିଖ ଦିନ ସ୍ଥାନୀୟ ହୋଟେଲ ପାର୍କ ଲ୍ୟାଣ୍ଡ ଠାରେ ଅନୁଷ୍ଠିତ ହେବ । ଏଥିରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କୁ ଚଳିତ ବର୍ଷର ମର୍ଯ୍ୟାଦା ଜନକ ପ୍ରଶାସନିକ ସେବା ରତ୍ନ ସମ୍ମାନ-୨୦୨୫ ପ୍ରଦାନ କରାଯିବ । ଏତଦ୍‌ଭିନ୍ନ ବଲାଙ୍ଗୀର ଜିଲ୍ଲା ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ବନ୍ଧପଡ଼ା ଗ୍ରାମର ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ବିଶିଷ୍ଟ ବୈଦ୍ୟ ଝସକେତନ ଗୁରୁଙ୍କୁ ତାଙ୍କର ରୋଗୀ ତଥା ସମାଜ ସେବା ପାଇଁ “ବୈଦ୍ୟ ରାଜ ଉପାଧି” ପ୍ରଦାନ କରାଯିବ । ଉଭୟଙ୍କୁ ମୁକୁଟ ପରିଧାନ ପୂର୍ବକ ରାଜ୍ୟ ଓ ଜାତୀୟ ସ୍ତରର ଅତିଥିମାନଙ୍କ ଗହଣରେ ସମ୍ମାନିତ କରାଯିବ । ପ୍ରକାଶ ଥାଉ କି ଏହି ଅବସରରେ ଲୋକ ସେବକ ମଣ୍ଡଳ ଜାତୀୟ ଉପାଧକ୍ଷ(ଦିଲ୍ଲୀ) ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟ ଅତିଥି, ଉତ୍କଳ ସାହିତ୍ୟ ସମାଜର ନବ ନିର୍ବାଚିତ ସମ୍ପାଦକ ହାଇକୋର୍ଟ ଏଡ୍‌ଭୋକେଟ୍ ରାଜୀବ କୁମାର ଷଡଙ୍ଗୀ ତଥା କୋଷାଧକ୍ଷ ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ କୁମାର ଦାସ ଅତିଥି ଭାବେ ଯୋଗଦାନ କରିବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି । ରାଜ୍ୟ ତଥା ଜାତୀୟ ସ୍ତରର ଅତିଥିମାନେ ତିନୋଟି ଅଧିବେଶନରେ ମଂଚାସିନ ହୋଇ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିବା ପାଇଁ ସହମତି ପ୍ରଦାନ କରିଥିବା ସମ୍ପାଦକ ଡ.ନବକିଶୋର ବେହେରା ଏକ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

# ନୂଆପଡ଼ାରେ କ୍ରିକେଟ୍ ପ୍ରତିଯୋଗିତା

ବଲାଙ୍ଗିର: ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ କୁଡାସିଂହା ପଂଚାୟତ ନୂଆପଡା ଗାଁ ଖେଳପଡିଆରେ ନୂଆପଡା କ୍ରିକେଟ କ୍ଲବ ଦ୍ୱାରା ସୀମିତ ଓଭର କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ଜ୍ୟୋସ୍ନାରାଣୀ ସାହୁ, ପୂର୍ବତନ ସାଂସଦ ପ୍ରତିନିଧି ତଥା ଯୁବନେତା ପ୍ରଦ୍ୟୁମ୍ନ ହୋତା, ଲିଙ୍ଗରାଜ ପୁଟେଲ ଉପସ୍ଥିତ ଥିଲେ । ଗୋପୀନାଥ ପଶାୟତ, ଦିଲ୍ଲୀପ ସାହୁ, ହୃଷିକେଶ ବଗର୍ତି ଏବଂ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ । ଶିବତଳା ଓ ଶିଆଳଜୋର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଉଦଘାଟନୀ ମ୍ୟାଚରେ ଶିଆଳଜୋର ଦଳ ବିଜୟୀ ହୋଇଥିଲା ।

# ମେଧାବୀ ଛାତ୍ର ଭାରତଭୂଷଣଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର, (ହି.ସ.): ସାହାରପଡ଼ା ବ୍ଲକ୍ ଦାମାହୁଦା ପଂଚାୟତ ଗୋଜା ପଥର ଗ୍ରାମର ଦୟାନିଧି ମହାନ୍ତ ଓ ଶକୁନ୍ତଳା ମହାନ୍ତଙ୍କର ସୁଯୋଗ୍ୟ ସନ୍ତାନ ଭାରତ ଭୂଷଣ ମହାନ୍ତ ଚଳିତ ବର୍ଷର ନୀଟ ପରୀକ୍ଷାରେ ସଫଳତା ଲାଭ କରି ଭବାନୀପାଟଣା ମେଡ଼ିକାଲ କଲେଜରେ ଡାକ୍ତରୀ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଗବାରୁ ଗୋଜା ପଥର ଉଚ୍ଚ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାଏକ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ପ୍ରଧାନ ଶିକ୍ଷକ ଶିକ୍ଷାବିତ୍ ମହେଶ୍ୱର ମହାନ୍ତ ମେଧାବୀ ଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ସମ୍ମାନିତ ଅତିଥି ରୂପେ ମେଧାବୀ ଛାତ୍ର/ଛାତ୍ରୀ ସମ୍ବର୍ଦ୍ଧନା ମଂଚ ତରଫରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସାମପାଟଣାର ବିଜ୍ଞାନ ଶିକ୍ଷକ ତଥା ଭାଷ୍ୟକାର ପାର୍ଥସାରଥୀ ବେଜ ଓ ପାଟଣା ବ୍ଲକ୍ର ଶିକ୍ଷକ ନେତା ପ୍ରମୋଦ କୁମାର ମହାନ୍ତ ଭାରତ ଭୂଷଣ ଏବଂ ତାଙ୍କ ପିତାଙ୍କୁ ଉତ୍ତରୀୟ ପ୍ରଦାନକରି ସମ୍ବର୍ଦ୍ଧନା କରିଥିଲେ । ସାମପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ତଥା ସାମାଜିକ କର୍ମୀ ବିଦ୍ୟାଧର ମହାନ୍ତ ଭାରତ ଭୂଷଣ ଙ୍କୁ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରିବା ସହିତ ତାଙ୍କର ମାତା ଙ୍କୁ ମଧ୍ୟ ପ୍ରଶଂସା ପତ୍ର ସହିତ ବସ୍ତ୍ର ଓ ଉପବସ୍ତ୍ର ପ୍ରଦାନ ପୂର୍ବକ ଆଶୀର୍ବାଦ କରିଥିଲେ । ଗୋଜା ପଥର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରମେଶ ଚନ୍ଦ୍ର ସାଇଁ, ସତ୍ୟବ୍ରତ ରାଉତ, ଶତ୍ରୁଘ୍ନ ଖୁଂଟିଆ ଓ ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତଯୁକ୍ତ ନନ୍ଦକିଶୋର ମହାନ୍ତି ଭାରତ ଭୂଷଣ ଙ୍କୁ ଉତ୍ସାହିତ କରିବା ସହିତ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଏହି କାର୍ଯ୍ୟ କ୍ରମରେ ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା ଭକ୍ତବନ୍ଧୁ ମହାନ୍ତି, ହୃଷୀକେଶମହାନ୍ତ, ରୋହିତ କୁମାର ମହାନ୍ତ ଯୋଗ ଦେଇ ଏହାକୁ ସଫଳ କରିଥିଲେ ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉଦ୍‌ଯାପିତ

ସମ୍ବଲପୁର, (ହି.ସ.) ଏମ୍‌ସିଏଲ୍ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉଦ୍‌ଯାପିତ ହୋଇଛି । ଦୁର୍ନୀତି ନିବାରଣ ଆମର ଉତ୍ତର ଦାୟିତ୍ୱ ବାର୍ତ୍ତା ନେଇ ଏମ୍‌ସିଏଲ୍‌ର ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ କମ୍ପାନୀର ସିଏମ୍‌ଡ଼ି ଉଦୟ ଅନନ୍ତ କାଓଲେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ନିର୍ଦ୍ଦେଶକ (ଏଚ୍‌ଆର) କେଶବ ରାଓ ସିଭିଓ ପି.କେ. ପଟେଲ, ନିର୍ଦ୍ଦେଶକ (ଅର୍ଥ) ଏ.କେ. ବେଉରା ନିର୍ଦ୍ଦେଶକ (ବୈଷୟିକ) ଏସ୍.କେ. ଝା ଉପସ୍ଥିତ ଥିଲେ । ସମାରୋହରେ ଭିଜିଲେନ୍ସ ବୁଲେଟିନ୍‌ର ତୃତୀୟ ସଂସ୍କରଣକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଦୁର୍ନୀତି ନିବାରଣ ସଚେତନତା ନେଇ କର୍ମଚାରୀ, ସେମାନଙ୍କ ପରିବାର ବର୍ଗ ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ପୁରସ୍କୃତ ହୋଇଥିଲେ । ଏହି ବିଷୟରେ ସମ୍ବଲପୁର ନାଟ୍ୟ ଅନୁଷ୍ଠାନ ଦ୍ୱାରା ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ଦୁର୍ନୀତି ନିବାରଣ ରଥ, ସାଇକେଲ ଚାଳନା, ଗ୍ରାମସଭା, ଅଂଶୀଦାର ସମ୍ମିଳନୀ ଭଳି ବିଭିନ୍ନ ପ୍ରତିଯୋଗିତାରେ ସ୍ୱଚ୍ଛତା, ସଦାଚାର ଏବଂ ପାରଦର୍ଶିତାକୁ କମ୍ପାନୀ ପକ୍ଷରୁ ପ୍ରତିଫଳିତ କରାଯାଇଛି ।

# ବିର୍ସାମୁଣ୍ଡାଙ୍କ ଜୟନ୍ତୀକୁ ଛୁଟି ଘୋଷଣା ଦାବି

## ଅନୁସୂଚୀତ ଜାତି ଓ ଜନଜାତି କର୍ମଚାରୀ ପରିଷଦର ବାର୍ଷିକ ସାଧାରଣ ସଭା



ବଲାଙ୍ଗିର(ପିପିଏସ୍) : ସ୍ଥାନୀୟ ଗୋଁଣ୍ଡୱାନା ଭବନ ଠାରେ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ ବଲାଙ୍ଗିର ଜିଲ୍ଲା ଶାଖାର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବାବା ସାହେବ ଆମ୍ବେଦକର, ଧରତି ଆବା ବିର୍ସା ମୁଣ୍ଡା, ସାବିତ୍ରୀବାଇଫୁଲେ ଓ ଧରମସିଂ ମାଝୀ ମାନଧାତାଙ୍କ ଫଟୋଚିତ୍ରରେ ପୂଜାସେବା ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଭାପତି ମୀନକେତନ ମାଝୀ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ସହିତ ପରିଷଦର ଆଭିମୁଖ୍ୟ, ଲକ୍ଷ୍ୟ, ଉପଲବ୍ଧି ବିଷୟରେ ଅବଗତ କରାଇଥିଲେ । ମୁଖ୍ୟଅତିଥି ଭାବେ ଗୁଣନିଧି ମଲ୍ଲିକ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବଲାଙ୍ଗିର ଯୋଗ ଦେଇ ସମାଜ ପ୍ରତି ଉତ୍ତରଦାୟିତ୍ୱ, ସଂଗଠନର ମହତ୍ୱ ଉପରେ ସଚେତନତା ଜରୁରୀ ବୋଲି ମାର୍ଗଦର୍ଶନ କରିଥିଲେ । ସାଧାରଣ ସଂପାଦକ ରବିନ୍ଦ୍ର କୁମାର ସୁନା ବାର୍ଷିକ ବିବରଣୀ ପାଠ, ସଂପାଦକ(ବିତ୍ତ)ବୃନ୍ଦାବନ ନାଗ ବାର୍ଷିକ ଆୟବ୍ୟୟ, ସଂପାଦକ(ସାଂସ୍କୃତିକ) ସୁରେନ୍ଦ୍ର ସେଠ୍ ଶୈକ୍ଷିକ କାର୍ଯ୍ୟାବଳି, କାର୍ଯ୍ୟକାରୀ ସଭାପତି କମଲ ଲୋଚନ ବିଶ୍ୱାଳ ଆର୍ଥିକ ପରିଚାଳନା ବିଷୟରେ ଉଲ୍ଲେଖ କରିଥିଲେ । ଜିଲ୍ଲାର ସମସ୍ତ ବ୍ଲକ ସଭାପତି, ସଂପାଦକ ତଥା ସକ୍ରିୟ ସଭ୍ୟମାନେ ଯୋଗ ଦେଇ ବିବରଣୀ ଉପସ୍ଥାପନ ସହ ପରିଷଦର ଉନ୍ନତି ଏବଂ ଧରତି ଆବା ବିର୍ସାମୁଣ୍ଡାଙ୍କ ଜୟନ୍ତୀକୁ ଛୁଟି ଘୋଷଣା କରାଯାଉ ବୋଲି ମତାମତ ଦେଇ ପ୍ରସ୍ତାବ ଗୃହିତ ହୋଇଥିଲା ଓ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା । ଜିଲ୍ଲାରେ ଉଲ୍ଲେଖନୀୟ ସଭ୍ୟ ସଂଖ୍ୟା ସଂଗ୍ରହରେ ଗୁଡ଼ଭେଲା ବ୍ଲକ ପ୍ରଥମ, ଦେଓଗାଁ ବ୍ଲକ ଦ୍ୱିତୀୟ ଓ ବେଲପଡ଼ା ବ୍ଲକ ତୃତୀୟ ହୋଇଥିବାରୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ବ୍ଲକ ସଭାପତି ରଘୁନାଥ ପୁଷ୍ପାରୀ, ଖୁସିରାମ ମଲ୍ଲିକ, ପ୍ରିୟବ୍ରତ କୁମ୍ଭାର, ନକୁଳ ମାଝୀ, ଡମ୍ବରୁଧର ଧରୁଆ, ଶୁକ୍ରୁ ଧରୁଆ, ସଂପାଦକ ସତ୍ୟଜିତ ଛତ୍ରିଆ, ହୋଲେଶ୍ୱର ଧରୁଆ, କାରର୍ତ୍ତିକ ହରପାଲ, ପରଶୁରାମ ସୁନା, ସକ୍ରିୟ ସଭ୍ୟ ମହେନ୍ଦ୍ର ନାଗ, ଅଜତିତ କୁମାର ନାଗ,କଳିଙ୍ଗ ସୁନା,ଭଗତ ନାଗ, ତରୁଣ ସିଂ ଦୀପ,ସହଦେବ ଧରୁଆ,ଛବିନ୍ଦ୍ର ବେହେରା,ଗୋପାଳ ଭୁଏ, ବିରନ୍ଚି ମାଝୀ,ବବ୍ରୁ ନାଗ,ଯୋଗେନ୍ଦ୍ର ଦଳପତି ଓ ସରକାରୀ ମହାବିଦ୍ୟାଳୟର ଅଧ୍ୟାପିକା ରମଣୀ ନାୟକ ସୁଚିନ୍ତିତ ମତାମତ ଦେଇଥିଲେ । ଆଗାମୀ ବର୍ଷ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା । ଅତିରିକ୍ତ ସଂପାଦକ ନିଳକଣ୍ଠ ସୁନା ସଭା ପରିଚାଳନା କରିଥିବା ବେଳେ ଶେଷରେ ବ୍ଲକ ସଚିବ ଗଦି ସୁନା ଧନ୍ୟବାଦ ଦେବା ପରେ ସଭାପତିଙ୍କ ଦ୍ୱାରା ସଭା ସ୍ଥଗିତ କରାଯାଇଥିଲା ।

# ଦୁର୍ଘଟଣାରେ ମାନସିକ ବିକୃତ ବ୍ୟକ୍ତିଙ୍କ ମୃତ୍ୟୁ

ଜୟପୁର:କୋରାପୁଟ ଜିଲ୍ଲା ଜୟପୁର-କୋରାପୁଟ ୨୬ ନମ୍ବର ଜାତୀୟ ରାଜପଥ ଘାଟିରାସ୍ତାରେ କୌଣସି ଅଜଣା ଗାଡି ଧକ୍କାରେ ମାନସିକ ବିକୃତ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ଘାଟି ରାସ୍ତାରେ ଅଜଣା ମୃତ ବ୍ୟକ୍ତିଙ୍କ ଶରୀରକୁ ସ୍ଥାନୀୟ କିଛି ବାସିନ୍ଦା ଦେଖିବା ପରେ ଜୟପୁର ବ୍ଲକ ବାରିଣପୁଟ ସରପଂଚା ପଦ୍ମା ନନ୍ଦିବାଲିଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ । ଏଥିନେଇ ସରପଂଚଙ୍କ ଏତଲା କ୍ରମେ ଜୟପୁର ସଦରଥାନା ପୁଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରିଥିବା ବେଳେ ଆମ୍ବୁଲେନ୍ସ ଯୋଗେ ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଛି । ତାଙ୍କ ଶବ ବ୍ୟବଚ୍ଛେଦ କରାଯାଇ ଶବ ସଂରକ୍ଷିତ ଗୃହରେ ରଖାଯାଇଛି । ତାଙ୍କର ପରିଚୟ ନ ମିଳିଲେ ଶବକୁ ପୋତାଯିବ ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ଗାଁ ରାସ୍ତା ମରାମତିକଲେ ଗ୍ରାମବାସୀ



କଲ୍ୟାଣସିଂହପୁର: ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସେରିଗୁମ୍ମା ପଞ୍ଚାୟତର କୁରୁକୁଟି ଗ୍ରାମ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି । ଦୀର୍ଘ ଦିନ ଧରି ଅଞ୍ଚଳବାସୀ ଗୁହାରି କରି ଆସୁଥିଲେ ମଧ ଆଜି ପର୍ଯ୍ୟନ୍ତ ରାସ୍ତା ମରାମତି ନ ହେବାରୁ ଶେଷରେ ଗ୍ରାମବାସୀ ଚାନ୍ଦା ଆଦାୟ କରି ନିଜେ ଶ୍ରମଦାନ କରି ରାସ୍ତା ମରାମତି କରିଛନ୍ତି । ସରପଞ୍ଚଠୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଗୁହାରୀ କରିବା ପରେ ବି ରାସ୍ତା କାମ ନ ହେଉଥିବା ଯୋଗୁ ଗାଁକୁ ଆମ୍ବୁଲାନ୍ସ ଆସିବା ସମ୍ଭବ ହୋଇପାରୁ ନାହିଁ । ଏମିତି କି ରାସ୍ତା ଖରାପ ଯୋଗୁ ଅନେକ ଦୁର୍ଘଟଣା ଘଟିଛି । ପୂର୍ବରୁ ଗର୍ଭବତୀ ମହିଳାମାନଙ୍କୁ ଭାରରେ ବୁହା ହୋଇଥିବା ନଜିର ମଧ ରହିଛି । ଅନେକ ନେତା, ମନ୍ତ୍ରୀ, ବିଧାୟକ, ସାଂସଦଙ୍କୁ କହିବା ପରେ ବି କେହି କର୍ଣ୍ଣପାତ କରିନାହାନ୍ତି । ୨୪ ବର୍ଷ ଗତ ସରକାର ଏବଂ ଚଳିତ ୧୬ ମାସର ସରକାରରେ ବି ଗ୍ରାମ ରାସ୍ତା ହେବା ସ୍ୱପ୍ନ ପାଲଟି ଯାଇଛି । ଏହି ସମସ୍ୟା ଭିତରେ ଆଗାମୀ ନିର୍ବାଚନରେ ଗାଁ ଲୋକ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଥିବା କହିଛନ୍ତି ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ସ୍ୱତନ୍ତ୍ର ଉତ୍ସବ

କେନ୍ଦୁଝର, (ହି.ସ.) : କେନ୍ଦୁଝରରେ ଜାତୀୟ ଆଇନସେବା ଦିବସ ପାଳନ ଅବସରରେ କେନ୍ଦୁଝର ଜିଲ୍ଲା ଆଇନ ସେବା ପ୍ରାଧିକରଣ ସ୍ୱତନ୍ତ୍ର ଉତ୍ସବ ସ୍ଥାନୀୟ ପକ୍ଷରୁ ରୋଟାରୀ ଭବନରେ ଆୟୋଜିତ ହୋଇଥିଲା । ଏ ଅବସରରେ ଡିଷ୍ଟ୍ରିକ୍ଟ ଲିଗାଲଏଡ଼ ଅଥରିଟିଙ୍କ ଦ୍ୱାରା ଇଣ୍ଡିଆନ ରେଡକ୍ରସ ସୋସାଇଟି ସହଯୋଗରେ ରକ୍ତଦାନ ଶିବିର ଆୟୋଜିତ ହୋଇ ସଂଗୃହିତ ରକ୍ତକୁ ମାନବକଲ୍ୟାଣ ନିମନ୍ତେ ଜିଲ୍ଲା ରକ୍ତକେନ୍ଦ୍ରକୁ ପ୍ରେରଣ କରାଯାଇଥିଲା । ଜିଲ୍ଲା ଦୌରା ଜଜ ଗୋପାଳ ଚନ୍ଦ୍ର ବେହେରା ପ୍ରଥମେ ରକ୍ତଦାନ କରି ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିଲେ । ମାନବ ସେବା ପାଇଁ ପ୍ରଥମଥର ବିଚାର ପତି ବୃନ୍ଦ ଆଗେଇ ଆସି ସାମୁହିକ ଭାବେ ରକ୍ତଦାନ କରି ଏକ ଜାଜୁଲ୍ୟମାନ ପରମ୍ପରା ସୃଷ୍ଟି କରିଛନ୍ତି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ସସ୍ମିତା ନନ୍ଦିନୀ ତ୍ରିପାଠୀ, ଏସଡିଜେଏମ ସୁମିତା କୁମାରୀ ଦାଶ, ଡ଼ିଏଲଏସଏ ସଦସ୍ୟ ଅକ୍ଷୟ କୁମାର ଚକ୍ର ପ୍ରମୁଖ ଆଗଭର ହୋଇ ରକ୍ତଦାନ କରି ଥିଲେ । ଏ ଅବସରରେ ସିଜେ ଏମ ହିମାଂଶୁ ଶେଖର ବିଶ୍ୱାଳ, ମହିଳା କୋର୍ଟ ବିଚାରପତି ନେହା ଦାଶ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଏସପି ସ୍ନେହାଶିଷ ସାହୁ, ଜିଲ୍ଲା ରେଡ଼କ୍ରସ ଯୁଗ୍ମ ସମ୍ପାଦକ ଏ ଆର ଖାନ, ରୋଟାରୀ ସଭାପତି ହରିହର ମହାନ୍ତ , ଡାକ୍ତର ସଂଜୀବ ଓଟା, ଡାକ୍ତର ରମାକାନ୍ତ ମୁଣ୍ଡା, ବରିଷ୍ଠ ଆଇନଜୀବୀ ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କନ୍ୟା ଶିବିର

କନ୍ଧମାଳ : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ‘କନ୍ୟା ଭାରତୀ’ ତରଫରୁ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ଉଦ୍ଘାଟନୀ ଅବସରରେ ଶିକ୍ଷୟିତ୍ରୀ ସୌଭାଗ୍ୟଲକ୍ଷ୍ମୀ ଦାଶ ଏବଂ ସବିତା ସାହୁ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆଗେଇନେଇଥିଲେ । ସେହିପରି ବିଦ୍ୟାଳୟର ସହ-ପ୍ରଧାନ ଆଚାର୍ଯ୍ୟା ବୈଜୟନ୍ତୀ ସାମନ୍ତରାୟ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଏବଂ କନ୍ୟା ଶିବିରର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ବନ୍ଧରେ ଅବଗତ କରାଇଥିଲେ । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ମାଳବିକା ଶତପଥୀ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢ଼ୀଙ୍କ ସମେତ ସ୍ୱାସ୍ଥ୍ୟ ପରାମର୍ଶଦାତା ରାଜକୁମାରୀ ବେହେରା ଏବଂ ରାଜେଶ୍ୱରୀ ବେହେରା( ବରିଷ୍ଠ ସୁସ୍ଥତା ପ୍ରଶିକ୍ଷିକା ) ସମାରୋପରେ ଉପସ୍ଥିତ ଥିଲେ । ଏହି କନ୍ୟା ଶିବିରର ମୁଖ୍ୟ ଆକର୍ଷଣ ଥିଲା ପାରମ୍ପରିକ ଝୋଟି ଆଙ୍କିବା, ଶାଢ଼ୀ ପିନ୍ଧିବା, ମେହେନ୍ଦୀ ଲଗାଇବା, ବ୍ୟବସାୟିକ ମେଳା ଏବଂ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ ପ୍ରତିଯୋଗୀତା ସହିତ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ, ସାମୂହିକ ସଙ୍ଗୀତ,ବ୍ୟକ୍ତିଗତ ସଙ୍ଗୀତ,ତୁଳସୀ ପୂଜନ ବିଧି,ମହିୟସୀ ମହିଳାଙ୍କ ଫଟୋ ପ୍ରଦର୍ଶନ ଏବଂ ଏବଂ ନାଟକ (କନ୍ୟାରତ୍ନ) ପରିବେଷଣ କରାଯାଇଥିଲା । ଆଚାର୍ଯ୍ୟା ରାଜେଶ୍ୱରୀ ପଟ୍ଟନାୟକଙ୍କ ଦ୍ୱାରା ବନ୍ଦନା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ସମସ୍ତ ଆଚାର୍ଯ୍ୟା ଓ ସେବକ ସେବୀକା ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇପାରିଥିଲା । ପରିଶେଷରେ କୃତି ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ସାଇବର ସୁରକ୍ଷା ଅଭିଯାନ

ଭୁବନ: ଭୁବନ ଥାନା ତରଫରୁ ସାଇବର ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ପୂର୍ତ ବିଭାଗ ଡାକ ବଙ୍ଗଳା ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ପଥ ପ୍ରାନ୍ତ ନାଟକ ମାଧ୍ୟମରେ ଲୋକ ମାନଙ୍କୁ ସାଇବର ଠକେଇ ନେଇ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କାମାକ୍ଷା ନଗର ଏସଡିପିଓ ରଜନୀକାନ୍ତ ସାମଲଙ୍କ ସମେତ ଭାରପ୍ରାପ୍ତ ଥାନାଧିକାରୀ ସୁବ୍ରତ କୁମାର ସାହୁ, ଦୀପକ ମର୍ଦ୍ଦରାଜ ଭୂୟାଁ, ମାନସ ନାୟକ, ଜ୍ୟୋତି ସିଂ, ବରିଷ୍ଠ ନାଗରିକ ଟ୍ରଷ୍ଟ ସଭାପତି ରଥ ସେଠୀ, ଦୂର୍ଗା ପ୍ରସାଦ ପୃଷ୍ଟି ପ୍ରମୁଖ ଯୋଗଦେଇ ଅଜଣା ଫୋନ୍ କଲ୍‌ରୁ ଦୂରେଇ ରହିବ, କାହାକୁ ଓଟିପି ନ ଦେବା, ଅଜଣା ଆପ୍‌ରେ କୌଣସି ତଥ୍ୟ ନ ଦେବା, ଭିଡିଓ କଲ୍ ମାଧ୍ୟମରେ ନିଜର ଅନ୍ତରଙ୍ଗ ଫଟୋ ଠାରୁ ଦୂରେଇ ରହିବା ଭଳି ସଚେତନତା ବାର୍ତା ଦେଇଥିଲେ ଓ ସଚେତନତା ହିଁ ସୁରକ୍ଷା ବୋଲି ମତବ୍ୟକ୍ତ କରିଥିଲେ ।

# ଆଇନ୍ ସଚେତନତା ପଦଯାତ୍ରା



ଦେବଗଡ(ପିପିଏସ୍) : ଦେବଗଡ଼ ଜିଲ୍ଲା ନ୍ୟାୟାଳୟର ଅତିରିକ୍ତ ଜିଲ୍ଲା ଜଜ୍ ମଧୁମିତା ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଦେବଗଡ଼ ତରଫରୁ ଜାତୀୟ ଆଇନ୍ ସେବା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା କୋର୍ଟ ପରିସରରୁ ପଦଯାତ୍ରା ବାହାରି ନଗର ପରିକ୍ରମା କରିଥିଲା । ଲୋକଙ୍କୁ ବିଭିନ୍ନ ଆଇନ୍ ଉପରେ ସଚେତନ କରାଯାଇଥିଲା । ଏହି ପଦ ଯାତ୍ରାରେ ସିଭିଲ୍ କୋର୍ଟ, ଦେବଗଡ଼ ରେଜିଷ୍ଟ୍ରାର ବି. ଉହାପାତ୍ର , ମହିଳା କୋର୍ଟର ବିଗ୍ଧରପତି ସାନ୍ତାଶ୍ରୀ ମହାନ୍ତି, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ରୁଦ୍ର ପ୍ରକାଶ ନାୟକ, ଜେଏମଏଫ୍‌ସି ଶୁଭସ୍ମିତା ଶୁଭଦର୍ଶିନୀ ପାତ୍ର, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଦେବଗଡ଼ର କର୍ମଗ୍ଧରୀଙ୍କ ସହିତ ପାରାଲିଗାଲ୍ ସ୍ୱେଚ୍ଛାସେବୀ, ଜନସାଧାରଣ ସାମିଲ ଥିଲେ ।

# ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀ ପୁଣି ଅଶାନ୍ତ ହୋଇଛି । ଗତକାଲି ରାତି ପ୍ରାୟ ୯ଟା ସମୟରେ ଦୁର୍ବୃତ୍ତମାନେ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ଆକ୍ରମଣ କରିଛନ୍ତି । ଲକ୍ଷ୍ମୀସାଗର ଥାନା ବୁଦ୍ଧନଗର ବସ୍ତି ଅଞ୍ଚଳରେ ଘଟିଛି ଏଭଳି କାଣ୍ଡ । ଜଣେ ଯୁବକଙ୍କୁ ଆକ୍ରମଣ କରି ଦୁର୍ବୃତ୍ତମାନେ ରକ୍ତାକ୍ତ କରିଦେଇଛନ୍ତି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଆକ୍ରମଣ କରାଯାଇଥିବା ଅନୁମାନ କରାଯାଉଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଦୁର୍ବୃତ୍ତଙ୍କ ଖଣ୍ଡା ଚୋଟରେ ବୁଦ୍ଧନଗର ବସ୍ତିର ଅଙ୍କୁ ନାମକ ଯୁବକ ଗୁରୁତର ଆହତ ହୋଇଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ, ରବିବାର ସନ୍ଧ୍ୟାରେ ଅଙ୍କୁ ନିଜ ଘର ପାଖରେ ବସିଥିଲେ । ଏହି ସମୟରେ ୪/୫ଜଣ ଯୁବକ ହାତରେ ଖଣ୍ଡା-ଭୁଜାଲି ଧରି ସେଠାରେ ପହଞ୍ଚିଥିଲେ । ସେ କିଛି ବୁଝିବା ଆଗରୁ ତାଙ୍କୁ ଘର ପାଖରୁ ଉଠାଇ ନେଇଥିଲେ । କିଛି ଦୂରରେ ତାଙ୍କୁ ଖଣ୍ଡା-ଭୁଜାଲିରେ ଅତର୍କିତ ଆକ୍ରମଣ କରିଥିଲେ । ଚିତ୍କାର ଶୁଣି ଆଖପାଖ ଲୋକେ ଦୌଡ଼ି ଆସିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତେବେ ପୂର୍ବ ବିବାଦକୁ ନେଇ ଫାଳିକିଆ ବସ୍ତିର କିଛି ଯୁବକ ଏଭଳି କାଣ୍ଡ ଘଟାଇଥିବା ପୁଲିସ ସନ୍ଦେହ କରୁଛି । ଏ ସମ୍ପର୍କରେ ଥାନା ଅଧିକାରୀ ପି. ଶ୍ୟାମା ସୁନ୍ଦର ରାଓ କହିଛନ୍ତି ସେଭଳି କୌଣସି ଆସି ନାହିଁ ।

# ଘର ତାଲା ଭାଙ୍ଗି ଚୋରି ଅଭିଯୋଗରେ ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଘରର ତାଲା ଭାଙ୍ଗି ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ । ଅଭିଯୁକ୍ତ ହେଲେ ବିଶ୍ୱଜିତ ବେହେରା । ଘର ବାଙ୍କୀ ବ୍ରହ୍ମପୁରାରେ । ପୁଲିସ ସୂଚନା ଅନୁସାରେ, ବିଶ୍ୱଜିତ ଗତମାସ ୧୦ ତାରିଖରେ ଗଣ୍ଡମୁଣ୍ଡା ଗଣେଶ ନଗରର ଦୀପ୍ତି ରଞ୍ଜନ ଜେନାଙ୍କ ଘର ତାଲା ଭାଙ୍ଗି ସୁନା ଅଳଙ୍କାର, ରୂପା ପାଦଦଳା, ପିତ୍ତଳ ବାସନକୁସନ ଓ ବାଥରୁମ୍ ଫିଟିଂ ଚୋରି କରି ନେଇଥିଲା । ଶ୍ରୀ ଜେନା ଏ ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା । ସିସିଟିଭି ଫୁଟେଜରୁ ବାଇକ୍ ନମ୍ବର ମିଳିବା ପରେ ଗାଡ଼ିଟି ବିଶ୍ୱଜିତ ବପାଙ୍କ ନାମରେ ଥିବା ଜଣାପଡ଼ିଥିଲା । ଆଜି ରେହମତନଗର କବାଡ଼ିଆ ବସ୍ତିରୁ ଚୋରି ସାମଗ୍ରୀ ସହିତ ବିଶ୍ୱଜିତଙ୍କୁ ଗିରଫ କରିଥିଲା ପୁଲିସ । ସେ ଜେଲରୁ ମୁକୁଳିବା ପରେ ଗଣ୍ଡମୁଣ୍ଡା ଓ ଗଣେଶ ନଗର ଅଞ୍ଚଳରେ ୪ଟି ସ୍ଥାନରୁ ଚୋରି କରିଥିବା ସ୍ୱୀକାର କରିଥିଲା । ବିଶ୍ୱଜିତ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ରାଜଧାନୀର ବିଭିନ୍ନ ଥାନାରେ ୨୦ ଟି ଚୋରି ମାମଲା ରହିଛି । ନୂଆପଲ୍ଲୀ ଓ ଖଣ୍ଡଗିରି ଥାନାର ୪ଟି ମାମଲାରେ ସେ ଦୋଷୀ ସାବ୍ୟସ୍ତ ମଧ୍ୟ ହୋଇଛି ।



# ଦିନକ ପରେ ପଛୁଆଁ ହେବେ ଶ୍ରୀଲିଙ୍ଗରାଜ

**ଭୁବନେଶ୍ୱର (ପିପିଏସ୍):** ଦିନକ ପରେ ପଛୁଆଁ ହେବେ ଶ୍ରୀଲିଙ୍ଗରାଜ । ଅଷ୍ଟମୀ ପାଇଁ ଚଳଚଞ୍ଚଳ ହେଲାଣି ସାରା ସହର । ଦିଅଁଙ୍କ ମାମୁଘର ଶ୍ରୀମୈତ୍ରେଶ୍ୱର ମନ୍ଦିରରେ ଉତ୍ସବ ମାହୋଲ ଦେଖିବାକୁ ମିଳିଲାଣି । ଭଣଜା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ସ୍ୱାଗତ କରିବା ଓ ନୂତନ ବସ୍ତ୍ର ଦେଇ ପଛୁଆଁ ନୀତି ସମାପନ କରିବା ପାଇଁ ମନ୍ଦିର ସେବାୟତଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଗଲାଣି । ବୁଧବାର ଲିଙ୍ଗରାଜ ମନ୍ଦିରରେ ସକାଳୁ ଦ୍ୱିପ୍ରହର ଯାଏ ଯଥାରୀତି ପୂଜାର୍ଚ୍ଚନା, ଧୂପ ଓ ଆଳତି ଆଦି ଅନୁଷ୍ଠିତ ହେବ । ସନ୍ଧ୍ୟା ବିଧି ସରିବା ପରେ ଶ୍ରୀଜିଉଙ୍କ ଚଳନ୍ତି ପ୍ରତିମା ଶ୍ରୀଚନ୍ଦ୍ରଶେଖରଙ୍କ ସହ ମା' ପାର୍ବତୀ, ମା' ଦୁର୍ଗା ଓ ଶ୍ରୀବାସୁଦେବଙ୍କୁ ସୁସଜ୍ଜିତ ବିମାନ ଓ ପାଲିଙ୍କିରେ ବିଜେ କରାଇ ସେବାୟତଙ୍କ ଗହଣରେ ଦେବଦେବୀଙ୍କ ଛକ ନିକଟ ମୈତ୍ରେଶ୍ୱର ମନ୍ଦିରକୁ ଯାତ୍ରା କରିବେ । ମାମୁଘର ପରିସରକୁ ପୂର୍ବରୁ ବିଭିନ୍ନ ଫୁଲ ଓ ରଙ୍ଗୋଲିରେ ସଜ୍ଜିତ କରାଯିବ । ଭଣଜା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପଟୁଆର ମୈତ୍ରେଶ୍ୱର ମନ୍ଦିର ସମ୍ମୁଖରେ ପହଞ୍ଚିବା ବେଳେ ସେଠାରେ ସୁନ୍ଦର ଆତସବାଜି କାର୍ଯ୍ୟକ୍ରମ କରାଯାଇ ଦେବଦେବୀଙ୍କୁ ସ୍ୱାଗତ କରାଯିବ । ସବୁ ଦେବଦେବୀଙ୍କୁ ଶ୍ରୀମୈତ୍ରେଶ୍ୱର ମନ୍ଦିର ସମ୍ମୁଖସ୍ଥ ସିଂହାସନରେ ଉପବେଶନ କରାଯିବ । ପରେ ପାପନାଶିନୀ ପୁଷ୍କରିଣୀରୁ ଆସିଥିବା ଜଳରେ ଦେବଦେବୀଙ୍କ ସ୍ନାନ ବିଧି ଅନୁଷ୍ଠିତ ହେବ । ତତ୍‌ପରେ ସେବାୟତଙ୍କ ଦ୍ୱାରା ନୂତନ ବସ୍ତ୍ର ପରିଧାନ କରାଯିବା ସହ ପଞ୍ଚ ଉପଚାରରେ ଦେବଦେବୀଙ୍କୁ ପୂଜା କରାଯାଇ ମାମୁ ଭଣଜାଙ୍କୁ ମୁହାଁ ଭୋଗ ଲାଗି କରି ଭେଟ ଆଳତି ଅନୁଷ୍ଠିତ ହେବ । ପ୍ରଭୁଙ୍କ ପଛୁଆଁ ବିଧି ସରିବା ପରେ ଶ୍ରୀଜିଉ ପ୍ରତ୍ୟାବର୍ତ୍ତନ କରିବେ ଏବଂ ବାଟରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମାଇଁ ମା' କପାଳୀ ଠାକୁରାଣୀଙ୍କ ପାଖରେ ଭେଟ ଆଳତି କରାଯିବ । ଏହାପରେ ସମସ୍ତ ଦେବଦେବୀ ପୁଣି ପଟୁଆରରେ ମନ୍ଦିରକୁ ଫେରିବେ । ଶିବ ଶୟନ ଚତୁର୍ଦ୍ଦଶୀ ଠାରୁ ଦିଅଁ ଶୟନ କରିଥାନ୍ତି । ଶିବ ଉଠାପନ୍ନ ଚତୁର୍ଦ୍ଦଶୀ ଦିନ ଦିଅଁ ନିଦ୍ରାରୁ ଉଠିବା ପରେ ପଛୁଆଁ ଅଷ୍ଟମୀଠାରୁ ଦିଅଁଙ୍କର ଆଦ୍ୟ ଯାତ୍ରା ବା ଚତୁର୍ଦ୍ଦଶୀ ଯାତ୍ରା ଆରମ୍ଭ ହୋଇଥାଏ । ତା' ପରେ ଅନ୍ୟାନ୍ୟ ପୂଜାର୍ଚ୍ଚନା କରାଯାଇଥାଏ ।



# ହୋଟେଲରୁ ଚୋରି କରି ୩ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଚୋରି କରିଥିବା ଅଭିଯୋଗରେ ଆଜି ଇନ୍‌ଫୋସିଟି ଥାନା ପୁଲିସ ଏକ ରେଷ୍ଟୁରାଣ୍ଟର ପୂର୍ବତନ କର୍ମଚାରୀ ସମେତ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟପୋଖରୀଆ ଥାନା ଶାଙ୍କୁଟ ଗ୍ରାମର ସ୍ୱଜଳ ସେଠୀ ,ବିହାର କିଷନଗଞ୍ଜ ଅଞ୍ଚଳର ଦିପେଶ କୁମାର ସିଂ ଓ ଚୋରି ସାମଗ୍ରୀ କିଣିଥିବା ପୁରୀ ଜିଲ୍ଲା ପିପିଲି ଅଞ୍ଚଳର ବିଶ୍ୱଜିତ ଭଟ୍ଟ । ଅଭିଯୁକ୍ତ ମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିବା ସହ ଆଜି ଅଦାଲତ ଚାଲାଣ କରିଛି ପୁଲିସ । ମିଳିଥିବା ସୂଚନା ଅନୁସାରେ ଯାଁଳା ନିକଟରେ ହାଇଟେ ଡାଇନ୍ ନାମକ ଏକ ରେଷ୍ଟୁରାଣ୍ଟ ଅଛି । ଉକ୍ତ ରେଷ୍ଟୁରାଣ୍ଟରେ ସ୍ୱଜଳ କର୍ମଚାରୀ ଭାବେ କାମ କରୁଥିଲେ । କିନ୍ତୁ ଗତ କିଛି ଦିନ ପୂର୍ବରୁ ତାଙ୍କୁ କୌଣସି କାରଣରୁ କାମରୁ ବାହାର କରାଯାଇଥିଲା । ଗତ କାଲି ଭୋର୍ ସ୍ୱଜଳ ତାର ବିହାରି ସହଯୋଗୀ ଦିପେଶ ସହ ଆସି ଉକ୍ତ ରେଷ୍ଟୁରାଣ୍ଟର ସିସିଟିଭି ଓ ଡେଥ୍ରର ଟେବୁଲ ଭାଙ୍ଗିବା ସହ ଦୁଇଟି ଗ୍ୟାସ ସିଲିଣ୍ଡର, ଲାଇଟ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିଲେ ।ଚୋରି କରିବା ପରେ ଏହି ସାମଗ୍ରୀ ସବୁ ପିପିଲି ଅଞ୍ଚଳରେ ବିକ୍ରି କରିଦେଇଥିଲେ । ଏନେଇ ହୋଟେଲ ମାଲିକ ନିରୁପମା ସ୍ୱାଇଁ ଇନ୍‌ଫୋସିଟି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ କରି ଆଜି ଦୁଇ ଚୋରଙ୍କ ସହ ଚୋରି ସାମଗ୍ରୀ କିଣିଥିବା ମୋଟ ୩ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି ।ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଛି ।

# ଶୀତୁଆ ସନ୍ଧ୍ୟାରେ ମନମୋହୁଛି ଭୁବନେଶ୍ୱର ବାଲିଯାତ୍ରା

**ଭୁବନେଶ୍ୱର (ପିପିଏସ୍):** ଶୀତୁଆ ସନ୍ଧ୍ୟାରେ ମନମୋହୁଛି ଭୁବନେଶ୍ୱର ବାଲିଯାତ୍ରା । ଗତକାଲି ରବିବାର ଛୁଟିଦିନ ଥିବାବେଳେ ୫ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଛି । ଶୀତୁଆ ସନ୍ଧ୍ୟାରେ ବର୍ଣ୍ଣାଳୀଙ୍କ ଗୁଆ ଘିଅ ଗୀତ ବେଶ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା । ଆଜି ୫ମ ସନ୍ଧ୍ୟାରେ ବାଲିଯାତ୍ରା ପଡ଼ିଆ ଲୋକ ଗହଳିରେ ଫାଟିପଡ଼ିଥିଲା । ଏତେ ଭିଡ଼ ହୋଇଥିଲା ଯେ କାଳେ କେହି ହଜିଯିବେ ସେନେଇ ସାଙ୍ଗସାଥି ପରିବାର ହାତ କାନ୍ଧ ଧରାଧରି ହୋଇ ଧାଡ଼ି କରି ଯାଇଥିଲେ । ଏମିତି କି ଲୋକେ ଶୀତ ବସ୍ତ୍ର ଓହ୍ଲାଇ ଅଣ୍ଟାରେ, ପିଠିରେ ବାନ୍ଧି ବୁଲିଥିଲେ । ଘାଇଁ ଘାଇଁ ରାମ ଦୋଳି ବୁଲି ଯେତିକି ତଳକୁ ଉପରକୁ ହେଉଥିଲା ଲୋକେ ସେତେ ଉଲ୍ଲସିତ ହେଉଥିଲେ । ବ୍ରେକ୍ ଡ୍ୟାନ୍ସ, ଡ୍ରାଗନ ରେଳ, ଜମ୍ପିଙ୍ଗ, ବନ୍ଧୁକରେ ବେଲୁନ ଫୁଟାଇ ବହୁ ମଜା ନେଇଥିଲେ । ଭିଡ଼ ଏତେ ହୋଇଥିଲା ଯେ ରାସ୍ତା ଘାଟ ଜାମ ହୋଇଯାଇଥିଲା । ମଞ୍ଚେଶ୍ୱର, ଇଞ୍ଜଣା ପଟୁ ଗାଡ଼ିମୋଟର ଏକ ପ୍ରକାର ଜାମ ହୋଇଯାଇଥିଲା । ଇଞ୍ଜଣା ଠାରୁ ଲମ୍ବା ଲାଇନ୍ ଲାଗି ଯାଇଥିଲା ବାଲିଯାତ୍ରା ପର୍ଯ୍ୟନ୍ତ । ଘଣ୍ଟା ଘଣ୍ଟା ଅପେକ୍ଷା କରି ବହୁତ ଲୋକ ଫେରି ଯାଇଥିଲେ । ବର୍ଣ୍ଣାଳୀଙ୍କ ଗୁଆଘିଅ ଗୀତ ଏକ ରକମ ଦର୍ଶକଙ୍କ ଭିତରେ ନିଆଁ ଲଗାଇ ଦେଇଥିଲା । ବର୍ଣ୍ଣାଳୀଙ୍କ ସହ ଭାଗ୍ୟଶ୍ରୀ ଏବଂ ଗୌତମ ରସବତୀ ଗିଲାସ, ଭୂଗୋଳରେ ଭଲ ହେଉଥିଲା, ରିମ୍ ଝିମ୍ ପାଣି ବର୍ଷୁ ଥିଲା, ନାଚିବୁ ଆମେ ବାଇଦ ବାଜା, ଜଟ ଅମ୍ଲା, ଜାନୁ ମେ ତେରା ଯାନ, ତେରା ଆଁଖୋ କା ୟେ କାଜଲ, ନାଗୀନ ନାଗୀନ, ଦମ ମୋରୋ ଦମ ବୋଲେ ହରେ କ୍ରିଷ୍ଣା ହରେ ରାମ, ଛି ଛି ନାନି, ଗୁଆ ଘିଅ, ଏ ଆଖି ଦେଖୁଛି କେତେ ସପନ, ନୂଆ ହିରୋ ଦେଖି କରି, ଚେମେଲି ହାଏ ହାଏ, କାମରିଆ ଟପ୍ ଲାଗେରେ ଆଦି ଗୀତର ତାଳେ ତାଳେ ନାଚି ନାଚି ତଳେ ଗଡ଼ିଥିଲେ । ଦ୍ୱିତୀୟ ମଞ୍ଚରେ ପାରମ୍ପରିକ ନୃତ୍ୟ ଗୀତ ପରିବେଷଣ କରି ଲୋକଙ୍କୁ ମୋହିତ କରି ନେଇଥିଲେ । ଖାଦ୍ୟ ଷ୍ଟଲରେ ଜାଗା ଆଡେଇ ହେଉନଥିଲା । ମହୋତ୍ସବ କମିଟି ପକ୍ଷରୁ ଆଜି ୫ଲକ୍ଷରୁ ଅଧିକ ଲୋକଙ୍କ ସମାଗମ ହୋଇଥିବା ନେଇ ଆକଳନ କରିଥିବା କମିଟି ବରିଷ୍ଠ ଉପଦେଷ୍ଟା ପ୍ରକାଶ କରିଛନ୍ତି ।



# ନବୀନ ଉର୍ଜା ଓ ଜୀବାଶ୍ମ ଇନ୍ଧନ ସମ୍ପର୍କିତ ଆଲୋଚନା

**ଭୁବନେଶ୍ୱର (ପିପିଏସ୍):** ଜଟଣୀ ବ୍ଲକ୍ ବରକୁଦା ଗ୍ରାମସ୍ଥିତ ଆର୍ଯ୍ୟାନ୍ ବୈଷୟିକ ଶିକ୍ଷାନୁଷ୍ଠାନରେ ବିଦ୍ୟୁତ ବିଭାଗ ନବୀନ ଉର୍ଜା ଉତ୍ସକୁ ବ୍ୟବହାର କରି ଜୀବାଶ୍ମ ଇନ୍ଧନର ପ୍ରତିସ୍ଥାପନା କେମିତି ସମ୍ଭବ, ଏନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ଏଆଇଇଟିର ପୃଷ୍ଠପୋଷକ ଡାଃ. ଦିଲୀପ କୁମାର ବିଶ୍ୱାଳ ଏବଂ ବିଦ୍ୟୁତ୍ ବିଭାଗ ମୁଖ୍ୟ ତଥା ଏହି ଆଲୋଚନା ଚକ୍ରର ସଂଯୋଜକ ଡାଃ. ପ୍ରତାପ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ସମ୍ମାନିତ ବକ୍ତା ଏବଂ ମୁଖ୍ୟ ଅତିଥି ଭାବେ ଭିଏସ୍ଏସ୍ ୟୁଟି, ବୁର୍ଲା, ସମ୍ବଲପୁର ଡାଃ ଏସ୍. ପଣ୍ଡା, ଏନ୍ଆଇଟି, ରାଉରକେଲା ପ୍ରଫେସର ଡାଃ. ଟିଆର୍. ଚୌଧୁରୀ, ପିଏମ୍ଇସି ବ୍ରହ୍ମପୁର ପ୍ରଫେସର ଡାଃ. ବି ପଣ୍ଡା, ପିଏମ୍ଇସି, ବ୍ରହ୍ମପୁର, ଓୟୁଟିଆର୍ ଭୁବନେଶ୍ୱର ପ୍ରଫେସର ଡାଃ. ପିକେ ରାୟ ପ୍ରମୁଖ ଉପସ୍ଥିତ ରହିଥିଲେ ।




ଭବିଷ୍ୟତ ଉର୍ଜା ଦିଗକୁ ଆଗେଇ ଯିବା ପାଇଁ ସୌର ଓ ପବନ ଶକ୍ତି ହେଉଛି ଆଶାର ନୂଆ ପଥ । ପାରମ୍ପରିକ ଇନ୍ଧନ ଉପରେ ନିର୍ଭରତା କମେଇ ପରିବେଶ ସୁରକ୍ଷା କରିବା ପ୍ରମୁଖ ଆବଶ୍ୟକତା ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହିଆଲୋଚନା ଚକ୍ରରେ ବିଭିନ୍ନ ଶିକ୍ଷକ, ଗବେଷକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନବୀନ ଉର୍ଜା ସଂପ୍ରେଷଣ, ସୋଲାର୍ ଓ ହାଇବ୍ରିଡ୍ ସିଷ୍ଟମ୍, ମାଇକ୍ରୋଗ୍ରୀଡ୍ ଓ ସ୍ମାର୍ଟ ଗ୍ରୀଡ୍‌ର ପ୍ରାସଙ୍ଗିକତା ଉପରେ ଆଲୋଚନା କଲେ । ବିଦ୍ୟୁତ୍ ବିଭାଗର ସହଯୋଗୀ ଅଧ୍ୟାପକ ତଥା ଏହି ଆଲୋଚନା ଚକ୍ରର ସହ ସଂଯୋଜକ ଡାଃ ସୁନୀତା ପାହାଡସିଂହ ଧନ୍ୟବାଦ ଜଣାଇ ସଭା ସମାପନ କରିଥିଲେ ।

# ଇଣ୍ଟରନ୍ୟାସନାଲ ଗୀତା ମିଶନର ସପ୍ତମ ବାର୍ଷିକ ଉତ୍ସବ



**ଭୁବନେଶ୍ୱର (ପିପିଏସ୍):** ପଦ୍ମଶ୍ରୀ ଶ୍ରୀମଦ ବାବା ବଳିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଇଣ୍ଟରନ୍ୟାସନାଲ ଗୀତା ମିଶନ ସପ୍ତମ ବାର୍ଷିକ ଉତ୍ସବ ବୁଦ୍ଧ ମନ୍ଦିର ପରିସରରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡ. ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀଙ୍କ ପୌରୋହିତ୍ୟରେ ଏହି ସଭା ଅନୁଷ୍ଠିତ ହୋଇଥିଲା । ଗୀତା ଏକ ଧର୍ମଶାସ୍ତ୍ର ନୁହଁ ବରଂ ଏହା ସମଗ୍ର ବିଶ୍ୱ ପାଇଁ ଏକ ମାନବୀୟ ସମ୍ବିଧାନ । ଗୀତାର ମାର୍ଗଦର୍ଶନ ଜାତି, ଧର୍ମ, ବର୍ଣ୍ଣ ଓ ସ୍ଥାନ ନିର୍ବିଶେଷରେ ସମସ୍ତ ମଣିଷମାନଙ୍କ ପାଇଁ ଉଦ୍ଦିଷ୍ଟ । ଗୀତାବାଣୀ ଦ୍ୱାରା ହିଁ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସମ୍ଭବ । ଏକ ଦିବସାତ୍ମକ ଗୀତା ଆଲୋଚନାଚକ୍ରରେ ଅତିଥିମାନେ ଏହି ମତ ପ୍ରଦାନ କରିଥିଲେ । ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ମୁଖ୍ୟବକ୍ତା ଭାବେ ଦୈନିକ ଖବର କାଗଜ ପ୍ରଗତିବାଦିର କାର୍ଯ୍ୟକାରୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ସମ୍ମାନିତ ଅତିଥି ରୂପେ ବେଦବିଦ୍ୱାନ ଡକ୍ଟର ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଯୋଗଦାନ କରିଥିଲେ । ଡ. ସ୍ୱପ୍ନା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶଙ୍କର୍ଷଣ ରାଉତ ଅନୁଷ୍ଠାନର ସମ୍ପୂର୍ଣ୍ଣ କାର୍ଯ୍ୟ ବିବରଣୀ ପାଠ କରିଥିବା ବେଳେ ଡ.ଧୃତିଧର ଦାସ କୃତଜ୍ଞତା ଜ୍ଞାପନ କରିଥିଲେ । ମିଶନର ଏହି ଉତ୍ସବରେ ସର୍ବଶ୍ରୀ ଅନୁପ ଦେ, ସଞ୍ଜୟ ରାଉତ, ଜ୍ୟୋତିରଞ୍ଜନ ଦାଶ ପ୍ରମୁଖ ସହଯୋଗ କରିଥିଲେ ।

# ଏକାମ୍ର ବାଲିଯାତ୍ରାରେ ଜମୁଛି ସାଂସ୍କୃତିକ ସନ୍ଧ୍ୟା

**ଭୁବନେଶ୍ୱର (ପିପିଏସ୍):** ଏକାମ୍ର ବାଲିଯାତ୍ରାରେ ଜମୁଛି ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଧ୍ୟା । ଗତକାଲି ରବିବାର ବାସୁଆଘାଇପୁର ପଞ୍ଚାୟତ ବାଙ୍କୁଆଳ କୁଆଖାଇ ନଦୀପଠାରେ ପ୍ରଥମ ଅର୍ଘ୍ୟରେ ବରଗଡ଼ ଜିଲ୍ଲାର ସରଗମଲି ସାଂସ୍କୃତିକ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଦେଖଣାହାରୀଙ୍କୁ ବେଶ ବିମୋହିତ କରିଥିଲା । ପରେ ଓଲିଉଡ଼ କଣ୍ଠଶିଳ୍ପୀ ପାମିଲା ଜୈନ ଏବଂ ସାଥୀ କଳାକାରଙ୍କ ଦ୍ୱାରା ଗୀତ ପରିବେଷଣ ଅତି ଉଚ୍ଚକୋଟୀର ଥିଲା । ଓଡ଼ିଆରେ ଗାଇଥିବା 'କିଏ ମତେ ବୁଲେଇ ନେବ ଖପରା ଖୋଲ..., ଗୁନ୍ ଗୁନ୍ ଗାଏ ଭଅଁରଟା ଗୁନ୍ ଗୁନ୍ ଗାଏ..., ଦିଲ ବିଲେଇ ମିଆଁଉ ମିଆଁଉ' ଆଦି ଭଳିକି ଭଳି ଓଡ଼ିଆ ଆଲବମ୍ ଗୀତ ଗାଇ ସନ୍ଧ୍ୟାକୁ ମନ୍ତ୍ରମୁଗ୍ଧ କରିଥିଲେ । ବାଲିଯାତ୍ରା କମିଟିର ସମ୍ପାଦକ କବିରାଜ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ପଞ୍ଚମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ସମେତ ଉପଦେଷ୍ଟା କ୍ଷୀରୋଦ କୁମାର ସ୍ୱାଇଁ, ଆଇନ ପରାମର୍ଶଦାତା ଭାଗବତ ମୁଖି, ରମାକାନ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମହିଳ ମଣ୍ଡଳ ସଭାନେତ୍ରୀଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବାଲିଯାତ୍ରାରେ ଲୋକଙ୍କ ଭିଡ଼ ଜମିଥିଲା । ଖାଦ୍ୟ ଷ୍ଟଲ, ପିଲାଙ୍କ ଖେଳଣା, ଘରୋଇ ଉପକରଣ, ସପିଙ୍ଗ ବଜାରରେ ଲୋକଙ୍କ ପ୍ରବଳ ଭିଡ଼ ଲାଗିରହିଥିଲା । ଏପରିକି ଟଙ୍କପାଣି ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା । ବାଙ୍କୁଆଳ ମହୋତ୍ସବ କମିଟି, ଗ୍ରାମ୍ୟ କମିଟି ଏବଂ ବଡ଼ଗଡ଼ ଥାନା ପୁଲିସ ଟ୍ରାଫିକ ସ୍ୱାଭାବିକ କରିବାକୁ ଲାଗିପଡ଼ିଥିଲେ ।



# ରାଜ୍ୟସ୍ତରୀୟ ଶବର କପ୍ ଫୁଟବଲ୍

**ଭୁବନେଶ୍ୱର (ପିପିଏସ୍):** ରାଧାଚରଣପୁର ଖେଳ ପଡ଼ିଆରେ ଶବର କ୍ରୀଡ଼ା ସଙ୍ଘ ଆନୁକୂଲ୍ୟରେ ଆୟୋଜିତ ୨୭ ତମ ଶବର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଘାଟିତ ହୋଇଯାଇଛି । ଆଜିର ଉଦ୍‌ଘାଟନୀ ମ୍ୟାଚରେ ଉତ୍କଳ ସ୍ପୋର୍ଟିଂ ଜଟଣୀ, ଜଗା ସ୍ପୋର୍ଟିଂ ପୁରୀକୁ ହରାଇ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି । ଉତ୍କଳ ସ୍ପୋର୍ଟିଂ ଜଟଣୀ ଟ୍ରାଇବେକର ସାହାଯ୍ୟରେ ୪-୨ ଗୋଲରେ ଜଗା ସ୍ପୋର୍ଟିଂ ପୁରୀକୁ ପରାସ୍ତ କରିଛି । ଆଜିର ଏହି ସଂଘର୍ଷ ପୂର୍ଣ୍ଣ ମ୍ୟାଚରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରିନଥିଲେ । ତେଣୁ ଶେଷରେ ଟ୍ରାଇବେକର ପଦ୍ଧତି ଅବଲମ୍ବନ କରାଯାଇଥିଲା । ଆସନ୍ତା କାଲି ଭଦ୍ରକ-୧୧ ଓ ଆୟୋଜକ ଖୋର୍ଦ୍ଧା ଜିଲ୍ଲା ଶବର କ୍ରୀଡ଼ା ସଂଘ ପରସ୍ପରକୁ ଭେଟିବେ ।

# ଏକାଦଶାହରେ କବି ଶଙ୍କର ପରିଡ଼ାଙ୍କୁ ଶ୍ରଦ୍ଧାଞ୍ଜଳି




**ଭୁବନେଶ୍ୱର (ପିପିଏସ୍):** ରାଜନୀତିରେ ମୂଲ୍ୟବୋଧ ଓ ସ୍ୱଚ୍ଛତା ସାଙ୍ଗକୁ ସାହିତ୍ୟରେ ଯୁବଲେଖକମାନଙ୍କୁ ପ୍ରେରଣା ଦେବାରେ ରାଜନେତା ତଥା କବି ଶଙ୍କର ପରିଡ଼ା ସ୍ମରଣୀୟ ରହିବେ ବୋଲି ରବିବାର ଗୀତଗୋବିନ୍ଦ ସଦନରେ ସ୍ୱର୍ଗୀୟ ପରିଡ଼ାଙ୍କ ଏକାଦଶାହ ଅବସରରେ ଆୟୋଜିତ ଶୋକସଭାରେ ତାଙ୍କ ଉଦ୍ଦେଶ୍ୟରେ ବକ୍ତାମାନେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଓଡ଼ିଆ ଯୁବଲେଖକ ସମ୍ମେଳନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶୋକସଭାରେ ପ୍ରସିଦ୍ଧ କବି ତଥା ସମ୍ମେଳନର ପ୍ରାକ୍ତନ ସଭାପତି ଅମରେଶ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟରେ ନିଶା ନିବାରଣର ପ୍ରମୁଖ କର୍ଣ୍ଣଧାର ତଥା ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ଓ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଉପସ୍ଥିତ ରହି ସ୍ୱର୍ଗୀୟ ପରିଡ଼ାଙ୍କ କୃତି ଓ କୃତିତ୍ୱ ନେଇ ବକ୍ତବ୍ୟ ରଖିଥିଲେ । ପରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସଜ୍ଜନ ଶର୍ମା, ରକ୍ଷକ ନାୟକ, ସରୋଜ ବଳ, ଶରତ କୁମାର ନାୟକ, ଉମାକାନ୍ତ ରାଉତ (ଅରୂପ), ଦିଲ୍ଲୀପ ଶତପଥୀ, ସୂର୍ଯ୍ୟ ରଥ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶେଷରେ ସମ୍ମେଳନର ପୂର୍ବତନ ସମ୍ପାଦକ ସୂର୍ଯ୍ୟ ମିଶ୍ର କୃତଜ୍ଞତା ଜ୍ଞାପନ କରିଥିଲେ । ପ୍ରତିବର୍ଷ ଶଙ୍କରଙ୍କ ସ୍ମୃତିରେ ଏକ ସ୍ମାରକ ବକ୍ତୃତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା ।

# ସ୍ୱାଗତିକାର ୪୫ତମ ଜାତୀୟ ଶିଶୁ ମହୋତ୍ସବ

**ଭୁବନେଶ୍ୱର (ପିପିଏସ୍):** ରାଜ୍ୟର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସ୍ୱାଗତିକା, ଭୁବନେଶ୍ୱର ପକ୍ଷରୁ ୪୫ତମ ଜାତୀୟ ଶିଶୁ ମହୋତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ ରାଜ୍ୟ ତଥା ଅନ୍ତଃରାଜ୍ୟସ୍ତରରୁ ବିଭିନ୍ନ ଶ୍ରେଣୀର ୧୦୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ କଳା, ବକ୍ତୃତା, ଫ୍ୟାଶନ ସୋ, ଫ୍ୟାନ୍ସି ଡ୍ରେସ୍, ଏକକ ନୃତ୍ୟ, ସଙ୍ଗୀତରେ ଅଂଶଗ୍ରହଣ କରିଥିଲେ । ଏଥିମଧ୍ୟରୁ ୧୦୨ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହିତ ଚଳଚ୍ଚିତ୍ର ଅଭିନେତ୍ରୀ ସାଇନି ମହାନ୍ତିଙ୍କୁ ଜାତୀୟ ଶିଶୁ ମହୋତ୍ସବ ୨୦୨୬ ପ୍ରସାର ନିମନ୍ତେ ବ୍ରାଣ୍ଡ ଆମ୍ବାସାଡ଼ର ଭାବେ ସର୍ବସମ୍ମତିକ୍ରମେ ନିଯୁକ୍ତି କରାଯାଇଛି । ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ନମିତା ମଞ୍ଜରୀ ରାୟ, ସାଧାରଣ ସମ୍ପାଦକ ଡ. ଅସିତ କୁମାର ମହାନ୍ତି, ତଥା ଅନୁଷ୍ଠାନର ସଂଗଠକ ମାନସ କାନୁନଗୋ, ରାମଚନ୍ଦ୍ର ମହାନ୍ତି, ଅଶୋକ କୁମାର ରାୟ, ସୂର୍ଯ୍ୟ ରଞ୍ଜନ ମହାନ୍ତି, ନାରାୟଣ ବିଶୋଇ, ଲିଙ୍ଗରାଜ ମହାନ୍ତି, ମୋତିଆଲୁ ଦଳାଇ, ଗୋପାଳ ଦଳାଇ, ଲେଖା ମହାନ୍ତି ଓ ଶିବାନୀ ମହାନ୍ତି ପ୍ରମୁଖଙ୍କ ଦ୍ୱାରା ଆୟୋଜିତ ତଥା ପୁରସ୍କାର ବିତରଣ ଉତ୍ସବ ପରିଚାଳିତ ହୋଇଥିଲା ।



# ଚିତ୍ରକଳା ଶିବିର 'ଆକୃତି' ଉଦ୍‌ଯାପିତ

**ଭୁବନେଶ୍ୱର (ପିପିଏସ୍):** ତିନି ଧରି ଚାଲି ଆସୁଥିବା ଚିତ୍ର, ସଂଗୀତ ଓ ସାହିତ୍ୟର ନିଆରା ପ୍ରଦର୍ଶନୀ 'ଆକୃତି' ରବିବାର ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଚିତ୍ରଶିଳ୍ପୀ ପଦ୍ମଶ୍ରୀ ବିନୋଦ ମହାରଣା ସମ୍ମାନିତ ଅତିଥି ଭାବେ ଚିତ୍ରଶିଳ୍ପୀ ଜନାର୍ଦ୍ଦନ ପରମଗୁରୁ, ରାଜ କିଶୋର ମହାରଣା, ମମତା ସାମନ୍ତରାୟ, ଲିପିଶ୍ରୀ ନାୟକ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଚିତ୍ର, ବାଦ÷, ସଂଗୀତ,ସାହିତ୍ୟ ଓ ଆବୃତ୍ତି ତଥା ବିଶ୍ଳେଷଣର ମିଶ୍ରଣରେ ଏଭଳି ନିଆରା ଆୟୋଜନ ପ୍ରଥମ କରି ହେଇଛି ଏବଂ ଏହା ଆଗାମୀ ଦିନରେ ଆମ ମହାନ ଓଡ଼ିଶୀ ସଂଗୀତ ଓ ସାହିତ୍ୟ ପ୍ରତି ଯୁବ ପିଢ଼ିଙ୍କୁ ଆକର୍ଷିତ କରିବାରେ ବେଶ ସହାୟକ ବୋଲି ମୁଖ୍ୟ ଅତିଥି କହିଥିଲେ । ଏହି କାର୍ଯ୍ୟକ୍ରମ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର ୩୪ ଟି ଚିତ୍ରର ଭାବ ଉପରେ ପର୍ଯ୍ୟବସିତ ସଂଗୀତ ପରିବେଷିତ ହୋଇଥିଲା । ତିନି ଦିନ ଧରି ଶ୍ରୀ ଜୟଦେବଙ୍କ ଗୀତଗୋବିନ୍ଦ, କବିସୂର୍ଯ୍ୟ ବଳଦେବ ରଥଙ୍କ ରମ୍ୟ ରଚନା, କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ, ଛାନ୍ଦ, ଚମ୍ପୂ, ଚଉତିଶା ଆଦିକୁ ସ୍ୱତନ୍ତ୍ର ପରିବେଷଣରେ ସୌମ୍ୟ ବିଶ୍ୱଜିତ ଶହ ଶହ ଯୁବ ପିଢ଼ିଙ୍କ ସମେତ ଦର୍ଶକଙ୍କୁ ବିମୋହିତ କରିଛନ୍ତି । ସୌମ୍ୟ ବିଶ୍ୱଜିତଙ୍କ ସମେତ ସୌମ୍ୟ କାନ୍ତ ମଲ୍ଲିକ, ସିଦ୍ଧି ପଟ୍ଟନାୟକ, ସିଦ୍ଧି ଶତପଥୀଙ୍କ ପ୍ରଚେଷ୍ଟାରେ ଏଭଳି ଆୟୋଜନ ଆସନ୍ତା ଦିନ ମାନଙ୍କରେ ଆମ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ବେଶ ସହାୟକ ହେବ ବୋଲି ଅତିଥିମାନେ କହିଥିଲେ ।

## ଭୁବନେଶ୍ୱର ଉତ୍ତର ମହୋତ୍ସବ

# ମୀନା ବଜାର, ଖାଦ୍ୟ ଷ୍ଟଲ୍‌ରେ ଜମୁଛି ଭିଡ଼

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ଉତ୍ତର ମହୋତ୍ସବର ପଞ୍ଚମ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ଇରା ମହାନ୍ତି । ଦୁଇ ଦଶନ୍ଧିର ନୂଆ ପୁରୁଣା ଗୀତର ଝୁଙ୍କରେ ଦର୍ଶକଙ୍କ ମନ ମୁଗ୍ଧ କରିଥିଲେ । ପ୍ରଥମେ 'ରାକ୍ଷୀ ବାନ୍ଧିଲି ମୋ ରହିଲା ରାଣ...' ଗୀତରୁ ଆରମ୍ଭ କରିଥିଲେ । ପରେ ପରେ ନୂଆ ଓ ପୁରୁଣା ସୁପର ହିଟ୍ ଗୀତ ଗାଇଥିଲେ । କମିଟିର ସଭାପତି କୁନାଲ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଞ୍ଚମ ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀଙ୍କ ଶିକ୍ଷା ପରାମର୍ଶଦାତା ପ୍ରଫେସର ଡ଼. ଜୟଶଙ୍କର ପାଣ୍ଡେ ଯୋଗଦେଇ ଜଗନ୍ନାଥଙ୍କ ସଂସ୍କୃତି, ପରମ୍ପରାକୁ ପ୍ରଶଂସା କରିଥିଲେ । ଓଡ଼ିଶାର କଳା ସଂସ୍କୃତି ସାରା ବିଶ୍ୱରେ ଆଦରଲାଭ କରିଛି ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ମନସ୍ତତ୍ତ୍ୱବିତ୍ ଡ଼ଃ ଅମୃତ ପାଟ୍ଟଯୋଶୀ, ସାମାଜିକ କର୍ମୀ ନମ୍ରତା ଚଢା, ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟ ପ୍ରଫେସର ସୁନୀତା କୁମାର, ଆଲହାବାଦ ହାଇକୋର୍ଟ ବରିଷ୍ଠ ଆଇନଜୀବୀ ଓ ସାମାଜିକ କର୍ମୀ ସୁଶୀଲା ପାଣ୍ଡେ, ପରିଚୟ ଫାଉଣ୍ଡେସନ ପ୍ରତିଷ୍ଠାନର ପ୍ରତିଷ୍ଠାତା ସଭାନେତ୍ରୀ ଡ. ରୋଜାଲିନ ପାଟ୍ଟଶାଣୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ସମ୍ପାଦକ ସ୍ୱାକ୍ଷର ରଞ୍ଜନ ମହାନ୍ତି ସଭା ପରିଚାଳନା କରିଥିଲାବେଳେ ସଂଯୋଜକ ସରୋଜକାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରବିବାର ଥିବାରୁ ପ୍ରବଳ ଜନସମାଗମ ହୋଇଥିଲା । ଆମିଷ ଷ୍ଟିଲ, ମୀନା ବଜାର, ଫୁଡ୍ ଷ୍ଟଲରେ ଭିଡ଼ ଜମିଥିଲା ।



# 'ଆମ ବସ୍' ଓ 'ଆମ ଇ-ରାଇଡ୍'କୁ ସ୍ୱତନ୍ତ୍ର ପୁରସ୍କାର

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀ କ୍ଷେତ୍ର ସହରାଞ୍ଚଳ ପରିବହନ କୁଟ୍(ସିଆରୟୁଟି) ଭୁବନେଶ୍ୱରକୁ ଏହାର ଫ୍ଲାଗସିପ୍ ପଦକ୍ଷେପ 'ସର୍ବୋତ୍ତମ ସହରାଞ୍ଚଳ ପରିବହନ ପ୍ରକଳ୍ପ କାର୍ଯ୍ୟକାରୀ କରିଥିବା ରାଜ୍ୟ/ୟୁଟି ପାଇଁ ରନିଂ କପି' ବର୍ଗରେ 'ଆମ୍ ବସ ଏବଂ ଆମ୍ ଇ-ରାଇଡ୍' ପାଇଁ 'ସହରାଞ୍ଚଳ ପରିବହନରେ ସ୍ୱତନ୍ତ୍ର ପୁରସ୍କାର' ପ୍ରଦାନ କରାଯାଇଛି । ରବିବାର ଗୁରୁଗ୍ରାମରେ ଅନୁଷ୍ଠିତ ଅର୍ବାନ ମୋବିଲିଟି ଇଣ୍ଡିଆ ୟୁଏମଆଇ ସମ୍ମିଳନୀର ଉଦଯାପନୀ ଅଧିବେଶନରେ ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରିଥିଲେ । ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ରାଜଧାନୀ ଅଞ୍ଚଳ ସହରାଞ୍ଚଳ ପରିବହନ କୁଟର ବରିଷ୍ଠ ଅଧିକାରୀମାନଙ୍କ ସହିତ ପୁରସ୍କାର ଗ୍ରହଣ କରିଛନ୍ତି ।

## ଆଙ୍ଗୋଲାରେ ରାଷ୍ଟ୍ରପତି ମୁର୍ମୁଙ୍କୁ ଭବ୍ୟ ସ୍ୱାଗତ



ଲୁଆଣ୍ଡା: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂପ୍ରତି ଆଫ୍ରିକା ଗସ୍ତରେ ଯାଇଥିବାବେଳେ ଶନିବାର ରାତିରେ ଆଙ୍ଗୋଲାର ରାଜଧାନୀ ଲୁଆଣ୍ଡାରେ ପହଞ୍ଚିଛନ୍ତି। ବିମାନ ବନ୍ଦରରେ ଆଙ୍ଗୋଲା ବିଦେଶ ମନ୍ତ୍ରୀ ଟେଟେ ଆଣ୍ଟୋନିଓ ଶ୍ରୀମତୀ ମୁର୍ମୁଙ୍କୁ ସ୍ୱାଗତ ଜଣାଇଥିଲେ। ରବିବାର ରାଷ୍ଟ୍ରପତି ଭବନରେ ଆଙ୍ଗୋଲା ରାଷ୍ଟ୍ରପତି ଜୋଆଓ ମାନୁଏଲ ଗନ୍‌କାଲଭେସ୍ ଲରେନ୍‌ସ୍ୱୋ ଶ୍ରୀମତୀ ମୁର୍ମୁଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିବାବେଳେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଦୁଇ ନେତା ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିଥିବା ଜଣାପଡିଛି। ଆଲୋଚନା ପରେ ଶ୍ରୀମତୀ ମୁର୍ମୁ ଓ ଲରେନ୍‌ସ୍ୱୋ ମିଳିତଭାବେ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ଶ୍ରୀମତୀ ମୁର୍ମୁଙ୍କ ସମ୍ମାନାର୍ଥେ ଆଙ୍ଗୋଲା ରାଷ୍ଟ୍ରପତିଙ୍କ ତରଫରୁ ମଧ୍ୟାହ୍ନ ଭୋଜନର ଆୟୋଜନ କରାଯାଇଥିଲା। ରାଷ୍ଟ୍ରପତି ମୁର୍ମୁ ଆସନ୍ତା ୧୧ରେ ଅନୁଷ୍ଠିତ ହେବାକୁ ଥିବା ଆଙ୍ଗୋଲା ସ୍ୱାଧୀନତାପ୍ରାପ୍ତିର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେବା ସହ ପାର୍ଲାମେଣ୍ଟକୁ ମଧ୍ୟ ସମ୍ବୋଧିତ କରିବେ। ଏଥିସହିତ ଶ୍ରୀମତୀ ମୁର୍ମୁ ସେଠାରେ ବାସ କରୁଥିବା ଭାରତୀୟ ସମୁଦାୟଙ୍କୁ ଭେଟିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ରାଷ୍ଟ୍ରପତି ମୁର୍ମୁଙ୍କ ସହ ରେଳ ଓ ଜଳଶକ୍ତି ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଭି.ସୋମନ୍ନା, ସାଂସଦ ପି.ଭି.ବାସଭ ଏବଂ ଡି.କେ.ଅରୁଣା ମଧ୍ୟ ଆଙ୍ଗୋଲା ଯାଇଛନ୍ତି। ଆଙ୍ଗୋଲା ପରେ ରାଷ୍ଟ୍ରପତି ମୁର୍ମୁ ବୋତ୍ସ୍ୱାନା ଗସ୍ତ କରିବେ ବୋଲି ରାଷ୍ଟ୍ରପତି ଭବନ ସୂତ୍ରରୁ ଜଣାପଡିଛି।

# ଦିଲ୍ଲୀରେ ପ୍ରଦୂଷଣ ବିରୋଧୀ ବିକ୍ଷୋଭ: କର୍ତ୍ତବ୍ୟ ପଥ ବନ୍ଦ

ନୂଆଦିଲ୍ଲୀ: ଦିଲ୍ଲୀରେ ପ୍ରଦୂଷଣ ସଙ୍କଟର ସମାଧାନ କରିବାରେ ସରକାରଙ୍କ ବିଫଳତା ବିରୋଧରେ ଜନସାଧାରଣ ରାସ୍ତାକୁ ଓହ୍ଲାଇଛନ୍ତି। ରବିବାର ସନ୍ଧ୍ୟାରେ ପ୍ରାୟ ୫ ଶହ ଜନତା ଇଣ୍ଡିଆ ଗେଟ୍ ନିକଟରେ ସମବେତ ହୋଇଥିଲେ ଏବଂ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଶାନ୍ତି ଭଙ୍ଗ ଆଶଙ୍କାରେ ପୁଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ବେଳେ ପର୍ଯ୍ୟଟକଙ୍କ ପାଇଁ କର୍ତ୍ତବ୍ୟ ପଥ ବନ୍ଦ କରି ଦିଆଯାଇଛି । ଇଣ୍ଡିଆ ଗେଟ୍ ନିକଟରେ ବହୁ ସଂଖ୍ୟାରେ ପୁଲିସ ଓ ଅର୍ଦ୍ଧସାମରିକ ବାହିନୀ ମୁତୟନ ଅଛନ୍ତି ଏବଂ ପରିସ୍ଥିତି ଉପରେ ସତର୍କ ନଜର ରଖାଯାଇଛି। ପୁଲିସ କାର୍ଯ୍ୟାନୁଷ୍ଠାନ ପରେ ବିକ୍ଷୋଭ ବନ୍ଦ ହୋଇଥିଲେ ମଧ୍ୟ ଆଗକୁ କୌଣସି ଉଗ୍ର ପ୍ରତିବାଦ ଆଶଙ୍କାରେ ପୁଲିସ ଅନେକ ବିକ୍ଷୋଭକାରୀଙ୍କୁ ଅଟକ ରଖିଛି। ଏହି ପ୍ରଦୂଷଣ ବିରୋଧୀ ବିକ୍ଷୋଭରେ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନେ ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ବସ୍ ଏବଂ ରେଳ ଷ୍ଟେସନ ପରିସରରୁ ବୁଲା କୁକୁରମାନଙ୍କୁ ହଟାଇବା ପାଇଁ ମଧ୍ୟ ସୁପ୍ରିମକୋର୍ଟଙ୍କ ନୂତନ ଆଦେଶକୁ ବିରୋଧ କରିଥିଲେ। ସେମାନେ 'ଆମେ ନ୍ୟାୟ ଚାହୁଁ' ଏବଂ 'ଆମେ ସ୍ୱାଧୀନତା ଚାହୁଁ' ସ୍ଲୋଗାନ ମଧ୍ୟ ଦେଇଥିଲେ। ବିକ୍ଷୋଭକାରୀଙ୍କ ହାତରେ ବ୍ୟାନର ଏବଂ ପୋଷ୍ଟର ମଧ୍ୟ ଦେଖିବାକୁ ମିଳିଥିଲା। ଜଣେ ବିକ୍ଷୋଭକାରୀ କହିଛନ୍ତି ଯେ ସରକାର ପଶୁମାନଙ୍କୁ ହଟାଇ ଦେଉଛନ୍ତି, ଯେତେବେଳେ ପ୍ରଦୂଷଣ ହଟାଇବା ଉଚିତ୍। ପ୍ରଦୂଷଣ ସଙ୍କଟ ଭୟାନକ ସ୍ଥିତିରେ ପହଞ୍ଚିଥିଲେ ମଧ୍ୟ ସରକାର ଏହାକୁ ଲୁଚାଉଛନ୍ତି ଏବଂ ଦିଲ୍ଲୀରେ ପ୍ରଦୂଷଣ ମୃତ୍ୟୁ ବଢ଼ିଚାଲିଛି ବୋଲି କେତେକ ସାମାଜିକକାର୍ଯ୍ୟକର୍ତ୍ତା କହିଛନ୍ତି। ସୂଚନାଯୋଗ୍ୟ, ଆଜି ଦିଲ୍ଲୀ ଓ ଏହାର ନିକଟବର୍ତ୍ତୀ ଅଂଚଳର ବିଭିନ୍ନ ସ୍ଥାନରେ ଏକ୍ୟୁଆଇ ୪୦୦ ଅତିକ୍ରମ କରିଛି। ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ କର୍ତ୍ତୃପକ୍ଷ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ବନ୍ଦ କରିବା ଦୁର୍ଭାଗ୍ୟଜନକ ବୋଲି ବିରୋଧୀ ଦଳ ନେତାମାନେ କହିଛନ୍ତି। କୃତ୍ରିମ ବର୍ଷା କରାଇବାରେ ସରକାରଙ୍କ ବିଫଳତା ଏବଂ ଏ ବାବଦ ବ୍ୟୟ ଉପରେ ମଧ୍ୟ ବିରୋଧୀ ଦଳମାନେ ପ୍ରଶ୍ନ ଉଠାଇଛନ୍ତି। ଇଣ୍ଡିଆ ଗେଟ୍‌ରେ ବିକ୍ଷୋଭରେ ସାମିଲ ହୋଇଥିବା ପରିବେଶବିତ୍ ଭବରିନ୍ କାନ୍ଧାରୀ କହିଛନ୍ତି, 'ଆମେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ସମୟ ମାଗିଥିଲୁ, କିନ୍ତୁ ଆମର ଅନୁରୋଧ ଗ୍ରହଣ କରାଯାଇ ନାହିଁ। ପ୍ରଦୂଷଣ ଉଦ୍‌ବେଗଜନକ ସ୍ତରରେ ପହଞ୍ଚିଛି କିନ୍ତୁ ଜିଆର୍‌ଏପି(ଗ୍ରେଡେଡ ରେସ୍‌ପନ୍ସ ଆକ୍ସନ ପ୍ଲାନ୍) ପଦକ୍ଷେପ କାର୍ଯ୍ୟକାରୀ ହୋଇନାହିଁ ବୋଲି ସେ କହିଛନ୍ତି।



### ଦିଲ୍ଲୀ ରାଜନୀତି ସରଗରମ

## 'ପାକ୍ ଶାନ୍ତି ଚାହୁଁନି, କଡ଼ା ଜବାବ ଦେବାକୁ ଭାରତ ପ୍ରସ୍ତୁତ'

ନୂଆଦିଲ୍ଲୀ: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ) ମୁଖ୍ୟ ମୋହନ ଭାଗବତ ରବିବାର କହିଛନ୍ତି ଯେ, ଭାରତ ସବୁବେଳେ ପାକିସ୍ତାନ ସହ ଶାନ୍ତି ଚାହୁଁଛି, କିନ୍ତୁ ପଡୋଶୀ ଦେଶ ତାହା ଚାହୁଁନାହିଁ। ଭାରତର କ୍ଷତି କରିବା ଲାଗି ସେମାନଙ୍କ ବାରମ୍ବାର ପ୍ରୟାସର ଉପଯୁକ୍ତ ଜବାବ ଦେବାକୁ ପଡିବ ବୋଲି ସେ ବେଙ୍ଗାଲୁରୁରେ 'ସଂଘର ୧୦୦ ବର୍ଷର ଯାତ୍ରା - ନୂତନ ଦିଗ୍‌ବଳୟ' ଶୀର୍ଷକ ଏକ କାର୍ଯ୍ୟକ୍ରମରେ କହିଛନ୍ତି।



ଭାଗବତଙ୍କ କହିବାନୁଯାୟୀ, ପାକିସ୍ତାନ ସହ ଶାନ୍ତିର ଉପାୟ ସଂଘର୍ଷ ଆରମ୍ଭ କରିବା ନୁହେଁ। ସେ କହିଛନ୍ତି, ପାକିସ୍ତାନ ସହ ଶାନ୍ତି ସ୍ଥାପନ କରିବାର ଉପାୟ ହେଉଛି ଆମ ପକ୍ଷରୁ ଏହାକୁ ଭଙ୍ଗ କରିବା ନୁହେଁ। ଯଦି ପାକିସ୍ତାନ ଏହାକୁ ଭଙ୍ଗ କରେ, ତେବେ ଏହା ସଫଳ ହେବ ନାହିଁ। ସେମାନେ ଯେତେ ଅଧିକ ଚେଷ୍ଟା କରିବେ, ନିଜ ପାଇଁ ସେତେ ଅଧିକ ଅସୁବିଧା ସୃଷ୍ଟି କରିବେ।

ଭାଗବତ ମନେ ପକାଇ ଦେଇଥିଲେ ଯେ ୧୯୭୧ ମସିହାରେ ପାକିସ୍ତାନ କିପରି ଆକ୍ରମଣ କରିଥିଲା ଏବଂ ୯୦,୦୦୦ ସୈନ୍ୟଙ୍କୁ ହରାଇଥିଲା। ଯଦି ଏହା ଶତ୍ରୁତା ଜାରି ରଖେ ତେବେ ଉଚିତ ଶିକ୍ଷା ପାଇବ। ପାକିସ୍ତାନ ବୁଝିବା ଦରକାର ଯେ ପ୍ରତିଦ୍ୱନ୍ଦ୍ୱିତା କରିବା କିମ୍ବା ଲଢ଼ିବା ଅପେକ୍ଷା ଭାରତ ସହ ସହଯୋଗ କରିବା ଭଲ। ନିକଟତର ହେବା ଭଲ ନଚେତ୍ ଏହାର କ୍ଷତି ହେବ। କିନ୍ତୁ ସେମାନେ ଏହି ଭାଷା ବୁଝୁଥିବା ପରି ମନେ ହେଉନାହିଁ। ତେଣୁ ସେମାନେ ବୁଝୁଥିବା ଭାଷା ଆମକୁ କହିବାକୁ ପଡ଼ିବ। ଭାଗବତ ମଧ୍ୟ ଭାରତକୁ ପାକିସ୍ତାନ ବିରୋଧରେ ପ୍ରସ୍ତୁତ ରହିବାକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ଆମେ ସେମାନଙ୍କର ବାରମ୍ବାର ପ୍ରୟାସ ପାଇଁ ପ୍ରସ୍ତୁତ ରହିବା ଏବଂ ଉପଯୁକ୍ତ ଉତ୍ତର ଦେବା ଉଚିତ। ସେମାନଙ୍କୁ ସର୍ବଦା ପରାସ୍ତ କରିବା ଉଚିତ, ଯାହା ଦ୍ୱାରା ସେମାନେ ଅନୁତାପ କରିବେ। ଦିନେ ପାକିସ୍ତାନ ବୁଝିବ। ଆମେ ଚାହୁଁଛୁ ଯେ ସେମାନେ ଏହା ବୁଝନ୍ତୁ ଏବଂ ଆମର ଶାନ୍ତିପୂର୍ଣ୍ଣ ପଡ଼ୋଶୀ ହୁଅନ୍ତୁ। ଏହାଦ୍ୱାରା ସେମାନେ ମଧ୍ୟ ଉନ୍ନତି କରିପାରିବେ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ଶୁକ୍ରବାର ଦିନ ଗଣମାଧ୍ୟମକୁ ଦେଇଥିବା ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାରରେ କହିଥିଲେ ଯେ, ପାକିସ୍ତାନ ବିରୋଧରେ ଅପରେସନ୍ ସିନ୍ଦୂର ବନ୍ଦ ରହିଛି, ଶେଷ ହୋଇନାହିଁ। ନିକଟରେ ରାଜସ୍ଥାନର ଜୈସଲମେରର ବରଖାନା (ବଡ଼ଭୋଜି) ସମୟରେ ସୈନିକମାନଙ୍କ ସହ କଥାବାର୍ତ୍ତା କରି ସେ କହିଛନ୍ତି ଯେ, ଅପରେସନ୍ ସିନ୍ଦୂର ପାକିସ୍ତାନକୁ ଭଲ ଶିକ୍ଷା ଦେଇଛି ଏବଂ ଭବିଷ୍ୟତରେ ଭାରତ ବିରୋଧରେ କୌଣସି ଦୁଃସାହସିକ ଉଦ୍ୟମ କରିବା ପୂର୍ବରୁ ଏହା ଦୁଇଥର ଚିନ୍ତା କରିବ। ଆମର ପାଇଲଟମାନେ ପାକିସ୍ତାନକୁ ଭାରତର ଶକ୍ତିର କେବଳ ଏକ ଝଲକ ଦେଖାଇଥିଲେ। ଯଦି ସୁଯୋଗ ଦିଆଯାଏ, ସେମାନେ ଆମର ପ୍ରକୃତ ଶକ୍ତି ପ୍ରଦର୍ଶନ କରିବେ ବୋଲି ସେ କହିଛନ୍ତି।

## ଏସ୍-୪୦୦ ଡିଜାଇନ ଚୋରି କରି ଧରାପଡ଼ିଲା ପାକିସ୍ତାନ



ମସ୍କୋ : ଭାରତ ବିରୋଧରେ ଷଡ଼ଯନ୍ତ୍ରରେ ଲିପ୍ତ ପାକିସ୍ତାନର ଏକ ବଡ଼ ଷଡ଼ଯନ୍ତ୍ର ଧରା ପଡ଼ିଛି । ମସ୍କୋରେ ସକ୍ରିୟ ଥିବା ଆଇଏସଆଇର ଏକ ଗୁପ୍ତଚର ନେଟୱାର୍କର ପର୍ଦ୍ଦାଫାସ କରିଛି ରୁଷର ଗୁପ୍ତଚର ସଂସ୍ଥା। ଏହି ନେଟୱାର୍କ ରୁଷରୁ ଏସ-୪୦୦ ଏୟାର ଡିଫେନ୍ସ ସିଷ୍ଟମ୍ ଏବଂ ହେଲିକପ୍ଟର ପ୍ରଯୁକ୍ତିବିଦ୍ୟା ଭଳି ଉନ୍ନତ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଚୋରି କରିବାକୁ ଚେଷ୍ଟା କରୁଥିଲା। ରୁଷର ଏହି କାର୍ଯ୍ୟକୁ ଭାରତର ସୁରକ୍ଷା ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି, କାରଣ ଟାର୍ଗେଟ କରାଯାଇଥିବା ପ୍ରଯୁକ୍ତିବିଦ୍ୟା ଭାରତୀୟ ବାୟୁସେନାର ଆଧୁନିକ ପ୍ରତିରକ୍ଷା ପ୍ରଣାଳୀର ଅଂଶ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ରୁଷ ଗୁଇନ୍ଦା ସଂସ୍ଥା ଜେଜିବି ସେଣ୍ଟ ପିଟର୍ସବର୍ଗରେ ଜଣେ ରୁଷ ନାଗରିକଙ୍କୁ ଗିରଫ କରିଛି ଯିଏ ଆଇଏସଆଇ ପାଇଁ କାମ କରୁଥିଲା। ଗୁପ୍ତ ଦସ୍ତାବିଜଗୁଡ଼ିକ ଚୋରା ଚାଲାଣ ହେବା ପୂର୍ବରୁ ଏହି ଷଡ଼ଯନ୍ତ୍ର ଧରା ପଡ଼ିଯାଇଥିଲା। ତାଠାରୁ ଉଦ୍ଧାର ହୋଇଥିବା ଦସ୍ତାବିଜଗୁଡ଼ିକ ସାମରିକ ହେଲିକପ୍ଟର ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ (ଏସ-୪୦୦) ବିକାଶରେ ବ୍ୟବହାର କରାଯାଇଥିଲା। ଏଥିରେ ସହ ଜଡିତ ସମ୍ବେଦନଶୀଳ ବୈଷୟିକ ସୂଚନା ଅନ୍ତର୍ଭୁକ୍ତ ଥିଲା। ଏହି ରିପୋର୍ଟ ଏପରି ଏକ ସମୟରେ ଆସିଛି ଯେତେବେଳେ ଭାରତ ଗତ ମେ ମାସରେ ଅପରେସନ୍ ସିନ୍ଦୁର ଅଧୀନରେ ପାକିସ୍ତାନରେ ଅବସ୍ଥିତ ଆତଙ୍କବାଦୀ ନେଟୱାର୍କକୁ ଏକ ବଡ଼ ଧକ୍କା ଦେଇଥିଲା। ପାକିସ୍ତାନ ପ୍ରତିଶୋଧ ନେବାକୁ ଚେଷ୍ଟା କରିଥିଲା, କିନ୍ତୁ ଽ-୪୦୦ ପାକିସ୍ତାନର ସବୁ ଉଦ୍ୟମକୁ ପଣ୍ଡ କରିଦେଇଥିଲା । ଏସ-୪୦୦ର ମୁକାବିଲା ପାଇଁ ପାକିସ୍ତାନ ଏହାର ମୂଳ ଡିଜାଇନକୁ ଅଧ୍ୟୟନ କରିବାକୁ ଚାହୁଁଛି । ଏଥିପାଇଁ ଆଇଏସଆଇ ରୁଷର ମସ୍କୋ, ସେଣ୍ଟ ପିଟସବର୍ଗ ଆଦି ସହରରେ ନିଜର ଜାଲ ବିଛାଇଥିଲା ଓ ତଥ୍ୟ ସଂଗ୍ରହ ପାଇଁ ରୁଷ ନାଗରିକମାନଙ୍କୁ ନିୟୋଜିତ କରିଥିଲା

## ପ୍ରତି ଆମେରିକୀୟଙ୍କୁ ୨୦୦୦ ଡଲାର ଦେବି



ୱାସିଂଟନ୍: ।ମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ତାଙ୍କ ଟାରିଫ୍ ନୀତି ସମ୍ପର୍କରେ ଏକ ପ୍ରମୁଖ ବୟାନ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଖୁବ୍ ଶୀଘ୍ର ପ୍ରତ୍ୟେକ ଆମେରିକୀୟ ନାଗରିକଙ୍କୁ (ଧନୀ ବ୍ୟକ୍ତି ବ୍ୟତୀତ) ୨୦୦୦ ଟଙ୍କା ପ୍ରଦାନ କରାଯିବ । ଏହି ପରିମାଣ ତାଙ୍କ ପ୍ରଶାସନ ଦ୍ୱାରା ସଂଗୃହୀତ ଟାରିଫ୍ ରାଜସ୍ୱରୁ ପ୍ରଦାନ କରାଯିବ। ଟ୍ରମ୍ପ ତାଙ୍କ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ, ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି, 'ଯେଉଁମାନେ ଟାରିଫ୍ ବିରୋଧରେ ଅଛନ୍ତି ସେମାନେ ମୂର୍ଖ!' ସେ ଦାବି କରିଛନ୍ତି ଯେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଆମେରିକା ବିଶ୍ୱର ସବୁଠାରୁ ଧନୀ ଏବଂ ସବୁଠାରୁ ସମ୍ମାନିତ ଦେଶ ପାଲଟିଛି, ମୁଦ୍ରାସ୍ଫୀତି ବହୁତ କମ ଏବଂ ରେକର୍ଡ ଉଚ୍ଚ ଷ୍ଟକ୍ ବଜାର ଅଭିବୃଦ୍ଧି ସହିତ। ଟ୍ରମ୍ପ ଏହା ମଧ୍ୟ କହିଛନ୍ତି ଯେ ଆମେରିକା ଟାରିଫ୍ ରୁ ଟ୍ରିଲିୟନ ଡଲାର ରୋଜଗାର କରୁଛି, ଯାହା କେବଳ ୩୭ ଟ୍ରିଲିୟନ ଡଲାର ଜାତୀୟ ଋଣ ହ୍ରାସ କରିବା ପାଇଁ ବ୍ୟବହୃତ ହେବ ନାହିଁ ବରଂ ସାଧାରଣ ନାଗରିକଙ୍କ ମଧ୍ୟରେ ଲାଭାଂଶ ଭାବରେ ବଣ୍ଟନ କରାଯିବ। ତାଙ୍କ ଅନୁସାରେ, ପ୍ରତ୍ୟେକ ଆମେରିକୀୟ (ଉଚ୍ଚ-ଆୟ ଗୋଷ୍ଠୀ ବ୍ୟତୀତ) ଶୀଘ୍ର ଅତି କମରେ ୨୦୦୦ ଡଲାର ପାଇବେ।

## 'ବନ୍ଦେ ମାତରମ୍' ବାଧ୍ୟତାମୂଳକ



ଲକ୍ଷ୍ନୌ: ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବଡ଼ ଘୋଷଣା। ଉତ୍ତରପ୍ରଦେଶର ସମସ୍ତ ଶିକ୍ଷାନୁଷ୍ଠାନ ପାଇଁ ବାଧ୍ୟତାମୂଳକ ହେଲା 'ବନ୍ଦେ ମାତରମ୍' ପାଠ କରିବା। ଆଜି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଘୋଷଣା କରିଛନ୍ତି। ଗୋରଖପୁରରେ ଏକ 'ଏକତା ଯାତ୍ରା' (ଏକତା ମାର୍ଚ୍ଚ) କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ଯୋଗୀ ଆଦିତ୍ୟନାଥ କହିଛନ୍ତି ଯେ, 'ବନ୍ଦେ ମାତ୍ତରମ୍'କୁ ବିରୋଧ କରିବାର କୌଣସି ଅର୍ଥ ନାହିଁ। ଏହାକୁ ବିରୋଧ କରିବା ଭାରତର ବିଭାଜନ ପଛର ଏକ ବଡ଼ କାରଣ ଥିଲା। ତେଣୁ ଏବେ ଏହାକୁ ବିରୋଧ ନକରି ଏହି ନିୟମର ପାଳନ କରାଯିବା ଉଚିତ୍। ସେ ଆହୁରି କହିଛନ୍ତି, 'ଆମକୁ ଆମର ଆଲୋଚନାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ସାମିଲ କରିବାକୁ ହେବ। ଆମେ ଉତ୍ତରପ୍ରଦେଶର ସମସ୍ତ ଶିକ୍ଷାନୁଷ୍ଠାନରେ 'ବନ୍ଦେ ମାତରମ୍' ପାଠକୁ ବାଧ୍ୟତାମୂଳକ କରିବୁ ଯାହା ଦ୍ୱାରା ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ମନରେ ଭାରତ ମାତା ଏବଂ ମାତୃଭୂମି ପ୍ରତି ସମ୍ମାନ ଓ ଭକ୍ତିର ଭାବନା ବିକଶିତ ହେବ।'

## ଭଙ୍ଗାଯିବ ନେହରୁ ଷ୍ଟାଡିୟମ୍, ନିର୍ମାଣ ହେବ ସ୍ପୋର୍ଟ୍ସ ସିଟି

ନୂଆଦିଲ୍ଲୀ: ଦେଶର ରାଜଧାନୀ ନୂଆଦିଲ୍ଲୀର ପ୍ରସିଦ୍ଧ ଜବାହରଲାଲ ନେହେରୁ ଷ୍ଟାଡିୟମକୁ ଭାଙ୍ଗିବା କାମ ଖୁବ୍ ଶୀଘ୍ର ଆରମ୍ଭ ହେବ। କ୍ରୀଡ଼ା ମନ୍ତ୍ରଣାଳୟର ସୂତ୍ରରୁ ପ୍ରକାଶ, ଏହି ସ୍ଥାନରେ ଏକ କ୍ରୀଡ଼ା ସହର(ସ୍ପୋର୍ଟ୍ସ ସିଟି) ନିର୍ମାଣ କରାଯିବ। ମନ୍ତ୍ରଣାଳୟ ସ୍ପୋର୍ଟ୍ସ ସିଟି ପାଇଁ ଏକ ସମ୍ପୂର୍ଣ୍ଣ ବ୍ଲୁପ୍ରିଣ୍ଟ ମଧ୍ୟ ପ୍ରସ୍ତୁତ କରିଛି। ଏହି ସ୍ପୋର୍ଟ୍ସ ସିଟି ବିଶ୍ୱସ୍ତରୀୟ ଭିତ୍ତିଭୂମି ସହିତ ନିର୍ମିତ ହେବ ଏବଂ ଏଥିରେ ପ୍ରମୁଖ କ୍ରୀଡ଼ା ପାଇଁ ସୁବିଧା ରହିବ।

ଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମ୍ ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ କରିଛି। ସୂତ୍ର ଅନୁଯାୟୀ, କ୍ରୀଡ଼ା ମନ୍ତ୍ରଣାଳୟ ଏବେ ଏହାକୁ ଏକ ସ୍ପୋର୍ଟ୍ସ ସିଟିରେ ପରିଣତ କରିବାକୁ ନିଷ୍ପତ୍ତି ନେଇଛି। ଏହି ପ୍ରକଳ୍ପକୁ ଚୂଡ଼ାନ୍ତ କରିବା ପାଇଁ, ମନ୍ତ୍ରଣାଳୟ କାତାର ଏବଂ ଅଷ୍ଟ୍ରେଲିଆର କ୍ରୀଡ଼ା ସହରଗୁଡ଼ିକର ସମୀକ୍ଷା କରୁଛି। ସେସବୁ ସ୍ପୋର୍ଟ୍ସ ସିଟିରେ ଅନେକ ଅନ୍ତର୍ଜାତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଛି, ଏବଂ ସମସ୍ତ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ ଅଛି। ମନ୍ତ୍ରଣାଳୟର ଦଳ ଷ୍ଟାଡିୟମ୍ ସମୀକ୍ଷା କରିବା ପରେ ଏକ ରିପୋର୍ଟ ପ୍ରସ୍ତୁତ କରିବେ। ପରବର୍ତ୍ତୀ ପର୍ଯ୍ୟାୟରେ ଏନେଇ ପଦକ୍ଷେକ ଗ୍ରହଣ କରାଯିବ।



## ମଦ ବିକି ଧନୀ ଚୀନ୍



ବେଜିଂ: ବିଶ୍ୱର ଅନେକ ଦେଶର ବହୁ ସଂଖ୍ୟକ ଲୋକ ମଦ୍ୟପାନ କରିଥାନ୍ତି। ଭାରତରୁ ଆମେରିକା ପର୍ଯ୍ୟନ୍ତ, ଅନେକ ଦେଶ ବହୁ ପରିମାଣରେ ମଦ୍ୟପାନ କରିଥାନ୍ତି। କିନ୍ତୁ ଚୀନ୍ ମଦ ବିକ୍ରି କରି ବହୁତ ସମ୍ପତ୍ତି ଅର୍ଜନ କରିଛି। ଚୀନ୍ ଏପରି ଏକ ଦେଶ ଯିଏ ମଦ ବିକ୍ରି କରି ବିପୁଳ ସମ୍ପତ୍ତି ଅର୍ଜନ କରି ପାରିଛି। ଇନଫୋଗ୍ରାମ ୱେବସାଇଟ ଅନୁଯାୟୀ, ୨୦୧୮ ମସିହାରେ ଚୀନ୍ ମଦରୁ ସର୍ବାଧିକ ୨୮୫,୯୦୧ ନିୟୁତ ଡଲାର (ପ୍ରାୟ ୨୩.୭ ଲକ୍ଷ କୋଟି ଟଙ୍କା) ରୋଜଗାର କରିଥିଲା।


### ପାକିସ୍ତାନରେ ସତ୍ତା ବଦଳର ଆଭାସ !

# ତିନିସେନାର ମୁଖ୍ୟ ହେଲେ ମୁନିର

ଇସଲାମାବାଦ: ଭାରତୀୟ ସେନାର ଆତଙ୍କବାଦ ବିରୋଧୀ ବିଶାଳ ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେସନ୍ ସିନ୍ଦୂର' ସମୟରେ ପାକିସ୍ତାନ ସହ ଯେଉଁ ସୀମିତ ଯୁଦ୍ଧ ହୋଇଥିଲା ତାହା ପାକ୍ ସେନାର ଦୟନୀୟ ଅବସ୍ଥାକୁ ପଦାରେ ପକାଇ ଦେଇଛି। ଭାରତଠାରୁ ଶୋଚନୀୟ ଭାବେ ପରାଜିତ ହେବାପରେ ମଧ୍ୟ ଆଶ୍ଚର୍ଯ୍ୟଜନକ ଭାବେ ସଫଳତା ଦାବି କରୁଥିବା ପାକିସ୍ତାନ ଏବେ ଏହାର ସେନାମୁଖ୍ୟ ଅସୀମ ମୁନିରଙ୍କୁ ଅଭୂତପୂର୍ବ କ୍ଷମତା ପ୍ରଦାନ କରିଛି। ପାକିସ୍ତାନ ସଂସଦ ଆଜି ଏକ ଐତିହାସିକ ପଦକ୍ଷେପରେ ୨୭ତମ ସାମ୍ବିଧାନିକ ସଂଶୋଧନ ପାସ୍ କରିଛି ଏବଂ ଏହା ଦ୍ୱାରା ସେନା ମୁଖ୍ୟ ମୁନିରଙ୍କୁ ସ୍ଥଳସେନା, ନୌସେନା ଓ ବାୟୁସେନାର ମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି। ଏହି ସଂଶୋଧନ ସୈନ୍ୟ କ୍ଷମତାକୁ କେନ୍ଦ୍ରୀଭୂତ କରିବା ସହ ମୁନିରଙ୍କୁ ପାକିସ୍ତାନର ସର୍ବୋଚ୍ଚ କ୍ଷମତାଶାଳୀ ବ୍ୟକ୍ତି କରିଛି। ଏବେ ତାଙ୍କର କ୍ଷମତା ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ କ୍ଷମତାକୁ ମଧ୍ୟ ଅତିକ୍ରମ କରିଯାଇଛି। ପାକିସ୍ତାନର ପରମାଣୁ ନୀତିରେ ମୁନିରଙ୍କ ନିଷ୍ପତ୍ତି ହିଁ ଚୂଡ଼ାନ୍ତ ବୋଲି କୁହାଯାଇଛି।

**ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କଠାରୁ ମଧ୍ୟ ଅଧିକ କ୍ଷମତା**

ସମ୍ବିଧାନ ସଂଶୋଧନକୁ ସଂସଦର ମଞ୍ଜୁରି ଅନୁଚ୍ଛେଦ ୨୪୩ରେ ସଂଶୋଧନ ଦ୍ୱାରା ତିନି ସେନାର ମୁଖ୍ୟ କମାଣ୍ଡର (ସିଡିଏଫ୍) ପଦକୁ ସ୍ଥାୟୀ କରାଯାଇଛି ଏବଂ ନଭେମ୍ବର ୨୭ ପରେ ଏହି ପଦରେ ଆଉ କୌଣସି ନୂଆ ନିଯୁକ୍ତି ହେବ ନାହିଁ। ପୂର୍ବରୁ ଫିଲ୍ଡ ମାର୍ଶାଲଙ୍କ ମାନ୍ୟତା ପାଇଥିବା ମୁନିର ଏଭଳି ବିରଳ ଓ ଆଜୀବନ କ୍ଷମତା ପାଇବା ବିଭିନ୍ନ ମହଲରେ ବିସ୍ମୟ ସୃଷ୍ଟି କରିଛି। ସେ ଜାତୀୟ କମାଣ୍ଡ କର୍ତ୍ତୃପକ୍ଷ (ପରମାଣୁ ଅସ୍ତ୍ର ସମ୍ବନ୍ଧୀୟ) ନିଯୁକ୍ତି ନିୟନ୍ତ୍ରଣ କରିବେ, ଯେଉଁଥିରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶର ଆଉ କୌଣସି ବିଶେଷ ଭୂମିକା ରହିବ ନାହିଁ। ଏହି ପରିବର୍ତ୍ତନ ପାକିସ୍ତାନର ସାମରିକ ପରାଜୟ ପରେ ହୋଇଥିବାରୁ ସବୁ ମହଲରେ ଏହା ବିସ୍ମୟ ସୃଷ୍ଟି କରିଛି। ଏଭଳି ପରିସ୍ଥିତି ପାଇଁ ପାକିସ୍ତାନର ବିଫଳ ଗଣତନ୍ତ୍ର ଦାୟୀ ବୋଲି ଅନେକ ସାମରିକ ବିଶେଷଜ୍ଞ ମତ ରଖିଛନ୍ତି। ବିଶେଷ କରି ୨୦୨୫ ମେ'ରେ ଭାରତର ଅପରେସନ୍ ସିନ୍ଦୂର ଯୋଗୁଁ ପାକିସ୍ତାନୀ ବାୟୁସେନାର ୧୨ଟି ବିମାନ ନଷ୍ଟ ବା କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଏହାପରେ ପାକିସ୍ତାନ ଯୁଦ୍ଧବିରତି ପାଇଁ ଅନୁରୋଧ କରିଥିଲା।



ଏଭଳି ସ୍ଥିତିରେ ପାକିସ୍ତାନ ବୈଶ୍ୱିକ ଲଜ୍ଜାରୁ ବର୍ତ୍ତିବା ପାଇଁ ନିଜ ସେନାମୁଖ୍ୟଙ୍କୁ ଏଭଳି ଅପରିସୀମ କ୍ଷମତା ପ୍ରଦାନ କରିଥିବାରୁ ଏହା ଉପରେ ଭାରତର ସତର୍କ ନଜର ରହିଛି। ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଓ ରାଷ୍ଟ୍ରପତି ଆସିଫ ଅଲୀ ଜର୍ଦାରୀଙ୍କଠାରୁ ବି ମୁନିର ଏବେ ଅଧିକ କ୍ଷମତାଶାଳୀ ହୋଇଥିବାରୁ ପାକିସ୍ତାନ ଆଗକୁ ସଂପୂର୍ଣ୍ଣ ଭାବେ ସେନା ନିୟନ୍ତ୍ରଣରେ ହିଁ ରହିବ ବୋଲି ସ୍ଥିତି ସ୍ପଷ୍ଟ ହେଲାଣି। ତେବେ ଜଣେ ବ୍ୟକ୍ତିଙ୍କୁ ଏଭଳି କ୍ଷମତା ପ୍ରଦାନ ପାକିସ୍ତାନର ନାଗରିକ-ସାମରିକ ସନ୍ତୁଳନକୁ ବିଗାଡ଼ିଦେବା ସହ ଅତି ଦ୍ରୁତ ଗଣତାନ୍ତ୍ରିକ ଅବକ୍ଷୟ ଘଟିବ ବୋଲି ମଧ୍ୟ ଏସିଆ ରଣନୀତି ବ୍ୟାପାର ବିଶେଷଜ୍ଞମାନେ ସତର୍କ କରାଇଦେଇଛନ୍ତି।

## ଜୀବନ ପ୍ରମାଣପତ୍ର ପାଇଁ ଅଫିସ ଯିବାକୁ ପଡ଼ିବ ନାହିଁ

ନୂଆଦିଲ୍ଲୀ: ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କର ପେନସନ ପାଇବା ପାଇଁ ଏକ ଜୀବନ ପ୍ରମାଣପତ୍ର ଦେବାର ଆବଶ୍ୟକତା ରହିଥାଏ। ସେମାନଙ୍କୁ ପ୍ରତିବର୍ଷ ସମ୍ପୃକ୍ତ କାର୍ଯ୍ୟାଳୟରେ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିଥାଏ। ବର୍ତ୍ତମାନ ପର୍ଯ୍ୟନ୍ତ ଯେକୌଣସି କାମ ପାଇଁ ବରିଷ୍ଠ ନାଗରିକମାନଙ୍କୁ ସମ୍ପୃକ୍ତ କାର୍ଯ୍ୟାଳୟକୁ ଯିବାକୁ ପଡୁଥିଲା। ଧୀରେ ଧୀରେ, ସରକାର କାର୍ଯ୍ୟଭାର ହ୍ରାସ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ପ୍ରଗତି କରିଥିଲେ। ଯାହା ପୂର୍ବରୁ ଦିନ ଦିନ ଲାଗୁଥିଲା ତାହା ଏବେ କିଛି ମିନିଟ୍‌ରେ ଶେଷ ହୋଇ ଯାଉଛି।

### ପେନସନ ପ୍ରକ୍ରିୟା ସହଜ ହେଲା

ବରିଷ୍ଠ ନାଗରିକଙ୍କ ପାଇଁ ପେନସନ୍ ପ୍ରକ୍ରିୟାକୁ ମଧ୍ୟ ସରଳ କରାଯାଇଛି। ପୂର୍ବରୁ ବାରମ୍ବାର କାର୍ଯ୍ୟାଳୟ ପରିଦର୍ଶନ କରିବାକୁ ପଡୁଥିବା ପ୍ରମାଣପତ୍ର ଏବେ ସେମାନଙ୍କ ଘରୁ ପଠାଇପାରିବେ। ଜୀବନ ପ୍ରମାଣ ଆପ୍ ଦ୍ୱାରା ଘରୁ ଆରାମରେ ପ୍ରମାଣପତ୍ର ଦାଖଲ କରି ହେଉଛି। ଘରେ ବସି ଲାଇଫ୍ ସାର୍ଟିଫିକେଟ୍ କିପରି ଦାଖଲ କରିବେ ? ବରିଷ୍ଠ ନାଗରିକଙ୍କ ପାଇଁ ପେନସନ ପ୍ରକ୍ରିୟାକୁ ଏବେ ସରଳ କରାଯାଇଛି। ପେନସନଭୋଗୀମାନେ ନିଜ ଘରେ ବସି ସେମାନଙ୍କର ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ସେମାନଙ୍କୁ କେବଳ ଇବୟଷବବକ୍ସରବମରଜଉ ଆପ୍ ସହିତ ପରିଚିତ ହେବାକୁ ପଡିବ। ଏହି ଆପ୍ ବ୍ୟବହାର କରି ମୁହଁ ପ୍ରମାଣୀକରଣ ସମାପ୍ତ କରିବା ପରେ, ଜୀବନପ୍ରମାଣ ଆପ୍କୁ ଯାଆନ୍ତୁ। ଏହା ଦ୍ୱାରା ଯେକେହି ଜୀବନ ପ୍ରମାଣପତ୍ର ଜେନେରେଟ୍ କରିପାରିବେ। ଏହି ପେନସନ ପ୍ରକ୍ରିୟା ସମ୍ପୂର୍ଣ୍ଣ ସହଜ ଏବଂ ସୁରକ୍ଷିତ ମଧ୍ୟ।

# ଅସ୍ତରଙ୍ଗ ବ୍ଲକ୍ ଅଞ୍ଚଳର ବିଭିନ୍ନ ଛକରେ ଡ୍ରଗ୍ସ ମାଫିଆ: ଅଶାନ୍ତ ହେଉଛି ବାତାବରଣ

## ■ କିସ୍ତିରେ ମିଳୁଛି, ଖାଇ ଲୁଚୁଛନ୍ତି ଯୁବକ ■ ତିଆରି ହେଉଛି ୩ ଶହ ଟଙ୍କିଆ ପୁଡିଆ

ଅସ୍ତରଙ୍ଗ, (ପିପିଏସ୍): ଚିନ୍ତା ବଢ଼ାଇଲାଣି ଧଳା ଜହର ମାଫିଆ କାରନାମା । ଏହି ଧଳା ପାଉଡର ନେଶାର ଏବେ ଏମିତି ବଢ଼ିଲାଣି ଯେ ଗାଁ ଗାଁରେ ଅଶାନ୍ତ ହେଲାଣି ବାତାବରଣ । ମଦ ନିଶା ଠାରୁ ଅଧିକ ଡ୍ରଗ୍ସ ନିଶାରେ ସାମିଲ ହେଲାକୁ ଯୁବଗୋଷ୍ଠୀ ଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି । ପୁରୀ ଜିଲ୍ଲା କାକଟପୁର, ଅସ୍ତରଙ୍ଗ ଓ ନୂଆଗଡ ସାମୁଦ୍ରିକ ଥାନା ଅଂଚଳର ବିଭିନ୍ନ ଗାଁଗଣ୍ଡିକ ଛକରେ ଏହି ବ୍ରାଉନ ସୁଗାର କାୟା ବିସ୍ତାର କଲାଣି । ଅନ୍ୟ ପଟେ ଦେବୀ ନଦୀ ବନ୍ଦ, ନଈଗାଁ ବ୍ଲକ ରୋଡ଼ ସମେତ କଲେଜ ଛକ ମାନଙ୍କରେ ଯୁବ ପାଡ଼ି ବିକ୍ରି କରୁଥିବା ଜଣାପଡ଼ିଛି । ନିଶା ସେବନକାରୀ ଙ୍କ ନିକଟରେ ପ୍ରତିଦିନ ଟଙ୍କା ଆବଶ୍ୟକ । ଅସ୍ତରଙ୍ଗ ବ୍ଲକ ଅଂଚଳରେ ଆତଙ୍କ ହେଉଥିବା ଡ୍ରଗ୍ସ ମାଫିଆ ମାନେ ଏହି ନିଶା ସେବନକାରୀ ନିଶାଡ଼ାଙ୍କୁ ଟାର୍ଗେଟ



କରି ଏମିତି ଅଭ୍ୟସ୍ତ କରି ଦେଲେଣି ଯେ ଯେମିତି ହେଉ ସନ୍ଧ୍ୟା ବେଳେ ଡ୍ରଗ୍ସ ନ ମିଳିଲେ ଏମାନେ ପାଗଳ ହୋଇଯାଉଛନ୍ତି । ଏପରିକି କିଛି ଅନୁସାରେ ଡ୍ରଗ୍ସ ବାଲି ପେମେଣ୍ଟ ନେଉଛନ୍ତି ଛୋଟ ବେପାରୀ । ଏହି କିଛି ସମୟ ହୋଇଗଲା ବେକକୁ ବେପାରୀଙ୍କର ଆକଟ ଯୋଗୁଁ ପାଗଳ ପ୍ରାୟ ହୋଇ ଏହି ନିଶାଟି ମଠ ମନ୍ଦିରର ଧୁଣୀ ବାକ୍ସ ଉପରେ ଲୋଲୁପ ଦୃଷ୍ଟି ପକାଉଛନ୍ତି । ଗତ କିଛି ମାସ ହେବ କାକଟପୁର, ଅସ୍ତରଙ୍ଗ ଓ ନୂଆଗଡ ସାମୁଦ୍ରିକ ଥାନା ଅଂଚଳରୁ ଅନେକ ମନ୍ଦିର ରୁ ଚୋରି ହୋଇଥିବା ବେଳେ ପୋଲିସ କିନ୍ତୁ ଅଭିଯୁକ୍ତ କୁ ଧରିବା ରେ ବିଫଳ । ଚୋରି ବଡ଼ ଧରଣର ହେଉ ନଥିଲେ ବି ସମସ୍ତ ମନ୍ଦିରକୁ ମିଶାଇ ଲକ୍ଷାଧିକ ମୂଲ୍ୟର ସୁନା ରୁପା ଅଳଙ୍କାର ସମେତ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି । ଏହି ଚୋରି ପଛରେ ଜଡିତ ନିଶାଖୋର କୋଣି ପାରିପାର୍ଶ୍ୱିକ ଅବସ୍ଥା ବୟାନ କରୁଛି । ଏମାନେ ମନ୍ଦିର ପୂଜାରେ ବ୍ୟବହାର ହେଉଥିବା କଂସା ଓ ପିତଳ ସାମଗ୍ରୀ ଏପରିକି କି ଘଣ୍ଟି ମଧ୍ୟ ଛାଡ଼ୁ ନାହାନ୍ତି । ସ୍ଥାନୀୟ ଅଂଚଳରେ ଦିନକୁ ଦିନ ଅବାଧ ବ୍ରାଉନ ସୁଗାର କାରବାର ବଢ଼ିବାରେ ଲାଗିଛି । ମୁଖ୍ୟତଃ ଅଳ୍ପ ବୟସର ଯୁବଗୋଷ୍ଠୀ ଏହାର ବଡ଼ ଗ୍ରାହକ ସାଜିଛନ୍ତି । ଏମାନଙ୍କ ମଧ୍ୟରେ ୧୮ରୁ ୨୫ବର୍ଷ ଯୁବକ ସଂଖ୍ୟା ବେଶୀ । ବ୍ରାଉନସୁଗାର ହେଉକି ମଦ ଏଥିପାଇଁ ପ୍ରତ୍ୟେକ ଯେଉଁ ପରିମାଣରେ ଅର୍ଥର ଆବଶ୍ୟକତା ରହିଛି ତାକୁ ପୂରଣ କରିବା ଏହି ଅଭ୍ୟସ୍ତ ଙ୍କ ପାଇଁ କଷ୍ଟକର ହୋଇଯାଉଛି । ପ୍ରତ୍ୟେକ ଦିନ ନିଶ୍ଚିତ ସମୟ ହେଲେ ଏମାନଙ୍କର ଦରକାର ପଡୁଛି ଧଳା ଜହର । ଏଥିପାଇଁ ଟଙ୍କା ଯୋଗାଡ଼ କରିବା ଲାଗି ଶେଷରେ ଅଭ୍ୟାସଗତ ନିଶାଡ଼ୀ ଯୁବକ ମାନେ ଅପରାଧକୁ ଓହ୍ଲାଉଛନ୍ତି । କିଛି ଯୁବକ ନିଶା ଖାଇବା ପରେ ବିଭିନ୍ନ ଛକରେ ହଙ୍ଗାମା କରୁଥିବା ବେଳେ ଆଉ କେତେକ ଛୋଟ ବଡ଼ ଅପରାଧ ଘଟାଉଛନ୍ତି । କିଛି ନିଛାଟିଆ ରାସ୍ତା ଏମାନଙ୍କ ବିଚରଣ ସ୍ଥାନ ହୋଇଛି । ନିଶା କବଳିତ ଯୁବବର୍ଗ ସେମାନଙ୍କ କୁଭ୍ୟାସକୁ ଚରିତାର୍ଥ କରିବା ପାଇଁ ଏବେ ମନ୍ଦିରକୁ ଟାର୍ଗେଟ କରିଛନ୍ତି ।

### ମୀନା ମଣ୍ଡଳି ଖବର

# ନରେନ୍ଦ୍ର ବିଦ୍ୟାମନ୍ଦିର ମୀନା ମଣ୍ଡଳୀ ପକ୍ଷରୁ ନିଶା କବଳରେ ଯୁବସମାଜ, ଆଲୋଚନାଚକ୍ର



ରଘୁନାଥପୁର, (ପିପିଏସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ଅଧୀନସ୍ଥ ବରାଗୋଳ ଗ୍ରାମପଞ୍ଚାୟତ ସ୍ଥିତ ନରେନ୍ଦ୍ର ବିଦ୍ୟାମନ୍ଦିରରେ ସୋମବାର ମୀନା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କାକା ଡକ୍ଟର ମହତାବଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଶା କବଳରୁ କିଭଳି ଯୁବ ସମାଜ ଦୂରେଇ ରହିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ନିକଟସ୍ଥ ଗାଁରେ ଫ୍ଲାଗ କାର୍ଡ ଧରି ଆମ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସଚେତନ କରାଇବା ପାଇଁ ସ୍ଥିର କରାଯାଇଛି । ଏଥିରେ ପ୍ରଧାନମନ୍ତ୍ରୀ ରାଜଲକ୍ଷ୍ମୀ ମହାପାତ୍ର ସହ ମଣ୍ଡଳୀର ସମସ୍ତ ସଦସ୍ୟ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଶେଷରେ ଏଭଳି କାର୍ଯ୍ୟକୁ ପ୍ରଧାନ ଶିକ୍ଷୟତ୍ରୀ ରଶ୍ମିପ୍ରଭା ନାୟକ ସାଧୁବାଦ ଜଣାଇଥିଲେ ।

# କାର୍ତ୍ତିକେଶ୍ୱର ଭସାଣୀରେ ଦୁଲୁକିଲା ସାହି କିନ୍ତୁ ଲୋକ ସଂଖ୍ୟା କମ



ତାଳଚେର, (ପିପିଏସ୍): ଆଜିଥିଲା ତାଳଚେର କାର୍ତ୍ତିକେଶ୍ୱର ଭସାଣୀ ଉତ୍ସବ, ବଡ଼ଦାଣ୍ଡ ସାହି ମେଲଣ ପଡ଼ିଆରେ ୧୭ ଗୋଟି ମେଢ଼ ସୁସଜ୍ଜିତ ହୋଇ ବିଭିନ୍ନ ପ୍ରକାର ସାଂସ୍କୃତିକ ପୋଷାକ ପରିଧାନ କରି ସାଉଣ୍ଡ ବକ୍ସ ବେଣ୍ଡ ପାଟି, ଧାଡିକୁ ଧାଡ଼ି ଶୃଙ୍ଖଳାର ସହିତ କ୍ରମାନ୍ୱୟରେ ନିଜ ନିଜ ମେଢ଼ ଧରି ବଢ଼ି ଚାଲିଥିଲେ ଆଗକୁ, ମହାବଳ ପଡ଼ା ବଡ଼ଦାଣ୍ଡ ସାହି, ସିଂହ ସାହି, ବାଉଳଛକ, ନୂଆଁ ବଜାର, ନବମିଶ୍ର କଲୋନୀ, ପାଇକ ସାହି ପ୍ରଭୃତି ଅଞ୍ଚଳରୁ ମେଢ଼ଗୁଡ଼ିକ ଭସାଣୀରେ ସାମିଲ ଥିଲେ । ପ୍ରଥମେ ମୁଖ୍ୟ ଅତିଥି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଲଡୁ ନିଲାମ ୫୧ ହଜାର ଟଙ୍କାରେ ନିଲାମ ହୋଇଥିଲା । ଶାନ୍ତି ଶୃଙ୍ଖଳା ପାଇଁ ତାଳଚେର ଥାନାଧିକାରୀ ଦିଗବିଜୟ ବିଶ୍ୱାଳ ପ୍ରତେକ୍ଷ ପୋଲିସ ମୁତୟନ କରି ତଦାରଖ କରୁଥିଲେ । କିନ୍ତୁ ପ୍ରଚାର ପ୍ରସାର ଅଭାବରୁ ଗ୍ରାମାଞ୍ଚଳ ଲୋକେ ଏହି ଭସାଣୀରେ ସାମିଲ ହୋଇ ପାରିନଥିଲେ ସମୋବାର ଭସାଣୀ ତାରିଖ ସ୍ଥିର ହୋଇଥିବାରୁ ପୌର ରାଞ୍ଚଳ ବାସୀ ମଧ୍ୟ ଭସାଣୀରେ ବିଶେଷ ରୁଚି ରଖି ନଥିଲେ, ମେଢ଼ ସହିତ ପୂଜା କମିଟି ସଦସ୍ୟମାନଙ୍କ ବ୍ୟତୀତ ସାଧାରଣ ଜନତା ଭସାଣୀ ଉତ୍ସବ ପ୍ରତି ବିଶେଷ ଧ୍ୟାନ ଦେଇ ନଥିଲେ ।

# ୱାଟର ହିଟର କରେଣ୍ଟ ଲାଗି ଜଣକର ମୃତ୍ୟୁ

ଓଡ଼ଗାଁ, (ପିପିଏସ): ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ କୁରାଳ ଚୋଟୋସାହିରେ ଏକ ଅଘଟଣ ଘଟିଯାଇଛି । ୱାଟର ହିଟର କରେଣ୍ଟ ଲାଗି ଜଣକର ମୃତ୍ୟୁହୋଇଛି । ସୂଚନା ଅନୁଯାୟୀ ଆଜି ସକାଳ ସମୟରେ ଗ୍ରାମର କାଳୁ ଚରଣ ଚୌଧୁରୀ (୫୫) ଗାଧୋଇବା ପାଇଁ ୱାଟର ହିଟର ଲଗାଇ ପାଣି ଗରମ କରୁଥିଲେ । କିଛି ସମୟ ପରେ ପାଣି ଗରମ ହୋଇଛି କିନାହିଁ ଦେଖିବାକୁ ପାଣିରେ ହାତ ବୁଡ଼ାଇ ଦେବାରୁ କରେଣ୍ଟ ସଂସ୍ପର୍ଶରେ ଆସିଥିଲେ । ସେ ଘଟଣା ସ୍ଥଳରେ ମୁମୂର୍ଷୁ ଅବସ୍ଥାରେ ପଡ଼ି ରହିଥିଲେ । ଘରେ କେହି ନଥିବାରୁ ତାଙ୍କର ମୃତ୍ୟୁ ହୋଇଥିଲା । ସାହି ପଡ଼ିଶା ଲୋକେ ଜାଣିବାପରେ ତାଙ୍କ ଝିଅକୁ ଖବର ଦେଇଥିଲେ । ସେ ଆସି ବାପାଙ୍କୁ ସ୍ଥାନୀୟ ସରପଞ୍ଚ ଓ ଗାଁ ଲୋକଙ୍କ ସହଯୋଗରେ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଓଡ଼ଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି । ପ୍ରକାଶ ଥାଉକି ତାଙ୍କ ସ୍ତ୍ରୀ ଓ ପୁଅ କିଛିଦିନ ତଳେ ମୃତ୍ୟୁବରଣ କରିଥିଲେ ।

# ମିଳିତ ଓଡ଼ିଶା ନିଶା ନିବାରଣ ସଙ୍ଗଠନ ପକ୍ଷରୁ ବ୍ଲକସ୍ତରୀୟ ବୈଠକ



ରଘୁନାଥପୁର (ପିପିଏସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକଛକ ସ୍ଥିତ ମଦନ ମୋହନ ମଠ ପରିସରରେ ମିଳିତ ଓଡ଼ିଶା ନିଶା ନିବାରଣ (ମୋନା) ସଂଗଠନ ତରଫରୁ ନିଶା ମୁକ୍ତ ଓଡ଼ିଶା ଗଠନ ତଥା ନିଶା ହଟାଅ ଦେଶ ବଞ୍ଚାଅ ନିମନ୍ତେ ବ୍ଲକସ୍ତରୀୟ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ସାମାଜିକ କର୍ମୀ ରମାକାନ୍ତ ସ୍ୱାଇଁ ସଭାପତିତ୍ୱ କରି ନିଶାର ଭୟାବହତା ଓ ପଥଭ୍ରଷ୍ଟ ଯୁବପିଢି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଗଠନର ମଳୟ ତ୍ରିପାଠୀ, ରମାକାନ୍ତ ମଣ୍ଡଳ, ପ୍ରିୟନାଥ ଆଚାର୍ଯ୍ୟ, ଅରୁଣ ସ୍ୱାଇଁ, ନବନିର୍ମାଣ କୃଷକ ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବିପ୍ରସାଦ ମହାରଣା, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ ଓ ପ୍ରଦୀପ୍ତ କୁମାର ଆଚାର୍ଯ୍ୟ, ଆଇନଜିବୀ ଗଗନ ଦାଶ, ବିଜନ ମହାପାତ୍ର, ହେମନ୍ତ ସାହୁ ପ୍ରଭୃତି ଉପସ୍ଥିତ ରହି ସରକାରଙ୍କ ମଦ ବେପାରକୁ ନିନ୍ଦା କରିବା ସହିତ ଜିଲ୍ଲାରୁ ମଦ ବେପାର ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଆହ୍ୱାନ କରିଥିଲେ । ଏହାଛଡା ଆଗାମୀ ନଭେମ୍ବର ୨୩ରେ ସମାଜବାଦର ପୁରୋଧା ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମଜୟନ୍ତୀ ପାଳନ ଅବସରରେ ସାଂଗଠାନିକ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା ।

### ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଉଦ୍‌ଘାଟିତ

# 'ସ୍ୱାଧୀନତା ସଂଗ୍ରାମ ତଥା ସାଂସ୍କୃତିକ ଜାଗରଣ, ଭଦ୍ରକ ଭୂଖଣ୍ଡର ଅସ୍ମିତା'



ଭଦ୍ରକ, (ପିପିଏସ୍): ଭାରତ ବର୍ଷ ତଥା ସମଗ୍ର ଓଡ଼ିଶା ରାଜ୍ୟରେ ଭଦ୍ରକ ଜିଲ୍ଲାର ସ୍ଥାନ ସ୍ୱତନ୍ତ୍ର । ଭାରତର ସ୍ୱାଧୀନତା ସଂଗ୍ରାମରେ ଏହି ମାଟିର ମଣିଷମାନେ ଯୋଗଦେଇ ଯେପରି ଅଦମ୍ୟ ସାହସ ପ୍ରଦର୍ଶନ କରି ବଳିଦାନ ଦେଇଛନ୍ତି । ସେପରି ଏହି ମାଟି ସଂସ୍କୃତି, ସାହିତ୍ୟ, ଐତିହ୍ୟର ଗୌରବ ଗୀତିକା ଗାଉଛି । ଏହି ମାଟିର ମଣିଷ ଉତ୍କଳ କେଶରୀ ହରେକୃଷ୍ଣ ମହତାବ ନୂତନ ଓଡ଼ିଶା ଗଠନରେ ଯେପରି ନେତୃତ୍ୱ ନେଇଥିଲେ ସେପରି ଏହି ମାଟିର ଅମର କବି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କାଳଜୟୀ ରଚନା ବନ୍ଦେ ଉତ୍କଳ ଜନନୀ....ଆମ ରାଜ୍ୟର ଜାତୀୟ ସଂଗୀତ ହୋଇ ଆମ ମାଟିର ଅସ୍ମିତାକୁ ଉର୍ଦ୍ଧ୍ୱକୁ ଟେକି ଧରିଛି । ଏଣୁ ଭାରତର ସ୍ୱାଧୀନତା ସଂଗ୍ରାମ ତଥା ସାଂସ୍କୃତିକ ଜାଗରଣ ଏହି ଭୂମିର ଅସ୍ମିତା ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଉଦ୍ଘାଟନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଟ୍ରଷ୍ଟର ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହକୁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ ଏବଂ ପୁସ୍ତକର ଉପାଦେୟତା ଉପରେ ଆଲୋକପାତ କରିଥିଲେ । ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟ ବକ୍ତା, ଚରମ୍ପା ଆଇ.ଟି.ଆଇ. ଅଧକ୍ଷା ତଥା 'ନୂଆ ଯୁଗର ନୂଆ ସକାଳ' ସମ୍ପାଦିକା କବୟିତ୍ରୀ ଅବନ୍ତୀ ମଲ୍ଲିକ, ରୋଟାରିୟାନ ଶିଶିର କୁମାର ମିଶ୍ର, ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ପ୍ରକାଶ ମିଶ୍ର, ଅଧାପକ ରୋଟାରିୟାନ ଶେଖ୍ ନାଶିର ବକ୍ସ, କବୟିତ୍ରୀ ନିରୁପମା ମିଶ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମହୋତ୍ସବ ଆବାହକ ଅଧାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ଦେଇଥିବା ବେଳେ ମହୋତ୍ସବ ଓ ପୁସ୍ତକ ମେଳାର ସମ୍ପାଦକ ରବିନାରାୟଣ ଖିଲାର ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଡା. ଅନିଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କବୟିତ୍ରୀ ନିରୁପମା ମିଶ୍ରଙ୍କ କବିତା ପୁସ୍ତକ 'ଅସ୍ତରାଗ' ଲୋକାର୍ପିତ ହୋଇଥିଲା । ସହ ସମ୍ପାଦିକା କଳ୍ପନା ଜେନା ଅତିଥି ମାନଙ୍କୁ ମଂଚ ନିମନ୍ତ୍ରଣ କରିଥିବାବେଳେ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସଂଗୀତ ପରିବେଷଣ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଡ.ଜାନକୀ ପାଢ଼ୀ ଓ ଅଧକ୍ଷା ଦିପ୍ତୀମୟୀ ସାହୁ, କବୟିତ୍ରୀ ତଥା ଶିକ୍ଷୟିତ୍ରୀ ମନୋରମା ରାୟ , କବୟିତ୍ରୀ ସଂଯୁକ୍ତା ବଳ ମମତା ଦାଶ ଓଡ଼ିଶା ଜାତୀୟ ସଂଗୀତ ପରିବେଷଣ କରିଥିଲେ ।, ସୁଶ୍ରୀ ଅଞ୍ଜନା ମିଶ୍ର, କବୟିତ୍ରୀ ଚୈତାଳି ଖିଲାର, ଆଡଭୋକେଟ୍ ଅଞ୍ଜୁବାଳା ରାଉତ, ସୁପ୍ରଭା ମିଶ୍ର, ସୁମିତ୍ରା ପାଣି, ଶଶିକଳା ମିଶ୍ର ଙ୍କ ପ୍ରମୁଖ ମଂଚ ଓ ମହୋତ୍ସବ ପରିଚାଳନା କରିଥିଲେ । ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ, ଉତ୍ସବ ଡ୍ୟାନ୍ସ ଗ୍ରୁପ ର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ନଭେମ୍ବର ୧୦ରୁ ୨୩ ପର୍ଯ୍ୟନ୍ତ ୧୪ଦିନ ଧରି ଅନୁଷ୍ଠିତ ଉକ୍ତ ସାରସ୍ୱତ ଓ ସାଂସ୍କୃତିକ ସମାବେଶରେ ଓଡ଼ିଶା ସଂସ୍କୃତି ବିଭାଗ ଓ ଭଦ୍ରକ ଜିଲ୍ଲାର ବହୁ କଳାକାର ଓ ପୁସ୍ତକ ପ୍ରକାଶକ ଅଂଶଗ୍ରହଣ କରିବେ ବୋଲି ମହୋତ୍ସବ କମିଟିର ମିଡିଆ ସେଲ୍ ଅଧକ୍ଷ ପ୍ରମୋଦ ରାୟ ପ୍ରକାଶ କରିଛନ୍ତି ।

# ୫ଦଫା ଦାବି ନେଇ ରାସ୍ତାପାର୍ଶ୍ୱ କ୍ଷୁଦ୍ର ବ୍ୟବସାୟୀ ସଂଘ ପକ୍ଷରୁ ଧାରଣା



କୋଣାର୍କ(ପିପିଏସ): କୋଣାର୍କ ଏନଏସି କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ କୋଣାର୍କ ରାସ୍ତା ପାର୍ଶ୍ୱ କ୍ଷୁଦ୍ର ବ୍ୟବସାୟୀ ସଂଘ ଓ ସିଦ୍ଧି ବିନାୟକ କ୍ଷୁଦ୍ର ବ୍ୟବସାୟୀ ସଂଘ ମିଳିତ ଆନୁକୁଲ୍ୟରେ କୋଣାର୍କ ଟାଉନ ଭେଣ୍ଡିଂ ଜୋନ କମିଟିରେ ସାମିଲ ସମେତ ୫ ଦଫା ଦାବି ନେଇ ସୋମବାର ପୂର୍ବାହ୍ନ ସମୟରେ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି । ସୂଚନା ଅନୁଯାୟୀ କୋଣାର୍କ ରାସ୍ତା ପାର୍ଶ୍ୱ କ୍ଷୁଦ୍ର ବ୍ୟବସାୟୀ ସଂଘର ସଭାପତି ଲକ୍ଷ୍ମୀଧର ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଧାରଣାରେ ବରିଷ୍ଠ ଶ୍ରମିକ ନେତା ତଥା ସଂଗଠନର ଉପଦେଷ୍ଟା ମନୋରଞ୍ଜନ ପରିଡା, ବରିଷ୍ଠ ଶ୍ରମିକ ନେତା ପ୍ରଦୀପ୍ତ କୁମାର ମହାନ୍ତି, ପ୍ରସନ୍ନ ଦାସ ଓ ଶରତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ରାସ୍ତା ପାର୍ଶ୍ୱ କ୍ଷୁଦ୍ର ବ୍ୟବସାୟୀ ସଂଘ ଓ ସିଦ୍ଧି ବିନାୟକ କ୍ଷୁଦ୍ର ବ୍ୟବସାୟୀ ସଂଘର ଦୋକାନୀ ମାନଙ୍କୁ କୋଣାର୍କ ଏନଏସି ପକ୍ଷରୁ କୋଣାର୍କ ଟାଉନ ଭେଣ୍ଡିଂ ଜୋନରେ ସାମିଲ କରିବା, ବ୍ୟବସାୟୀମାନଙ୍କ ନିମନ୍ତେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ କରିବା, ନିରପେକ୍ଷ ଭାବେ ଭେଣ୍ଡିଂ କମିଟି ଗଠନ କରିବା ସମେତ ୫ଦଫା ଦାବି ପୂରଣ କରିବା ପାଇଁ ରାଜ୍ୟ ସରକାର, ପୁରୀ ଜିଲ୍ଲା ପ୍ରଶାସନ ଓ କୋଣାର୍କ ଏନଏସି ପ୍ରଶାସନର ଆନ୍ତରିକତା ଅଭାବ ଓ ବ୍ୟବସାୟୀ ମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ ନୀତିକୁ ସମାଲୋଚନା କରିଥିଲେ । ଏହି ଗଣଧାରଣାରେ ୧୦୦ରୁ ଉର୍ଦ୍ଧ୍ୱ ଉଭୟ ବ୍ୟବସାୟୀ ସଂଘ ଓ ଏଆଇଟିୟୁସିର ବରିଷ୍ଠ ଶ୍ରମିକ ନେତା ମାନେ ଯୋଗଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ସଂଗଠନର ୫ଦଫା ଦାବି ସମ୍ମିଳିତ ଦାବିପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ କୋଣାର୍କ ଏନ୍ଏସି ନୂତନ ଭାବେ ଯୋଗ ଦେଇଥିବା ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନାଙ୍କୁ ପ୍ରଦାନ କରିଥିଲେ । ଖୁବ୍‌ଶୀଘ୍ର ବ୍ୟବସାୟୀ ମାନଙ୍କ ଦାବି ପୂରଣ ଦିଗରେ କୋଣାର୍କ ଏନଏସି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରିବ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା ।

# ଗ୍ରେଟର ବ୍ରହ୍ମପୁର ପାଇଁ ପିଡି ଡୁଡାଙ୍କୁ ପ୍ରସ୍ତାବ ତଥ୍ୟ ପଠାଗଲା

ବ୍ରହ୍ମପୁର, (ପିପିଏସ୍): ୨୦୦୮ରେ ବ୍ରହ୍ମପୁର ପୌରପାଳିକା ମହାନଗର ନିଗମରେ ପରିଣତ ହେଲା । ସେତେବେଳେ ବ୍ରହ୍ମପୁର ପାର୍ଶ୍ୱବର୍ତ୍ତୀ ୧୮ଟି ପଞ୍ଚାୟତ ମିଶ୍ରଣ ପାଇଁ ରାଜ୍ୟ ସରକାର ଗେଜେଟ୍ ନୋଟିଫିକେସନ୍ ଜାରି କରିଥିଲେ । ହେଲେ ବିଭିନ୍ନ କାରଣ ପାଇଁ ମିଶ୍ରଣ ପକ୍ରିୟା ବିଳମ୍ବିତ ହୋଇଥିଲା । ଏହାକୁ ନେଇ ମାମଲା ହାଇକୋର୍ଟକୁ ଗଲା । ଶେଷରେ ଚଳିତ ବର୍ଷ ଜୁଲାଇରେ ୧୪ଟି ପଞ୍ଚାୟତ ବ୍ରହ୍ମପୁର ମହାନଗର ନିଗମରେ ମିଶ୍ରଣ ପାଇଁ ରିଜୋଲ୍ୟୁସନ୍ ଦାଖଲ କରିଛନ୍ତି । ଉକ୍ତ ରିଜୋଲ୍ୟୁସନ୍ ସହ ପଞ୍ଚାୟତର ସମ୍ପୂର୍ଣ୍ଣ ତଥ୍ୟ ଜିଲ୍ଲା ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ ପ୍ରକଳ୍ପ ନିର୍ଦ୍ଦେଶକ(ପିଡି, ଡୁଡା)ଙ୍କୁ ପଠାଯାଇଛି ବୋଲି ବିଏମ୍?ସି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ କହିଛନ୍ତି । ସେହି ପଞ୍ଚାୟତ ଗୁଡ଼ିକ ହେଲା ତୁରା, ଗଞ୍ଜୁ, ଫୁଲତା, ସାତକୁଟୁଣି, ଭାଟିନିପୁର, ବଡ଼କୁସ୍ତୁଳି, ହଳଦିଆପଦର, ଦକ୍ଷିଣପୁର, ଅନନ୍ତେଇ, ଆଙ୍କୁଶପୁର, ଜଗଦଳପୁର, ନିମଖଣ୍ଡି, ଲାଠି, ଲୋଚାପଡ଼ା । ତେବେ ଆଉ କେତେକ ପଞ୍ଚାୟତ ମିଶ୍ରଣ ନେଇ ରିଜୋଲ୍ୟୁସନ୍ ଦାଖଲ କରିନାହାନ୍ତି । ଗୋଳାବନ୍ଧ, ରଙ୍ଗେଇଲୁଣ୍ଡା, କନିଷି, କମଳାପୁର, ଲୁହାଝର, କରାପଲ୍ଲୀ ପଞ୍ଚାୟତରୁ ବିଏମ୍‌ସିକୁ ସଂକଳ ପତ୍ର ମିଳିନାହିଁ । ଉପରୋକ୍ତ ୬ଟି ପଞ୍ଚାୟତରୁ ରିଜୋଲ୍ୟୁସନ୍ ମିଳି ନଥିବାରୁ ଗ୍ରେଟର୍ ବ୍ରହ୍ମପୁର ଗଠନ କଷ୍ଟକର ହେବ ବୋଲି ଆଲୋଚନା ହେଉଛି । ଚଳିତ ବର୍ଷ ମେ ୨୯ରେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ଅଧକ୍ଷତାରେ ତାଙ୍କ ସମ୍ମିଳନୀ କକ୍ଷାରେ କୁକୁଡ଼ାଖଣ୍ଡି ଓ ରଙ୍ଗେଇଲୁଣ୍ଡା ତହସିଲଦାର ଓ ବିଡିଓଙ୍କ ସମେତ ଏହି ଦୁଇ ବ୍ଲକ୍‌ର ୧୮ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ବୈଠକ ହୋଇଥିଲା ।

ବୈଠକରେ ରଙ୍ଗେଇଲୁଣ୍ଡା, ହଳଦିଆପଦର, ଆଙ୍କୁଶପୁର, ନିମଖଣ୍ଡି, ଭାବନିପୁର, ଲୋଚାପଡ଼ା, ବଡ଼କୁଶମୁଳି, ଲାଠି, ତୁରା ସମେତ ଅନ୍ୟ ପଞ୍ଚାୟତ ପ୍ରତିନିଧ ସାମିଲ ହୋଇଥିଲେ । ସହର ନିକଟସ୍ଥ ପଞ୍ଚାୟତ ଗୁଡ଼ିକ ବିଏମ୍‌ସିରେ ମିଶ୍ରଣ ଏବଂ ଏ ସମ୍ପର୍କରେ ପଞ୍ଚାୟତ ଗୁଡ଼ିକର ଇଚ୍ଛା ଜାଣିବାକୁ ଚାହିଁଥିଲା ପ୍ରଶାସନ । ଏ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ମିଶ୍ରଣଙ୍କୁ ନେଇ ଉଭୟ ବ୍ଲକ୍‌ର ବିଡିଓ ଓ ତହସିଲଦର ପଞ୍ଚାୟତ ପ୍ରତିନିଧିଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରିବାକୁ ଉପଜିଲ୍ଲାପାଳ କହିଥିଲେ । ଏହା ପରେ ପଞ୍ଚାୟତ ପକ୍ଷରୁ ରିଜୋଲ୍ୟୁସନ୍ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ରିଜୋଲ୍ୟୁସନ୍ ଦାଖଲ ଅନୁସାରେ ଜୁଲାଇ ୯ ତାରିଖରେ ବିଏମ୍‌ସି କାଉନ୍ସିଲ ବୈଠକ ଡାକି ମିଶ୍ରଣ ପାଇଁ ପ୍ରସ୍ତାବ ପାରିତ କରିଥିଲା । ଏବେ ମିଶ୍ରଣ ସପକ୍ଷରେ ଦାଖଲ ହୋଇଥିବା ୧୪ଟି ରିଜୋଲ୍ୟୁସନ୍ ପିଡି, ଡୁଡାଙ୍କୁ ପଠାଯାଇଛି । ମିଶ୍ରଣ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପଦକ୍ଷେପ ନେବ ବୋଲି ବିଏମ୍‌ସି କମିଶନର କହିଛନ୍ତି ।

### ସରପଞ୍ଚଙ୍କ ବିରୋଧରେ ମହିଳାଙ୍କ ଅଭିଯୋଗ

# ଆବାସ ଯୋଜନା ଗୃହ ଅର୍ଥ ହେରଫେର

ଗୋପ (ପିପିଏସ): ଗୋପ ବ୍ଲକ ମହଲପଡା ପଞ୍ଚାୟତ ଓରେଇ ଗ୍ରାମର ଜଣେ ମହିଳାଙ୍କ ଆବାସ ଯୋଜନା ଗୃହ ଅର୍ଥ ଉକ୍ତ ପଞ୍ଚାୟତର ସରପଞ୍ଚ ହେରଫେର କରିବା ନେଇ କୋଣାର୍କ ଥାନାରେ ଅଭିଯୋଗ ହୋଇଛି । ଓରେଇ ଗ୍ରାମର ଶଙ୍କର ନାୟକଙ୍କ ପତ୍ନୀ ଗୀତା ନାୟକ ୮ ବର୍ଷ ତଳେ ଗୋପ ବ୍ଲକ ପ୍ରଶାସନ ପକ୍ଷରୁ ଆବାସ ଯୋଜନାରେ ପକ୍କା ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ସହ ୨୦ ହଜାର ଟଙ୍କା ପାଇଥିଲେ । ଉକ୍ତ ଅର୍ଥରେ ଗୃହ ନିର୍ମାଣ ଆରମ୍ଭ କରିଥିଲେ ମଧ୍ୟ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଘର କାମ ଆଗେଇ ପାରି ନ ଥିଲା । ମାତ୍ର ଦୀର୍ଘ ଦିନ ପରେ ଗୃହ ନିର୍ମାଣ ଆରମ୍ଭ ପରେ ଗୀତା ନାୟକଙ୍କ ବ୍ୟାଙ୍କ ଖାତାକୁ ତିନି ଥରର ରନିଙ୍ଗ ବିଲ ବାବଦରେ ଟଙ୍କା ଆସିଥିବା ଘଟଣା ବାବଦରେ ସଂପୃକ୍ତ ମହିଳା ଜାଣି ପାରି ନ ଥିବା ନିଜ ଏତଲାରେ ଉଲ୍ଲେଖ କରିଛନ୍ତି । ସଂପୃକ୍ତ ମହିଳା ନିଜ ଏତଲାରେ ଉଲ୍ଲେଖ କରିଛନ୍ତି ଯେ ମହଲପଡା ସରପଞ୍ଚ ଶୀର୍ଷରଞ୍ଜନ ନାୟକ ତାଙ୍କ ବ୍ୟାଙ୍କ ଖାତାକୁ ଭୁଲବଶତଃ ଅନ୍ୟ ଜଣେ ଲୋକର ୭୦ ହଜାର ଟଙ୍କା ଆସିଯାଇଥିବା କହି ଫେରାଇ ଦେବାକୁ କହିଥିଲେ । ଏଥିପାଇଁ ସେ ନିଜର ଦୁଇ ସହଯୋଗୀଙ୍କୁ ଗୀତା ନାୟକଙ୍କ ସହ ବ୍ୟାଙ୍କକୁ ପଠାଇବା ପରେ ଗୀତା ଟଙ୍କା ଉଠାଇ ସେମାନଙ୍କୁ ଦେଇଥିଲେ । ତେବେ ସରପଞ୍ଚ ପୁନର୍ବାର ତାଙ୍କୁ ଟଙ୍କା ମାଗିବାରୁ ନିଜ ମନରେ ସନ୍ଦେହ ସୃଷ୍ଟି ହୋଇଥିବା ଗୀତ ଏତଲାରେ ଉଲ୍ଲେଖ କରିଛନ୍ତି । ଏହି ଟଙ୍କାକୁ ସରପଞ୍ଚ ଫେରାଇ ଦେବାକୁ କହି ଫେରାଉ ନ ଥିବାରୁ ଗୀତା ରବିବାର ଅପରାହ୍ନରେ ମହଲପଡା ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

### ଲାଇଟ୍ ଲଗାଇବା ସହ ମରାମତି ଟଙ୍କାରେ କୁଜିନେତାଙ୍କ ପକେଟ ଗରମ

# ଗ୍ରାମାଞ୍ଚଳ ଆଲୋକୀକରଣ ପ୍ରହସନ ଅଧିକାଂଶ ଲାଇଟ୍ ଅଚଳ



ଅସ୍ତରଙ୍ଗ (ପିପିଏସ୍): ଗ୍ରାମାଞ୍ଚଳକୁ ସହରୀ ଢାଞ୍ଚାରେ ରୂପାନ୍ତରିତ କରାଯିବା ଲକ୍ଷ୍ୟ ନେଇ ୨୦୧୮-୧୯ଆର୍ଥିକ ବର୍ଷରେ ଚତୁର୍ଦ୍ଦଶ କେନ୍ଦ୍ର ଅର୍ଥ କମିଶନ ଓ ରାଜ୍ୟ ଆର୍ଥିକ କମିଶନ ଅନୁଦାନରେ ପୁରୀ ଜିଲ୍ଲା ଅସ୍ତରଙ୍ଗବ୍ଲକ ୧୫ଟି ପଂଚାୟତ ରେ ଥିବା ପ୍ରତ୍ୟେକ ରାଜସ୍ୱ ଗ୍ରାମକୁ ମୁଖ୍ୟରାସ୍ତା ସମେତ ଗଳି ରାସ୍ତାରେ ବିଦ୍ୟୁତ କରଣ କରାଯାଇଥିଲା । ସେତେବେଳେ ସମସ୍ତ ନିତୀନିୟମକୁ ଦଳିମକଚି ମନଇଚ୍ଛା ସମ୍ପୃକ୍ତ ସରପଞ୍ଚ ସୋଲାର ଲାଇଟି ସମେତ ବିଦ୍ୟୁତ ଲାଇଟି ଲଗାଇଥିଲେ । ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟ ରେ ନିର୍ଦ୍ଦିଷ୍ଟ ସ୍ଥାନରୁ ମନଇଚ୍ଛା ଠିକାସଂସ୍ଥା ଦ୍ୱାରା ଚଞ୍ଚକତା କରି ଯନ୍ତ୍ରାଂଶ କିଣାଯାଇଥିଲା । ଏ ନେଇ କୌଣସି ଟେଣ୍ଡର କରାଯାଇନଥିଲା କି କୋଟେସନ ମଗାଯାଇ ନଥିଲା । ବିଡିଓ କେତେବେଳେ ଅନୁମତି ଦେଲେ ସେ ସବୁପ୍ରତି ମଧ୍ୟ ଆଖି ବୁଜି ଦିଆଗଲା ।ଖାଲି ସେତିକି ନୁହେଁ, କେଶ ରେକର୍ଡ ମଧ୍ୟ ଖୋଲା ଗଲା ନାହିଁ । ମନଇଚ୍ଛା ଯିଏ ଯେଉଁଠି ପାରିଲା ଲାଇଟି ଲଗାଇଦେଲେ ଏମିତି କି ଦଳୀୟ ଲୋକଙ୍କ ଘର ଦେଖି ଲାଇଟି ମଧ୍ୟ ଲାଗିଛି । ଏଥି ପାଇଁ ଲାଇଟି ପିଛା ୧୫ହଜାର ଟଙ୍କା ଠାରୁ ଆଉ ଅଧିକ ମୂଲ୍ୟ ବି ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଥିଲା । କେଉଁଠି ନିମ୍ନମାନର ସେନ୍ସର ସାଙ୍ଗକୁ ନିମ୍ନମାନର ଲାଇଟି ଲଗାଯାଇଥିଲେ ବି ତାହା ପରବର୍ତ୍ତୀ ଅବସ୍ଥା କେହି ଦେଖିଲେ ନାହିଁ ।

କେତେକ ସ୍ଥାନରେ ମିନିହାଇମାଷ୍ଟ ମଧ୍ୟ ଲାଗିଲା । କିଛି ଦିନ ପରେ ଲାଗିଥିବା ନିମ୍ନମାନର ସେନ୍ସର ଖରାପ ହୋଇଯିବାରୁ ସିଧାସଳଖ ବିଦ୍ୟୁତ ସଂଯୋଗ କରାଯାଇ ସୁଇସ ସିଷ୍ଟମ କରାଗଲା । ଏବେ କେଉଁଠି ଆଲୁଅ ଜଳୁଛି ତ ଆଉ କେଉଁଠି ଦିନ ରାତି ଧପ୍ ଧପ୍ ହେଉଛି । ବିଦ୍ୟୁତ ଖୁଣ୍ଟରୁ ସଂଯୋଗ ଦିଆଯାଇଥିବାରୁ ବର୍ଷା ପାଣି ପଶି ସୁଇସ ଅଚଳ ହୋଇ ପଡିବା ସହ ବିଦ୍ୟୁତ ଆଘାତ ଲାଗୁଚି । ସେଥିପ୍ରତି କାହାର ନିଘା ନାହିଁ । ପୁରୀ ଜିଲ୍ଲା ଅସ୍ତରଙ୍ଗ ବିଭିନ୍ନ ପଂଚାୟତରେ ଲାଗିଥିବା କେତେକ ବଲ ଖରାପ ହୋଇ ପଡିବାରୁ ତାହା ମରାମତି ପାଇଁ ଖୋଲି ନିଆଯାଇଥିଲେ ବି ମରାମତି କରାଯାଉ ନାହିଁ ।

ଏଠାରେ ପ୍ରଶ୍ନ ଉଠୁଛି ପଂଚାୟତ କୁ ଗ୍ରାମପଂଚାୟତ ଡେଭେଲପମେଣ୍ଟ ପୋଗ୍ରାମ (ଜିପିଡିପି) ପଇସା ଦିଆଯାଇ ଥିଲେ ବି ଏସବୁ ରକ୍ଷଣାବେକ୍ଷଣ ଓ ମରାମତି କରାଯାଉ ନାହିଁ । ଅଚଳ ବଲରୁ ଝୁଲି ରହିଥିବା ସୁଇସି ସକ ଲାଗୁଥିଲେ ବି ତାହା ଖୋଲା ଯାଉନାହିଁ । ଏ ନେଇ ବହୁବାର ଅସ୍ତରଙ୍ଗ ବ୍ଲକ ବିଭିନ୍ନ ପଂଚାୟତ ଲାଇଟି ସମସ୍ୟା ବିଡ଼ିଓ ସୁଶ୍ରୀ ଶସ୍ମିତା ବେହେରାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସେ ସବୁ ପଂଚାୟତର କାମ ଓ ଏଥି ପ୍ରତି ସେ ଦୃଷ୍ଟି ଦେବେ ବୋଲି ଯାହା ଖାଲି କହିଆସୁଥିଲେ ହେଁ ତାହାର କୌଣସି ସୁଫଳ ମିଳିପାରୁନାହିଁ ।

### ବାଲିଯାତ୍ରା ମହୋତ୍ସବର ୫ମ ସନ୍ଧ୍ୟାରେ ସାଂସଦ ବୈଜୟନ୍ତ ପାଣ୍ଡାଙ୍କ ବକ୍ତବ୍ୟ

# 'ଦେଶ ବିଦେଶଗଲେ ଆମେ ଓଡିଶାକୁ ଆଉ କେନ୍ଦ୍ରାପଡାକୁ ଦେଖୁ'



କେନ୍ଦ୍ରାପଡା, (ପିପିଏସ୍): ଐତିହାସିକ କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବର ୫ମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦାନକରି କେନ୍ଦ୍ରାପଡାର ସାଂସଦ ବୈଜୟନ୍ତ ଜୟ ପଣ୍ଡା କହିଲେ ଆମେ ଯେଉଁ ଦେଶକୁ ଗଲେବି ଓଡଶା ଆଉ କେନ୍ଦ୍ରାପଡାକୁ ଦେଖିପାରିବା ଏଭୁ ଅନୁମେୟ କେନ୍ଦ୍ରାପଡା କେତେ ସମୃଦ୍ଧ । ଏହି ଅବସରରେ ବାଲିଯାତ୍ରା କମିଟିର ସଭାପତି ପ୍ରଦିପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ସଂଜ୍ଞୟ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉପସଭାପତି ଅଭିମନ୍ୟୁ ଗୋଚ୍ଛାୟତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଧୀରେନ୍ଦ୍ର କୁମାର ଦାସ, ପତ୍ରିକା ସମ୍ପାଦକ ଶୁଭାଂଶୁ କୁମାର ଦାସ, ଟୁଟୁ ଗେରୁ, ମୃତ୍ୟୁଞ୍ଜୟ ସାହୁ, ପିତବାସ ବେହେରା, ପଞ୍ଚାନନ ଗେରୁ, ରାଜୁ କୁବେର, ରଜନୀକାନ୍ତ ଦାସ, ଶ୍ରୀଧର କୁମାର ମହାନ୍ତି, ଅକ୍ଷୟପ୍ରିୟ ଦାସ, ଗୋଲଖଚନ୍ଦ୍ର ପରିଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାଯ୍ୟକ୍ରମର ମୁଖ୍ୟ ବକ୍ତାଭାବରେ ପ୍ରାକ୍ତନ ପ୍ରଶାସନ ଧରଣୀଧର ନାଥ, ସମ୍ମାନୀତ ଅତିଥି ପ୍ରାକ୍ତନ ଅଧକ୍ଷା ଗିତାଞ୍ଜଳୀ ସେଠୀ, ଜିଲ୍ଲା ବଜେପିର ପ୍ରାକ୍ତନ ସଭାପତି କିଶୋର ପଣ୍ଡା, ଶଶାଙ୍କ ସେଠୀ ଯୋଗଦାନ କରି ନୂତନ କେନ୍ଦ୍ରାପଡା ଗଠନ ନିମନ୍ତେ ପ୍ରତିଶୃତି ପ୍ରଦାନ କରିଥିଲେ ।

ବାଲିଯାତ୍ରା କମିଟି ତରଫରୁ କେନ୍ଦ୍ରାପଡା ସହର ସହ ଗୁଲନଗର ଗ୍ରାମ ପଞ୍ଚାୟତକୁ ସଂଯୋଗ କରିବା ନିମନ୍ତେ ଗୋବରୀନଦୀ ଉପରେ ଏକ ପକ୍କା ପୋଲ ନିର୍ମାଣ କରିବା ନିମନ୍ତେ ସାଂସଦଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ । ସାହିତ୍ୟିକ ଚନ୍ଦ୍ରମଣୀ ସାହୁଙ୍କ ସମ୍ପାଦନାରେ ପ୍ରାକାଶିତ "ବସୁମତୀ" ପତ୍ରିକାକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ । ଶେଷରେ କୋଷାଧକ୍ଷ ମନୋରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ପ୍ରାକ୍ତନ ବିଧାୟକ ଅଲେଖ ଜେନା, ସଂଜ୍ଞୟ ରଥ, ସୁନାକର ବେହେରା, ସଲିମ ଖାଁ ଯୋଗଦାନ କରିଥିଲେ । ସଚେତନ ସାହିତ୍ୟ ସଂସଦ ତରଫରୁ ଡ. ଅଭୟ ରାଉତଙ୍କ ସଂଯୋଜନାରେ ସାହିତ୍ୟ ସଭା କରାଯାଇଥିଲା ।

# ଜାପାନ ପାରା ବ୍ୟାଡ୍‌ମିଣ୍ଟନ୍‌ରେ ପ୍ରମୋଦଙ୍କୁ ୩ ସ୍ୱର୍ଣ୍ଣ



ଭୁବନେଶ୍ୱର, (ପିପିଏସ୍): ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ୍ ସର୍କିଟ୍‌କୁ ପାଖାପାଖି ୧୮ମାସ ପରେ ଫେରିଥିବା ଓଡ଼ିଆ ତାରକା ପ୍ରମୋଦ ଭଗତଙ୍କ ପଦକ ଅମଳ ଜାରି ରହିଛି। ଅଷ୍ଟ୍ରେଲିଆ ପରେ ଜାପାନରେ ଖେଳାଯାଇଥିବା ହୁଲିକ ଦୌହାତସୁ ଜାପାନ ପାରା ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ଏକକାଳୀନ ତିନିଟି ସ୍ୱର୍ଣ୍ଣ ପଦକ ଜିତି ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି ସେ। ନଭେମ୍ବର ୫ରୁ ୯ ତାରିଖ ପର୍ଯ୍ୟନ୍ତ ଖେଳାଯାଇଥିବା ଏହି ପ୍ରତିଯୋଗିତାରେ ପ୍ରମୋଦ ପୁଣି ଥରେ ନିଜ ଆଧିପତ୍ୟ ଜାରି ରଖି ଏସଏଲ୍-୩ର ଏକକ, ଏସ୍ଏଲ୍୩-ଏସ୍‌ୟୁ୫ର ମିଶ୍ରିତ ଏବଂ ଏସ୍ଏଲ୍୩-ଏସ୍ଏଲ୍୪ର ଯୁଗଳରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ପ୍ରମୋଦ ପୁରୁଷ ଏକକ ଏସ୍ଏଲ-୩ର ଫାଇନାଲରେ ଜାପାନର ଦାଇସୁକୁ ଫୁଜିହାରାଙ୍କୁ ୧୭-୨୧, ୨୧-୧୯ ଓ ୨୧-୧୦ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁରୁଷ ଯୁଗଳ ଏସ୍ଏଲ-୩ ଓ ଏସ୍ଏଲ-୪ ଫାଇନାଲରେ ପ୍ରମୋଦ ଭଗତ- ସୁକାନ୍ତ କାଦମ୍ବ ଯୋଡ଼ି ୨୧-୧୭,୧୮-୨୧ ଓ ୨୧-୧୬ରେ ଅନ୍ୟତମ ଭାରତୀୟ ଯୋଡ଼ି ନବୀନ ଶିବକୁମାର-ଜଗଦୀଶ ଦିଲ୍ ଯୋଡ଼ିଙ୍କୁ ପରାସ୍ତ କରି ସ୍ୱର୍ଣ୍ଣପଦକ ଜିତିଛନ୍ତି। ମିଶ୍ରିତ ଯୁଗଳ ଏସ୍ଏଲ-୩ ଓ ଏସୟୁ-୫ ଫାଇନାଲରେ ପ୍ରମୋଦ ଭଗତ-ମନୀଷା ରାମଦାସ ଯୋଡ଼ି ୨୧-୧୯ ଓ ୨୧-୧୯ରେ ନୀତୀଶ କୁମାର -ତୁଳସୀମାଥି ମୁରୁଗାସେନ ଯୋଡ଼ିଙ୍କୁ ପରାସ୍ତକରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ସଫଳତା ଲାଗି ପ୍ରମୋଦଙ୍କୁ ପାରା ସ୍ପୋର୍ଟସ ଆସୋସିଏସନ ଅଫ ଓଡ଼ିଶା ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ଏକକ ଫାଇନାଲ୍‌ରେ ନିଜ ଅସାଧାରଣ ର୍‌ୟାକେଟ୍ ଚାଳନା, ଉନ୍ନତ ବୈଷୟିକ ଦକ୍ଷତା ତଥା ଅପୂର୍ବ ଆତ୍ମବିଶ୍ୱାସର ପରିଚୟ ଦେଇ ସେ ଜାପାନର ଦାଇସୁକେ ଫୁଜିହାରାଙ୍କୁ ୧୭-୨୧, ୨୧-୧୯, ୨୧-୧୦ରେ ହରାଇ ଦେଇଥିଲେ। ସେହିଭଳି ମିଶ୍ରିତ ଯୁଗଳରେ ମନୀଷା ରାମଦାସଙ୍କୁ ସାଥୀକରି ମିଶ୍ରିତ ଯୁଗଳ ଫାଇନାଲ୍‌ରେ ନିଜ ଦେଶର ନୀତୀଶ କୁମାର ଓ ତୁଳସୀମାଥୀ ମୁରୁଗାନଙ୍କୁ ୨୧-୧୯, ୨୧-୧୯ରେ ଏବଂ ସୁକାନ୍ତ କଦମଙ୍କୁ ସାଥୀ କରି ପୁରୁଷ ଯୁଗଳ ଫାଇନାଲ୍‌ରେ ଜଗଦୀଶ ଡେଲି ଓ ନବୀନ ଶିବକୁମାରଙ୍କୁ ୨୧-୧୭, ୧୮-୨୧, ୨୧-୧୬ରେ ହରାଇ ଦେଇଥିଲେ। ଏହି ସଫଳତା ଲାଗି ପାରା ସ୍ପୋର୍ଟସ ଆସୋସିଏସନ୍ ଅଫ୍ ଓଡ଼ିଶା ତରଫରୁ ପଦ୍ମଶ୍ରୀ ପ୍ରମୋଦ ଭଗତଙ୍କୁ ଅଶେଷ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ହରମନପ୍ରୀତ୍ ଅଧିନାୟକତ୍ୱ ଛାଡ଼ିଦେବା ଉଚିତ୍: ଶାନ୍ତା ରଙ୍ଗାସ୍ୱାମୀ



ନୂଆଦିଲ୍ଲୀ : ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ମହିଳା କ୍ରିକେଟ୍ ଦଳ ନଭେମ୍ବର ୨ ତାରିଖରେ ଦକ୍ଷିଣ ଆଫ୍ରିକାକୁ ଫାଇନାଲରେ ପରାସ୍ତ କରି ପ୍ରଥମ ବିଶ୍ୱକପ୍ ଟାଇଟଲ୍ ଜିତି ଇତିହାସ ରଚିଥିଲା। ଏହି ଐତିହାସିକ ବିଜୟ ପରେ ଟିମ୍ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଥିବା ବେଳେ ପୂର୍ବତନ ଅଧିନାୟକ ଶାନ୍ତା ରଙ୍ଗାସ୍ୱାମୀଙ୍କ ବୟାନ ଚର୍ଚ୍ଚାରେ ରହିଛି। ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ମହିଳା କ୍ରିକେଟ୍ ଦଳ ବିଶ୍ୱକପ ଜିତିଥିଲେ ବି ତାଙ୍କୁ ଅଧିନାୟକତ୍ୱ ଛାଡ଼ି ଦେବା ଉଚିତ୍ ବୋଲି କହିଛନ୍ତି ପୂର୍ବ ଅଧିନାୟକ ଶାନ୍ତା ରଙ୍ଗାସ୍ୱାମୀ। ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ, 'ହରମନପ୍ରୀତଙ୍କୁ ଅଧିନାୟକ ପଦ ଛାଡିବା ଉଚିତ। ଏହି ବଡ଼ ଦାୟିତ୍ୱରୁ ମୁକ୍ତି ପାଇ ସେ ତାଙ୍କ ବ୍ୟାଟିଂ ଏବଂ ଫିଲ୍ଡିଂ ଉପରେ ଅଧିକ ଧ୍ୟାନ ଦେବା ଉଚିତ। ଦଳର ଭବିଷ୍ୟତକୁ ଆଖି ଆଗରେ ରଖି ଏହି ପରିବର୍ତ୍ତନ କରାଯିବା ଉଚିତ।' ତାଙ୍କର ଏହି ବୟାନ ଏବେ ହଇଚଇ ସୃଷ୍ଟି କରିଛି। ହରମନପ୍ରୀତଙ୍କ କ୍ଷମତାକୁ ଅଣଦେଖା କରି ରଙ୍ଗାସ୍ୱାମୀ ଏଭଳି କହିଥିବାରୁ ପ୍ରଶଂସକମାନେ ତାଙ୍କୁ ସମାଲୋଚନା କରିଛନ୍ତି।

**ପ୍ରତ୍ୟେକ ବିଶ୍ୱକପ୍ ପରେ, ଏହିପରି ବୟାନ ଆସେ: ଅଞ୍ଜୁମ :** ଅନ୍ୟପକ୍ଷରେ ପୂର୍ବତନ ଭାରତୀୟ ଅଧିନାୟକ ଅଞ୍ଜୁମ ଚୋପ୍ରା ରଙ୍ଗାସ୍ୱାମୀଙ୍କ ବୟାନ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି, 'ପ୍ରତ୍ୟେକ ବିଶ୍ୱକପ୍ ପରେ, ଏହିପରି ବୟାନ ଆସେ। କେବଳ ଗତ ଚାରି କିମ୍ବା ପାଞ୍ଚଟି ବିଶ୍ୱକପ୍ ଦେଖନ୍ତୁ, ଆପଣ ଜାଣିପାରିବେ ଯେ, ଏପରି ବୟାନ କେତେ ଥର ଦିଆଯାଇଛି। ଯେତେବେଳେ ଭାରତ ଏକ ଟୁର୍ଣ୍ଣାମେଣ୍ଟ ହାରେ, ସେମାନେ କୁହନ୍ତି ଯେ ହରମନପ୍ରୀତଙ୍କୁ ହଟାଇବା ଉଚିତ। ଯେତେବେଳେ ଭାରତ ଏକ ଟୁର୍ଣ୍ଣାମେଣ୍ଟ ଜିତିଥାଏ, ସେମାନେ କୁହନ୍ତି ଯେ ହରମନପ୍ରୀତଙ୍କୁ ହଟାଇବା ଉଚିତ। ଏହା ଅତି ବିଚିତ୍ର। ପ୍ରତିଥର ଏପରି ବୟାନ ଦିଆଯାଏ। ମୁଁ ଏବେ ଏହା ଉପରେ କୌଣସି ମନ୍ତବ୍ୟ ଦେବାକୁ ଚାହୁଁନାହିଁ କାରଣ ଏହାଦ୍ୱାରା ଭାରତର ବିଜୟର ମୁହୂର୍ତ୍ତ ଗୁଡ଼ିକ ନଷ୍ଟ ହୋଇଯିବ।'

**ହରମନ୍ ସ୍ୱତନ୍ତ୍ର: ଅଞ୍ଜୁମ :** ହରମନପ୍ରୀତଙ୍କ ଯାତ୍ରା ବିଷୟରେ ଜଣାଇବାକୁ ଯାଇ ଅଞ୍ଜୁମ କହିଛନ୍ତି ଯେ, 'ଯେତେବେଳେ ପ୍ରଥମ ଦିନ ମୁଁ ତାଙ୍କୁ ଦେଖିଥିଲି। ସେ ସେତେବେଳେ ଘରୋଇ କ୍ରିକେଟ୍ ଖେଳୁଥିଲେ। ପରେ, ଆମେ ସମସ୍ତେ ୨୦୦୭-୦୮ରେ ଚ୍ୟାଲେଞ୍ଜର ଟ୍ରଫି ଟୁର୍ଣ୍ଣାମେଣ୍ଟ ଖେଳିବା ପାଇଁ ମୁମ୍ବାଇର ଏକ ଭାରତୀୟ ଶିବିରରେ ଥିଲୁ। ସେହି ସମୟରେ ମୁଁ ଅନୁଭବ କରିଥିଲି ଯେ, ସେ କେତେ ପ୍ରତିଭାବାନ। ଜଣେ ୧୯ ବର୍ଷରୁ କମ୍ ଖେଳାଳି ଯିଏ ବଲକୁ ଲମ୍ବା ହିଟ୍ କରିପାରିବେ। ମୁଁ ନିଶ୍ଚିତ ଥିଲି ଯେ, ସେ ସ୍ୱତନ୍ତ୍ର।'

## ବଡ଼ସହରା ପ୍ରିମିଅର ଲିଗ୍ ଉଦ୍‌ଯାପିତ


# ବଘେଇ କ୍ରିକେଟ୍ କ୍ଲବ୍ ଚାମ୍ପିଅନ୍



ଭାପୁର, (ପିପିଏସ): ଭାପୁର ବ୍ଲକ ବଡସହରା ଗ୍ରାମର ମା' ଢୋଲାଚଣ୍ଡୀ ଟି -୨୦ କ୍ରିକେଟ କ୍ଲବ ଆନୁକୁଲ୍ୟରେ ରବିବାର ଦିନ ଫାଇନାଲ ମ୍ୟାଚ ବାପୁଜୀ କ୍ରିକେଟ କ୍ଲବ ଏଲପଡା ଓ ବଘେଇ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଛି। ଆଜିର ମ୍ୟାଚରେ ବଘେଇ କ୍ରିକେଟ କ୍ଲବ୍ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୫୨ ରନ୍ ସଂଗ୍ରହ କରିଥିଲେ। ଜବାବରେ ବାପୁଜୀ କ୍ରିକେଟ କ୍ଲବ ଏଲପଡା ୨୦ ଓଭରରେ ୭ ୱିକେଟ ହରାଇ ୧୨୬ ରନ୍ ସଂଗ୍ରହ କରିଥିଲେ। ଫଳରେ ବଘେଇ କ୍ରିକେଟ କ୍ଲବ ୨୬ ରନରେ ବିଜୟୀ ହୋଇ ଚଳିତ ବର୍ଷ ଚମ୍ପିୟାନ ହୋଇଛି। ବିଜୟୀ ଦଳର ଖେଳାଳୀ ସମ୍ବିଦ ବିଶ୍ୱାଳ ଭଲ ବ୍ୟାଟିଂ ପ୍ରଦର୍ଶନ ପାଇଁ ମ୍ୟାନ ଅଫ ଦି ମ୍ୟାଚ ଏବଂ ନିତ୍ୟାନନ୍ଦ ବେହେରା ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଆଜିର ମ୍ୟାଚକୁ ଆମ୍ପାୟର ସୁଶାନ୍ତ ଦଳବେହେରା ଓ ଦିଲ୍ଲୀପ ଦାସ ପରିଚାଳନା କରିଥିବା ବେଳେ ରତ୍ନାକର ସାହୁ ଓ ସତ୍ୟବ୍ରତ ମହାରଣା ଧାରା ବିବରଣୀ ପ୍ରଦାନ କରିଥିଲେ ଏବଂ ରବୀନ୍ଦ୍ରନାଥ ମହାରଣା ଓ ସାଗର ପରିଡ଼ା ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଆଜିର ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବ୍ରଜ କିଶୋର ଆଲୁକ ଏବଂ ସମ୍ମାନିତ ଅତିଥି ଭାବେ ସମାଜସେବୀ ନିତ୍ୟାନନ୍ଦ ଦାସ, ତପନ ସାହୁ ଓ ଗୋପାଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିଅନ ବାଘେଇ କ୍ରିକେଟ କ୍ଲବକୁ ଚମ୍ପିୟାନ ଟ୍ରଫି ଓ ଚେକ୍ ଅତିଥି ମାନେ ପ୍ରଦାନ କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ମା' ଢୋଲାଚଣ୍ଡୀ କ୍ରିକେଟ କ୍ଲବର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।

# ଫେବୃଆରୀ ୭ରୁ ଟି-୨୦ ବିଶ୍ୱକପ୍ ଅହମ୍ମଦାବାଦରେ ଫାଇନାଲ

ନୂଆଦିଲ୍ଲୀ : ଭାରତ ଏବଂ ଶ୍ରୀଲଙ୍କା ୨୦୨୬ରେ ଟି୨୦ ବିଶ୍ୱକପ୍ କ୍ରିକେଟ ଆୟୋଜନ କରିବେ। ଏହି ବିଶ୍ୱକପର ସେମିଫାଇନାଲ, ଫାଇନାଲ ଏବଂ ଉଦଘାଟନୀ ମ୍ୟାଚ୍ ସମ୍ପର୍କରେ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି। ବିଶ୍ୱକପର ପ୍ରଥମ ଏବଂ ଶେଷ ମ୍ୟାଚ୍, ଅର୍ଥାତ୍ ଫାଇନାଲ୍, ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ କଲମ୍ବୋରେ ଖେଳାଯିବ । ଅନ୍ୟ ସେମିଫାଇନାଲଟି ମୁମ୍ବାଇ ୱାଙ୍ଖେଡ଼େରେ ଖେଳାଯିବ । କିନ୍ତୁ ଯଦି ଉଭୟ ପାକିସ୍ତାନ ଓ ଶ୍ରୀଲଙ୍କା ସେମିକୁ ଉନ୍ନୀତ ନ ହୁଅନ୍ତି ତେବେ ଦୁଇଟିଯାକ ସେମି ଭାରତରେ ଖେଳାଯିବ । ଏପରିସ୍ଥିତିରେ କୋଲକାତାରେ ଗୋଟିଏ ସେମିଫାଇନାଲ ଖେଳାଯାଇପାରେ ।



ଖେଳାଯିବ। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍ ଗୋଟିଏ ସେମିଫାଇନାଲ ଆୟୋଜନ କରିବ। ଟି୨୦ ବିଶ୍ୱକପରେ ୨୦ଟି ଦଳ ଭାଗନେବେ ଓ ଏହା ଫେବୃଆରୀ ୭ ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଖେଳାଯିବ।

ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍ ପୂର୍ବରୁ ୨୦୨୩ ଏକଦିବସୀୟ ବିଶ୍ୱକପର ପ୍ରଥମ ଏବଂ ଶେଷ ମ୍ୟାଚ୍ ଆୟୋଜନ କରିଥିଲା। ଯଦି ପାକିସ୍ତାନ କିମ୍ବା ଶ୍ରୀଲଙ୍କା ସେମିଫାଇନାଲକୁ ଉନ୍ନୀତ ହୁଅନ୍ତି, ତେବେ ଗୋଟିଏ ସେମିଫାଇନାଲ ମ୍ୟାଚ

ଭାରତ ଓ ଶ୍ରୀଲଙ୍କା ବିଶ୍ୱକପର ମିଳିତ-ଆୟୋଜନ କରୁଛି, ଏବଂ ଉଭୟ ଦେଶର ମୋଟ ସାତଟି ସ୍ଥାନରେ ବିଶ୍ୱକପ୍ ମ୍ୟାଚ୍ ଆୟୋଜନ କରାଯିବ। ଭାରତରେ ମ୍ୟାଚ୍ ଚେନ୍ନାଇ, ଦିଲ୍ଲୀ, ମୁମ୍ବାଇ, ଅହମ୍ମଦାବାଦ ଏବଂ କୋଲକାତାରେ ଖେଳାଯାଇପାରିବ। ଶ୍ରୀଲଙ୍କାରେ ମ୍ୟାଚ୍ ପାଇଁ ତିନୋଟି ସ୍ଥାନ ଚୟନ କରାଯାଇପାରେ। ରିପୋର୍ଟ ଅନୁଯାୟୀ, ପ୍ରେମଦାସା ଷ୍ଟାଡିୟମ, ପାଲେକେଲ, ଡାମ୍ବୁଲା ଏବଂ ହାମ୍ବନଟୋଟା ମଧ୍ୟରୁ ଗୋଟିଏ ଗ୍ରାଉଣ୍ଡ ଚୟନ କରାଯାଇପାରେ।

# କିଛି ନିର୍ଲଜ୍ଜ ଲୋକ ପୁରସ୍କାର ରାଶି ଦେବାକୁ କହି ଠକିଦେବେ,ମନ ଦୁଃଖ କରିବନି

## ମହିଳା କ୍ରିକେଟ୍ ଟିମକୁ ଚେତାଇଲେ ସୁନୀଲ




ନୂଆଦିଲ୍ଲୀ : ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ମହିଳା କ୍ରିକେଟ୍ ଦଳ ନଭେମ୍ବର ୨ ତାରିଖରେ ଦକ୍ଷିଣ ଆଫ୍ରିକାକୁ ଫାଇନାଲରେ ପରାସ୍ତ କରି ପ୍ରଥମ ବିଶ୍ୱକପ୍ ଟାଇଟଲ୍ ଜିତି ଇତିହାସ ରଚିଥିଲା। ଏହି ଐତିହାସିକ ସଫଳତା ପରେ ଓଉଉ ଚାମ୍ପିଅନ୍ ଦଳକୁ ୪୦ କୋଟି ପୁରସ୍କାର ରାଶି ଦେଇଥିବା ବେଳେ ଇଉଉଓ ଦଳ ଏବଂ କର୍ମଚାରୀଙ୍କ ପାଇଁ ୫୧କୋଟି ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲା। ଏହା ସହ ଅନେକ ରାଜ୍ୟ ସରକାର ସେମାନଙ୍କ ରାଜ୍ୟର ଖେଳାଳିଙ୍କ ପାଇଁ ନଗଦ ପୁରସ୍କାର ରାଶି ମଧ୍ୟ ଘୋଷଣା କରିଛନ୍ତି। ଏସବୁ ମଧ୍ୟରେ, ଷ୍ଟାର କ୍ରିକେଟର ସୁନୀଲ ଗାଭାସ୍କର ମହିଳା ଖେଳାଳିମାନଙ୍କୁ ଏକ ଚେତାବନୀ ଦେଇଛନ୍ତି।

**ପ୍ରତିଶ୍ରୁତି ଦେବେ, ପୂରଣ କରିବେ ନାହିଁ: ସୁନୀଲ**
ମିଡ୍-ଡେରେ ପ୍ରକାଶିତ ତାଙ୍କ ସ୍ତମ୍ଭରେ ସୁନୀଲ ଗାଭାସ୍କର ଲେଖିଛନ୍ତି, 'ଖେଳାଳିମାନଙ୍କ ପାଇଁ ଏକ ଚେତାବନୀ। ଯଦି ଆପଣଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ହେବ ନାହିଁ ତେବେ ନିରାଶ ହେବ ନାହିଁ। ଭାରତରେ, ବିଜ୍ଞାପନଦାତା, ବ୍ରାଣ୍ଡ ଏବଂ ବଡ଼ ବଡ଼ ବ୍ୟକ୍ତିବିଶେଷମାନେ ମାଗଣା ପ୍ରଚାର ପାଇଁ ବିଜେତା ଦଳକୁ ପୁରସ୍କାର ଦେବା ପାଇଁ ଘୋଷଣା କରନ୍ତି। ବିଜୟୀ ଦଳକୁ ଅଭିନନ୍ଦନ ଜଣାଇବା ଅଳରେ ନିଜ ବ୍ରାଣ୍ଡର ବିଜ୍ଞାପନ କରନ୍ତି ବଡ଼ ବଡ଼ କମ୍ପାନି। ଯଦି ତୁମମାନଙ୍କୁ ମିଳିଥିବା ପ୍ରତିଶ୍ରୁତି ପୂରଣ ନହେଉଛି, ତେବେ ଏହାକୁ ନେଇ ନିରାଶ ହେବ ନାହିଁ।' ନିଜ ସହ ଘଟିଥିବା ଘଟଣାକୁ ନେଇ ସୁନୀଲ ଏଭଳି କହିଥିବା ସ୍ପଷ୍ଟ କରିଛନ୍ତି।

**୧୯୮୩ରେ ଅଧିକାଂଶ ପ୍ରତିଶ୍ରୁତି ପୂରଣ ହୋଇ ନ ଥିଲା: ଗାଭାସ୍କର :** ଗାଭାସ୍କର ଆହୁରି ଲେଖିଛନ୍ତି ଯେ, '୧୯୮୩ରେ ବିଶ୍ୱକପ ଜିତିଥିବା ଦଳକୁ ଅନେକ ପ୍ରତିଶ୍ରୁତି ଦିଆଯାଇଥିଲା, ଏବଂ ସେତେବେଳେ ଆମକୁ ନେଇ ସବୁ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ସେ ସମୟରେ ଆମକୁ ଦିଆଯାଇଥିବା କିଛି ପ୍ରତିଶ୍ରୁତିଗୁଡ଼ିକ ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ। ଗଣମାଧ୍ୟମକୁ ଦୋଷ ଦିଆଯାଇପାରିବ ନାହିଁ କାରଣ ସେମାନେ ବଡ଼ ବଡ଼ ଘୋଷଣା ଦେଖାଇ ଖୁସି ଥିଲେ। ସେମାନେ ଜାଣି ନ ଥିଲେ ଯେ ସେମାନେ ମଧ୍ୟ ଏହି ନିର୍ଲଜ୍ଜ ଲୋକଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ତେଣୁ ଦେଶକୁ ଗର୍ବିତ କରିଥିବ ?! ଝିଅମାନେ, ଯଦି ଏହି ନିର୍ଲଜ୍ଜ ଲୋକମାନେ ତୁମର ବିଜୟକୁ ନିଜର ପ୍ରଚାର ପାଇଁ ବ୍ୟବହାର କରନ୍ତି, ତେବେ ଚିନ୍ତା କରିବ ନାହିଁ।'

## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

# ପ୍ରଜାତନ୍ତ୍ର ସାପ୍ତାହିକୀ

**୯-୧୫ ନଭେମ୍ବର ୨୦୨୫ ଘାଣ୍ଟିବ ସିବିଆଇ, ୨୫ଲକ୍ଷରେ ଏସ୍‌ଆଇ ଚାକିରି !**




**ଜାତୀୟ:** ଉଦ୍‌ଭାବନ ନିଶାରେ ଜୟପ୍ରକାଶ
**ଅନ୍ତର୍ଜାତୀୟ:** ନିର୍ଣ୍ଣାୟକ ମୋଡ
**ବିଶେଷ ପ୍ରସଙ୍ଗ:** ବିରୋଧୀ ଯୋଦ୍ଧା କୃତ୍ରିମ ବୁଦ୍ଧିମତ
**ନାରୀ:** : କେମିତି କମିବ ରୂପି
**କ୍ଷୁଦ୍ରଗଳ୍ପ:** ପୃଥିବୀ ଗୋଲ
**ଚଳଚ୍ଚିତ୍ର:** ଚଳଚ୍ଚିତ୍ର: ହେବ କି ପ୍ୟାଚଅପ୍ ? ବିବାଦରେ ଭାଇଜାନ୍
**ଖେଳ:** ରାଗିଗଲେ ଡିଭିଲିୟର୍ସ, ନେଟ୍ ପ୍ରାକ୍ଟିସ୍ ନୁହେଁ, ଟସ୍ ପ୍ରାକ୍ଟିସ୍ କର
**ମୀନାବଜାର:** ମୀନାବଜାର: ଠେକୁଆ ଏବଂ ଚୁଟିଆ ମୂଷା, ଚର୍ଚ୍ଚାରେ: ପୁଲିସ ଅଧିକାରୀଙ୍କ ପରିବେଶ ସୁରକ୍ଷା ଚିନ୍ତା, ବିଜ୍ଞାନ: ଆଧୁନିକ ଚିପ୍‌ରେ ଭାରତର ପଦକ୍ଷେପ, ପର୍ଯ୍ୟଟନ: ମୀନାକ୍ଷୀ ମନ୍ଦିର, ବାସ୍ତୁ: କେଉଁ ଦିଗରେ ନିର୍ମାଣ କରିବେ ଷ୍ଟୋରରୁମ୍ ?, ଧର୍ମ: କେଉଁ ଜିନିଷ ଜଳରେ ବିସର୍ଜନ କରିବେ ନାହିଁ, କବିତା: 'ଚାରୁଲତା', ଆଞ୍ଚଳିକ: ଫୁଲ ଚାଷରୁ ଲକ୍ଷପତି, ଏହିପରି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ।

**ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ**

# ବୋଲର ସୁଯୋଗ ଦେଲେ, ବ୍ୟାଟର୍ ହାତ ଟେକିଦେଲେ; ବିଦର୍ଭ ୨୮୬, ଓଡ଼ିଶା ୧୨୨/୬



ଭୁବନେଶ୍ୱର: ଓଡ଼ିଶା ବୋଲର ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ବ୍ୟାଟରମାନେ ହାତ ଟେକି ଦେଇଛନ୍ତି। ଫଳରେ ଆଉ ଏକ ପରାଜୟ ଆସନ୍ନ ହୋଇଛି। ନାଗପୁର ଜାମ୍‌ଥାର ଭିସିଏ ଷ୍ଟାଡିୟମ୍‌ରେ ଚାଲିଥିବା ବିଦର୍ଭ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ୍‌ରେ ପ୍ରଥମ ପାଳି ଅଗ୍ରଣୀର ସୁବର୍ଣ୍ଣ ସୁଯୋଗକୁ ଓଡ଼ିଶା ଖେଳାଳି ହାତଛଡ଼ା କରିଛନ୍ତି। ବିଦର୍ଭର ପ୍ରଥମ ପାଳିକୁ ଓଡ଼ିଶା ବୋଲର ୨୮୬ ରନ୍‌ରେ ରୋକି ଦେଇଥିଲେ ମଧ୍ୟ ଦ୍ୱିତୀୟ ଦିନ ସୁଦ୍ଧା ଓଡ଼ିଶା ୧୨୨ ରନ୍‌ରେ ୬ ୱିକେଟ୍ ହରାଇ ଗଭୀର ସଙ୍କଟରେ ପଡ଼ିଛି।

ରବିବାର ସକାଳେ ବିଦର୍ଭ ୨୩୪/୫ରୁ ଖେଳିବା ପରେ ପ୍ରଥମ ଘଣ୍ଟାଏରେ କୌଣସି ୱିକେଟ୍ ନ ହରାଇବାରୁ ବଡ଼ ସ୍କୋର କରିନେବ ବୋଲି ଆଶା କରାଯାଉଥିଲା। ବିଶେଷକରି ଅଭିଜ୍ଞ ଧ୍ରୁବ ସୋରି ଓ ଅଧିନାୟକ ଅକ୍ଷୟ ୱାଡକର ଜମି ସାରିଥିବାରୁ ଏଭଳି ବିଶ୍ୱାସ ବି ଥିଲା। କିନ୍ତୁ ଯୁବ ସ୍ପିନର ବାଦଲ ବିଶ୍ୱାଳ ଶତକ ହାସଲକାରୀ ଦିଲ୍ଲୀ ବ୍ୟାଟର ଧ୍ରୁବ ସୋରିଙ୍କୁ ଆଉଟ୍ କରି ପଏଣ୍ଟ ଅଞ୍ଚଳରେ ଥିବା ସ୍ୱସ୍ତିକ ସାମଲଙ୍କ ହାତରେ କ୍ୟାଚ୍ କରାଇ ନେଇଥିଲେ। ସୋରି (୧୪୪ ରନ୍) ପୂର୍ବ ଦିନର ସ୍କୋରରେ କେବଳ ୧୬ ରନ୍ ଯୋଡ଼ିପାରିଥିଲେ। ଏହା ପରେ ଚାପରେ ପଡ଼ି ଅଧିନାୟକ ଅକ୍ଷର ୱାଡକର୍ (୨୧) ବି ପ୍ୟାଭିଲିଅନ୍ ଫେରିଯାଇଥିଲେ। ନିଜର ୪ ଓଭର ଭିତରେ ଯୁବ ଦ୍ରୁତ ବୋଲର ସମ୍ବିତ ବରାଳ ୩ ୱିକେଟ୍ ଦଖଲ କରି ଘରୋଇ ଦଳର ଆଶାରେ ପାଣି ଭରି ଦେଇଥିଲେ। ୱାଡ୍‌କରଙ୍କୁ ଏଲବିଡବ୍ଲ୍ୟୁ କରିଦେବା ପରେ ଯାଶ କଦମ ଓ ଗୌରବ ଫର୍ଦେଙ୍କୁ ବୋଲ୍ଡ କରି ଦେଇଥିଲେ ସମ୍ବିତ। ପ୍ରଫୁଲ୍ଲ ହିଙ୍ଗେଙ୍କୁ ରାଜେଶ ଧୂପରଙ୍କ ଜରିଆରେ ଷ୍ଟମ୍ପିଂ କରାଇ ବାଦଲ ବିଶ୍ୱାଳ ନିଜ ଦ୍ୱିତୀୟ ୱିକେଟ୍ ସହ ବିଦର୍ଭ ପାଳିକୁ ମଧ୍ୟାହ୍ନ ଭୋଜନ ବିରତିର ଠିକ୍ ପୂର୍ବରୁ ଶେଷ କରି ଦେଇଥିଲେ। ପ୍ରଥମ ଦିନ ସଫଳ ହୋଇଥିବା ତାପସ ଦାସ ଓ ରାଜେଶ ମହାନ୍ତି ଭଲ ବୋଲିଂ କରିଥିଲେ ମଧ୍ୟ ରବିବାର ୱିକେଟ୍ ପାଇନଥିଲେ। ବିଦର୍ଭର ଶେଷ ୫ ୱିକେଟ୍ ମାତ୍ର ୨୪ ରନ୍‌ରେ ଦଖଲ କରି ନେଇଥିଲେ ବରାଳ ଓ ବିଶ୍ୱାଳ।

ମଧ୍ୟାହ୍ନ ଭୋଜନ ବିରତି ପୂର୍ବରୁ ୩ ଓଭର ଖେଳି ବିନା କ୍ଷତିରେ ୩ ରନ୍ କରିଥିବା ଓଡ଼ିଶା କିନ୍ତୁ ପରବର୍ତ୍ତୀ ଦୁଇ ଅଧିବେଶନରେ ୩-୩ ୱିକେଟ୍ ହରାଇ ସୁଯୋଗ ହାତଛଡ଼ା କରିଛି। ବିଦର୍ଭ ସ୍ପିନ୍ ଆକ୍ରମଣରୁ ବୋଲିଂ ଆରମ୍ଭ କରିଥିଲା। ପ୍ରାରମ୍ଭିକ ଯୋଡ଼ି ଗୌରବ ଚୌଧୁରୀ (୨୪) ଓ ସ୍ୱସ୍ତିକ ସାମଲ (୯) ପ୍ରଥମ ୱିକେଟ୍ ପାଇଁ ୩୩ ରନ୍ କରିଥିଲେ ମଧ୍ୟ ୪ ବଲ୍ ଭିତରେ ଉଭୟ ଆଉଟ୍ ହୋଇଯିବାରୁ ସମାନ ସ୍କୋରରେ ଓଡ଼ିଶା ୩୩/୨ରେ ପହଞ୍ଚି ସଂଘର୍ଷ କରିଥିଲା। ଆଉ ଏକ ପରିସ୍ଥିତିରୁ ଦଳ ବାହାରିପାରିନଥିଲା। ଗତ ଦୁଇ ପାଳିରେ ଅର୍ଦ୍ଧଶତକ ହାସଲ କରିଥିବା ସନ୍ଦୀପ ପଟ୍ଟନାୟକ (୧୬) ବି ନିରାଶ କରିଥିଲେ। ରାଜେଶ ଧୂପର (୮) ବି ସଅଳ ଫେରିଯାଇଥିଲେ। ଅଧିନାୟକ ଶୁଭ୍ରାଂଶୁ ସେନାପତି (୪୧, ୧୧୨ ବଲ୍) ଏବଂ ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାର (୧୭, ୬୬ ବଲ୍) ଢ଼େର ସଂଘର୍ଷ କରିଥିଲେ ମଧ୍ୟ ଶେଷକୁ ନିଜ ନିଜ ୱିକେଟ୍ ଫିଙ୍ଗି ଦେଇଥିଲେ। ପ୍ରଥମ ପଦାର୍ପଣକାରୀ ୨୧ ବର୍ଷୀୟ ବାମହାତୀ ସ୍ପିନର ଗୌରବ ଫର୍ଦେଙ୍କ ଅଫ୍ ଷ୍ଟମ୍ପ ବାହାର ବଲ୍‌କୁ ଅଯଥାରେ ଖେଳି ଶୁଭ୍ରାଂଶୁ ପ୍ଲେଡ୍ ଅନ୍ ହୋଇଯାଇଥିଲେ। ଗୋବିନ୍ଦ ପୂର୍ବ ଓଭରରେ ସ୍ଲିପ୍ କ୍ୟାଚ୍ ହାତଛଡ଼ାରୁ ଜୀବନଦାନ ପାଇଥିଲେ ମଧ୍ୟ ଏହାର ଫାଇଦା ଉଠାଇପାରିନଥିଲେ। ତାଙ୍କୁ ଦିନର ଶେଷ ବଲ୍‌ରେ କଟ୍ ବିହାଇଣ୍ଡ୍ କରାଇ ନେଇଥିଲେ ଫର୍ଦେ। ଓଡ଼ିଶା ଏବେ ବି ୧୬୪ ରନ୍ ପଛରେ ଥିବାରୁ ଫଲୋଅନ୍ ସୀମା (୧୩୭)ଠାରୁ ୧୫ ରନ୍ ଦୂରରେ ରହିଛି।

**ସଂକ୍ଷିପ୍ତ ସ୍କୋର:** ବିଦର୍ଭ ପ୍ରଥମ ପାଳି: ୧୧୮.୪ ଓଭରରେ ୨୮୬/୧୦ (ଧ୍ରୁବ ସୋରେ-୧୪୪, ରବିଶଙ୍କର ସମର୍ଥ-୪୯, ଅକ୍ଷୟ ୱାଡକର-୨୧, ସମ୍ବିତ ବରାଳ-୨୬-୭-୬୯-୩, ବାଦଲ ବିଶ୍ୱାଳ-୧୭.୪-୬-୨୭-୨ ରାଜେଶ ମହାନ୍ତି-୨୮-୬-୫୭-୨, ତାପସ ଦାସ-୨୩-୧୦-୩୩-୨, ଜାମଲା ଭଞ୍ଜନ ମହାପାତ୍ର-୧୦-୨-୪୪-୧)। ଓଡ଼ିଶା ପ୍ରଥମ ପାଳି: ୫୮.୨ ଓଭରରେ ୧୨୨/୬ (ଶୁଭ୍ରାଂଶୁ ସେନାପତି-୪୧, ଗୌରବ ଚୌଧୁରୀ-୨୪, ଗୌରବ ଫର୍ଦେ-୨/୨୦, ଯାଶ କଦମ-୧/୧୫, ପ୍ରଫୁଲ୍ଲ ହିଙ୍ଗେ-୧/୨୫, ନଚିକେତ ଭୂତେ-୧/୨୮, ପାର୍ଥ ରିଖେଡ୍-୧/୨୯)।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583